# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର,ସୋମବାର, ଫେବୃଆରୀ ୨୪/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, February 24/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 92 | ମୂଲ୍ୟ₹୭/-




**୧୭ ବର୍ଷୀୟା ଆନ୍ଦ୍ରିଭାଙ୍କୁ ଟାଇଟଲ**

ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ଦୁବାଇ ଟେନିସ ଚାମ୍ପିୟନଶିପ୍ ଜିତିଛନ୍ତି।

୧୬

୦୨

**ଷ୍ଟଣ୍ଟ୍ କରି ଆହତ ହେଲେ ଗୁରୁ ରନ୍ଧାୱା**

ପଞ୍ଜାବୀ ସିନେମାର ପ୍ରସିଦ୍ଧ ସିଙ୍ଗର ତଥା ଅଭିନେତା ଗୁରୁ ରନ୍ଧାୱା ତାଙ୍କ ଆଗାମୀ ଫିଲ୍ମ 'ଶୌକି ସରଦାର'ର ଶୁଟିଂ ଶେଟ୍‌ରେ ଷ୍ଟଣ୍ଟ୍ କରି ଆହତ ହୋଇଛନ୍ତି।



# ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ, ୨୩।୨**

ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦମ୍ ଦେଖାଇଛି ଟିମ୍ ଇଣ୍ଡିଆ। ବିରାଟ କୋହଲିଙ୍କ ଚମତ୍କାର ଅପରାଜିତ ଶତକ ବଳରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରିଛି। ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି ଭାରତ। ଭାରତୀୟ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ପାକିସ୍ତାନ ୪୯.୪ ଓଭରରେ ୨୪୧ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ବିରାଟ କୋହଲିଙ୍କ କିର୍ତ୍ତୀମାନ ଏବଂ ଶ୍ରେୟସ ଆୟରଙ୍କ ସହ ଶତକୀୟ ଭାଗୀଦାରି ବଳରେ ଭାରତ ୪୨.୩ ଓଭରରେ୪ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରି ନେଇଥିଲା। ଏଥିସହ ପୂର୍ବ ସଂସ୍କରଣ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ।

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

ଟାର୍ଗେଟ ବଡ଼ ନ ଥିବାରୁ ଭାରତ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। ଅଧିନାୟକ ରୋହିତ ଶର୍ମା ୨୦ ରନକରି ଆଉଟ ହୋଇ ଯାଇଥିଲେ ହେଁ ଶୁବମନ ଗିଲ୍ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତିନିବର୍ଷିଆ ଯୁଦ୍ଧ**



ଆଇସିସି ଚାମ୍ପିୟନ୍ସ ଟ୍ରଫିର ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ଅବସରରେ ଭାରତର ଶୁବମନ ଗିଲ୍ ଓ ବିରାଟ କୋହଲି।

# ଭିଶୋଇଙ୍କ ଗୁଳିରେ ଫାର୍ମ ହାଉସ୍ ମାଲିକ ମୃତ

- **କୁଟୁରା ଶିକାର ପାଇଁ ଯାଇଥିଲେ ଦୁହେଁ**
- **ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ**

**ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି କଳାଙ୍ଗ ଫାସିଗାଁ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର କରିବାକୁ ଯାଇ ସମ୍ପର୍କୀୟ ଭିଣୋଇଙ୍କ ଗୁଳିମାଡ଼ରେ ଶାଳକଙ୍କ ମୃତ୍ୟୁ ଘଟିଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଫାର୍ମ ହାଉସ୍‌ର ମାଲିକ ଗୋବିନ୍ଦ ଚନ୍ଦ୍ର ନାୟକ। ପୋଲିସ ଅଭିଯୁକ୍ତ ତଥା ଭିଣୋଇ ରମେଶ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ବ୍ୟବହାର କରିଥିବା ବନ୍ଧୁକକୁ ପୋଲିସ ଜବତ କରିବା ସହ ଜବତ ସାମଗ୍ରୀକୁ ଅଧିକ ତଦନ୍ତ ପାଇଁ ପରୀକ୍ଷା ନିମନ୍ତେ ଲାବୋରେଟୋରିକୁ ପଠାଯାଇଛି।**

**ଢେଙ୍କାନାଳ, ୨୩।୨ (ରତନ ନାୟାର)**

କଳାଙ୍ଗ ଚାକୁଣ୍ଡାନାଳି ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଫାସିଗାଁଠାରେ ଏକ କାଜୁ ବଗିଚା ଫାର୍ମ ହାଉସ୍ ରହିଛି । ସେଠାରେ କୁକୁଡ଼ା, ବତକ ସେ ରଖିଛନ୍ତି। ପ୍ରତିଦିନ ଭଳି ଶନିବାର ରାତିରେ ଖାଇସାରି ଫାର୍ମ ହାଉସ୍‌କୁ ଜଗିବାକୁ ଯାଇଥିଲେ। ନିଜର ବଡ଼ବାପା ପୁଅଙ୍କୁ ମଧ ସାଙ୍ଗରେ ନେଇଥିଲେ। ରାସୋଳ ଥାନା ଆଲୁସିଂ ଗ୍ରାମର ସମ୍ପର୍କୀୟ ଭିଣୋଇ ରମେଶ ନାୟକ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଏକ ଦେଶୀ ବନ୍ଧୁକ ଆଣି ଫାର୍ମ ହାଉସ୍‌ରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ଗୋବିନ୍ଦ ଓ ରମେଶ ଶିକାର ପାଇଁ କାଜୁ ବଗିଚା ମଧ୍ୟରେ ପଶି ଜଙ୍ଗଲ ଆଡ଼କୁ ଯାଇଥିଲେ। ଗୋବିନ୍ଦ ଗୋଟିଏ ରାସ୍ତାରେ ଯାଉଥିଲାବେଳେ ରମେଶ ଅନ୍ୟ ଏକ ରାସ୍ତାରେ ଯାଉଥିଲେ। ଉଭୟ ପାଖାପାଖି ରାସ୍ତାରେ ଯାଉଥିଲେ । ଏହି ସମୟରେ ଏକ ଶବ୍ଦ ଶୁଭିବାରୁ ରମେଶ କୁଟୁରା ଭାବି ବନ୍ଧୁକରୁ ଅତର୍କିତ ଏକାଧିକ ଗୁଳିମାଡ଼ କରିଥିଲେ। ତେବେ ଗୁଳି ଗୋବିନ୍ଦଙ୍କ ଛାତି, ପେଟ ଓ ଡାହାଣ ହାତରେ ବାଜି ଗୁରୁତର କ୍ଷତ ହୋଇଥିଲା। ଏହାଦେଖି ରମେଶ ବନ୍ଧୁକକୁ ଲୁଚାଇ ଘଟଣାସ୍ଥଳରୁ ଚାଲିଯାଇଥିଲେ । ଗୁଳି ଶବ୍ଦ ଏବଂ ଗୋବିନ୍ଦଙ୍କ ଚିତ୍କାର ଶୁଣି ଫାର୍ମ ହାଉସ୍‌ରେ ଥିବା ତାଙ୍କ ବଡ଼ବାପା ପୁଅ ଭାଇ ଖୋଜାଖୋଜି କରିଥିଲେ। ପରେ ଗୋବିନ୍ଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସ୍ତ୍ରୀ ରୀତା ଲେଙ୍କାଙ୍କୁ ଫୋନ ଯୋଗେ ଖବର ଦେଇଥିଲେ । ଆମ୍ବୁଲାନ୍ସ ନ ଆସିବାରୁ ଏକ ଭଡ଼ା ଗାଡ଼ିରେ ଗୋବିନ୍ଦଙ୍କୁ ☞ପୃଷ୍ଠା-୪

# ଏନ୍‌ଟିଏ ୧୦୦ ସ୍କୋରରେ ନୀଲ ସନ୍ଦେଶ, ସୁନିଧି ସିଂ

**ନୂଆଦିଲ୍ଲୀ, ୨୩।୨**

**ଜେଇଇ ମେନ୍ ପେପର-୨ ଫଳ ପ୍ରକାଶିତ**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ଚଳିତ ବର୍ଷର ଜେଇଇ ମେନ୍ ପେପର-୨ର ଫଳାଫଳ ପ୍ରକାଶ କରିଛି। ମହାରାଷ୍ଟ୍ରର ପଟ୍‌ନେ ନୀଲ ସନ୍ଦେଶ ପେପର-୨ଏ (ବି.ଆର୍କ)ରେ ଏନ୍‌ଟିଏ ୧୦୦ ସ୍କୋର କରିଥିବାବେଳେ ପେପର-୨ବି (ବି. ପ୍ଲାନିଂ)ରେ ମଧ୍ୟପ୍ରଦେଶର ସୁନିଧି ସିଂ ଏନ୍‌ଟିଏ ୧୦୦ ସ୍କୋର କରି ଟପ୍ପର ହୋଇଛନ୍ତି। ଦ୍ୱିତୀୟ ପତ୍ର (ବି.ଆର୍କ/ବି.ପ୍ଲାନିଂ) ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ jeemain.nta.nic.inରୁ ଡାଉନ୍‌ଲୋଡ୍ କରିପାରିବେ। ପେପର-୨ ପରୀକ୍ଷା ଜାନୁଆରୀ ୩୦ରେ ହୋଇଥିଲା। ପେପର-୨ଏ ପାଇଁ ୬୩,୪୮୧ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୪,୧୪୪ ଜଣ ପରୀକ୍ଷା ଦେଇଥଲେ। ସେହିପରି ପେପର-୨ବି ପାଇଁ ୨୮,୩୩୫ ପଞ୍ଜୀକୃତଙ୍କ ମଧ୍ୟରୁ ୧୮,୫୯୬ ଜଣ ପରୀକ୍ଷା ଦେଇଥିଲେ। ମୋଟ ୧୩ଟି ଭାଷାରେ ଏହି ପରୀକ୍ଷା ହୋଇଥିଲା। ☞ପୃଷ୍ଠା-୪




# ଯୁକ୍ରେନ୍ ଯୁଦ୍ଧକୁ ୩ ବର୍ଷ
# ୨୬୭ ଡ୍ରୋନ୍ ଆକ୍ରମଣ କଲା ରୁଷିଆ



କିଭ୍‌ରେ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିଛନ୍ତି ଯୁକ୍ରେନୀୟ ସୈନ୍ୟ।

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ଯୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ସେବେଠୁ ଚାଲିଥିବା ରୁଷିଆ-ଯୁକ୍ରେନ୍ ଯୁଦ୍ଧକୁ ସୋମବାର ୩ ବର୍ଷ ପୂରୁଛି। ଏହାର ଅବ୍ୟବହିତ ପୂର୍ବରୁ ଯୁକ୍ରେନ୍ ଉପରେ ରୁଷିଆ ରାତିଅଧିଆ ଆକ୍ରମଣ କରିଛି। ରୁଷୀୟ ସୈନ୍ୟ ୨୬୭ ଡ୍ରୋନ୍ ମାଡ଼ କରି କିଭ୍‌କୁ ଏକପ୍ରକାର ସନ୍ଦେଶ ଦେଇଛନ୍ତି ଯେ, ଏବେ ଯୁଦ୍ଧାବସାନର କୌଣସି ପ୍ରଶ୍ନ ଉଠୁନାହିଁ। ଏହା ପଛର କାରଣ ମଧ୍ୟ ବୁଝିବା କଷ୍ଟକର ନୁହେଁ। ସବୁଠୁ ଶକ୍ତିଶାଳୀ ଆମେରିକାରେ କ୍ଷମତା ପରିବର୍ତ୍ତନ ସହ ୱାଶିଂଟନ୍‌ର ସାମରିକ, କୂଟନୈତିକ ଓ ବହିର୍ବ୍ୟାପାର ନୀତି ବଦଳିଯାଇଛି। ପୂର୍ବର ବାଇଡେନ୍ ପ୍ରଶାସନ ଯୁକ୍ରେନ୍‌କୁ ସବୁ ପ୍ରକାର ସହାୟତା ଦେଇଆସୁଥିବାବେଳେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ସେ ଯୁକ୍ରେନ୍ ପ୍ରତି ରହିଥିବା ଉତ୍ତରଦାୟିତ୍ୱକୁ ଏଡ଼ାଇବା ସକାଶେ ପୁଟିନ୍‌ଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ପୁଟିନ୍ ଏହାର ଫାଇଦା ନେଇ ନିଜ ବାର୍ଗେନିଂ କାପାସିଟି ବା ମୂଲଚାଲ କ୍ଷମତାକୁ ବଢ଼ାଇ ଦେଇଛନ୍ତି। ଅଦ୍ୟାବଧି ରୁଷୀୟ ସୈନ୍ୟଙ୍କ ଦଖଲରେ ଥିବା ଯୁକ୍ରେନୀୟ ଭୂଖଣ୍ଡକୁ ପୁଟିନ୍ କିଭ୍‌କୁ ଫେରାଇବାକୁ ଚାହୁଁ ନ ଥିବାରୁ ଗୋଟିଏ ପଟେ ଶାନ୍ତି ଆଲୋଚନା ଉଦ୍ୟମ ଜାରି ରହିଥିବାବେଳେ ଅନ୍ୟପଟେ ଘନଘନ ଆକ୍ରମଣ କରି ସମ୍ଭବତଃ ନିଜ ଦାବିର ଦୃଢ଼ତା ବଜାୟ ରଖିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷେ ଯୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ 'ଆକାଶମାର୍ଗରେ ଆତଙ୍କ' ଭାବେ ଅଭିହିତ କରିବା ସହ ମୁକାବିଲା ପାଇଁ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଏକତାର ଆହ୍ୱାନ ଦେଇଛନ୍ତି।

## ପାଶ୍ଚାତ୍ୟ ସହଯୋଗୀଙ୍କୁ ଏକାଠି ହେବାକୁ ଜେଲେନ୍‌ସ୍କିଙ୍କ ଆହ୍ୱାନ



କିଭ୍/ମସ୍କୋ(ରଏଟର୍ସ/ ଏଜେନ୍ସି),୨୩।୨

ଯୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରବିବାର ଏକ୍ସ'ରେ କହିଛନ୍ତି, ରୁଷିଆ ରାତିଅଧିଆ ୨୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ଆକ୍ରମଣ କରିଛି। ପ୍ରତିଦିନ ଯୁକ୍ରେନୀୟ ନାଗରିକ 'ଆକାଶମାର୍ଗରୁ ଆତଙ୍କ'କୁ ସାମ୍ନା କରୁଛନ୍ତି। ଯୁଦ୍ଧର ତୃତୀୟ ବାର୍ଷିକୀ ଅବ୍ୟବହିତ ପୂର୍ବରୁ ଯୁକ୍ରେନ୍ ବିରୋଧରେ ରୁଷିଆ ୬ ଘଣ୍ଟା ଧରି ୨୬୭ ଇରାନୀୟ ଡ୍ରୋନ୍ ଆକ୍ରମଣ କରିଛି, ଯାହାକି ଯୁକ୍ରେନୀୟ ସହର ଓ ଗ୍ରାମଗୁଡ଼ିକ ଉପରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ସବୁଠୁ ବଡ଼ ଡ୍ରୋନ୍ ଆଟାକ୍ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ଯୁକ୍ରେନୀୟ ବାୟୁସେନା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ରୁଷିଆର ୧୩୮ ଡ୍ରୋନ୍‌କୁ ଖସାଇ ଦିଆଯାଇଥିବାବେଳେ ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ରର ଉପଯୋଗ ଯୋଗୁ ଅନ୍ୟ ୧୧୯ଟି ରାଡାର ବାହାରକୁ ଚାଲିଯାଇଥିଲା। ରୁଷିଆ ୩ଟି ବାଲିଷ୍ଟିକ୍ ମିଶାଇଲ୍ ମଧ୍ୟ ଛାଡ଼ିଥିଲା। ଏଥିରେ ରାଜଧାନୀ କିଭ୍ ସମେତ ୫ଟି ଅଞ୍ଚଳର କୋଠାବାଡ଼ି ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ କ୍ରିଭିୟି ରିହ୍‌ରେ ଜଣେ ବ୍ୟକ୍ତି ନିହତ ହୋଇଥିବାବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେହିପରି ଓଡେସା ଅଞ୍ଚଳରେ ଏକ ଘରେ ନିଆଁ ଲାଗିଯିବାରୁ ୩ ଜଣ ଆହତ ହୋଇଛନ୍ତି। ତେବେ ଦେଶକୁ ବଡ଼ଧରଣର କ୍ଷତିରୁ ସୁରକ୍ଷା ଦେବାରେ ସଫଳତା ପାଇଁ ନିଜ ସେନାକୁ ଜେଲେନ୍‌ସ୍କି ଧନ୍ୟବାଦ ଜଣାଇଛନ୍ତି। ଆମେରିକା ସମେତ ପାଶ୍ଚାତ୍ୟର ସହଯୋଗୀମାନେ ଏକାଠି ହେଲେ ରୁଷିଆ ବିପକ୍ଷରେ ବିଜୟ ସହ ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି ଜେଲେନ୍‌ସ୍କି କହିଛନ୍ତି।

ଇତିମଧ୍ୟରେ ଯୁଦ୍ଧର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଆମେରିକା, ବ୍ରିଟେନ୍ ସମେତ ଅନେକ ଦେଶରେ ପୁଟିନ୍ ବିରୋଧୀ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ୱାଶିଂଟନ୍ ଡିସିରେ ଯୁକ୍ରେନ୍ ସମର୍ଥକମାନେ ରାଲି କରିଛନ୍ତି। ଜେଲେନ୍‌ସ୍କି ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ଏକ ଅନ୍ତଃହୀନ ଯୁଦ୍ଧ ପାଇଁ ଜେଲେନ୍‌ସ୍କି ଆମେରିକୀୟଙ୍କ ଅର୍ଥ ନେଇଯିବାରେ ସକ୍ଷମ ହୋଇଛନ୍ତି ବୋଲି ଟ୍ରମ୍ପ୍ କରିଥିବା ତାଚ୍ଛଲ୍ୟକୁ ଅନେକ ଆମେରିକୀୟ ସମାଲୋଚନା କରିଛନ୍ତି। ଯୁଦ୍ଧରେ ଯୁକ୍ରେନ୍‌ର ଅନ୍ୟତମ ବୃହତ୍ ସହଯୋଗୀ ବ୍ରିଟେନ୍ ମସ୍କୋ ଉପରେ ଅନେକ କଟକଣା ଜାରି କରିଥିବାବେଳେ କିଭ୍‌କୁ ନିଜ ସମର୍ଥନ ଦୋହରାଇଛି। ଏଥିସହ ୨.୫ ଲକ୍ଷ ଯୁକ୍ରେନୀୟ ଶରଣାର୍ଥୀଙ୍କ ପାଇଁ ନିଜ ଦ୍ୱାର ଖୋଲିଦେଇଛି। ୱେଷ୍ଟ ଲଣ୍ଡନ୍‌ରେ ସେଣ୍ଟ ଭୋଲୋଡିମିରଙ୍କ ପ୍ରତିମୂର୍ତ୍ତି ନିକଟରୁ ବିକ୍ଷୋଭକାରୀମାନେ ରୁଷୀୟ ଦୂତାବାସକୁ ଶୋଭାଯାତ୍ରା କରିଛନ୍ତି। ଯୁକ୍ରେନୀୟ ପତାକା ଧରି ସେମାନେ ସ୍ଲୋଗାନ ଦେଇଛନ୍ତି, 'ଯୁକ୍ରେନ୍ ସମଗ୍ର ୟୁରୋପରେ ଶାନ୍ତି ଚାହୁଁଛି। ଯଦି ଯୁକ୍ରେନ୍‌ର ପତନ ଘଟେ, ତେବେ ଯୁଦ୍ଧ ତୁମ ଘରକୁ ଆସିବ।'

## ଆମେରିକା, ବ୍ରିଟେନ୍‌ରେ ପୁଟିନ୍ ବିରୋଧୀ ଶୋଭାଯାତ୍ରା




ଲଣ୍ଡନରେ ଯୁକ୍ରେନୀୟଙ୍କ ସମର୍ଥନରେ ବିକ୍ଷୋଭ ଶୋଭାଯାତ୍ରା।

## ଯନ୍ତ୍ରଣା ଉପଶମ ଔଷଧ ଉତ୍ପାଦନ, ରପ୍ତାନି ବନ୍ଦ ପାଇଁ ଡିସିଜିଆଇ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୩।୨(ପି.ଟି.)

ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକୁ ରପ୍ତାନି ହେଉଥିବା ଯନ୍ତ୍ରଣା ଉପଶମକାରୀ ଔଷଧରେ ଅଣଅନୁମୋଦିତ କମ୍ବିନେଶନ (ମିଶ୍ରଣ) ଯୋଗୁ ସେଠାରେ ଓପିଓଇଡ୍ ସଙ୍କଟ ବଢ଼ାଉଥିବା ଖବର ପ୍ରକାଶ ପାଇଥିଲା। ଫଳରେ ଟାପେଣ୍ଟାଡୋଲ୍ ଏବଂ କାରିସୋପ୍ରୋଡୋଲ୍ ଔଷଧର ସମସ୍ତ କମ୍ବିନେଶନର ଉତ୍ପାଦନ ଓ ରପ୍ତାନିକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ବନ୍ଦ କରିଛନ୍ତି। ସମସ୍ତ ରପ୍ତାନି ଫେରାଇଆଣିବା ସହ ୨ ଔଷଧର ମିଳିତ ଉତ୍ପାଦନ ପାଇଁ ଅନୁମତି ପ୍ରତ୍ୟାହାର କରିନେବାକୁ ଡିସିଜିଆଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଔଷଧ ନିୟନ୍ତ୍ରକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଟାପେଣ୍ଟାଡୋଲ ହେଉଛି ଏକ ଓପିଓଇଡ୍ ଔଷଧ, ଯାହା ସାଧାରଣରୁ ଅତ୍ୟଧିକ ଯନ୍ତ୍ରଣା ଉପଶମ ପାଇଁ ବ୍ୟବହାର କରାଯାଇଥାଏ। ସେହିପରି ମାଂସପେଶୀ ବିନ୍ଧାର ଉପଶମ ପାଇଁ କାରିସୋପ୍ରୋଡୋଲ ବ୍ୟବହୃତ ହୁଏ। ଉଭୟ ଔଷଧକୁ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ସିଡିଏସ୍‌ସିଓ) ଅଲଗା ଅଲଗା ଅନୁମୋଦନ ଦେଇଛନ୍ତି। ଦେଶରେ ଏହାର କମ୍ବିନେଶନକୁ ଅନୁମୋଦନ କରାଯାଇ ନାହିଁ। ଏଗୁଡ଼ିକ ଭାରତର ଏନ୍‌ଡିପିଏସ୍ ଔଷଧ ତାଲିକାରେ ମଧ୍ୟ ନାହିଁ। ତେବେ ଭାରତରୁ ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକୁ ରପ୍ତାନି ହେଉଥିବା ଟାପେଣ୍ଟାଡୋଲ୍ ଏବଂ କାରିସୋପ୍ରୋଡୋଲ୍‌ର କମ୍ବିନେଶନରେ ଯଥେଷ୍ଟ ତ୍ରୁଟି ସମ୍ଭାବନା ଥିବା ଏକ ବିଦେଶୀ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଔଷଧ ଲୋକଙ୍କ ଉପରେ କ୍ଷତିକାରକ ପ୍ରଭାବ ପକାଇବା ସମ୍ଭାବନା ଥିବାରୁ ସେଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିଆଣିବା ପାଇଁ ଡିସିଜିଆଇ କହିଛି।

## ଆତିଶୀ ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା



ନୂଆଦିଲ୍ଲୀ,୨୩।୨(ପି.ଟି.)

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କାଲକାଜି ବିଧାୟିକା ଆତିଶୀଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ମନୋନୀତ କରାଯାଇଛି। ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକମାନଙ୍କ ବୈଠକ ବସି ଆତିଶୀଙ୍କୁ ବିରୋଧୀ ଦଳ ନେତା ନିଯୁକ୍ତ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୨୨ ନବନିର୍ବାଚିତ ବିଧାୟକଙ୍କ ସହ ଆପ୍ ଆବାହକ ଅରବିନ୍ଦ କେଜ୍‌ରିୱାଲ ଉପସ୍ଥିତ ଥିଲେ। ବିରୋଧୀ ଦଳ ନେତ୍ରୀ ମନୋନୀତ ହେବା ପରେ ଆତିଶୀ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ କେଜ୍‌ରିୱାଲ ଏବଂ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଧାନସଭାରେ ସମସ୍ତ ପ୍ରସଙ୍ଗରେ ଆପ୍ ପୂରା ଦମ୍‌ରେ ଏକ ଦୃଢ଼ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି।

## ଟ୍ରମ୍ପ୍‌ଙ୍କ ମନ୍ତବ୍ୟକୁ ମସ୍କୋର ସମର୍ଥନ

**ଆ**ମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ 'ଏକଛତ୍ରବାଦୀ' ଭାବେ ଅଭିହିତ କରିବା ଯଥାର୍ଥ ବୋଲି ରବିବାର ରୁଷିଆ ସରକାର ସମର୍ଥନ କରିଛନ୍ତି। ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଟ୍ରମ୍ପ୍ ତାଙ୍କୁ 'ବିନା ନିର୍ବାଚନରେ ଏକଛତ୍ରବାଦୀ' ଆଖ୍ୟା ଦେଇଥିଲେ। ଏହାର ଜବାବରେ ଜେଲେନ୍‌ସ୍କି କହିଥିଲେ, ଟ୍ରମ୍ପ୍ ରୁଷିଆ ଦ୍ୱାରା ସୃଷ୍ଟି କରାଯାଇଥିବା ଅପପ୍ରଚାରକୁ ନେଇ ଚଳୁଛନ୍ତି। ତେବେ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଅବୁଝା ନୁହେଁ ବୋଲି କ୍ରେମ୍‌ଲିନ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

## ରୁଷିଆ ଦଖଲରେ ଯୁକ୍ରେନ୍‌ର ୩୫୦ ବିଲିୟନ୍ ଡଲାର

ଯୁଦ୍ଧକୁ ୩ ବର୍ଷ ପୂରିଥିବାବେଳେ ଇତିମଧ୍ୟରେ ରୁଷିଆ ଯୁକ୍ରେନ୍‌ର ପ୍ରାୟ ୩୫୦ ବିଲିୟନ୍ ଡଲାର ମୂଲ୍ୟର ସମ୍ବଳକୁ କବ୍‌ଜା କରି ରଖିଛି। ଚାଷ ଜମିଠୁ ନେଇ ପ୍ରାକୃତିକ ବାଷ୍ପ ଓ ତୈଳ ଭଳି ଶକ୍ତି ଉତ୍ସ, ଆଣବିକ କେନ୍ଦ୍ର, ଖଣିଜ ସମ୍ପଦ ଆଦି ଏଥିରେ ଅନ୍ତର୍ଭୁକ୍ତ। ରବିବାର କିଭ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୁକ୍ରେନ୍ ଉପପ୍ରଧାନମନ୍ତ୍ରୀ ୟୁଲିଆ ସିର୍ୟିଡେଙ୍କୋ ଏହି ସୂଚନା ଦେଇଛନ୍ତି।

## ୱାଶିଂଟନ୍ ଯିବେ ମାକ୍ରଁ, ଷ୍ଟାର୍ମର

ଯୁକ୍ରେନ୍‌ଠାରୁ ମୁହଁ ଫେରାଇ ରୁଷିଆମୁହାଁ ହୋଇଥିବା ଆମେରିକାକୁ ବୁଝାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଆସନ୍ତା ସପ୍ତାହରେ ୱାଶିଂଟନ୍ ଗସ୍ତ କରିବେ। ଆମେରିକା ଓ ୟୁରୋପ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଆସିଥିବା ଷ୍ଟାର୍ମର ରବିବାର ଗ୍ଲାସ୍‌ଗୋରେ ଆୟୋଜିତ ଏକ ସମ୍ମିଳନୀରେ କହିଛନ୍ତି, ରକ୍ତପାତ ଜାରି ରହୁ ବୋଲି କେହି ଚାହାନ୍ତି ନାହିଁ। କିନ୍ତୁ ଯୁକ୍ରେନ୍‌କୁ ବାଦ୍ ଦେଇ କୌଣସି ଶାନ୍ତି ଚୁକ୍ତି କରାଯିବା ଅନୁଚିତ।



ଇମାନ୍ୱେଲ ମାକ୍ରଁ



କେଇର ଷ୍ଟାର୍ମର

## ୪ର୍ଥ ପର୍ଯ୍ୟାୟରେ ୧୨ ବେଆଇନ ପ୍ରବାସୀ ଫେରିଲେ

ନୂଆଦିଲ୍ଲୀ,୨୩।୨

ଆମେରିକାରୁ ୪ର୍ଥ ପର୍ଯ୍ୟାୟରେ ବହିଷ୍କୃତ ହୋଇଥିବା ୧୨ ଜଣ ବେଆଇନ ପ୍ରବାସୀ ଭାରତୀୟ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସେମାନେ ପାନାମା ଦେଇ ଭାରତ ଆସିଛନ୍ତି। ପୂର୍ବରୁ ୩ ପର୍ଯ୍ୟାୟରେ ଆମେରିକାରୁ ସିଧାସଳଖ ୩୩୫ ଜଣ ବେଆଇନ ପ୍ରବାସୀ ଭାରତ ଫେରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତି ଅନୁଯାୟୀ ବିଦାହୋଇଥିବା ପ୍ରାୟ ୩୦୦ ବେଆଇନ ପ୍ରବାସୀ ପାନାମା ହୋଟେଲରେ ରହିଥିବାବେଳେ ସେଠାକାର କର୍ତ୍ତୃପକ୍ଷ ସେମାନଙ୍କୁ ସ୍ୱଦେଶକୁ ପଠାଉଛନ୍ତି। ୪୦ ପ୍ରତିଶତ ସ୍ୱେଚ୍ଛାକୃତ ପ୍ରତ୍ୟାବର୍ତ୍ତନ ପାଇଁ ରାଜି ନ ଥିବାରୁ ଜାତିସଂଘର ଏକ ସଂସ୍ଥା ସେମାନଙ୍କ ପାଇଁ ବିକଳ୍ପ ସ୍ଥାନ ଚାହିଁଛି। ବେଆଇନ ପ୍ରବାସୀଙ୍କୁ ବିତାଡ଼ିତା କରିବା ସପକ୍ଷରେ ଟ୍ରମ୍ପ୍ କହିଛନ୍ତି, ଠକ, ଧୋକାବାଜ ଏବଂ ବୈଶ୍ୱିକତାବାଦୀମାନଙ୍କୁ ସେମାନଙ୍କ ଦେଶକୁ ପଠାଇ ଅଳିଆ ସଫା କରାଯାଇଛି।

## ୭ ପ୍ରକଳ୍ପରେ ୭୫୦ ନିୟୁତ ଡଲାର ବିନିଯୋଗ ହୋଇଛି

ନୂଆଦିଲ୍ଲୀ,୨୩।୨

### ଭୋଟ ହାର ବଢ଼ାଇବାରେ ୟୁଏସ୍‌ଏଆଇଡି ପାଣ୍ଠି ବିନିଯୋଗ ହେବା ଉଲ୍ଲେଖ ନାହିଁ : ଅର୍ଥ ମନ୍ତ୍ରଣାଳୟ

ୟୁଏସ୍‌ଏଆଇଡି (ୟୁନାଇଟେଡ୍ ଷ୍ଟେଟ୍‌ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ) ପାଣ୍ଠିକୁ ନେଇ ରାଜନୈତିକ ବିବାଦ ଜୋର୍ ଧରିଛି। ଏହି ପାଣ୍ଠି ଭାରତର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ବ୍ୟୟ ହେଉଥିଲା ବୋଲି ଅଭିଯୋଗ ଉଠିଛି। ତେବେ ମତଦାନ ହାର ବଢ଼ାଇବାକୁ ୟୁଏସ୍‌ଏଆଇଡି ପାଣ୍ଠି ବିନିଯୋଗ ହେବାର କୌଣସି ଉଲ୍ଲେଖ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି। ୨୦୨୩-୨୪ ବର୍ଷରେ ୟୁଏସ୍‌ଏଆଇଡି ଭାରତର ୭ଟି ପ୍ରକଳ୍ପରେ ୭୫୦ ନିୟୁତ ଡଲାର (୬,୫୦୦ କୋଟି ଟଙ୍କା) ବିନିଯୋଗ କରିଥିବା ମନ୍ତ୍ରଣାଳୟର ସଦ୍ୟତମ ବାର୍ଷିକ ରିପୋର୍ଟରେ କୁହାଯାଇଛି। ଭାରତ ସହକାରଙ୍କ ସହଭାଗିତାରେ ୟୁଏସ୍‌ଏଆଇଡି ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରୁଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ସଂସ୍ଥା ୯୭ ନିୟୁତ ଡଲାର (ପ୍ରାୟ ୮୨୫ କୋଟି ଟଙ୍କା) ଯୋଗାଇଥିଲା। ଦ୍ୱିପାକ୍ଷିକ ପାଣ୍ଠି ବ୍ୟବସ୍ଥା ପାଇଁ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଥିବା ଆର୍ଥିକ ବ୍ୟାପାର ବିଭାଗ ଉକ୍ତ ପ୍ରକଳ୍ପରେ ଲାଗିଥିବା ପାଣ୍ଠି ସମ୍ପର୍କିତ ସବିଶେଷ ତଥ୍ୟ ଶେୟାର କରିଛି। ୨୦୨୩-୨୪ ବର୍ଷରେ ଭୋଟ ହାର ବଢ଼ାଇବାକୁ କୌଣସି ପାଣ୍ଠି ବିନିଯୋଗ ହୋଇ ନ ଥିଲା। ବରଂ କୃଷି ଓ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ, ଜଳ, ପରିମଳ ଓ ସୁସ୍ଥ ପରିବେଶ, ଅକ୍ଷୟ ଶକ୍ତି, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ପାଣ୍ଠି ବ୍ୟୟ ହୋଇଥିଲା। ଏହା ବ୍ୟତୀତ ସ୍ଥାୟୀ ଜଙ୍ଗଲ ଏବଂ ଜଳବାୟୁ ସହଣି କାର୍ଯ୍ୟକ୍ରମ, ଶକ୍ତି ସାମର୍ଥ୍ୟ ପ୍ରଯୁକ୍ତି ପାଇଁ ଉକ୍ତ ପାଣ୍ଠି ଖର୍ଚ୍ଚ ହୋଇଥିଲା।

ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଆମେରିକା ୨୧ ନିୟୁତ ଡଲାର ଦେଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦିନକ ପୂର୍ବରୁ କହିଥିଲେ। ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ପରେ କଂଗ୍ରେସ କେନ୍ଦ୍ରଠାରୁ ଏହି ପ୍ରସଙ୍ଗରେ ଶ୍ୱେତପତ୍ର ଦାବି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀରବତାକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛି।

## ମୋଦିଙ୍କ ଆକାଉଣ୍ଟ ବ୍ୟବହାର କରିବେ ସଫଳ ମହିଳା

ନୂଆଦିଲ୍ଲୀ,୨୩।୨

### ମହିଳା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ଆସନ୍ତା ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟକୁ ହସ୍ତାନ୍ତର କରିବେ ବୋଲି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ତାଙ୍କ ଆକାଉଣ୍ଟରେ ସଫଳ ମହିଳାମାନେ ସେମାନଙ୍କ କାର୍ଯ୍ୟ ଏବଂ ଅଭିଜ୍ଞତା ସମ୍ପର୍କରେ କହିବେ। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବଢ଼ୁଥିବା ନେଇ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ସେମାନଙ୍କ ଅଦମ୍ୟ ଭାବନାକୁ ସମ୍ମାନ ଦେବା ଓ ଉତ୍ସବ ମନାଇବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ୍ସ, ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମରେ ବହୁ କୋଟି ଫଲୋଅର୍ସଙ୍କ ସହ ମୋଦି ସୋସିଆଲ ମିଡିଆରେ ଅନ୍ୟତମ ସର୍ବାଧିକ ଫଲୋ ହେଉଥିବା ବିଶ୍ୱ ନେତା।



ନରେନ୍ଦ୍ର ମୋଦି

ଏଥିସହିତ ଭାରତକୁ ଏକ ଉପଯୁକ୍ତ ଏବଂ ସୁସ୍ଥ ଦେଶରେ ପରିଣତ କରିବା ପାଇଁ ବଢୁଥିବା ମୋଟାପଣ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ଅପିଲ୍ କରିଛନ୍ତି। ପ୍ରତି ୮ ଜଣରେ ଜଣେ ମେଦ ବହୁଳତାର ଶିକାର ହେଉଥିବାବେଳେ ନିକଟ ଅତୀତରେ ଏହି ସଂଖ୍ୟା ଦ୍ୱିଗୁଣିତ ହୋଇଛି। ପିଲାମାନଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ହେବା ଚିନ୍ତାଜନକ। ତେଣୁ ୧୦ ଜଣ ଲୋକ ତୈଳ ଉପଯୋଗ ୧୦ ପ୍ରତିଶତ କମାଇବା ଓ ପ୍ରତ୍ୟେକ ଅନ୍ୟ ୧୦ ଜଣ ଲେଖାଏଁଙ୍କୁ ସମାନ ଆହ୍ୱାନ ଦେବା ପାଇଁ ମୋଦି ନିବେଦନ କରିଛନ୍ତି। ଜାତୀୟ ବିଜ୍ଞାନ ଦିବସ ଅବସରରେ ଲାବରେଟୋରି କିମ୍ବା ପ୍ଲାନେଟାରିୟମକୁ ଯାଇ 'ଦିନକ ପାଇଁ ବୈଜ୍ଞାନିକ' ହେବା ଲାଗି ଉଦ୍ୟମ କରିବାକୁ ମୋଦି ପରାମର୍ଶ ଦେଇଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କୁ ଖୁସିରେ ଓ ଅଚିନ୍ତାରେ ବୋର୍ଡ ପରୀକ୍ଷାରେ ଭାଗନେବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି।

## ମହାକୁମ୍ଭକୁ ସମାଲୋଚନା ଦାସତ୍ୱ ମାନସିକତା: ମୋଦି

ନୂଆଦିଲ୍ଲୀ,୨୩।୨

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭକୁ ସମାଲୋଚନା କରି ବିରୋଧୀ ରାଜନୈତିକ ମନ୍ତବ୍ୟ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସେମାନଙ୍କ ଉପରେ ବର୍ଷିଛନ୍ତି। ଦାସତ୍ୱ ମାନସିକତା ରଖିଥିବା ଲୋକେ ହିନ୍ଦୁ ବିଶ୍ୱାସ ଉପରେ ଆକ୍ରମଣ କରିଚାଲିଥିବା ସେ କହିଛନ୍ତି। ଗୋଟିଏ ଗୋଷ୍ଠୀର ନେତା ବିଦେଶୀ ସମର୍ଥନରେ ହିନ୍ଦୁ ଧର୍ମକୁ ପରିହାସ କରିବା ସହ ଦେଶକୁ ଦୁର୍ବଳ କରିଦେବାକୁ ଉଦ୍ୟମ କରୁଛନ୍ତି। ଏହି ମେଗା ଉତ୍ସବ ପ୍ରତ୍ୟେକଙ୍କୁ ଚକିତ କରିଛି। ଏକତାର ପ୍ରତୀକ ଭାବେ ଏହି ଉତ୍ସବ ଭବିଷ୍ୟତ ପିଢ଼ିଗୁଡ଼ିକୁ ଅନୁପ୍ରାଣିତ କରିଚାଲିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଷ୍ଟଣ୍ଟ୍ କରି ଆହତ ହେଲେ ଗୁରୁ ରନ୍ଧାୱା

ଚଣ୍ଡିଗଡ଼

ପଞ୍ଜାବୀ ସିନେମାର ପ୍ରସିଦ୍ଧ ସିଙ୍ଗର ତଥା ଅଭିନେତା ଗୁରୁ ରନ୍ଧାୱା ତାଙ୍କ ଆଗାମୀ ଫିଲ୍ମ 'ଶୌକିଙ୍କ ସରଦାର'ର ଶୁଟିଂ ଶେଟ୍‌ରେ ଷ୍ଟଣ୍ଟ କରି ଆହତ ହୋଇଛନ୍ତି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାସହ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଏକ ଫଟୋ ଶେୟାର କରିଛନ୍ତି। ଉକ୍ତ ଫଟୋରେ ତାଙ୍କ ବେକ ଏବଂ ମୁଣ୍ଡରେ ଆଘାତ ଲାଗିଥିବାର ଦେଖିବାକୁ ମିଳିଛି। ଫଟୋରେ ରନ୍ଧାୱା ହସ୍ପିଟାଲ ବେଡ୍‌ରେ ଶୋଇଥିବା ସହ ହସୁଛନ୍ତି ଏବଂ କ୍ୟାମେରାକୁ ପୋଜ୍ ଦେଉଥିବା ନଜରକୁ ଆସିଛନ୍ତି। କ୍ୟାପ୍‌ଶନରେ ରନ୍ଧାୱା ଲେଖିଛନ୍ତି, 'ଶୌକିଙ୍କ ସରଦାର'ର ଶୁଟିଂ ସମୟରେ ସେ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବାବେଳେ ଆହତ ହୋଇଯାଇଛନ୍ତି। ଫିଲ୍ମରେ ଆକ୍ସନ ଦୃଶ୍ୟ କରିବା ଜଣେ ଅଭିନେତାଙ୍କ ପାଇଁ ସବୁଠାରୁ କଷ୍ଟକର କାର୍ଯ୍ୟ। ଏହାସତ୍ତ୍ୱେ ମଧ୍ୟ ତାଙ୍କର ସାହସ କମିନାହିଁ। ଦର୍ଶକଙ୍କୁ ଭରପୂର ମନରୋଞ୍ଜନ ଯୋଗାଇବା ପାଇଁ ସେ ଆଗକୁ ଆହୁରି କଠିନ ପରିଶ୍ରମ ଜାରି ରଖିବେ ବୋଲି ରନ୍ଧାୱା କହିଛନ୍ତି। ଏହି ପୋଷ୍ଟରେ ଅଭିନେତ୍ରୀ ମୃଣାଳ ଠାକୁର, ଅଭିନେତା ଅନୁପମ ଖେର୍‌ଙ୍କ ପରି ବହୁ ସେଲିବ୍ରିଟି କମେଣ୍ଟ କରି ରନ୍ଧାୱା ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି କାମନା କରିଛନ୍ତି।



# ସବୁ ଦୁର୍ନୀତି ମାମଲାର ପ୍ରାଥମିକ ତଦନ୍ତ ଜରୁରୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୨(ପିଟି)

ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହେଉଥିବା ସବୁ ମାମଲାରେ ପ୍ରାଥମିକ ତଦନ୍ତ ବାଧ୍ୟତାମୂଳକ ନୁହେଁ। ଏପରି କି ପ୍ରାଥମିକ ତଦନ୍ତ ଅଭିଯୁକ୍ତଙ୍କ ନ୍ୟସ୍ତ ଅଧିକାର ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

୨୦୨୪ ମାର୍ଚ୍ଚରେ କର୍ନାଟକ ହାଇକୋର୍ଟ ଜଣେ ସରକାରୀ ଅଧିକାରୀଙ୍କ ବିରୋଧରେ ଏକ ଦୁର୍ନୀତି ମାମଲାରେ ଲୋକାଯୁକ୍ତ ପୋଲିସର ଏଫ୍‌ଆଇଆର୍‌କୁ ରଦ୍ଦ କରି ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ରାଜ୍ୟ ସରକାର ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ କର୍ନାଟକ ସରକାରଙ୍କ ଆବେଦନର ଶୁଣାଣି କରି ନିକଟରେ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରାଥମିକ ତଦନ୍ତର ଉଦ୍ଦେଶ୍ୟ ମିଳିଥିବା ତଥ୍ୟର ସତ୍ୟତା ଯାଞ୍ଚ କରିବା ନୁହେଁ, ବରଂ ଯେଉଁ ତଥ୍ୟ ହସ୍ତଗତ ହୋଇଛି, ସେଥିରୁ ଏହା ଧର୍ତ୍ତବ୍ୟ ଅପରାଧ କି ନୁହେଁ ତାହା ସ୍ଥିର କରିବା। ଦୁର୍ନୀତି ନିବାରଣ ଆଇନ ବଳରେ ରୁଜୁ ହୋଇଥିବା କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ମାମଲାରେ ପ୍ରାଥମିକ ତଦନ୍ତର ଆବଶ୍ୟକତା ରହିଥାଏ। କିନ୍ତୁ ସବୁ କ୍ଷେତ୍ରରେ ମାମଲା ରୁଜୁ ପୂର୍ବରୁ ପ୍ରାଥମିକ ତଦନ୍ତ କରାଯିବା ଏକ ବାଧ୍ୟତାମୂଳକ ଆବଶ୍ୟକତା ନୁହେଁ।

ଖଣ୍ଡପୀଠ ଆହୁରି କହିଛନ୍ତି, ଯଦି ଜଣେ ବରିଷ୍ଠ ଅଧିକାରୀଙ୍କ ନିକଟରେ ସୂଚନା ସମ୍ବଳିତ ବିସ୍ତୃତ ରିପୋର୍ଟର ଉତ୍ସ ଉପଲବ୍ଧ ରହିଥାଏ ଏବଂ ସେହି ତଥ୍ୟକୁ ଭିତ୍ତିକରି ଅନ୍ୟ ଜଣେ ଅଧିକାରୀଙ୍କୁ ଦୁର୍ନୀତିଜନିତ ଧର୍ତ୍ତବ୍ୟ ଅପରାଧରେ ଅଭିଯୁକ୍ତ କରାଯାଇପାରିବ, ସେହି ସ୍ଥଳେ ପ୍ରାଥମିକ ତଦନ୍ତକୁ ଏଡ଼ାଇ ଦିଆଯାଇପାରେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

ଆଲୋଚ୍ୟ ମାମଲାରେ ସରକାରୀ ଅଧିକାରୀ ଜଣକଙ୍କ ନିକଟରେ ଅଜ୍ଞାତ ସୂତ୍ରରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ଏହାର ସମସ୍ତ ଦିଗକୁ ଅନୁଧ୍ୟାନ କରି କହିଛନ୍ତି, ଦୁର୍ନୀତି ନିର୍ବାରଣ ଆଇନ ଅଧୀନରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ପୂର୍ବରୁ ପ୍ରାଥମିକ ତଦନ୍ତର ଆବଶ୍ୟକତା ନ ଥିଲା। ଏଠାରେ ଇନ୍‌ଫର୍ମେଶନ୍ ରିପୋର୍ଟକୁ ପ୍ରାଥମିକ ତଦନ୍ତର ବିକଳ୍ପ ଭାବେ ଗ୍ରହଣ କରାଯାଇପାରିବ। ୨୦୨୩ ଡିସେମ୍ବର ୪ରେ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଭୁଲ୍ ଦର୍ଶାଇବା ସହ ଏହି ଆଇନର ଧାରା ୧୭ (ତଦନ୍ତ ପାଇଁ ଅଧିକୃତ ବ୍ୟକ୍ତିଙ୍କ କ୍ଷମତା)ର ଉଲ୍ଲଂଘନ ଜଣେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା କରାଯାଇଥିବା କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପଞ୍ଜୀକୃତ ଏଫ୍‌ଆଇଆର୍‌କୁ ଖଣ୍ଡପୀଠ ବଳବତ୍ତର ରଖିବା ସହ ହାଇକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି।

# ତ୍ରିବେଣୀ ସଙ୍ଗମରେ ସ୍ନାନକଲେ ମୁଖ୍ୟମନ୍ତ୍ରୀ

## ବିଶ୍ୱାସ, ପରମ୍ପରା, ଦିବ୍ୟତ୍ୱର ସଙ୍ଗମସ୍ଥଳ

ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)

ମହାକୁମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପ୍ରୟାଗରାଜ ଗସ୍ତକରି ତାଙ୍କ ପରିବାର ସହ ତ୍ରିବେଣୀ ସଙ୍ଗମ ସ୍ଥଳରେ ସ୍ନାନ କରିଛନ୍ତି। ଏହା ସହିତ ସେ ପୂଜା ଓ ଆଳତି ମଧ୍ୟ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା ଏକ ଅତ୍ୟନ୍ତ ଆଧ୍ୟାତ୍ମିକ ଅନୁଭବ। ଏହା କେବଳ ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମସ୍ଥଳ ନୁହେଁ, ଏହା ହେଉଛି ବିଶ୍ୱାସ, ପରମ୍ପରା ଓ ଦିବ୍ୟତ୍ୱର ସଙ୍ଗମସ୍ଥଳ। ଏହି ଅବସରରେ ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ସେ ଆହୁରି କହିଛନ୍ତି, ଭାରତର



ଆତ୍ମିକ ଉତ୍ତରଣରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଦୂରଦୃଷ୍ଟି ଓ ମହାନ୍ ଦୃଷ୍ଟିକୋଣ ଯୋଗୁ ଦେଶର ଛୋଟ ଛୋଟ ଗାଁରୁ ବଡ଼ ବଡ଼ ସହର ପର୍ଯ୍ୟନ୍ତ ସମସ୍ତେ ଭାରତୀୟତାର ଅନୁଭବରେ ଉଦ୍‌ବୁଦ୍ଧ ହୋଇଛନ୍ତି। ତାଙ୍କ ପ୍ରେରଣାରେ ଦେଶ ଓ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହିତ ଫୋନ୍ ଯୋଗେ କଥାହୋଇ ଏଭଳି ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ ଦେଇଛନ୍ତି। ଉତ୍ତରପ୍ରଦେଶର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସତୀଶ ଶର୍ମାଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶ୍ରୀ ଶର୍ମା ପ୍ରୟାଗରାଜ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଏବଂ ପବିତ୍ର ବୁଡ଼ ଓ ପୂଜା ସମୟରେ ତାଙ୍କ ସହିତ ରହିଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ଅଯୋଧ୍ୟା ରାମ ମନ୍ଦିର ଦର୍ଶନ କରିବା ପରେ ବାରାଣସୀରେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ୧୦ ହଜାର ପିଲା ମାଟ୍ରିକ ପରୀକ୍ଷା ନ ଦେବା ଘଟଣା | ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୩।୨(ସୁଚିସ୍ମିତା ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମଦିନ ମାତୃଭାଷା ଓଡିଆ ପରୀକ୍ଷା ଥିଲା। ତେବେ ଫର୍ମ ପୂରଣ କରିଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ଅଭିଭାବକ ମହାସଂଘ କହିଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ କ'ଣ ପାଇଁ ଏତେ ସଂଖ୍ୟକ ପିଲା ପରୀକ୍ଷା ଦେବାକୁ ଯାଉନାହାନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି, ଗତବର୍ଷ ମଧ୍ୟ ଦଶ ହଜାରରୁ ଊର୍ଦ୍ଧ୍ୱ ପିଲା ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିବାକୁ ନେଇ ତୁମ୍ବି ତୋଫାନ ହୋଇଥିଲା। ଗଣଶିକ୍ଷା ବିଭାଗ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏବର୍ଷ ସମାନ ସ୍ଥିତି ଉପୁଜିଲା। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଉଭୟ ଗଣଶିକ୍ଷା ସଚିବ ଓ ବୋର୍ଡ ସମ୍ପାଦକଙ୍କୁ କୈଫତ ତଲବ ପାଇଁ ମହାସଂଘ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ଚିଠି ଲେଖି ଦାବି କରିଛି। ଏବେ ଆବଶ୍ୟକ ପଦକ୍ଷେପ ନ ହେଲେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି।

## ଆଉ ୨ଦିନ ବର୍ଷା, ଘଡ଼ଘଡ଼ି

ଭୁବନେଶ୍ୱର,୨୩।୨(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେଲା ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ହେଉଛି। ତେବେ ଆସନ୍ତା ୨ଦିନ ମଧ୍ୟ ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଥିବାବେଳେ ଘଡ଼ଘଡ଼ି ଓ ବିଜୁଳି ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ିର ଆଶଙ୍କା ରହିଛି। ଏହିସବୁ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ରହିପାରେ। ସେହିପରି ୩୦ରୁ ୪୦ କି.ମି. ବେଗରେ ପବନ ସହ ଘଡ଼ଘଡ଼ି ଓ ବିଜୁଳି ପାଇଁ କଟକ, ଜଗତସିଂହପୁର, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି ଓ ଗଞ୍ଜାମ ଆଦି ଜିଲାକୁ ୟେଲୋ ୱାର୍ଣ୍ଣିଂ ରହିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମଣିପାଲ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ନିକଟ ପ୍ରେସ୍ କ୍ଲବ୍ ପରିସର, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସମୟ: ସକାଳ ୯ଟା।
- ମହାକୁମ୍ଭ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ୧୧ତମ ମାସିକ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ଜାତୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ୟୁନିଟ୍-୪, ସମୟ: ଅପରାହ୍ନ ୪ଟା ୩୦।
- ନୃତ୍ୟାୟାନ ପକ୍ଷରୁ ତୃତୀୟ ମିରା ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଆଶା ପ୍ଲେ ସ୍କୁଲର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ ପରିସର, ରେମୁଣା,ସମୟ:ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଜନ ଶୁଣାଣି ଶିବିର,ସ୍ଥାନ:ପୌରାଞ୍ଚଳ ପରିସର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ,ସ୍ଥାନ:ବଡ଼ ସିମୁଳିଆ ବିଦ୍ୟାଳୟ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କିଷାନ ସମ୍ମାନ ସମାରୋହ,ସ୍ଥାନ:ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର,ସମୟ: ଅପରାହ୍ନ ୧ଟା ୩୦।
- ବାର୍ଷିକ ଯୁବ ଉତ୍ସବ ଉଦ୍‌ଘାଟନୀ ଦିବସ,ସ୍ଥାନ:ବିସିଇଟି କଲେଜ, ସେରଗଡ଼, ରେମୁଣା,ସମୟ:ଅପରାହ୍ନ ୨ଟା।

## ଭଦ୍ରକ

- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ସକାଳ ୮ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ସରପଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଜମ୍ବିରା, ଶଡ଼ା, ଢେଙ୍କା, ଶାସଙ୍ଗ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ନାଗାତୋଟା, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଧନପୁର, ଶାମାଖୁଣ୍ଟା, ସମୟ: ସକାଳ ୭ଟା।
- କ୍ରିକେଟ ମ୍ୟାଚ୍, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଆଇଟିଆର୍ ସମ୍ପର୍କିତ କର୍ମଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୈଶିଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ: ଉଦଳା ଉପଜିଲାପାଳଙ୍କ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା୩୦।
- ମୋରଡ଼ା ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ:ବ୍ଲକ କନଫରେନ୍ସ ହଲ,ଚିତ୍ରଡ଼ା, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ସିପିଏମ୍ ପକ୍ଷରୁ ବିକ୍ଷୋଭ,ସ୍ଥାନ: ଆରଡିସି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କ. ନୂଆଗାଁ,ସମୟ: ପୂର୍ବାହ୍ନ୧୦ଟା।

## ଢେଙ୍କାନାଳ

ଜିଲାସ୍ତରୀୟ କିଶାନ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା।

ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖୁଣ୍ଟଝରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଓଡାପଡା ବ୍ଲକ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୭ତମ ଦିବସ, ସ୍ଥାନ:କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚରେ ଫୁଟବଲ କ୍ଲବ ଫୁଲବାଣୀ ବନାମ ଯୁବଜ୍ୟୋତି କ୍ଲବ କଟକ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩ଟା ।
- ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର। ସମୟ: ସକାଳ ୮ଟା ।

## ରାୟଗଡ଼ା

- ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ରାୟଗଡା ପିଏଚଡି କଲୋନୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ କିଷାନ ସମ୍ମାନର ୧୯ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ ; ମଧ୍ୟାହ୍ନ ୨ଟା୧୫ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଡାବୁଗାଁ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କିଷାନ ସମ୍ମାନ ସମାରୋହ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କୋରାପୁଟ

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣ, ସ୍ଥାନ: ବ୍ଲକ୍ ପରିସର, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଏମ୍ଏମସି ଆୟୋଜିତ ଗଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି ଛକ, ସମୟ: ସକାଳ ୭ଟା।
- ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିରରେ କମ୍ପ୍ୟୁଟର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଫାଟକସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ବାତ୍ସଲ୍ୟ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍କୋଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।
- ଜିଲା ସାମ୍ବାଦିକ ସଂଘର ନୂତନ ଅଫିସ ଗୃହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ତୁରେକେଲା ବ୍ଲକ କାର୍ଯ୍ୟାଳୟ, ତୁରେକେଲା, ବଲାଙ୍ଗୀର, ପୂର୍ବାହ୍ନ: ୧୦ଟା ୩୦ ମିନିଟ।

## ରାଉରକେଲା

- ସ୍ମୃତି ସମାରୋହ ଓ କବିତା ପଠନୋତ୍ସବ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ଅପରାହ୍ନ ୪ଟା ୩୦।
- ପଣ୍ଡା-ସମଦଗାର, ସିହ୍ନା ମେମୋରିଆଲ୍ ଲେକ୍ଚର ସିରିଜ୍‌ର ୪ର୍ଥ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ମହୋତ୍ସବର ୬ଷ୍ଠ ଦିବସ, ସ୍ଥାନ: ପ୍ଲେସ୍ ଅଫ୍ ସେଫ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ତାଲିମ ଶିବିରର ୪ର୍ଥ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ବିଷ୍ଣୁ ମହାଯଜ୍ଞ, ଅଷ୍ଟପ୍ରହର ଓ ମହାଶିବରାତ୍ରି, ସ୍ଥାନ: ସେକ୍ଟର-୧୯, ସମୟ: ସକାଳ ୬ଟା।
- ବିର୍ସା ମୁଣ୍ଡା ସ୍କୁଲରେ ବାଳିକା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ନିଲମ ଫାଉଣ୍ଡେଶନ ପକ୍ଷରୁ ନୋଷ୍ଟାଲଜିକ୍ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୦, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ସେକ୍ଟର-୧୩ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ବିଶ୍ରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓ୍ୱାଟର ସେଡ ଯାତ୍ରା-୨୦୨୫, ସ୍ଥାନ: ହେମଗିରି ବ୍ଲକ କୁଆଦରହ ଓ ଟାଙ୍ଗରଡିହି, ସମୟ: ସକାଳ ୯ଟାରୁ ଅପରାହ୍ନ ୨ଟା।
- ପିଏମ କିଷାନ ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ଶିବରାତ୍ରି ମହୋତ୍ସବ କଳସଯାତ୍ରା,ସ୍ଥାନ: ଭୁତିବାହାଲ, ଗାଇସିଲେଟ୍, ସମୟ:ସକାଳ ୭ଟା।
- ଶନି ଓ ମାଁ ସମରପାଟ୍ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ସିଲାଟ୍, ଅତାବିରା, ସମୟ: ସକାଳ ୮ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- କିଷାନ ସମ୍ମାନ ସମାରୋହ, ସ୍ଥାନ: ଯଦୁମଣି ଅଡ଼ିଟୋରିୟମ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା କ୍ଲବ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଦ୍ୱିତୀୟ ସେବା ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କସୁରବନ୍ଧ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରିଆମାଳ ବ୍ଲକ, ତୁଙ୍ଗାମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଯୋଗେଶ୍ୱର ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ସୁଦାମା ଚରିତ୍ର, ଭାଗବତ ପୂଜନ ଓ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡା ସଦର ମହକୁମା ପତୋରା, ସମୟ: ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା।
- ଷୋହଳ ପ୍ରହର ନାମଯଜ୍ଞ କଳସ ଯାତ୍ରା ତଥା ଅଧିବାସ, ସ୍ଥାନ: କୋମନା ବ୍ଲକ ଧରମସାଗର ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା ୨୪।
- ଶିବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସନ୍ଧ୍ୟା ୬ଟା ୧୭।
- ଶିବ ମନ୍ଦିର ରତ୍ନମୁଦ ଓ ପ୍ରାଣ ପ୍ରତିଷ୍ଠା, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପଞ୍ଚଗାଁ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଯକ୍ଷ୍ମା ରୋଗ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜମାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ୧୯ତମ ପିଏମ କିଷାନ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ଜବ ଫେୟାର ୨୦୨୫-୨୬, ସ୍ଥାନ: ଡିଏମ୍ଏଫ୍ ହଲ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନୀଚାରୋହୀ ରାଶ୍ୟାଧିପତିଙ୍କ କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପୁନଶ୍ଚ କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ପ୍ରତିରୋଧରେ ପ୍ରଗତିର ପଥରୋଧ ଘଟିପାରେ। ଯାତ୍ରା, ବନ୍ଧୁ ମିଳନ ଓ ମନୋରଞ୍ଜନ ପାଇଁ ବହୁତ ଭଲ। ସଭାସମିତି, ମାଲିମକଦ୍ଦମା କିମ୍ବା କଳା,ସାହିତ୍ୟ ଏବଂ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଆଜି ଖୁସି ମନରେ କାମ କରିବେ, ଚାହୁଁଥିବା ଜିନିଷ ପାଇବେ, ବନ୍ଧୁଙ୍କ ସହ ଆଲୋଚନା ବେଶ୍ ଜମିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ରୋହିଣୀ ନକ୍ଷତ୍ର ଅଳ୍ପ କେତେଦିନ ହେଲା ଖୋଜୁଥିବା ଜିନିଷର ସନ୍ଧାନ ଆଜି ହିଁ ମିଳିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ କିଛି ସତର୍କତାର ଆବଶ୍ୟକତା ପଡିବ ନାହିଁ।

**ମିଥୁନ** ଆଜି ବାହାର ଲୋକଙ୍କ ଦ୍ୱାରା ଯେତିକି କାମ କରିପାରିବେ ଘରଲୋକଙ୍କଠାରୁ ସେତିକି ସହଯୋଗ ପାଇପାରିବେ ନାହିଁ। କେତେକ ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି। ଉନ୍ନୟନମୂଳକ କାମ, ପବ୍ଲିକେଶନ, ପ୍ରେସ୍ ଏବଂ ସାହିତ୍ୟଚର୍ଚ୍ଚା ବାଧାପ୍ରାପ୍ତ ହେବ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ରର ଅତୀତ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। ଜାଣିଶୁଣି କେତେକ ସମ୍ପର୍କୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ସାଜିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବାର ସୂଚନା ରହିଛି।

**ସିଂହ** ଯେତେ ଭଲ କାମ କଲେ ମଧ କିଏ ତାହାର ମୂଲ୍ୟ ବୁଝିବେ ନାହିଁ। ନିଜର ଉଦାର ମନୋଭାବରୁ ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ମଘା ନକ୍ଷତ୍ର ଆଜି ଫେରିବା ବାଟରେ କୌଣସି ଅପରିଚିତଙ୍କ ସହିତ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କନ୍ୟା** ନିଜ ମୁଣ୍ଡ ଉପରେ ଗୁରୁ ଦାୟିତ୍ୱ ଥିଲେ ମଧ ଆଜି ତାହା କରିବାରେ ପଛେଇଯିବେ। ହସଖୁସିର ମଜା ମଉଜରେ ସମୟ କଟାଇ ପରକ୍ଷଣରେ ଘର ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ନିଜର ବିଫଳତା ହେତୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ।

**ତୁଳା** ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଦ୍ୱାରା ସବୁ ସମସ୍ୟାକୁ ସୁଧାରି ନେବେ। ଚିତ୍ରା ନକ୍ଷତ୍ର ବ୍ୟକ୍ତିମାନଙ୍କର କଚେରି ମାମଲାର ଶୁଣାଣି ବିଳମ୍ବ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସଭାସମିତିରେ ଅଟକି ରହିଥିବା କାମ କିମ୍ବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ।

**ବିଛା** ସମ୍ପର୍କୀୟଙ୍କ ବେଖାତିର କଥା ଓ କାର୍ଯ୍ୟକଳାପରୁ କଷ୍ଟ ପାଇବେ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ପରିବାରରେ ପାରସ୍ପରିକ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଫାଇଲ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ।

**ଧନୁ** ସମସ୍ତ ପ୍ରକାର ପରିସ୍ଥିତି ପ୍ରତି ସତର୍କ ରହି କାମ କରିବା ଭଲ । କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ଭୁଲ ବୁଝାମଣା କାରଣରୁ ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ଦୀର୍ଘପଥ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଅନ୍ୟମାନଙ୍କ ବଡଭାଇପଣିଆକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍‌ଠାକ୍ ହୋଇଯିବ। ଆଶା କରୁଥିବା କାମ ସକାଶେ ଅର୍ଥ ସାହାଯ୍ୟ ପାଇବେ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଶ୍ରବଣା ନକ୍ଷତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବେ, ଯାହାକି କାମକୁ ଆସିବ।

**କୁମ୍ଭ** ଆପଣ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ବନ୍ଧୁଟି ସ୍ୱାର୍ଥକୁ ପ୍ରଥମେ ନିଜ ସକାଶେ ନେବାର ଉପକ୍ରମ କରିପାରେ। ବୈଷୟିକ କ୍ଷେତ୍ରରେ ବାଦବିବାଦ ଜଟିଳ ହେବ ଓ ସଫଳତା ହାସଲ କରିବେ। ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଗୃହ, ଗାଡିମୋଟର ,ପ୍ରେସ୍ ,ପବ୍ଲିକେଶନ ସମ୍ପର୍କିତ ଦୁଃଶ୍ଚିନ୍ତା ଦୂର ହୋଇଯିବ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର କର୍ମବ୍ୟସ୍ତତା ମଧରେ ଘରର କାମକୁ ପାସୋରିଦେଇ ପାରନ୍ତି। ସହକର୍ମୀଙ୍କ ସହ ହାତ ମିଳାଇ କାମ କଲେ ତାହା ଆପଣଙ୍କ ପାଇଁ ହିତକର ହେବ। ବାରମ୍ବାର ବିଫଳ ହୋଇ ଆଜି ଶେଷ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଜଣେ ନୂତନ ବନ୍ଧୁଙ୍କ ସହ ଆଜି ମଧ୍ୟାହ୍ନରେ ଯୋଗସୂତ୍ର ସ୍ଥାପନ ହେବ।

ଆଜି ଫେବୃଆରୀ ୨୪ ତାରିଖ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ଫାଲଗୁନ୍ କୃଷ୍ଣପକ୍ଷର ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ସୋମବାର, ରାଶିନକ୍ଷତ୍ର-ପୂର୍ବାଷାଢା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ,ଦିବା ଘ.୦୬।୧୩ ଗତେ, ଘ.୦୭।୪୦ ମଧ୍ୟେ, ଘ.୧୦।୫୦ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୪୦ ଗତେ, ଘ.୦୯।୦୬ ମଧ୍ୟେ ରାହୁକାଳ।

# ଡ୍ରାଇଭର, କର୍ମଚାରୀଙ୍କୁ ସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ ଲାଗି ମିଳିବ ତାଲିମ

**ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)**

ସାର୍ବଜନୀନ ପରିବହନର ସୁରକ୍ଷା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ଏବଂ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ୍), ଭୁବନେଶ୍ୱରର ବସ୍ ପରିଚାଳନା ସମ୍ପର୍କରେ ଶନିବାର ସମୀକ୍ଷା କରିଛନ୍ତି। ଏଥିରେ ନିୟମିତ ଯାନବାହନ ଯାଞ୍ଚ, ଟ୍ରାଫିକ ନିୟମ ପାଳନ ଏବଂ ଡ୍ରାଇଭର ଆଚରଣର କଠୋର ତଦାରଖ ସମେତ ସୁରକ୍ଷା ମାନଦଣ୍ଡର ଠିକ୍ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିୟାମକ ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି। ଏହାସହ ଡ୍ରାଇଭର ଏବଂ କର୍ମଚାରୀମାନଙ୍କୁ ସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ, ଜରୁରିକାଳୀନ ପ୍ରତିକ୍ରିୟା ଏବଂ ଗ୍ରାହକ ସେବାରେ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ନିରନ୍ତର ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଜିପିଏସ୍ ଟ୍ରାକିଂ, ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ ଏବଂ ଡିଜିଟାଲ୍ ଟିକେଟିଂ ସମାଧାନ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ଉତ୍ସାହିତ କରାଯାଇଛି। ଏହି ଅବସରରେ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ପ୍ରବର୍ତ୍ତନ, କ୍ଷମତା ବୃଦ୍ଧି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଉପରେ ଧ୍ୟାନ ଦେଇ ଆମେ ଓଡ଼ିଶାରେ ନିରାପଦ, ନିର୍ଭରଯୋଗ୍ୟ ଏବଂ ଦକ୍ଷ ସାର୍ବଜନୀନ ପରିବହନ ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ସମୀକ୍ଷାରେ ଓଏସ୍‌ଆର୍‌ଟିସି ଏବଂ କ୍ରୁଟ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଏବଂ ସମ୍ବଳ ଉପଯୋଗକୁ ଉନ୍ନତ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ଲାଗି ସୁଯୋଗଗୁଡ଼ିକୁ ମଧ୍ୟ ଅନୁସନ୍ଧାନ କରାଯାଇଛି। ପ୍ରମୁଖ ସଚିବ ସୁପାରସ କରାଯାଇଥିବା ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ସେମାନଙ୍କ ପ୍ରଭାବଶାଳୀକୁ ମୂଲ୍ୟାଙ୍କନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଓଏସ୍‌ଆର୍‌ଟିସି ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ଏମ୍‌ଡି ଥିରୁମାଲା ନାୟକ, ଆଇଆଇଟିଏମ୍‌ର ଭେଙ୍କଟେଶ ବାଲସୁବ୍ରମଣ୍ୟମ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟକ୍ଷମ ଅଭ୍ୟାସଗୁଡ଼ିକୁ ଆଧୁନିକୀକରଣ କରିବା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପାକିସ୍ତାନକୁ ହରାଇଲା...

୬୯ ରନ ଯୋଡ଼ି ଇନିଂସ ସମ୍ଭାଳିଥିଲେ। ଗିଲ୍ ୪୬ ରନକରି ଆଉଟ ହୋଇ ଯାଇଥିଲେ। ତେବେ ଚମତ୍କାର ଖେଳିଥିଲେ କିଙ୍ଗ୍ କୋହଲି। ସେ ଦ୍ୱିତୀୟ ଭାରତୀୟ ଭାବେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ୧୪,୦୦୦ ରନ ପୂରଣ କରିଥିବାବେଳେ କ୍ୟାଚ ନେବାରେ ମଧ ମହମ୍ମଦ ଆଝାରୁଦ୍ଦିନଙ୍କୁ ପଛରେ ପକାଇ ଦେଇଥିଲେ। କେବଳ ସେତିକି ନୁହେଁ ସେ ଶ୍ରେୟସ ଆୟରଙ୍କ ସହ ତୃତୀୟ ଉଇକେଟରେ ୧୧୪ ରନ ଯୋଡ଼ି ଭାରତକୁ ବିଜୟକୁ ସହଜ କରି ଦେଇଥିଲେ। ଆୟର ୬୭ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୫୬ ରନକରି ଆଉଟ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୮ ରନରେ ଆଉଟ ହୋଇଥିଲେ ହେଁ କୋହଲି ଅପରାଜେୟ ରହି ଭାରତକୁ ବିଜୟୀ କରିଥିଲେ। ଅନ୍ତିମ ବଲ୍‌ରେ ଚୌକା ମାରି ଶତକ ପୂରଣ କରିଥିବା କିଙ୍ଗ୍ କୋହଲି ୧୧୧ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ସହାୟତାରେ ୧୦୦ ରନରେ ଅପରାଜିତ ରହିଥିଲେ। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ୫୧ତମ ଶତକ। ପାକିସ୍ତାନ ପକ୍ଷରୁ ଶାହିନ ଆଫ୍ରିଦୀ ୨ଟି ଏବଂ ଆବ୍ରାର ଅହମଦ ଓ ଖୁସଦିଲ ଶାହା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ମହମ୍ମଦ ରିଜ୍ୱାନ। ଇମାମ ଉଲ୍ ହକ୍ ଓ ବାବର ଆଜମ ସତର୍କତାର ସହ ଇନିଂସ୍ ଆରମ୍ଭକରି ଓପନିଂ ଯୋଡ଼ିରେ ୪୧ ରନ ଯୋଗକରିଥିଲେ। ୨୩ ରନ୍ କରିଥିବା ବାବରଙ୍କୁ ପାଭିଲିୟନ ପଠାଇ ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ପରେ ଇମାମ୍ ୧୦ ରନ୍ କରି ରନ୍‌ଆଉଟ ହେବାରୁ ୬ ରନ ବ୍ୟବଧାନରେ ପାକିସ୍ତାନର ୨ଟି ଉଇକେଟ ପଡ଼ିଯାଇଥିଲା। ୯.୨ ଓଭର ବେଳକୁ ସ୍କୋର ୪୭/୨ ହୋଇଯାଇଥିଲା। ରିଜୱାନ ଓ ସୌଦ ଶକିଲ ତୃତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ ହେଁ ଧିମା ଖେଳିଥିଲେ। ଦୁହେଁ ୧୪୪ ବଲ୍‌ରୁ ୧୦୪ ରନ ଯୋଗ କରିବାପରେ ରିଜୱାନଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଅକ୍ଷର ପଟେଲ। ରିଜୱାନ ୭୭ ବଲ୍‌ରୁ ୪୬ ରନ କରିଥିଲେ। ଭଲ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଶକିଲ ପାର୍ଟନରଶିପ୍ ଭାଙ୍ଗିବାରୁ ଏକାଗ୍ରତା ହରାଇଥିଲେ। ଫଳରେ ସେ ୭୬ ବଲ୍‌ରୁ ୬୨ ରନ୍ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱିତୀୟ ଶିକାର ବନିଥିଲେ। ମିଡଲ ଅର୍ଡରରେ ତାୟବ ତାହିର ୪ ଓ ସଲମାନ ଆଘା ୧୯ ରନ୍‌କରି ଆଉଟ୍‌ହେବାରୁ ପାକିସ୍ତାନ ସ୍କୋର ଧିମେଇ ଯାଇଥିଲା ଏବଂ ୪୩ତମ ଓଭରରେ ସ୍କୋର ୨୦୦ ସ୍ପର୍ଶ କରିଥିଲା। ଲୋୟର ଅର୍ଡରରେ ଖୁସ୍‌ଦିଲ ଶାହା ୩୮ ରନ କରିବାରୁ ପାକିସ୍ତାନ ଏକ ସମ୍ମାନ୍‌ଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ସର୍ବାଧିକ ୩ଟି, ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ହର୍ଷିତ ରାଣା, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଏନ୍‌ଟିଏ ୧୦୦ ସ୍କୋରରେ...

ଗତ ୧୧ ତାରିଖରେ ଜେଇଇ ମେନ୍ ସେସନ୍-୧ ଫଳାଫଳ ପ୍ରକାଶ ପାଇଥିବାବେଳେ ମୋଟ ୧୪ ଜଣ ପ୍ରାର୍ଥୀ ୧୦୦ ଏନ୍‌ଟିଏ ସ୍କୋର କରିଥିଲେ। ସେମାନଙ୍କ ମଧ୍ୟରୁ କେବଳ ରାଜସ୍ଥାନରୁ ୫ ଜଣ ଥିଲେ। ସେସନ୍-୧ର ପେପର-୧ (ବିଇ/ବିଟେକ୍) ପରୀକ୍ଷା ଜାନୁଆରୀ ୨୨, ୨୩, ୨୪, ୨୮ ଏବଂ ୨୦ରେ ଦୁଇଟି ଶିଫ୍ଟରେ ହୋଇଥିଲା।



ମୃତ ଫାର୍ମ ହାଉସ ମାଲିକ ଗୋବିନ୍ଦଚନ୍ଦ୍ର ନାୟକ



ଫାର୍ମ ହାଉସ୍ ପରିସରରୁ ପୋଲିସ ଅଭିଯୁକ୍ତ ରମେଶ ନାୟକଙ୍କୁ ଧରି ଆଣୁଛନ୍ତି।

### ଭିଶୋଇଙ୍କ ଗୁଳିରେ ...

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏସ୍‌ପି ଅଭିନବ ସୋନକର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ସଦର ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ, ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ସନ୍ଧାନୀ କୁକୁର ଓ ଫୋରେନସିକ୍ ଟିମକୁ ନେଇ ତଦନ୍ତ ଆରମ୍ଭ କରାଯାଇଛି। ପୋଲିସ ଗୋବିନ୍ଦଙ୍କ ବଡ଼ବାପା ପୁଅ ଭାଇଙ୍କୁ ପଚରା ଉଚରା କରିବା ପରେ ଫେରାର ରମେଶଙ୍କୁ ଗ୍ରାମରୁ ଗିରଫ କରିଥିଲା। ସେ କୁଟୁରା ଭାବି ଗୋବିନ୍ଦଙ୍କୁ ଗୁଳି କରିଥିଲେ ବୋଲି ସ୍ୱୀକାର କରିବା ସହିତ ଫାର୍ମ ହାଉସ୍ ଭିତରେ ଲୁଚାଇଥିବା ବନ୍ଧୁକକୁ ଦେଖାଇଥିଲେ। ପୋଲିସ ରମେଶଙ୍କୁ କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ରବିବାର ସନ୍ଧ୍ୟା ୬ଟାରେ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏସ୍‌ପି ସୋନକର କହିଛନ୍ତି, ଶିକାର ଉଦ୍ଦେଶ୍ୟରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଗିରଫ ହୋଇଛନ୍ତି । ବନ୍ୟଜନ୍ତୁ ଭାବି ନିଜେ ଗୁଳି କରିଥିବା ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଜବତ ସାମଗ୍ରୀକୁ ଅଧିକ ତଦନ୍ତ ପାଇଁ ପରୀକ୍ଷା ନିମନ୍ତେ ଲାବୋରେଟୋରିକୁ ପଠାଯାଇଛି। ସଦର ଥାନାରେ କେସ୍ ନଂ-୧୪୨/୨୫,ଦଫା-୧୦୩(୧),ବିଏନ୍‌ଏସ୍ ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି । ଗୋବିନ୍ଦ ୭/୮ବର୍ଷ ହେଲା ଫାର୍ମ ହାଉସ୍ କରିଥିଲେ । ତାଙ୍କର କାହା ସହିତ ଶତ୍ରୁତା ନ ଥିଲା ବୋଲି ତାଙ୍କ ସ୍ତ୍ରୀ ରୀତା ଓ ପରିବାର ସଦସ୍ୟ କହିଛନ୍ତି।

MP INDUSTRIAL DEVELOPMENT CORPORATION LTD.

# INVEST MADHYA PRADESH
— INFINITE POSSIBILITIES —



**Dr. Mohan Yadav**, Chief Minister



**Narendra Modi**, Prime Minister

Under the Visionary Leadership of
Prime Minister Narendra Modi

## The Heartland Scripts its New Growth Story

## Inauguration of

# Global Investors Summit

By
Prime Minister

## Narendra Modi

August Presence

**Mangubhai Patel**
Governor, Madhya Pradesh

**Dr. Mohan Yadav**
Chief Minister, Madhya Pradesh



CII Confederation of Indian Industry

**24 February, 2025 | 10:00 AM**

**Indira Gandhi Rashtriya Manav Sangrahalaya, Bhopal**

EY Shape the future with confidence

LIVE STREAMING Webcast.gov.in/mp/cmevents DD News @Cmmadhyapradesh @jansampark.madhyapradesh @Cmmadhyapradesh @jansamparkMP JansamparkMP www.investmp.in

D-11196/24

Designed by M.P. Madhyam/2025

Released by the Department of Public Relations, M.P.

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

-ପଙ୍କୋଦ୍ଧାର
ଏକାଦଶୀ, ଶରଣ
ଆରମ୍ଭ ଓ ହଳ ନିଷେଧ



# ୩ ବର୍ଷିଆ ଯୁଦ୍ଧ

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୨୪ ଫେବୃଆରୀରେ ୩ ବର୍ଷ ପୂରିଲା। ୨୦୨୨ ଏହି ଦିନରେ ରୁଷିଆ ପ୍ରଥମେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସାଧାରଣରେ ଘୋଷଣା କରିଥିଲେ ଯେ, ୟୁକ୍ରେନ୍ ସହ ଯୁଦ୍ଧ ୭ ଦିନରେ ସରିଯିବ ଓ ସେହି ରାଷ୍ଟ୍ରକୁ ଅକ୍ତିଆର କରିବା ତାଙ୍କ ପାଇଁ ସହଜ ହେବ। ହେଲେ ସେହି ୭ ଦିନ ବଢ଼ି ୩ ବର୍ଷରେ ପହଞ୍ଚିଲା। କମେଡିଆନ୍‌ରୁ ରାଷ୍ଟ୍ରପତି ହୋଇଥିବା ୟୁକ୍ରେନ୍‌ର ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅଦମ୍ୟ ସାହସ ରୁଷିଆର ଗତିରୋଧ କରିବାରେ ଅନେକାଂଶରେ ସଫଳ ହୋଇଛି। ଅବଶ୍ୟ ଏ ଦିଗରେ ଆମେରିକା ଓ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ତାଙ୍କୁ ସାମରିକ ଓ ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ବର୍ତ୍ତମାନର ଭୂରାଜନୈତିକ ସ୍ଥିତି ବଦଳିଯାଇଥିବା ବେଳେ ଜୋ ବାଇଡେନ୍‌ଙ୍କ ସ୍ଥାନରେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି। କ୍ଷମତାକୁ ଆସିବା ପୂର୍ବରୁ ଟ୍ରମ୍ପ୍ ଘୋଷଣା କରିଥିଲେ ଯେ ବାଇଡେନଙ୍କ ଯୋଗୁ ହୋଇଥିବା ଭୁଲ ଓ ଯୁଦ୍ଧ ପାଇଁ ଘଟିଥିବା ଆର୍ଥିକ କ୍ଷତିକୁ ଆଉ ବଢ଼ିବାକୁ ଦିଆଯିବ ନାହିଁ। ପଟ ପରିବର୍ତ୍ତନ ହେବା ପରେ ଆମେରିକା ଅନେକାଂଶରେ ଇସ୍ରାଏଲ-ହମାସ ଯୁଦ୍ଧବିରତି ଆଣିବାରେ ସଫଳ ହୋଇଥିଲେ ମଧ୍ୟ ରୁଷିଆ-ୟୁକ୍ରେନ ସଂଘର୍ଷରେ ଟ୍ରମ୍ପ୍ ବିରାମ ଲଗାଇ ପାରିନାହାନ୍ତି। ଏହା ଏଇଥିପାଇଁ ହୋଇପାରି ନାହିଁ ଯେ, ପୁଟିନ୍‌ଙ୍କୁ ଟ୍ରମ୍ପ୍‌ଙ୍କ ସମର୍ଥନ ରହିଥିବାରୁ ଜେଲେନ୍‌ସ୍କି ତାଙ୍କୁ ବିଶ୍ୱାସକୁ ନେଇପାରୁ ନାହାନ୍ତି। ନିକଟରେ ଜେଲେନ୍‌ସ୍କିଙ୍କୁ ଉପଲକ୍ଷ୍ୟ କରି ଟ୍ରମ୍ପ୍ କହିଥିଲେ ଜଣେ ଚତୁର କମେଡିଆନ୍ ଆମେରିକାଠାରୁ ୩୫୦ ବିଲିଅନ୍ ଡଲାର ହାତେଇ ନେବାରେ ସଫଳ ହୋଇଥିଲେ। ଏଥିସହିତ ସେ କହିଥିଲେ, ଜେଲେନ୍‌ସ୍କି ଏକଛତ୍ରବାଦୀ ପାଲଟିଲେଣି ଓ ବିନା ନିର୍ବାଚନରେ ନିଜ ଦେଶ ଉପରେ ଶାସନ କରୁଛନ୍ତି। ଯଦି ଶାନ୍ତି ପ୍ରତିଷ୍ଠାରେ ସହଯୋଗ କରିବେ ନାହିଁ, ତେବେ ତାଙ୍କ ଦେଶ ରହିବ ନାହିଁ। ଏଥିରୁ ବୁଝିବାକୁ ହେବ ଯେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଜଣେ ଶାନ୍ତିକାମୀ ଚରିତ୍ରର ଭାବମୂର୍ତ୍ତି ସୃଷ୍ଟି କରିଥିବା ଟ୍ରମ୍ପ୍ କ୍ଷମତାସୀନ ହେବା ପରେ ଏକଛତ୍ରବାଦ ଚିନ୍ତାଧାରା ରଖିଥିବା ପୁଟିନ୍‌ଙ୍କ ପ୍ରତି ଢଳି ରହିଛନ୍ତି। ଶାନ୍ତି ଚାହୁଁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ନିରପେକ୍ଷ ହେବା ଦରକାର। ବର୍ତ୍ତମାନ ସ୍ଥିତିରେ ୟୁକ୍ରେନ୍ ବହୁଳମାତ୍ରାରେ କ୍ଷତିଗ୍ରସ୍ତ ହୋଇ ଯନ୍ତ୍ରଣା ଭୋଗୁଛି। ରୁଷିଆର ସାମରିକ ଓ ଆର୍ଥିକ ଆକାର ୟୁକ୍ରେନ୍ ତୁଳନାରେ ବଡ଼ ଥିଲେ ମଧ୍ୟ ଦୀର୍ଘକାଳୀନ ଯୁଦ୍ଧ ତା'ର ନାଗରିକଙ୍କୁ ଗ୍ରହଣୀୟ ହେଉ ନ ଥିବା ବେଳେ ଅର୍ଥନୀତି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଏଭଳି ସନ୍ଧିକ୍ଷଣରେ ଉଭୟ ରାଷ୍ଟ୍ରର ନାଗରିକ ଯୁଦ୍ଧ ବନ୍ଦ ଚାହୁଁଛନ୍ତି। କିନ୍ତୁ ଆମେରିକା ଭଳି ମଧ୍ୟସ୍ଥ ନିଜ ସ୍ୱାର୍ଥକୁ ଅଗ୍ରପ୍ରାଧାନ୍ୟ ଦେଉଥିବାରୁ ସମାଧାନ ବାଟ ବାହାରିପାରୁ ନାହିଁ। ଅନ୍ତର୍ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ରୁଷିଆ ଚାହୁଁଛି ୟୁକ୍ରେନ୍‌ର ଯେଉଁ ଅଞ୍ଚଳ ମାଡ଼ିବସିଛି, ତା' ତାହାର ହୋଇ ରହୁ। କିନ୍ତୁ ୟୁକ୍ରେନ୍ ସେଥିରେ ରାଜି ହେଉ ନାହିଁ। ନିକଟରେ ସାଉଦି ଆରବର ରିଆଦରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଶାନ୍ତି ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। କିନ୍ତୁ ସେଥିରେ ୟୁକ୍ରେନ୍‌କୁ ସାମିଲ କରାଯାଇ ନ ଥିଲା। ତେଣୁ ଶାନ୍ତି ପ୍ରତିଷ୍ଠା ଏକତରଫା କରାଇବାର ଉଦ୍ୟମ ଚଳାଇଛନ୍ତି ଟ୍ରମ୍ପ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଲାଗି ରହିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସର୍ବାଧିକ ସମୟ ପାଇଁ ଚାଲିଥିବାରୁ ତାହାର ପ୍ରଭାବ ପୃଥିବୀବ୍ୟାପୀ ପଡ଼ିଚାଲିଛି। ଏହି ଯୁଦ୍ଧରେ ବାହ୍ୟଶକ୍ତିଙ୍କ ହସ୍ତକ୍ଷେପ ସ୍ଥିତିକୁ ଗମ୍ଭୀର କରିଚାଲିଛି। ଯୁଦ୍ଧର ଆରମ୍ଭରେ ଜେଲେନ୍‌ସ୍କିଙ୍କୁ ବାଇଡେନ୍ ସାହସ ଯୋଗାଇ ଦେଇ ଆସୁଥିବା ବେଳେ ଏବେ ପୁଟିନ୍‌ଙ୍କୁ ଟ୍ରମ୍ପ୍ ସମର୍ଥନ କରୁଛନ୍ତି। ଅର୍ଥାତ୍ ଆମେରିକାର ବହିର୍ବ୍ୟାପାର ନୀତିରେ ପରିବର୍ତ୍ତନ ଏଭଳି ସ୍ଥଳେ ଯୁଦ୍ଧକୁ ବନ୍ଦ କରିବା ପରିବର୍ତ୍ତେ ୟୁକ୍ରେନ୍ ପ୍ରତି ଆମେରିକା ଘୋର ଅନ୍ୟାୟ କରୁଛି। ଯଦି ଆମେରିକା ତା'ର କରଦାତାଙ୍କ ଅର୍ଥ ରୁଷିଆ ବିରୋଧରେ ଖର୍ଚ୍ଚ କରିବାକୁ ଚାହୁଁନାହିଁ, ତେବେ ସେହି ନିଷ୍ପତ୍ତି ଟ୍ରମ୍ପ୍ ନେବା ପାଇଁ ସକ୍ଷମ। କିନ୍ତୁ ୟୁକ୍ରେନ୍‌କୁ ଅଲୋଚନାରେ ସାମିଲ ନ କରିବା କୌଣସି ଦୀର୍ଘସ୍ଥାୟୀ ଶାନ୍ତିର ପଥ ଦେଖାଉନାହିଁ। ବାଇଡେନ୍‌ଙ୍କ ସାହସ ପାଇ ବଳୀୟାନ ହୋଇଥିବା ଜେଲେନ୍‌ସ୍କିଙ୍କ ରଣକୌଶଳକୁ ଏକଛତ୍ରବାଦ ଆଚରଣ ବହନ କରୁଥିବା ପୁଟିନ୍ ସେତେବେଳେ ନିରେଖୁଥିଲେ। ଫଳରେ ଜେଲେନ୍‌ସ୍କି ନିଜ ସାମରିକ ବାହିନୀର ମନୋବଳ ବୃଦ୍ଧି କରି ରୁଷିଆକୁ କଡ଼ା ଜବାବ ଦେଇଥିଲେ। ଏହାଦ୍ୱାରା ରୁଷିଆ ଶାନ୍ତି ଟେବୁଲକୁ ଆସିବାକୁ ମଙ୍ଗୁଥିଲା। ଏବେ ଟ୍ରମ୍ପ ଯେଭଳି ଭାବେ ଜେଲେନ୍‌ସ୍କିଙ୍କ ପ୍ରତି ପକ୍ଷପାତିତା ଅବଲମ୍ବନ କରିଛନ୍ତି, ସେଥିରେ ୟୁକ୍ରେନ୍ ରାଜି ହେବାର ଆଭାସ ମିଳୁନାହିଁ। ପୁଣି ଶୁଣିବାକୁ ମିଳୁଛି ଯେ, ୟୁକ୍ରେନ୍‌ରେ ଥିବା ୫୦୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଳ ଉପରେ ଟ୍ରମ୍ପ୍ ଆଖି ପକାଇଛନ୍ତି। ସମ୍ଭବତଃ ସେଥିପାଇଁ ରୁଷିଆକୁ ମାଧ୍ୟମ କରି ଟ୍ରମ୍ପ୍ ୟୁକ୍ରେନ୍ ସହ ବଡ଼ ଚୁକ୍ତି କରିବାକୁ ଚାହୁଁଛନ୍ତି। ଯେହେତୁ ଟ୍ରମ୍ପ୍‌ଙ୍କ କୁଟିଳ ବୁଦ୍ଧିକୁ ଜେଲେନ୍‌ସ୍କି ଭଲ ଭାବେ ଜାଣିଛନ୍ତି ସେଥିରେ ସେ ରାଜି ହେବା ଦେଖାଯାଉ ନାହିଁ। ଏହିଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଲାଗି ରହିଲେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଆହୁରି ସମୟ ଲାଗିପାରେ। କାରଣ ବଲ୍ ରୁଷିଆ କିମ୍ବା ୟୁକ୍ରେନ୍ କୋର୍ଟରେ ନ ରହି ବାହ୍ୟଶକ୍ତିଙ୍କ ପାଖକୁ ଚାଲିଯାଉଛି। ୟୁକ୍ରେନ୍ ଯଦି ଆଜି ବିପଦପୂର୍ଣ୍ଣ ପରିସ୍ଥିତିରେ ପଡ଼େ, ତେବେ ସମଗ୍ର ୟୁରୋପର ସ୍ଥିତି ସଙ୍କଟାପନ୍ନ ରହିବ। ସେଥିପାଇଁ ଆମେରିକା ଓହରିଯିବା ପରେ ୟୁରୋପର ଅନ୍ୟ ଦେଶଗୁଡ଼ିକ ରୁଷିଆ ପ୍ରତି କେଉଁ ପ୍ରକାରର ଆଭିମୁଖ୍ୟ ପୋଷଣ କରୁଛନ୍ତି, ତାହା ଭବିଷ୍ୟତରେ ଅତ୍ୟନ୍ତ ଗୁରୁତ୍ୱ ବହନ କରିବ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | | 5 | 8 | |
| | | | | | 4 | | | |
| | | 5 | 8 | | | | | |
| | | 8 | 5 | | 1 | | 2 | |
| | 9 | | | 3 | | 8 | | |
| | 7 | 2 | | | | | | |
| | | | | | | 9 | 5 | |
| | | | 3 | | | | | 4 |
| | | | 6 | | 7 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 3 | 9 | 1 | 6 | 2 | 5 | 7 |
| 9 | 2 | 1 | 7 | 5 | 8 | 6 | 3 | 4 |
| 5 | 7 | 6 | 4 | 2 | 3 | 1 | 9 | 8 |
| 3 | 9 | 7 | 1 | 6 | 4 | 8 | 2 | 5 |
| 1 | 5 | 2 | 3 | 8 | 9 | 4 | 7 | 6 |
| 8 | 6 | 4 | 2 | 7 | 5 | 3 | 1 | 9 |
| 6 | 3 | 5 | 8 | 9 | 1 | 7 | 4 | 2 |
| 2 | 1 | 8 | 5 | 4 | 7 | 9 | 6 | 3 |
| 7 | 4 | 9 | 6 | 3 | 2 | 5 | 8 | 1 |

ଗତକାଲିର ଉତ୍ତର

# ଆକାଂକ୍ଷୀ ଅଞ୍ଚଳ ବିକାଶ ପରିଷଦ



ଡ. ଅମରେନ୍ଦ୍ର ଦାସ

ଆଞ୍ଚଳିକ ବୈଷମ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୯୯୮ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଥିଲେ। ନୂଆ ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଏକ ଉଚ୍ଚସ୍ତରୀୟ କାର୍ଯ୍ୟବାହିନୀ ଗଠନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତିନିଟି ଆଞ୍ଚଳିକ ବିକାଶ ପରିଷଦ ଗଠନର ଆବଶ୍ୟକତା ଉପରେ ତର୍ଜମା କରିବାର ଆବଶ୍ୟକତା ରହିଛି। ବାସ୍ତବରେ ଆଞ୍ଚଳିକ ବିକାଶ ପରିଷଦ କ'ଣ ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ସହାୟକ ହେବ ନା ଏଥିପାଇଁ ଅନ୍ୟ କିଛି ଉପାୟ ଚିନ୍ତା କରିବାର ଆବଶ୍ୟକତା ରହିଛି।

ଆଞ୍ଚଳିକ ବୈଷମ୍ୟ ସମସ୍ୟା ଉପରେ ଅଧିକ ଅଧ୍ୟୟନ ଏବଂ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ୧୯୯୧ରେ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୯୯୪ରେ ରିପୋର୍ଟ ଦାଖଲ କରିଥିଲା। ୨୦୦୪ରେ ଜଷ୍ଟିସ୍ ଏସ୍. କେ. ମହାନ୍ତିଙ୍କ ଅଧ୍ୟକ୍ଷତାରେ କମିଟି ୨୦୦୮ରେ ରିପୋର୍ଟ ଦାଖଲ କରିଥିଲା।

ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତୁତ କେବଳ ଏଇ ଦୁଇଟି ରିପୋର୍ଟରେ ଜିଲା ଏବଂ ବ୍ଲକ ସ୍ତରରେ ବିକାଶ ଉପରେ ବିଶେଷ ଅନୁଧ୍ୟାନ କରାଯାଇଛି। ଯଦିଓ ଅନେକ ଗବେଷକ ରାଜ୍ୟର ବୈଷମ୍ୟ ଉପରେ ବହୁ ଗବେଷଣାମୂଳକ ଲେଖା ବାହାର କରିଛନ୍ତି, ଆମେ ସରକାରୀ ତଥ୍ୟ ଉପରେ ମୁଖ୍ୟତଃ ଆଲୋଚନା କରିବା। ୧୯୯୪ର ରିପୋର୍ଟ ୧୧ଟି ସୂଚକାଙ୍କକୁ ନେଇ ଓ ୨୦୦୮ର ରିପୋର୍ଟ ୧୪ଟି ସୂଚକାଙ୍କକୁ ନେଇ ୩୧୪ଟି ବ୍ଲକକୁ ବିକଶିତ, ବିକାଶମୁଖୀ, ପଛୁଆ ଓ ଅତି ପଛୁଆ ଏପରି ଚାରିଭାଗରେ ବିଭକ୍ତ କରିଥିଲେ।

୧୯୯୪ ଆଞ୍ଚଳିକ ବୈଷମ୍ୟ ରିପୋର୍ଟ ଅନୁସାରେ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୧୨ଟି ଜିଲାରେ କୌଣସି ଅତି ପଛୁଆ ବ୍ଲକ ନ ଥିଲା ଏବଂ ପାଞ୍ଚଟି ଜିଲାରେ କୌଣସି ପଛୁଆ ବ୍ଲକ ନ ଥିଲା। କଟକ, ଯାଜପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ କୌଣସି ପଛୁଆ କିମ୍ବା ଅତି ପଛୁଆ ବ୍ଲକ ନ ଥିଲା। ୧୪ଟି ଜିଲାରେ କୌଣସି ବିକଶିତ ବ୍ଲକ ନ ଥିଲା ଏବଂ ଆଠଟି ଜିଲାରେ କୌଣସି ବିକାଶମୁଖୀ ବ୍ଲକ ନ ଥିଲା। ୨୦୦୮ ଆଞ୍ଚଳିକ ବୈଷମ୍ୟ ରିପୋର୍ଟ ଅନୁସାରେ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୧୫ଟି ଜିଲାରେ କୌଣସି ଅତି ପଛୁଆ ବ୍ଲକ ନ ଥିଲା ଏବଂ ଛଅଟି ଜିଲାରେ କୌଣସି ପଛୁଆ ବ୍ଲକ ନ ଥିଲା। କେବଳ କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ କୌଣସି ପଛୁଆ କିମ୍ବା ଅତି ପଛୁଆ ବ୍ଲକ ନ ଥିଲା। ୧୩ଟି ଜିଲାରେ କୌଣସି ବିକଶିତ ବ୍ଲକ ନ ଥିଲା ଏବଂ ପାଞ୍ଚଟି ଜିଲାରେ କୌଣସି ବିକାଶମୁଖୀ ବ୍ଲକ ନ ଥିଲା। ତେଣୁ ପ୍ରାୟ ସମସ୍ତ ଜିଲାର ପଛୁଆ କିମ୍ବା ଅତି ପଛୁଆ ବ୍ଲକଗୁଡିକର ବିକାଶ ପାଇଁ ଯୋଜନାର ଆବଶ୍ୟକତା ରହିଛି।

ନୀତି ଆୟୋଗ ଦ୍ୱାରା ପ୍ରକାଶିତ ବହୁମୁଖୀ



ଦାରିଦ୍ର୍ୟ ସୂଚକାଙ୍କ (୨୦୨୩) ଅନୁସାରେ ଓଡ଼ିଶାର ସବୁଠାରୁ ପଛୁଆ ଦଶଟି ଜିଲା ହେଲା ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ, ଗଜପତି, କେନ୍ଦୁଝର, କନ୍ଧମାଳ, ନୂଆପଡ଼ା ଓ କଳାହାଣ୍ଡି। ଏସବୁ ଆଦିବାସୀବହୁଳ ଜିଲା। ଭୌଗୋଳିକ ଦୃଷ୍ଟିକୋଣରୁ ଦଶଟି ଜିଲାରୁ ଆଠଟି ରାଜ୍ୟର ଦକ୍ଷିଣପଶ୍ଚିମ ଭାଗରେ ଓ ଦୁଇଟି ଜିଲା ଉତ୍ତର ଓଡ଼ିଶାରେ ଅବସ୍ଥାପିତ। ରାଜ୍ୟର ଦଶଟି କମ୍ ଗରିବ ଜିଲା ହେଲା ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ, ନୟାଗଡ଼, ଝାରସୁଗୁଡା, ସୋନପୁର, କେନ୍ଦ୍ରାପଡା ଓ ବଲାଙ୍ଗୀର। ଏଥିରୁ ଅଧିକାଂଶ ଜିଲା ଉପକୂଳ ଜିଲା ଏବଂ ତିନିଟି ଅଛି ପଶ୍ଚିମ ଓଡ଼ିଶାରେ। ନୀତି ଆୟୋଗଙ୍କ ଏହି ରିପୋର୍ଟ ଅନୁସାରେ ଓଡ଼ିଶାର ହାରାହାରି ଦାରିଦ୍ର୍ୟ ହାର ପାଖାପାଖି ୧୬ ପ୍ରତିଶତ ଥିବା ସମୟରେ ପୁରୀ ଜିଲାରେ ସର୍ବନିମ୍ନ ତିନି ପ୍ରତିଶତ ଏବଂ ମାଲକାନଗିରି ଜିଲାରେ ସର୍ବାଧିକ ୪୫ ପ୍ରତିଶତ ପରିବାର ଗରିବ ଥିଲେ।

ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ୧୯୯୮ରୁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଫଳତା ଏବଂ ବିଫଳତାରୁ ଆମକୁ ଅନେକ ଶିକ୍ଷା ମିଳିପାରିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ଷମତା ପରିସର ଭିତରେ ଆସୁଥିବା ଜିଲାଗୁଡିକ ହେଲା ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ଏବଂ ଅନୁଗୋଳ ଜିଲାର ଆଠମଲ୍ଲିକ ଉପ-ବିଭାଗ। ନିରପେକ୍ଷ ମୂଲ୍ୟାୟନରୁ ଜଣାପଡେ ଯେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଆଞ୍ଚଳିକ ବୈଷମ୍ୟ ଦୂର କରିବାରେ ବିଶେଷ ଫଳପ୍ରଦ ହୋଇ ପାରିନାହିଁ। ଏହାର କାର୍ଯ୍ୟଶୈଳୀ, ଜିଲାୱାରି ପାଣ୍ଠି ବଣ୍ଟନ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଉପରେ ଅନେକ ସମୟରେ ଅଭିଯୋଗ ଆସିଛି।

ପ୍ରତ୍ୟେକ ଅଞ୍ଚଳର ବିକାଶ ପାଇଁ ସାମ୍ବିଧାନିକ ବିଧିବ୍ୟବସ୍ଥା ଭିତରେ ତିଆରି ହୋଇଛି ଅନେକ ବ୍ୟବସ୍ଥା ଓ ଅନୁଷ୍ଠାନ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ସ୍ତରରେ ନୀତି ନିଷ୍ପତ୍ତିକୁ କାର୍ଯ୍ୟାନ୍ୱୟନ ପାଇଁ ସୃଷ୍ଟି ହୋଇଛି ଅମଲାତନ୍ତ୍ର। ତେଣୁ ଯେତେ ନୂଆ ବିକାଶ ପରିଷଦ ବା ବୋର୍ଡ ସୃଷ୍ଟି କଲେ ମଧ୍ୟ ସମସ୍ତ ସରକାରୀ ଅର୍ଥ ସମାନ ବ୍ୟବସ୍ଥା ଦେଇ ଖର୍ଚ୍ଚ କରିବାକୁ ପଡିବ। ଅନେକ ନୂଆ ଆଞ୍ଚଳିକ ବିକାଶ ପରିଷଦ ବା ବୋର୍ଡ ତିଆରି କଲେ କେବଳ ଆଉ ଗୋଟିଏ ସ୍ତରର ପ୍ରତିବନ୍ଧକ ସୃଷ୍ଟିକଲା ଭଳି ହୁଏ। ବିଭିନ୍ନ ପରିଷଦ ଏବଂ ବିଭାଗମାନଙ୍କ ଭିତରେ ସମନ୍ୱୟ ରଖିବା ଜଟିଳ ହୁଏ।

ପଛୁଆ ଅଞ୍ଚଳର ବିକାଶ ପାଇଁ ବଜେଟରେ ଅଧିକ ଅର୍ଥ ବରାଦ କରାଯାଉ। ରାଜ୍ୟ ଅର୍ଥ ଆୟୋଗଙ୍କ ଗୁରୁତ୍ୱ ବୃଦ୍ଧି କରାଯାଉ। ରାଜ୍ୟ ଅର୍ଥ ଆୟୋଗ ବ୍ଲକ ଏବଂ ପଞ୍ଚାୟତ ସ୍ତରର ବିକାଶ ସୂଚୀ ପ୍ରସ୍ତୁତ କରନ୍ତୁ। ଅନଗ୍ରସର ପଞ୍ଚାୟତ ଏବଂ ବ୍ଲକ୍‌ଗୁଡ଼ିକୁ ଅଧିକରୁ ଅଧିକ ପାଣ୍ଠିହସ୍ତାନ୍ତର କରାଯାଉ। ମୁଖ୍ୟତଃ ଭିତ୍ତିଭୂମି ବିକାଶର ସୂଚକାଙ୍କ ଅନୁସାରେ ନିଅଣ୍ଟିଆ ଅଞ୍ଚଳକୁ ଅଧିକ ପାଣ୍ଠି ଦିଆଯାଉ। ଏହି ପାଣ୍ଠିର ସୁବିନିଯୋଗ ପାଇଁ ସରକାରୀ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ପଞ୍ଚାୟତ ଦପ୍ତରଠାରୁ ଆରମ୍ଭ କରି ବ୍ଲକ, ଉପବିଭାଗ ଏବଂ ଜିଲା ସଦର ମହକୁମାର ସମସ୍ତ ବିଭାଗରେ ଥିବା ସମସ୍ତ ପଦବୀ ପୂରଣ କରାଯାଉ। ରାଜ୍ୟ ଯୋଜନା ବୋର୍ଡକୁ ସକ୍ରିୟ କରାଯାଉ। କେନ୍ଦ୍ର ଅର୍ଥ ଆୟୋଗ ଏବଂ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ ଅନୁସାରେ ବରାଦ ହୋଇଥିବା ଅର୍ଥ ବିନିଯୋଗର ତଦାରଖ ହେଉ।

ଅନଗ୍ରସର ପଞ୍ଚାୟତ ଏବଂ ବ୍ଲକଗୁଡିକରେ ହେଉଥିବା ବିକାଶ କାର୍ଯ୍ୟକ୍ରମର ତଦାରଖ ପାଇଁ ରାଜ୍ୟସ୍ତରରେ ଏକ ଆକାଂକ୍ଷୀ ବ୍ଲକ ବିକାଶ ପରିଷଦ ଗଠନ କରାଯାଉ, ଏହା ରାଜ୍ୟ ଯୋଜନା ବୋର୍ଡର ଏକ ଅଂଶ ହେଉ, ଯାହାର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ରହିବେ। ଏହି ପରିଷଦ ପ୍ରତି ତିନି ମାସରେ ବଛା ବଛା ବିକାଶ ସୂଚକାଙ୍କର ତଦାରଖ କରିବ। ଏହା ସହିତ ଯୋଜନା ଏବଂ ସମନ୍ୱୟ ବିଭାଗର ମନ୍ତ୍ରୀ କିମ୍ବା ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏହାର ଉପାଧ୍ୟକ୍ଷ ରହିପାରିବେ। ଦୈନନ୍ଦିନ ତଦାରଖ ପାଇଁ ଏହି ପରିଷଦ ପଛୁଆ ଅଞ୍ଚଳଗୁଡିକ ପରିଦର୍ଶନ କରିବ। କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ସମସ୍ତ ଯୋଜନାର ବ୍ଲକ ଓ ପଞ୍ଚାୟତ ସ୍ତରରେ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ବିଧାୟକ ଏବଂ ସାଂସଦଙ୍କ ମିଳିତ ବୈଠକରେ ମାସିକ ଅଗ୍ରଗତି ରିପୋର୍ଟ ତର୍ଜମା କରିବେ।

କେନ୍ଦ୍ର ନୀତି ଆୟୋଗଙ୍କ ଦ୍ୱାରା ପ୍ରଚଳିତ ଆକାଂକ୍ଷୀ ଜିଲା ଏବଂ ବ୍ଲକ ଯୋଜନା ଅନୁରୂପ ରାଜ୍ୟ ଆକାଂକ୍ଷୀ ବ୍ଲକ ବିକାଶ ପରିଷଦ ସମସ୍ତ ଅତି ପଛୁଆ ଏବଂ ପଛୁଆ ବ୍ଲକଗୁଡିକର ପାଳିକରି ମାସିକ ପ୍ରଗତି ତଦାରଖ କରିବେ। ଅତିପଛୁଆ ଏବଂ ପଛୁଆ ବ୍ଲକ ଚିହ୍ନଟକରି ଆକାଂକ୍ଷୀ ବ୍ଲକ ବିକାଶ ପରିଷଦ ଏହିସବୁ ବ୍ଲକଗୁଡିକର ବିକାଶଧାରା ନିୟମିତ ତଦାରଖ କରିବ। ମୁଖ୍ୟ ବଜେଟ ସାଙ୍ଗରେ ଫଳାଫଳ ବଜେଟ, ମହିଳା ବଜେଟ, ପରିବେଶ ବଜେଟ ଭଳି ଆକାଂକ୍ଷୀ ବ୍ଲକ ବିକାଶ ବଜେଟ ବିଧାନସଭାରେ ଉପସ୍ଥାପନ କରାଯାଇପାରିବ। ଏଥିରେ ଆକାଂକ୍ଷୀ ବ୍ଲକଗୁଡିକରେ କେତେ ପାଣ୍ଠି ବରାଦ ହୋଇଛି, ବିଗତ ବର୍ଷ କେତେ ବରାଦ ହୋଇଥିଲା, କେତେ ଖର୍ଚ୍ଚ ହୋଇପାରିଛି ଏବଂ ଏହାର ଫଳାଫଳ କ'ଣ ହୋଇଛି ତାହାର ଏକ ସବିସ୍ତୃତ ବଜେଟ/ରିପୋର୍ଟ ଉପସ୍ଥାପନ ହୋଇପାରିବ। ରାଜ୍ୟ ଅର୍ଥ ଆୟୋଗ ଓ ଯୋଜନା ବୋର୍ଡର ସୁଦୃଢ଼ୀକରଣ ସହିତ ଏକ ଆକାଂକ୍ଷୀ ବ୍ଲକ ବିକାଶ ପରିଷଦ ଗଠନ କରି ସମସ୍ତ ପଛୁଆ ଓ ଅତି ପଛୁଆ ବ୍ଲକଗୁଡିକରେ ସରକାରୀ କଳର ସୁଦୃଢ଼ୀକରଣ, ଯୋଜନାର ତଦାରଖ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କଲେ ସୁଫଳ ମିଳିବ।

**ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ: ୯୪୩୯୯୨୩୬୨୬**

# ସିଂହଳୀ ନାଟ



ହିତାଂଶୁ ଶେଖର ମହାନ୍ତ

ଭାରତର ଦକ୍ଷିଣପୂର୍ବ (ପ୍ରମୁଖତଃ ତାମିଲନାଡୁ) ସମୁଦ୍ର ତଟ ଏବଂ ଶ୍ରୀଲଙ୍କାର ଉତ୍ତରାର୍ଦ୍ଧ ମଧ୍ୟରେ ଏମିତି ଏକ ସ୍ଥାନ ରହିଛି, ଯାହାକୁ ଇଂଲିଶରେ ପାକ୍ ଷ୍ଟ୍ରେଟ୍ କୁହାଯାଉଛି। ଏହାର ଓଡ଼ିଆରେ ଅର୍ଥ ହେବ 'ପାକ ଜଳସଂଯୋଗୀ'। ଅର୍ଥାତ୍ ଏକ ସ୍ୱଳ୍ପ ଗଭୀରତାପୂର୍ଣ୍ଣ ଜଳଡମ୍ବରୁ, ଯାହାର ସର୍ବାଧିକ ଗଭୀରତା ହେଉଛି ମାତ୍ର ୧୩ ମିଟର। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ହେଉଛି ଭାରତୀୟ,ବିଶେଷକରି ଦକ୍ଷିଣ ଭାରତୀୟ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି। କିନ୍ତୁ ଏଇଠି ବେଶ୍ କିଛିଦିନ ହେଲା, ଶ୍ରୀଲଙ୍କା କେଁ ପୂରାଇ ଦେଇଛି। ବାରମ୍ବାର ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରି ସେମାନଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଏଥିରୁ ପାକିସ୍ତାନ ଭଳି ଶ୍ରୀଲଙ୍କା ମଧ୍ୟ ଭାରତ ପ୍ରତି କିଭଳି ଈର୍ଷାପରାୟଣତା ଅବଲମ୍ବନ କରୁଛି, ତାହା ସ୍ପଷ୍ଟ ହୋଇଛି। ଶ୍ରୀଲଙ୍କାର ନୌସେନା ଗତ ଫେବୃଆରୀ ୮ ତାରିଖ ମନ୍ନାରର ଉତ୍ତର ଦିଗକୁ ଅବୈଧ ଭାବରେ ତା' ଉପକୂଳରେ ପଶି ମାଛ ଧରୁଥିବା ଅଭିଯୋଗ ଆଣି ତାମିଲନାଡୁ ରାମନାଥପୁରମ ଜିଲାର ୧୪ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିନେଇଛି। ଏଥିସହ ସେମାନଙ୍କର ଦୁଇଟି ମାଛଧରା ଟ୍ରଲର ମଧ୍ୟ ଜବତ କରିଛି। ଗତ ଜାନୁଆରୀ ୨୭ ତାରିଖ ମଧ୍ୟ ସିଂହଳୀ ନୌସେନା ଡେଲ୍ଟ ଦ୍ୱୀପ ନିକଟରେ ଏକ ଭାରତୀୟ ଡଙ୍ଗା ଉପରକୁ ଗୁଳିମାଡ଼ କରିଥିଲା, ଯେଉଁଥିରେ ଦୁଇଜଣ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଥିଲେ। ତେବେ ଗତ ୮ ତାରିଖର ଘଟଣାକୁ ମିଶାଇ ୨୦୨୫ ବର୍ଷର ପ୍ରଥମ ଦୁଇମାସ ନ ସରୁଣୁ ଶ୍ରୀଲଙ୍କା ଦ୍ୱାରା ଭାରତୀୟ ମତ୍ସ୍ୟଜୀବୀଙ୍କ ଗିରଫ ସଂଖ୍ୟା ୭୭ ଛୁଇଁଲାଣି। ଏଇମାତ୍ର ଗତ ସପ୍ତାହରେ ଶ୍ରୀଲଙ୍କାର ଏକ କୋର୍ଟ ତାମିଲନାଡୁ ପୁଡୁଚେରୀସ୍ଥିତ କରାଇକଲର ୯ ଜଣ ମତ୍ସ୍ୟଜୀବୀଙ୍କୁ ଛାଡ଼ିଥିଲା। ମାତ୍ର ଆଉ ଜଣକୁ ୬ ମାସ ଜେଲ ଦଣ୍ଡାଦେଶ ମିଳିଥିଲା। ଖାଲି ସେତିକି ନୁହେଁ, ଅନଧିକାର ପ୍ରବେଶ ବାହାନା କରି ଶ୍ରୀଲଙ୍କା ଭାରତୀୟ ମତ୍ସ୍ୟଜୀବୀମାନଙ୍କ ଉପରେ ମନଇଚ୍ଛା ଅର୍ଥଦଣ୍ଡ ଲଗାଉଛି। ଫଳରେ ସେମାନେ ମୁକୁଳିବା ଏକରକମ ଅସମ୍ଭବ ହୋଇପଡୁଛି।

ସଂସଦରେ ଦିଆଯାଇଥିବା ତଥ୍ୟାନୁସାରେ ଗତ ଏକ ଦଶନ୍ଧିର ସରକାରୀ ନଥି କହୁଛି, ୨୦୨୪ ମସିହାରେ ଶ୍ରୀଲଙ୍କାରେ ୫୨୮ ଜଣ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଫଳରେ ବିଗତ ୧୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଶ୍ରୀଲଙ୍କାରେ ଗିରଫ ଭାରତୀୟ ମତ୍ସ୍ୟଜୀବୀଙ୍କ ସଂଖ୍ୟା ୫୦୦ ଟପିଯାଇଛି। ଅବଶ୍ୟ ୨୦୧୪ ମସିହାରେ ଏହି ସଂଖ୍ୟା ୭୮୭ ଥିଲା। ଏଥିରୁ ଭାରତୀୟମାନଙ୍କ ପ୍ରତି ଶ୍ରୀଲଙ୍କାର ଅସୂୟା ମନୋଭାବ ସ୍ପଷ୍ଟ ବାରି ହେଉଛି। ନିଜ ଦାରିଦ୍ର୍ୟକୁ ଦୂର କରିବାକୁ ଚେଷ୍ଟା ନ କରି ଶ୍ରୀଲଙ୍କା ପଡ଼ୋଶୀ ପାକିସ୍ତାନ ଓ ବାଂଲାଦେଶ ପରି ଭାରତୀୟଙ୍କ ଉନ୍ନତି (ସେମାନଙ୍କଠାରୁ ତ ଉନ୍ନତ ନା !) ଦେଖି ଈର୍ଷାରେ ଜଳିପୋଡ଼ି ଯାଉଥିବାର ଏହା ହିଁ ପ୍ରମାଣ। ଗତ ଫେବୃଆରୀ ୩ ତାରିଖ ବିଦେଶ ମନ୍ତ୍ରୀ ଏସ.



ଜୟଶଙ୍କରଙ୍କୁ ଲେଖିଥିବା ଏକ ପତ୍ରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ କହିଥିଲେ, ଆଜି ବି ଶ୍ରୀଲଙ୍କା କବଳରେ ୯୭ ଜଣ ଭାରତୀୟ ମତ୍ସ୍ୟଜୀବୀ ରହିଛନ୍ତି। ୨୧୬ଟି ମାଛଧରା ଡଙ୍ଗାକୁ ମଧ୍ୟ 'ପାକ ଜଳସଂଯୋଗୀ' ଅଞ୍ଚଳରୁ ସିଂହଳୀ ନୌସେନା ଦାଦାଗିରି କରି ଉଠାଇ ନେଇଛି। ଚିନ୍ତାଜନକ ବିଷୟ ହେଉଛି, ପୂର୍ବଭଳି ଗିରଫ ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ କେବଳ ଚେତାବନୀ କିମ୍ବା ଜରିମାନା ଆଦାୟ କରି ଛାଡ଼ିଦେବା ପରିବର୍ତ୍ତେ ଶ୍ରୀଲଙ୍କା ଆନ୍ତର୍ଜାତିକ ସାମୁଦ୍ରିକ ସୀମାରେଖା (ଆଇଏମବିଏଲ) ଉଲ୍ଲଂଘନ ଅପରାଧର ଦଫା ଲଗାଇ ସେମାନଙ୍କ ମୁକୁଳିବା ବାଟକୁ କଣ୍ଟକାକୀର୍ଣ୍ଣ କରି ପକାଇଛି। ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ପଡ଼ୋଶୀର ଲକ୍ଷଣ ନୁହେଁ।

ଭାରତ ଏବଂ ଶ୍ରୀଲଙ୍କାର ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ 'ପାକ୍ ଜଳସଂଯୋଗୀ' ଓ ଏହାକୁ ଘେରି ରହିଥିବା ଗଭୀର ଜଳରୁ ମାଛ ଧରିବାକୁ ନେଇ ସର୍ବଦା ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି। ତେବେ ଉତ୍ତର ଶ୍ରୀଲଙ୍କାର ମତ୍ସ୍ୟଜୀବୀମାନେ ଏହାର ଏକ ସ୍ଥାୟୀ ସମାଧାନ ଚାହୁଁଥିବା ବେଳେ ତାଙ୍କ ଦେଶର ସରକାର ହୁଏତ ଅନ୍ୟ କିଛି ଚାହୁଁଛି। ସମାଧାନର ପନ୍ଥା ବାହାର କରିବାକୁ ଆଲୋଚନା ନିମନ୍ତେ ଭାରତୀୟ ମତ୍ସ୍ୟଜୀବୀମାନଙ୍କର ବାରମ୍ବାର ଅନୁରୋଧରେ ଶେଷଥର ପାଇଁ ୨୦୧୬ ନଭେମ୍ବରରେ ଏକ ବୈଠକ ହୋଇଥିଲା। ଗତ ୨୦୨୪ ଅକ୍ଟୋବରରେ କଲମ୍ବୋରେ ଆୟୋଜିତ ମିଳିତ ବୈଠକରେ ମଧ୍ୟ ଭାରତ ଏହି ପ୍ରସଙ୍ଗ ଉଠାଇଥିଲା। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଏ ସମ୍ପର୍କରେ ଆଲୋଚନା କରି କିଛି ଗୋଟିଏ ନିଷ୍କର୍ଷରେ ପହଞ୍ଚିବାକୁ ଅନିଚ୍ଛା ପ୍ରକାଶ କରିଛି। ତେବେ ନୂଆଦିଲ୍ଲୀ ସହ କଲମ୍ବୋ ମଧ୍ୟ ଏକଥା ବୁଝିବା ଆବଶ୍ୟକ ଯେ, ପରସ୍ପର ମଧ୍ୟରେ ରାଗରୋଷର ରାଜନୀତି ଛାଡ଼ି ଏକ ନୂଆ ମାନସିକତା ଆପଣାଇବା ବର୍ତ୍ତମାନ ସମୟର ଆବଶ୍ୟକତା। ତାହା ନ କରି ଶ୍ରୀଲଙ୍କା ତା'ର ପ୍ରକୃତି ବିପରୀତ କାର୍ଯ୍ୟ କରିବା, ଏପରିକି ପାକିସ୍ତାନ, ବାଂଲାଦେଶ, ସାଉଦି ଆରବ ଏବଂ କାତାର ଭଳି ପଡ଼ୋଶୀ ରାଷ୍ଟ୍ର ଯେତେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ବନ୍ଦୀ କରି ରଖିଛନ୍ତି, ତାହାଠାରୁ କେଇପାଦ ଆଗକୁ ଯାଇ ଏହି ସଂଖ୍ୟାକୁ ପାଞ୍ଚଶହ ପାର୍ କରାଇବା ବୈଦେଶିକ ନୀତି ବିଶେଷଜ୍ଞଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଛି। ଅବଶ୍ୟ ସ୍ଥାୟୀ ସମାଧାନ ନିମନ୍ତେ ବିଳମ୍ବ ହୋଇପାରେ, କିନ୍ତୁ ଦୁଇ ଦେଶର ତୁଙ୍ଗ ନେତୃତ୍ୱ ଏକ ମଧ୍ୟବର୍ତ୍ତିକାଳୀନ ସମାଧାନର ପନ୍ଥା ବାହାର ନ କଲେ, ଶ୍ରୀଲଙ୍କା ତା'ର ଆକାର ଯେଭଳି ଛୋଟ(!), ସେହିଭଳି ଭାରତ ବିରୋଧୀ ଈର୍ଷା ପାଇଁ ଏହାର ମତ୍ସ୍ୟଜୀବୀମାନଙ୍କୁ ଲଗାତର ହଇରାଣ କରିବା ଭଳି ଛୋଟ ଚିନ୍ତାକୁ ମନରୁ ପାସୋରି ପାରିବ ନାହିଁ।

**ମଦରଙ୍ଗାଯୋଡ଼ି, ଯଶୀପୁର, ମୟୂରଭଞ୍ଜ,**
**ମୋ: ୯୪୩୭୮୭୨୯୦୪**

## ଏଇ ଭାରତରେ

କେଶ କାଟିବାକୁ ହେଲେ ସେଲୁନ୍ ଯିବାକୁ ପଡ଼େ। ହେଲେ ସେଲୁନ୍ କେବେ ଲୋକଙ୍କ ପାଖକୁ ଆସିବା ଦେଖିଛନ୍ତି! ଅଜବ କଥା ଭଳି ଲାଗୁଥିଲେ ବି ଏମିତି ଏକ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି ଉତ୍ତରପ୍ରଦେଶ ବାରାଣସୀରେ। ଏଠାରେ ଜଣେ ବ୍ୟକ୍ତି ସାଇକେଲରେ ତାଙ୍କର ସେଲୁନ ଧରି ଘର ଘର ବୁଲି କେଶ କାଟିବା ପାଇଁ ନିମନ୍ତ୍ରଣ ଦେଉଛନ୍ତି। ତା' ପୁଣି ମାଗଣାରେ। ହେଲେ ଏଥିପାଇଁ ସେ ଏକ ସର୍ତ୍ତ ରଖିଛନ୍ତି। ଏହି ସର୍ତ୍ତ ଅନୁସାରେ ସେ କେବଳ ଗୋଟିଏ ଷ୍ଟାଇଲ୍‌ରେ ଚୁଟି କାଟିବେ, ତାହା ହେଉଛି ଯୋଗୀ ଷ୍ଟାଇଲ୍ ଅର୍ଥାତ୍ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଭଳି ଯିଏ ଚୁଟି କାଟିବ ସେ ମାଗଣାରେ ତା'ର ଚୁଟି କାଟିଦେବେ ବୋଲି କହିଛନ୍ତି। ଏଭଳି ଏକ ଘୋଷଣା କରି ସହରର ଗଳିକନ୍ଦିରେ ବୁଲୁଥିବା ବ୍ୟକ୍ତିଙ୍କ ନାମ ଛୋଟେ ଲାଲ୍ ଓ ତାଙ୍କ ସେଲୁନର ନାଁ ମୋଦି ହେୟାର କଟିଂ ସେଲୁନ୍। ନିଜକୁ ସେବକ ବୋଲି କହୁଥିବା ଛୋଟେ ଲାଲ୍ କେବଳ ମହାକୁମ୍ଭ ମେଳା ପାଇଁ ଏଭଳି ଅଫର ଯୋଗାଇ ଦେଇଛନ୍ତି। ଆଉ ଏଥିପାଇଁ ଛୋଟେ ଲାଲ୍‌ଙ୍କର ଭ୍ରାମ୍ୟମାଣ ସେଲୁନ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

## ୫୦ ବର୍ଷ ତଳେ ଧରିତ୍ରୀ

୨୪ ଫେବୃଆରୀ ୧୯୭୬

- ଭାରତର ବିଶିଷ୍ଟ ବନ୍ୟଜନ୍ତୁ ସଂରକ୍ଷଣ ବିଶେଷଜ୍ଞ ଡକ୍ଟର ସଲିମ ଅଲ୍ଲୀଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରଦାନ।
- ପଞ୍ଜାବ ଓ ହରିୟାଣା ମଧ୍ୟରେ ରାବୀ ନଦୀର ଜଳବଣ୍ଟନ ସମ୍ପର୍କରେ ଦୀର୍ଘ ବର୍ଷ ଧରି ରହିଆସିଥିବା ବିବାଦର ସମାଧାନ ହୋଇଯାଇଛି।
- ଆଙ୍ଗୋଲାର ଏମ୍‌ପିଏଲ୍‌ଏ ସରକାରଙ୍କୁ ପର୍ତ୍ତୁଗାଲ ସ୍ୱୀକୃତି ଦେଇଥିବା ସରକାରୀ ଭାବରେ ଘୋଷଣା କରାଯାଇଛି।

## ଚିରନ୍ତନୀ

ଭାର ବହି ପଡ଼ିଥିଲା ଥକି
ନାମ ତା'ର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ରାଧୁ ଭୋଇ
ମରିଯାଏ ପଡ଼ିଶାରୁ ଜଣେ
ନାମ ତାରନ ପଡଇ ମନେ!
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌ଏଚ୍ ସୁରକ୍ଷାବାଡ଼ ବିପଦ

ମହାଶୟ,

ରାଜଧାନୀ ସହ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ୫୫ ନଂ. ଜାତୀୟ ରାଜପଥର ହିନ୍ଦୋଳରୋଡ୍ ବଜାର ମଧ୍ୟରେ ନିର୍ମାଣାଧୀନ ଏନ୍‌ଏଚ୍‌ର ସୁରକ୍ଷା ବାଡ଼ ବିପଦକୁ ଆମନ୍ତ୍ରଣ କରୁଛି। ଏହି ରାଜପଥର ହିନ୍ଦୋଳରୋଡ୍ ବଜାର ମଧ୍ୟରେ ସୁରକ୍ଷା ବାଡ଼ ନିର୍ମାଣ ହେଉ ନ ଥିବା ଯୋଗୁ ଯାତାୟାତରେ ଲୋକାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ରାଜପଥକଡ଼ର ଡାକ୍ତରଖାନା, ଅଗ୍ନିଶମ ସେବାକେନ୍ଦ୍ର, ବ୍ଲକ, ପଞ୍ଚାୟତ, ତହସିଲ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ଜନସେବା କେନ୍ଦ୍ର, ବିଭିନ୍ନ ବ୍ୟାଙ୍କ, ସ୍କୁଲ- କଲେଜ, ରେଲ୍‌ୱେଷ୍ଟେଶନ, ପୋଲିସ ଫାଣ୍ଡି, ଜନବସତି ରାସ୍ତା, ସାପ୍ତାହିକ ହାଟକୁ ଯିବା ଆସିବା କରିବା ପାଇଁ ଲୋକମାନେ ରାସ୍ତାପାର ହେବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବଜାର ମଧ୍ୟରେ ଯାନବାହନଗୁଡ଼ିକ ଦ୍ରୁତଗତିର ସହ ରଙ୍ଗ୍ ସାଇଡ୍‌ରେ ଡ୍ରାଇଭିଂ କରୁଥିବାରୁ ଏହି ବିପଦ ଅଧିକ ହେଉଛି। ବଜାର ମଧ୍ୟରେ ଯାନବାହନକୁ ନିୟନ୍ତ୍ରଣ କରା ନ ଯିବା ସହ ସୁରକ୍ଷା ବାଡ଼ ନିର୍ମାଣ କରାଯାଉ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ବଜାର ମଧ୍ୟରୁ ସୁରକ୍ଷା ବାଡ଼କୁ ହଟାଯିବା ସମେତ ଯାନବାହନକୁ ନିୟନ୍ତ୍ରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୂଚନା ଅଧିକାର ଆଇନ ଉପରେ ଆକ୍ରମଣ

ନୀତି

ଗତ କିଛିଦିନ ତଳେ ୟୁଟ୍ୟୁବ୍‌ରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସୁପ୍ରିମ୍‌କୋର୍ଟରେ ଜଣେ ବିଚାରପତି ମାମଲା ଶୁଣାଣି ସମୟରେ ଜଣେ ଆଡଭୋକେଟ୍‌ଙ୍କୁ ସେ କାହିଁକି ମ୍ୟୁନିସିପାଲିଟିକୁ ଉକ୍ତ ସଂସ୍ଥାର ବଜେଟ, କର୍ମଚାରୀ ନିଯୁକ୍ତି ସମ୍ପର୍କିତ ତଥ୍ୟ ମାଗିଥିଲେ ଓ ଏହିସବୁ ତଥ୍ୟ ଇନ୍‌ସପେକ୍ସନ କରିବା ପାଇଁ ଦର୍ଶାଇଥିଲେ ବୋଲି ପ୍ରଶ୍ନ କରିଥିଲେ। ବିଚାରପତି ଜଣକ ଏହିଭଳି ତଥ୍ୟ ମାଗିଥିବାରୁ ଆଡଭୋକେଟ୍‌ଙ୍କୁ ଆର୍ଥିକ ଦଣ୍ଡବିଧାନ କରିବେ ବୋଲି ମଧ୍ୟ ଧମକାଉଥିବାର ଦେଖିବାକୁ ମିଳିଥିଲା। କିଛି ମାସ ତଳେ ମାଡ୍ରାସ୍ ହାଇକୋର୍ଟରେ ବିଚାରପତି ଜଷ୍ଟିସ୍ ଏନ୍.ପାଉଲ ବସନ୍ତ କୁମାର ଏବଂ ଜଷ୍ଟିସ୍ କେ. ରବିଚନ୍ଦ୍ର ବାବୁ ଏକ ମାମଲାର ଶୁଣାଣିକରି ତଥ୍ୟ ମାଗିବା ସମୟରେ ଆବେଦନକାରୀମାନଙ୍କୁ କାରଣ ଦର୍ଶାଇବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ସେପ୍ଟେମ୍ବରରେ କର୍ଣାଟକ ହାଇକୋର୍ଟ ଜଣେ ସୂଚନା ଅଧିକାର କର୍ମୀଙ୍କଠାରୁ ୯,୬୪,୦୦୦ଟଙ୍କା କୋର୍ଟ ଫି ବାବଦରେ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅଧିକାର କର୍ମୀ ଦାଉଲସାବ ମିୟାନ୍‌ଭାର ୧୪ ସରକାରୀ ବିଭାଗକୁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ତଥ୍ୟ ହାସଲ ପାଇଁ ୯,୬୪୬ ଦରଖାସ୍ତ କରିଥିଲେ। କିନ୍ତୁ ତାଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। ସେଥିପାଇଁ ସେ କର୍ଣାଟକ ସୂଚନା କମିଶନରେ ଅପିଲ କରିଥିଲେ। କମିଶନ ତାଙ୍କ ଅପିଲ ଖାରଜ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏତେ ଦରଖାସ୍ତ କାହିଁକି ପକାଇଛ ଏବଂ ଏହାଦ୍ୱାରା ସୂଚନା ଆଇନକୁ ଅପବ୍ୟବହାର କରୁଛ ଇତ୍ୟାଦି ଦର୍ଶାଇ ତାଙ୍କ ଉପରେ ଜରିମାନା କରିଥିଲେ।

ସମ୍ବିଧାନର ଧାରା ୧୯(୧) (ଏ) ଅନୁଯାୟୀ, ସୂଚନା ପାଇବା ନାଗରିକଙ୍କ ମୌଳିକ ଅଧିକାର। ସେଥିପାଇଁ ସୂଚନା ଅଧିକାର ଆଇନର ଧାରା ୬(୨) ରେ ବ୍ୟବସ୍ଥା ଅଛି ଯେ, ସୂଚନା ଲାଗି ଆବେଦନ କରୁଥିବା ବ୍ୟକ୍ତିଙ୍କ ପକ୍ଷେ କେବଳ ତାଙ୍କ ସହ ଯୋଗାଯୋଗ ପାଇଁ ଆବଶ୍ୟକ ପଡୁଥିବା ବିବରଣୀ ଛଡ଼ା ସମ୍ପୃକ୍ତ ସୂଚନା ନିମନ୍ତେ ଚାହିଁବା ପଛରେ କୌଣସି କାରଣ ଦର୍ଶାଇବା ବା ଅନ୍ୟ କୌଣସି ବ୍ୟକ୍ତିଗତ ବିବରଣୀ ଦେବା ଆବଶ୍ୟକ ନାହିଁ। ଅର୍ଥାତ୍ ସୂଚନା ପାଇଁ ଆବେଦନ କଲାବେଳେ ଜଣେ ନାଗରିକଙ୍କୁ କୌଣସି କାରଣ ଦର୍ଶାଇବା ଦରକାର ନାହିଁ। ସେ କାହିଁକି ସୂଚନା ମାଗୁଛନ୍ତି ବୋଲି କେହି ପ୍ରଶ୍ନ କରିପାରିବେ ନାହିଁ। ୧୯୭୫ ମସିହାରେ ରାଜନାରାୟଣଙ୍କ ଦ୍ୱାରା ହୋଇଥିବା ମାମଲାର ବିଚାର କରି ଜଷ୍ଟିସ୍ କେ.କେ. ମାଥ୍ୟୁ ଦର୍ଶାଇଥିଲେ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଥିବା ସମସ୍ତ ଅନୁଷ୍ଠାନ ନାଗରିକମାନଙ୍କ ନିକଟରେ ସେମାନଙ୍କ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବେ। ନାଗରିକମାନଙ୍କର ସରକାରୀ ବ୍ୟବସ୍ଥା ସମ୍ପର୍କରେ ଜାଣିବାର ଅଧିକାର ରହିଛି। ବିଭିନ୍ନ ସମୟରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ନାଗରିକମାନଙ୍କର ସୂଚନା ପାଇବା ଅଧିକାର ସାମ୍ବିଧାନିକ ଅଧିକାର ବୋଲି ମତବ୍ୟକ୍ତ କରିଛନ୍ତି। କାରଣ ଏହା ସମ୍ବିଧାନର ଧାରା ୧୯ (ବାକ୍ ସ୍ୱାଧୀନତାର ଅଧିକାର)କୁ ପ୍ରତିପାଦିତ କରୁଛି।

କିନ୍ତୁ ଅନେକ ସମୟରେ ସୁପ୍ରିମକୋର୍ଟ ବା ହାଇକୋର୍ଟଙ୍କ ରାୟ ଜନସାଧାରଣଙ୍କୁ ସୂଚନା ପାଇବାର ଅଧିକାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପରିଲକ୍ଷିତ ହେଉଛି। ଅଗଷ୍ଟ ୨୦୧୧ ମସିହାରେ ସୁପ୍ରିମକୋର୍ଟ ଆଦିତ୍ୟ ବନ୍ଦୋପାଧ୍ୟାୟ ବନାମ ସିବିଏସ୍‌ଇ ମାମଲାର ବିଚାରକରି ତାଙ୍କ ରାୟ (ପାରା-୩୭)ରେ ଦର୍ଶାଇଛନ୍ତି, ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରକ୍ଷାକରିବା ସହ ଦୁର୍ନୀତିର ପ୍ରତିହତ ପାଇଁ ନାଗରିକମାନଙ୍କ ହାତରେ ସୂଚନା ଅଧିକାର ଆଇନ ଏକ ବଡ଼ ଅସ୍ତ୍ର। ତେଣୁ ସୂଚନା ଅଧିକାର ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବା ଉଚିତ ଏବଂ ସୂଚନା ଆଇନର ଧାରା ୪ (୧) (ବି) ସମ୍ପର୍କିତ ସମସ୍ତ ସ୍ୱୟଂ ପ୍ରକଟନୀୟ ସୂଚନାଗୁଡ଼ିକର ପ୍ରକାଶନ ପାଇଁ ସବୁମତେ ଉଦ୍ୟମ ହେବା ଉଚିତ, ଯାହାଦ୍ୱାରା ସମସ୍ତ ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। କୋର୍ଟ ପୁଣି ଦର୍ଶାଇଛନ୍ତି, ଯଦି ନାଗରିକମାନେ ଆଜେ ବାଜେ ଅଯଥା ଓ ଅତ୍ୟନ୍ତ ଅନାବଶ୍ୟକ ତଥ୍ୟ (ଯାହାର ପ୍ରଶାସନିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସମ୍ପର୍କିତ ନୁହେଁ) ମାଗନ୍ତି, ତେବେ ଏହାର କୁପ୍ରଭାବ ପ୍ରଶାସନ ଉପରେ ପଡ଼ିବ। ଏହିସବୁ ତଥ୍ୟ ସଂଗ୍ରହ କରିବା ଓ ପ୍ରଦାନ କରିବାରେ ପ୍ରଶାସନିକ କଳର ଅଯଥା ସମୟ ଅପଚୟ ହେବ। ଆଇନର ଏହି ଅପବ୍ୟବହାରକୁ ରୋକ୍ ଦେବାକୁ ପଡ଼ିବ। ଦେଶର ଜନସାଧାରଣଙ୍କ ମଧ୍ୟରେ ଥିବା ଭ୍ରାତୃଭାବ, ସମାନତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବକୁ ନଷ୍ଟକଲା ଭଳି ବା ଦେଶର ବିକାଶ ଓ ସଂହତି କ୍ଷୁଣ୍ଣ କଲା ଭଳି ସୂଚନା ଆଇନକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇପାରିବ ନାହିଁ। ସଙ୍କୋଚ ଅଫିସରମାନଙ୍କୁ ଭୟଭୀତ ବା ଧମକାଇବା ପାଇଁ ସୂଚନା ଆଇନ ବ୍ୟବହାର ହେବା ଉଚିତ ନୁହେଁ। ଦେଶରେ ଏଭଳି ଏକ ପରିସ୍ଥିତି ସୃଷ୍ଟି ନ ହେଉ ଯାହାଦ୍ୱାରା ୭୫ଭାଗ କର୍ମଚାରୀ ସେମାନଙ୍କ ୭୫ଭାଗ ସମୟ କେବଳ ସୂଚନା ସଂଗ୍ରହରେ ବିନିଯୋଗ ନ ହେଉ।

ସୁପ୍ରିମକୋର୍ଟଙ୍କ ଉପରଲିଖିତ ମନ୍ତବ୍ୟ କୌଣସି ତଥ୍ୟ ଉପରେ ଆଧାରିତ ନ ଥିଲା ବା ଉକ୍ତ ମାମଲା ସମ୍ପର୍କିତ ନ ଥିଲା। ପୁଣି କୋର୍ଟ ଯେଉଁ ଟିପ୍ପଣୀ ଦେଇଥିଲେ ଏହା କୌଣସି ଅଧ୍ୟୟନ ରିପୋର୍ଟ ଉପରେ ଆଧାରିତ ନ ଥିଲା। ସୂଚନା ପାଇଁ ଆବେଦନ କରି ଅଫିସରମାନଙ୍କୁ ଧମକ ଦିଆଯାଉଛି, ସେତେବେଳେ କୌଣସି ଅଫିସର ଏପରି ଅଭିଯୋଗକରି ନ ଥିଲେ। ପୁଣି ସୂଚନା ପାଇଁ ଆବେଦନକରି ଦେଶର ଅଖଣ୍ଡତା ଓ ଭ୍ରାତୃଭାବ ନଷ୍ଟକରାଯାଉଛି, ଏପରି କୌଣସି ଅଭିଯୋଗ ଆସି ନ ଥିଲା। ଦେଶର ବହୁ ବୁଦ୍ଧିଜୀବୀ ୨୦୧୧ ମସିହାର ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀକୁ ନାପସନ୍ଦ କରିଥିଲେ।

ଅପରପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟର ଏହି ଟିପ୍ପଣୀ ଅନେକ ସ୍ଥଳେ ସୂଚନା ପ୍ରଦାନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। ବହୁ କ୍ଷେତ୍ରରେ ପିଆଇଓମାନେ ଅବାନ୍ତର ଯୁକ୍ତି ଦର୍ଶାଇ ଜନସ୍ୱାର୍ଥ ସମ୍ବଳିତ ଅନେକ ଦରଖାସ୍ତ ଖାରଜକଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଲେନାହିଁ। ପୁଣି ଅନେକ ସ୍ଥାନରେ ସୂଚନା ଅଧିକାର କର୍ମୀମାନଙ୍କୁ ହତ୍ୟାକରାଗଲା। ଅନେକ ଥାନାରେ ମିଛ ମାମଲା କରାଯାଇ ସେମାନଙ୍କୁ ଜେଲରେ ଭର୍ତ୍ତି କରାଗଲା। ଏ ପର୍ଯ୍ୟନ୍ତ ଓଡ଼ିଶାରେ ୨୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀଙ୍କୁ ଜେଲରେ ଭର୍ତ୍ତିକରାଯାଇଛି। ସରକାରୀ ଯୋଜନାରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ତଥ୍ୟ ମାଗିବାରୁ ୭୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ଓ ନିର୍ଯାତନା ଦିଆଯାଇଛି। ସମଗ୍ର ଦେଶରେ ୫୦୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀଙ୍କ ଉପରେ ଆକ୍ରମଣ ହୋଇଛି। ଏମାନେ କେହି ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିନାହାନ୍ତି କି ଅଫିସରମାନଙ୍କୁ ହଇରାଣ କରିନାହାନ୍ତି। ବରଂ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଦୁର୍ନୀତି ବିରୋଧରେ ସ୍ୱରୋତ୍ତୋଳନକରି ଜେଲ ଯାଇଛନ୍ତି, ଆକ୍ରମଣର ଶିକାର ହୋଇଛନ୍ତି।

ତେଣୁ ଜନସାଧାରଣଙ୍କ ସୂଚନା ମାଗିବା ଅଧିକାର କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ଲଗାଇବା ଉଚିତ ନୁହେଁ। ସୂଚନା ପାଇଁ କିପରି ଅଧିକରୁ ଅଧିକ ଆବେଦନ ହେବ ଏବଂ ନାଗରିକଙ୍କୁ ଅଧିକ ସୂଚନା ପ୍ରଦାନ କରାଯାଇପାରିବ, ସେଥିପାଇଁ ସମସ୍ତ ସ୍ତରରେ ଉଦ୍ୟମ ହେବା ଉଚିତ। ଏହାଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ।

**-ପ୍ରଦୀପ ପ୍ରଧାନ**
ରାଜ୍ୟ ଆବାହକ
ଓଡ଼ିଶା ସୂଚନା ଅଧିକାର ଅଭିଯାନ
ମୋ-୯୯୩୭୮୪୩୪୮୨



ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଉପସ୍ଥିତିରେ ଅଭିନେତ୍ରୀ ସୋନିଆ ମାନ୍ ଦଳରେ ଯୋଗ ଦେଉଛନ୍ତି।

## ଆପ୍‌ରେ ଯୋଗଦେଲେ ପଞ୍ଜାବୀ ଅଭିନେତ୍ରୀ ସୋନିଆ ମାନ୍

**ଚଣ୍ଡିଗଡ଼, ୨୩।୨**

ଲୋକପ୍ରିୟ ପଞ୍ଜାବୀ ଅଭିନେତ୍ରୀ ସୋନିଆ ମାନ୍ ରବିବାର ଆମ୍ ଆଦ୍‌ମୀ ପାର୍ଟି(ଆପ୍)ରେ ଯୋଗଦାନ କରିଛନ୍ତି। ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ସିପିଆଇ(ଏମ୍‌ଏଲ୍)ର ରାଜ୍ୟ ସ୍ତରୀୟ ନେତା ତଥା ବାମପନ୍ଥୀ କାର୍ଯ୍ୟକର୍ତ୍ତା ବଲଦେବ ସିଂ ମାନ୍‌ଙ୍କର ଝିଅ ସୋନିଆ ପଞ୍ଜାବୀ ଅଭିନେତ୍ରୀ ଭାବେ ପ୍ରସିଦ୍ଧି ପାଇଛନ୍ତି। ଏହାସହ ସେ ହିନ୍ଦୀ, ମାଲୟାଲମ, ତେଲୁଗୁ, ମରାଠୀ ଆଦି ବିଭିନ୍ନ ଭାଷାର ଫିଲ୍ମରେ ନିଜ ଅଭିନୟର ଦକ୍ଷତା ଦେଖାଇଛନ୍ତି। ୨୦୧୪ରେ 'କହିଁ ହେ ମେରା ପ୍ୟାର୍' ଫିଲ୍ମ ସହ ସୋନିଆ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

# କଂଗ୍ରେସର ୨୦ ସାଙ୍ଗଠନିକ ଜିଲାର ନେତୃତ୍ୱଙ୍କ ସହ ଆଲୋଚନା

**ଭୁବନେଶ୍ୱର, ୨୩।୨(ସୁନିତ୍ ମିଶ୍ର)**

- ସମସ୍ତଙ୍କ ସହିତ ଆଲୋଚନା ଚାଲିଛି, ଏହାପରେ କାମ ଆରମ୍ଭ: ଲଲ୍ଲୁ
- ୨୫ ବର୍ଷ ହେଲା ହାରିଛୁ, ଆଉ କାହା ବିରୋଧରେ ଦିଲ୍ଲୀ ଯିବୁନି: ସପ୍ତଗିରି

ଓଡ଼ିଶା କଂଗ୍ରେସକୁ ନୂଆ ସଭାପତି ଏବଂ ପ୍ରଭାରୀ ମିଳିବା ପରେ ରାଜ୍ୟରେ ଦଳର ସ୍ଥିତି ନେଇ ସବୁ ସାଙ୍ଗଠନିକ ଜିଲାଗୁଡିକର ପ୍ରତିନିଧିମାନଙ୍କ ସହିତ ୱାନ ଟୁ ୱାନ ଆଲୋଚନା ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ପ୍ରଥମ ଦିନ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ମିଶି ଶନିବାର ଦଳର ୧୫ ସାଙ୍ଗଠନିକ ଜିଲାର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ। ସେହିକ୍ରମରେ ରବିବାର ପିସିସି ସଭାପତିଙ୍କ ହାତ ଅସ୍ତ୍ରୋପଚାର ଥିବା ଯୋଗୁ ପ୍ରଭାରୀ ବାକି ୨୦ଟି ସାଙ୍ଗଠନିକ ଜିଲାର ପ୍ରତିନିଧିମାନଙ୍କୁ ଭେଟି ଦଳର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଦ୍ୱିତୀୟ ଦିନରେ କଟକ ସହରାଞ୍ଚଳ, କଟକ ଗ୍ରାମାଞ୍ଚଳ, ସୁନ୍ଦରଗଡ଼, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ ଇଷ୍ଟ, ମୟୂରଭଞ୍ଜ ୱେଷ୍ଟ, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼ ଏବଂ କେନ୍ଦୁଝରର ଜିଲା ସଭାପତି ଏବଂ ଅନ୍ୟ ନେତୃବୃନ୍ଦମାନେ ପ୍ରଭାରୀଙ୍କ ସହ ଆଲୋଚନା କରିଛନ୍ତି। ଦଳର ସ୍ଥିତି କିପରି ରହିଛି, କାହିଁକି କଂଗ୍ରେସ ସାଙ୍ଗଠନିକ ସ୍ଥିତି ଖରାପ ହୋଇଛି, ଆଗକୁ ଦଳ କ'ଣ କରିବା ଦରକାର ସେନେଇ ଚର୍ଚ୍ଚା ହୋଇଛି। ଅନ୍ୟପଟେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କଂଗ୍ରେସ ଭବନରେ ପହଞ୍ଚି ପ୍ରଭାରୀଙ୍କ ସହ ସାକ୍ଷାତ କରି ଦଳର ସାଙ୍ଗଠନିକ ସ୍ଥିତି ଉପରେ ଆଲୋଚନା କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉଲ୍ଲାକା କହିଛନ୍ତି, କେବଳ ଦକ୍ଷିଣ ଓଡ଼ିଶା ନୁହେଁ ରାଜ୍ୟର ସବୁ ଗାଁ ଗହଳିରେ କଂଗ୍ରେସ କର୍ମୀ ରହିଛନ୍ତି। ଆମକୁ ଏକଜୁଟ ହୋଇ କାମ କରିବାର ଅଛି। ଦଳର ଯେଉଁ ନୂଆ ଟିମ୍ ଅଛନ୍ତି ଭକ୍ତ ଦାସ ଏବଂ ଅଜୟ କୁମାର ଲଲ୍ଲୁ ଉଭୟଙ୍କ ସହିତ କାମ କରିଛନ୍ତି। ଉଭୟଙ୍କ ଉପରେ ବିଶ୍ୱାସ ରହିଛି, ଏହି ଦୁଇ ନେତା ତୃଣମୂଳସ୍ତରକୁ ଯାଇ ଲୋକଙ୍କୁ ଟାଣି ଆଣିବେ। ୨୦୨୯ରେ ସରକାର ବନାଇବା ଭଳି ପରିସ୍ଥିତିରେ ଦଳ ଥିବ। ଦକ୍ଷିଣ ଓଡ଼ିଶାରେ ଯେତେଜଣ ବିଧାୟକ ପଠାଇଛୁ ସେହିଭଳି ସବୁଆଡୁ କିପରି ବିଧାୟକମାନେ ନିର୍ବାଚିତ ହେବେ ସେହିଭଳି ପରିଶ୍ରମ କରିବେ। ଦକ୍ଷିଣ ଓଡ଼ିଶା ଭଳି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ କାମ କରିବୁ। କଂଗ୍ରେସ ହାରି ହାରି ୨୫ ବର୍ଷ ହେଲା ରହିଛୁ । ତେଣୁ ଆଗକୁ ଭକ୍ତ ଦାସଙ୍କ ନେତୃତ୍ୱରେ କାମ କରିବୁ ଓ ଆଉ କାହା ବିରୋଧରେ ଦିଲ୍ଲୀ ଯିବୁନି ବୋଲି ସେ କହିଛନ୍ତି ।

ଅଜୟ କୁମାର ଲଲ୍ଲୁ କହିଛନ୍ତି, ଆଗକୁ ଦଳର ଆଭିମୁଖ୍ୟ କ'ଣ ରହିବ, ତୃଣମୂଳସ୍ତରରେ କମିଟି କିପରି ହେବ ସେନେଇ ଚର୍ଚ୍ଚା ଜାରି ରହିଛି। ତୃଣମୂଳସ୍ତରରୁ ଜିଲା ସ୍ତର ପର୍ଯ୍ୟନ୍ତ କାହା ଦାୟିତ୍ୱ କ'ଣ ରହିବ, ସେନେଇ କାମ କରାଯିବ। ସବୁ ଜାଗାରୁ ମତ ଆସୁ ତା'ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।




# ଜିଲାରେ କୃଷିଭିତ୍ତିକ ଶିଳ୍ପର ବିକାଶ ବାଟବଣା

ଭବାନୀପାଟଣା,୨୩।୨(ଉତ୍ତମ କୁମାର ଦାଶ)



ଜୁନାଗଡ଼ର ଗୌଡ଼ସର୍ଗିଗୁଡା ଓ ଭବାନୀପାଟଣା ସରକାରୀ ଆଇଟିଆଇ ନିକଟରେ ବନ୍ଦ ପଡିଥିବା ଚିନିକଳ।

- ଇତିହାସ ପାଲଟିଲାଣି କଳାହାଣ୍ଡିର ୨ ଚିନିକଳ
- ଆଖୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଗୌଡ଼ସର୍ଗିଗୁଡା ଓ ଭବାନୀପାଟଣା ସରକାରୀ ଆଇଟିଆଇ ନିକଟରେ ଘରୋଇ ଉଦ୍ୟମରେ ୨ଟି ଚିନିକଳ ପ୍ରତିଷ୍ଠା ହୋଇଥିଲା। ଭବାନୀପାଟଣା ଚିନିକଳ ୧୯୭୭ରୁ ବନ୍ଦ ହୋଇଥିବା ବେଳେ ସର୍ଗିଗୁଡା ଚିନିକଳ ୨୪ବର୍ଷ ହେଲା ବନ୍ଦ ହୋଇ ଇତିହାସ ପାଲଟିଲାଣି। ଫଳରେ ଜିଲାରେ କୃଷିଭିତ୍ତିକ ଶିଳ୍ପର ବିକାଶ ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଏବେ ବାଟବଣା ହୋଇଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, କଳାହାଣ୍ଡି ଜିଲାର କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ୧୯୯୪ରେ ଜୁନାଗଡ଼ ବ୍ଲକ ଗୌଡ଼ସର୍ଗିଗୁଡ଼ାରେ ଜାତୀୟ ରାଜପଥ ୨୬ କଡ଼ରେ କୃଷିଭିତ୍ତିକ ଏକ ଚିନିକଳ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମହାରାଷ୍ଟ୍ରର ଏକ କମ୍ପାନି ପଶ୍ଚିମ ଓଡ଼ିଶା ସୁଗାର ଓ କେମିକାଲ ଲିମିଟେଡ଼ ଦ୍ୱାରା ଏହା ପରିଚାଳିତ ହେଉଥିଲା। ତେବେ ପରିଚାଳନାଗତ ତ୍ରୁଟି ଯୋଗୁ କମ୍ପାନୀ ଦେବାଳିଆ ହେବା ସହ ୭ବର୍ଷ ପରେ ଅର୍ଥାତ ୨୦୦୧ରେ ବନ୍ଦ ହୋଇଯାଇଥିଲା। ଏହାଦ୍ୱାରା ଶତାଧିକ ଲୋକ ଜୀବିକା ହରାଇବା ସହ ଜିଲାର ଆଖୁଚାଷ ବିଶେଷ ପ୍ରଭାବିତ ହୋଇଥିଲା। କମ୍ପାନୀରେ ତାଲା ପଡ଼ିବା ଫଳରେ ଚୋରମାନଙ୍କ ଭୂସ୍ୱର୍ଗ ପାଲଟିଲା। ଏଥିରେ ଲାଗିଥିବା ମୂଲ୍ୟବାନ ଜିନିଷ ଚୋରି ହୋଇ ଶ୍ରୀହୀନ ଅବସ୍ଥାରେ ପଡି ରହିଥିଲା। ଜିଲାରେ ଅର୍ଥନୀତିର ଅଭିବୃଦ୍ଧି ଓ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବନ୍ଦ ପଡିଥିବା ଚିନିକଳରେ ଏକକାଳୀନ ୩ଟି କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ପାରାବଏଲଡ଼ ରାଇସମିଲ, ବାୟୋମାସ ପ୍ଲାଣ୍ଟ ଓ ଡିଷ୍ଟିଲାରି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଘୋଷଣା କରାଯିବା ସହ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଏହି ଶିଳ୍ପ ପ୍ରକଳ୍ପକୁ ରାଉରକେଲାର ଷ୍ଟାରଲାଇଟ ଏନର୍ଜି ଲିମିଟେଡ଼କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମ୍ପାନୀ ଚିନିକଳର ୯୧ ଏକର ୪୮ ଡେସିମିଲ ଜମି ଓ ପୁରୁଣା କୋଠାକୁ ନିଜ ମାଲିକାନାରେ ରଖିଥିଲା। ଏହି କମ୍ପାନୀ ଭିତରେ ଇଣ୍ଟିଗ୍ରେଟେଡ ଶସ୍ୟ ଭିତ୍ତିକ ଡିଷ୍ଟିଲାରି ସମେତ ଘଣ୍ଟାକୁ ୪୮ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ପାରବଏଲଡ଼ ରାଇସମିଲ ଓ ୩ ମେଗାୱାଟର ଦୁଇଟି ଟର୍ବାଇନ ଯୁକ୍ତ ବାୟୋମାସ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ହେଲେ ପୂର୍ବତନ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁ ଏହି ଷ୍ଟାରଲାଇଟ ଏନର୍ଜି କମ୍ପାନୀ କାମ ଆରମ୍ଭ ହେବା ଦୂରର କଥା କୌଣସି କାରଣବଶତଃ ମୁହଁ ଫେରାଇବା ସହ ସର୍ଗିଗୁଡାଠାରେ ଥିବା ପୁରୁଣା ଚିନିକଳର ୯୧ ଏକର ୪୮ଡେସିମିଲ ଜାଗାକୁ ବିକ୍ରି କରି ଚାଲିଛି। ଏହି ଚିନିକଳ ୨୬ ବର୍ଷ ହେଲା ବନ୍ଦ ପଡିଥିବା ବେଳେ ଏହାର ପୁନରୁଦ୍ଧାର କଲେ ଜିଲାର ଆଖୁଚାଷୀ ଉପକୃତ ହେବା ସହ ଶିକ୍ଷିତ ବେକାର ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଭବାନୀପାଟଣା ସହର ସରକାରୀ ଆଇଟିଆଇ ନିକଟରେ ଥିବା ଚିନିକଳ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ୧୯୬୫ରେ ସ୍ଥାପନ କରାଯାଇଥିଲା। ଏହା ୧୯୭୦ ପର୍ଯ୍ୟନ୍ତ ଠିକ ଭାବରେ ଚାଲିଥିବା ବେଳେ ୧୯୭୭ରେ ବନ୍ଦ ହୋଇଗଲା। ଫଳରେ କଳାହାଣ୍ଡିର ଆଖୁଚାଷୀଙ୍କୁ ନିରାଶ ହେବାକୁ ପଡିଥିଲା। ଜିଲାର ଆଖୁ ଚାଷୀ କଳାହାଣ୍ଡି ଓ ବଲାଙ୍ଗୀର ଦେଓଗାଁ ଚିନିକଳକୁ ମଧ ଆଖୁ ଯୋଗାଉଥିଲେ। ଏହି ଚିନିକଳ ବନ୍ଦ ହେବା ପରେ ଆଖୁଚାଷୀ ପୁନର୍ବାର ନିରାଶ ହୋଇଛନ୍ତି।

ବର୍ତ୍ତମାନ ଆଖୁ ଉତ୍ପାଦନ ବୃଦ୍ଧି ହୋଇଥିବା ବେଳେ ଏହାକୁ ବିକ୍ରି ନେଇ ନୂତନ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ସରକାରଙ୍କ ତରଫରୁ ଠୋସ ପଦକ୍ଷେପ ନ ନେଲେ ପୁଣି ଆଖୁଚାଷୀ ବାଟ ହୁଡ଼ିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ହାଇଦ୍ରାବାଦରେ ନିର୍ଯାତିତ ଦାଦନ ଶ୍ରମିକ ଉଦ୍ଧାର

ନୂଆପଡ଼ା,୨୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଚିକ୍ରାପଡ଼ା ଗାଁର ଦାଦନ ଶ୍ରମିକ ମଦନ ବନଗୋଲା (୧୯) ହାଇଦ୍ରାବାଦରେ ନିର୍ଯାତିତ ହେଉଥିବା ନେଇ ଜିଲା ଶ୍ରମ ଅଧିକାରୀଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକଙ୍କ ହସ୍ତକ୍ଷେପ ପରେ ରବିବାର ମଦନ ଉଦ୍ଧାର ହୋଇ ଗାଁକୁ ଫେରୁଛନ୍ତି। ସୂଚନା ମୁତାବକ ଚିକ୍ରାପଡା ଗାଁର ପୁସ୍ତମ ବନଗୋଲା (୩୭), ସ୍ତ୍ରୀ ରେଣୁକା ଶବର (୨୭), ପୁଅ ମଦନ ବନଗୋଲା ଓ ରେଣୁକାଙ୍କ ବଡ ଭଉଣୀ କୁନ୍ତଳା ଶବର (୩୨) ୨୦୨୪ ସେପ୍ଟେମ୍ବରରେ ଦାଦନ ସର୍ଦ୍ଦାର ସହାୟତାରେ ହାଇଦ୍ରାବାଦର ନରପୁର କଟାପେଟ ଇଟାଭାଟିକୁ ଇଟା ତିଆରି କରିବା ପାଇଁ ଯାଇଥିଲେ। ସେଠାରେ ୩ ମାସ ଅନ୍ୟ କାମକରି ଡିସେମ୍ବର ୧ରୁ ଇଟା ତିଆରି କାମରେ ନିୟୋଜିତ ଥିଲେ। ଏପରିସ୍ଥଳେ ଫେବୃଆରୀ ୧ରେ କୁନ୍ତଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ସେଠାରେ ବିଭିନ୍ନ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଭଲ ନ ହେବାରୁ ଏବେ ତାଙ୍କୁ ରାୟପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ଦେଖାରଖା ପାଇଁ ପୁସ୍ତମ ଓ ରେଣୁକା ରାୟପୁର ଆସିଥିବାବେଳେ ହାଇଦ୍ରାବାଦରେ ଥିବା ମଦନଙ୍କୁ ଇଟାଭାଟି ମାଲିକ ନିର୍ଯାତନ ଦେଉଥିବା ନେଇ ମା' ବାପା ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ନାୟକ ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାର ସହ କଥା ହୋଇ ମଦନଙ୍କୁ ଉଦ୍ଧାର କରି ଫେରାଇ ଆଣୁଛନ୍ତି। ସୋମବାର ସେ ଘରେ ପହଞ୍ଚିବେ ବୋଲି ଜଣାପଡିଛି। ଅତିରିକ୍ତ ଶ୍ରମ ଅଧିକାରୀ ନାୟକ କହିଛନ୍ତି, ଚଳିତବର୍ଷ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକ ଉଦ୍ଧାର ହୋଇସାରିଲେଣି। ଜିଲାରେ ୧୩୮ ଜଣ ଦାଦନ ସର୍ଦ୍ଦାର ଅଛନ୍ତି। ସେମାନଙ୍କ କାଗଜାତ ଯାଞ୍ଚ ହେବ। ମଙ୍ଗଳବାର ଓ ଶନିବାର ୩୫ ଜଣ ଲେଖାଏ ଆସିବେ। ଯାହାର କାଗଜାତ ଠିକ ନ ଥିବ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ମଦନ ବନଗୋଲା

## କବିତା ସଂକଳନ 'ତୁମେ ଗଲା ପରେ' ଲୋକାର୍ପିତ


ଉତ୍ସବରେ ଅତିଥିଙ୍କ ସହ କବି ଓ କବୟିତ୍ରୀବୃନ୍ଦ।

ଭବାନୀପାଟଣା,୨୩।୨(ଉତ୍ତମ କୁମାର ଦାଶ)

କବିତା ଜୀବନର ମୁଖବନ୍ଧ। ଦୁଃଖ-ବେଦନାକୁ କବିତା ରୂପ ଦେଲେ ତାହା ପାଠକାଦୃତ ହୁଏ ବୋଲି ରବିବାର ଯୁବ ଲେଖିକା ଐଶ୍ୱର୍ଯ୍ୟା ପ୍ରଧାନଙ୍କ ପ୍ରଥମ କବିତା ସଂକଳନ 'ତୁମେ ଗଲା ପରେ' ଲୋକାର୍ପଣ ଅବସରରେ ଅତିଥିମାନେ ମତ ଦେଇଥିଲେ। ପଶ୍ଚିମା ପବ୍ଲିକେଶନ ପକ୍ଷରୁ ଏହା ପ୍ରକାଶିତ ହୋଇଥିଲା। ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାର ପରିସରରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ଲେଖିକା ସଂଘର ସଭାନେତ୍ରୀ ସୁଦେଷ୍ଣା ପଣ୍ଡା ସଭାପତିତ୍ୱ କରିଥିବାବେଳେ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, ଗାଳ୍ପିକ ପ୍ରକାଶ ନିଶଙ୍କ, ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ, ବିରଞ୍ଚି ନାରାୟଣ ମୁଣ୍ଡ, ଶୁଭେନ୍ଦୁ ପ୍ରଧାନ, ମନୋଜ ମୁଣ୍ଡ ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗଦେଇଥିଲେ। ପ୍ରତାପ ପଣ୍ଡା ଓ ଲିପ୍ସାମୟୀ ଦୁବେ ମଞ୍ଚ ପରିଚାଳନା କରିଥିବାବେଳେ କଳ୍ପନା ରଥ ଧନ୍ୟବାଦ ଦେଇଥିଲେ। ଏଥିରେ କବି ପଲ୍ଲବୀ ଦାଶ, ଦୀପ୍ତି ମୁଣ୍ଡ, ବନଶ୍ରୀ ଦାଶ, ଅନିତା ମୁଣ୍ଡ, ତପସିନୀ ପଣ୍ଡା, ସୁମତି ମୁଣ୍ଡ, ମିନତି କୁମାରୀ ପ୍ରଧାନ, ସବିତା ଶତପଥୀ ପ୍ରମୁଖ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା:ଜଣେ ମୃତ

ଗୋଲାମୁଣ୍ଡା, ୨୩।୨(ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ବ୍ଲକ ଦଶପୁର ଫାଣ୍ଡି ଅନ୍ତର୍ଗତ ଘୋଟିଆ ବ୍ରିଜ ନିକଟରେ ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ଯୋଗୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକହେଲେ ଭବାନୀପାଟଣା ଥାନା ଅନ୍ତର୍ଗତ ଦେପୁର ଗ୍ରାମର ସୁରେନ୍ଦ୍ର କୁମାର ଜାନି(୩୦)। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ସୁଦାମ ଗୁରୁ।ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ସୁରେନ୍ଦ୍ର ବାଇକ ଯୋଗେ କୌଣସି କାମରେ ଗୋଲାମୁଣ୍ଡା ଯାଇଥିଲେ। ଫେରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ହିଁ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା,୨୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ କୁରୁମପୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରତା ହୋତାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋମନା ଏବିଇଓ ବଳମତ ମାଝି ମୁଖ୍ୟଅତିଥି, ସିଆର୍‌ସିସି ସୁବଳ ଶ୍ୟାମ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରିଜେଶ କୁମାର ସାହୁ, କବିତା ସହିସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ କାର୍ତ୍ତିକ ଶବର, ଭକ୍ତ ସୁନା, ରୁକସିଂ ମାଝି, ଚନ୍ଦ୍ରପ୍ରଭା ବଘେଲ, ସାବିତ୍ରୀ ବିଶ୍ୱାଳ, ସଞ୍ଜା ସାଗରିକା ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ପାଇଁ କଳାହାଣ୍ଡିର ସମୀର ଯୋଗ୍ୟ ବିବେଚିତ

ଭବାନୀପାଟଣା, ୨୩।୨ (ଉତ୍ତମ କୁମାର ଦାଶ)

କଟକଠାରେ ଅୟୋଜିତ ମାଷ୍ଟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ପୁଣିଥରେ କଳାହାଣ୍ଡିର ୪ ବରିଷ୍ଠ ଖେଳାଳି ଉତ୍ତମ ପ୍ରଦର୍ଶନ କରି ଚମକ ଦେଖାଇଛନ୍ତି। ଏଥିରେ ସମୀର କୁମାର ସାହୁ ୫୫ ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ବିଜେତା ହୋଇଥିବାବେଳେ ମହେଶ କୁକ୍ରେଯା ୫୦ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ଉପବିଜେତା, ଗୌରି ଶଙ୍କର ବିଶି ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଉପବିଜେତା ଓ ଚତୁର୍ଭୁଜ ନାଏକ ୫୫ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ଉପବିଜେତା ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ସେହିପରି ଆସନ୍ତା ମାର୍ଚ୍ଚରେ ଗୋଆରେ ହେବାକୁ ଥିବା ଜାତୀୟ ସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ସମୀର କୁମାର ସାହୁ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଚିତ୍ରଗୁପ୍ତ ଦେବଙ୍କ ରଥକୁ ସ୍ୱାଗତ

କୋକସରା,୨୩।୨
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଆସନ୍ତା ୨୭ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାସ୍ଥିତ କଳାହାଣ୍ଡି କରଣ ସମାଜ କଲ୍ୟାଣ ମଣ୍ଡପ (ଅଗ୍ରସେନ ଭବନ) ନିକଟରେ ନୂତନ ଭାବେ ନିର୍ମିତ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଅନୁଷ୍ଠିତ ହେବ। ଏହିକ୍ରମରେ ଚିତ୍ରଗୁପ୍ତ ଦେବଙ୍କ ଏକ ସୁସଜ୍ଜିତ ରଥ କରଣ ସମାଜରେ ବସତି କରୁଥିବା ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏହି ରଥ କୋକସରା ବ୍ଲକର ରେଙ୍ଗାଲପାଲି, ଝରିଆଗୁଡା, ପାଣିଗାଁ, ଆମପାଣି, କେନ୍ଦୁ ଲଡୁଗାଁ, ଚିଙ୍କିଲି, ଦାବ୍ରିଗୁଡା, କୋକସରା ଆଦି ଗାଁ ପରିକ୍ରମା କରିଥିଲା। ଏହି ସମୟରେ କରଣ ସମାଜର ମହିଳା ଓ ପୁରୁଷ ରଥକୁ ସ୍ୱାଗତ ଜଣାଇ ପୂଜାର୍ଚ୍ଚନା କରିଥିଲେ। କୋକସରା ଆଞ୍ଚଳିକ କରଣ ସମାଜ ସଭାପତି ସହଦେବ ପଟ୍ଟନାୟକ, ସମ୍ପାଦକ ନାରାୟଣ ପଟ୍ଟନାୟକ, ପିତାମ୍ବର ପଟ୍ଟନାୟକ, ଯତୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ତୁଳସୀ ରାମ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ମୁକୁନ୍ଦ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ଘନଶ୍ୟାମ ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ରଥ ସହିତ ପରିକ୍ରମା କରିଥିଲେ।


ଗ୍ରାମ ପରିକ୍ରମା କରୁଥିବା ରଥକୁ ସ୍ୱାଗତ କରାଯାଉଛି।

## ବୁଢ଼ୀପଦର ୟୁପି ସ୍କୁଲର ବାର୍ଷିକ ଉତ୍ସବ

ପଲମ,୨୩।୨(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବୁଢ଼ୀପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବର୍ଗର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ରାକ୍ସି ସରପଞ୍ଚ ଯେମନ୍ତ ପୋଢ ମୁଖ୍ୟ ଅତିଥି, ସମିତି ସଭ୍ୟ ଚୁମନ ଭୋଇ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଡୋଲେଶ୍ୱର ସାହୁ, ରାକ୍ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ, ଗ୍ରାମର ବରିଷ୍ଠ ନାଗରିକ ଜଗନ୍ନାଥ ଧଙ୍ଗଡାମାଝୀ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଗିରି, ଏସ୍‌ଏମ୍‌ସି ସଭାପତି ସୁରେନ୍ଦ୍ର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ସିଆର୍‌ସିସି ଜଗଦୀଶ ଚନ୍ଦ୍ର ସାହୁ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ନେତା ବିଜୟ କୁମାର ଧଙ୍ଗଡାମାଝୀ, ରାକ୍ସି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶଙ୍କର୍ଷଣ ଗୌଡ ଓ ଶିକ୍ଷକ ସ୍ୱରାଜ ସାମନ୍ତରାୟଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ଭୋଇ ବିବରଣୀ ପଠନ କରିଥିବାବେଳେ ଶିକ୍ଷୟିତ୍ରୀ ସତ୍ୟଭାମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କ୍ରିକେଟ୍: ଝଗ୍ରାହୀକୁ ହରାଇ ଦିଆନମୁଣ୍ଡା ଚାମ୍ପିୟନ

ନୂଆପଡ଼ା,୨୩।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ପଲସିପାଣିଠାରେ ୟୁଥ୍ ଷ୍ଟାର କ୍ଲବ ଆନୁକୂଲ୍ୟରେ ୪ର୍ଥ ପଡିୟାଲେନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୦ଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ଦିଆନମୁଣ୍ଡା ଓ ଝଗ୍ରାହୀ ମଧରେ ଅନୁଷ୍ଠିତ ହୋଇଥିଲା। ଦିଆନମୁଣ୍ଡା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା। ଝଗ୍ରାହୀ ଦଳ ସମାନ ଓଭରରେ ୬ ଉଇକେଟ ହରାଇ ୮୩ ସଂଗ୍ରହ କରିଥିଲା। ଫଳରେ ଦିଆନମୁଣ୍ଡା ଚାମ୍ପିୟନ ହୋଇଥିଲା। ଅନୁଷ୍ଠାନର ସଭାପତି ଟୁକେଶ ଶବରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଗଙ୍ଗାରାମ ମାଝି ମୁଖ୍ୟ ଅତିଥି, ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋହନ ଚନ୍ଦନ, ଶିକ୍ଷକ ଦୟାନିଧି ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସଞ୍ଜୀବ ପ୍ରଧାନ ଓ ଯୋଗେନ୍ଦ୍ର ଶବର ଖେଳ ପରିଚାଳନା କରିଥିଲେ।

## ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

କେସିଙ୍ଗା,୨୩।୨ (ତୁମେଶର ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ କେସିଙ୍ଗା ଶାଖାର ସାମ୍ବିଧାନିକ ସମ୍ମିଳନୀ ସଭାପତି ସୁରେନ୍ଦ୍ର ଦୋରାଙ୍କ ସଭାପତିତ୍ୱରେ ରବିବାର ଉତ୍କେଲାସ୍ଥିତ ବଜାର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ଜିଲା ସଭାପତି ବୀରେନ୍ଦ୍ର ବାଗ ବିଶିଷ୍ଟ ଅତିଥି ଓ ଭବାନୀପାଟଣା ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ଥୁଆମୂଳ ରାମପୁର ବ୍ଲକ ସଭାପତି ଅଜିତ ନାୟକ, ଜିଲା ଉପସଭାପତି ସୁବାସ ପୁରୋହିତ, କୋର କମିଟି ସଦସ୍ୟ ତପନ ବେହେରା, ଯୋଗେଶ୍ୱର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମିଳନୀରେ ସଂଘର କାର୍ଯ୍ୟ ସମ୍ପର୍କରେ ଆଲୋଚନା ପରେ ନିର୍ବାଚନ ହୋଇଥିଲା। ସଭାପତି ଭାବରେ ସୁରେନ୍ଦ୍ର କୁମାର ଦୋରା, ସମ୍ପାଦକ ଭାବରେ ତପନ କୁମାର ଦାଶ, ଉପସଭାପତି ଖୁସିରାମ ସାହୁ, ସଭାନେତ୍ରୀ ବନ୍ଦନା ଦାଶ, ସହସମ୍ପାଦକ ସୁରେନ୍ଦ୍ର ନାୟକ, ଖଗେଶ୍ୱର ମାଝୀ, ଶୁଭସ୍ମିତା ଦାଶ, ରଶ୍ମିତା ଦାସ, ଆଶୁତୋଷ ଭୋଇ, ରୋହିତ ସାହୁ, କୋଷାଧକ୍ଷ ଭାବେ ପ୍ରଶାନ୍ତ ଶବର ନିର୍ବାଚିତ ହୋଇଥିଲେ। ଅଜିତ ନାୟକ, ପ୍ରଦ୍ୟୁମ୍ନ ହୋତା ନିର୍ବାଚନ ପରିଚାଳନା କରିଥିଲେ। ଶେଷରେ କୁଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଫୋଟୋ-ନବନିର୍ବାଚିତ ସଂଘ କର୍ମକର୍ତ୍ତା।

## ଉପଖଣ୍ଡ ଚିକିତ୍ସାଳୟରେ ସରୁନି ଶୌଚାଳୟ କାମ

ଖଡ଼ିଆଳ,୨୩।୨
(ସୁଜିତ କୁମାର ପ୍ରଧାନ)


ଅର୍ଦ୍ଧନିର୍ମିତ ଅବସ୍ଥାରେ ଶୌଚାଳୟ।

ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଚନାବେଡା ପଞ୍ଚାୟତ ପକ୍ଷରୁ ଶୌଚାଳୟ କାର୍ଯ୍ୟ ୪ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ସାଧାରଣ ଲୋକେ ଶୌଚ ପାଇଁ ହଇରାଣ ହେଉଛନ୍ତି। ୨୦୨୧-୨୨ରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶୌଚାଳୟ ଓ ପିଇବା ପାଣି ବ୍ୟବସ୍ଥା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ଫଳକରୁ ଜଣାପଡିଛି। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ଦିନଠାରୁ ୬ମାସ ମଧରେ ଶେଷ ହେବା କଥା। ହେଲେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହି କାର୍ଯ୍ୟ ଶେଷ ହୋଇପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଚିକିତ୍ସାଳୟରେ ଦୈନିକ ୪ଶହରୁ ଅଧିକ ରୋଗୀ ପଞ୍ଜୀକୃତ ହେଉଥିବା ବେଳେ ସେମାନଙ୍କ ସମ୍ପର୍କୀୟଙ୍କୁ ମିଶାଇଲେ ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ଏପରିସ୍ଥଳେ ଶୌଚାଳୟ ନ ଥିବାରୁ ଲୋକମାନେ ବିଶେଷ କରି ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପ୍ରକଳ୍ପ କାମ ଶେଷ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ନରହରି ଜଗତଙ୍କୁ ପଚାରିବାରୁ ସେତେବେଳେ ସେଠାରେ ମୁଁ ନ ଥିଲି ବା ମୋ ସମୟର କାମ ନୁହେଁ ବୋଲି ପ୍ରକାଶ କରିଥିଲେ।

## ଡଙ୍ଗରିଆ କନ୍ଧଙ୍କ ନିୟମରାଜା ପର୍ବ ସମ୍ପନ୍ନ

ଲାଞ୍ଜିଗଡ଼, ୨୩।୨(ରମେଶ ଚନ୍ଦ୍ର ନାୟକ)

**ନିୟମଗିରି ପାହାଡ଼ ସୁରକ୍ଷା ପାଇଁ ଆଦିବାସୀଙ୍କ ବଜ୍ର ଶପଥ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଓ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସୀମାନ୍ତରେ ଥିବା ଡଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ନିୟମରାଜା ପର୍ବ ରବିବାର ସମ୍ପନ୍ନ ହୋଇଛି। ନିୟମରାଜାଙ୍କ ନିୟମଗିରି ପାହାଡ଼ ଶିଖରରେ ଥିବା ଧଙ୍ଗଠାରେ ଦୀର୍ଘବର୍ଷ ଧରି ପୂଜା କରିଆସୁଛନ୍ତି ଡଙ୍ଗରିଆ କନ୍ଧ। ଏହି ପର୍ବ ପ୍ରତିବର୍ଷ ମାଘ ମାସରେ ହୋଇଥାଏ। ଜଳ, ଜମି, ଜଙ୍ଗଲ, ଭାଷା, ସଂସ୍କୃତି, ଜୀବନ ଜୀବିକା ଓ ପ୍ରାକୃତିକ ପରିବେଶ ସୁରକ୍ଷା ନିମନ୍ତେ ନିୟମ ରାଜାଙ୍କୁ ଆରାଧନା କରି ଆସୁଛନ୍ତି।

ପରମ୍ପରା କ୍ରମେ ଏହି ପର୍ବ ପ୍ରତିବର୍ଷ ଫେବୃୟାରୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ଡଙ୍ଗରିଆମାନେ ନାଚଗୀତର ଆସର ଜମାଇ ପୂଜା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ନିୟମଗିରି ଅଞ୍ଚଳର ୧୧୨ରୁ ଊର୍ଦ୍ଧ୍ୱ ଗ୍ରାମର ଝରଣିଆ ଓ ଆଦିବାସୀ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ନିୟମଗିରି ପାହାଡକୁ ସୁରକ୍ଷା ଦେବା ଆମ ଦାୟିତ୍ୱ ଓ ଏହାକୁ କୌଣସି ପ୍ରକାରେ ଧ୍ୱଂସ ହେବାକୁ ଦିଆଯିବ ନାହିଁ ବୋଲି ବଜ୍ର ଶପଥ ନେଇଥିଲେ। ଉକ୍ତ ପର୍ବରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୂଷାରେ ସଜ୍ଜିତ ହୋଇ ସେମାନେ ସକାଳୁ ପୋଢବଳି ସମେତ ବୋଦା, ପାରା, କୁକୁଡ଼ା ବଳି ଦେଇ ଦେବତାଙ୍କୁ ଆବାହନ କରିଥିଲେ। ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା, ଦଧି ପୁଷିକା, କୃଷ୍ଣ ସିକକା, ଜିଲା ଆଦିବାସୀ କଲ୍ୟାଣ ସଂଘର ଟଙ୍କଧର ଧାରୁଆ, ଖଣ୍ଡୁଆଳ ମାଳି ସୁରକ୍ଷା ସମିତି ସଭାପତି ବ୍ରିଟିଶ କୁମାର, ଦାସରୁ କାଡ୍ରାକା, ଲେଲିନ କୁମାର, ସିପିଆଇର ସଞ୍ଜୟ ସୁନାମୀ, ଥୁଆମୂଳ ରାମପୁରରୁ ବିରବଜରଙ୍ଗ ଚାରୁ ମୁଜୁମଦାର ନାଏକ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଡଙ୍ଗରିଆ ଯୁବତୀଯୁବକଙ୍କ ସହ କଳାହାଣ୍ଡି ଜିଲା ସୁରକ୍ଷା ସମିତି ସଦସ୍ୟ, ସାଧାରଣ ଲୋକ ବହୁସଂଖ୍ୟାରେ ଯୋଗ ଦେଇଥିଲେ।

## ନିଆଁ ଜାଳି ରାତି ଉଜାଗର ରହୁଛନ୍ତି ଗାଁଲୋକେ

**ଦନ୍ତାହାତୀ ଭୟ**

ଲାଞ୍ଜିଗଡ଼, ୨୩।୨(ରମେଶ ଚନ୍ଦ୍ର ନାୟକ)


ଗାଁ ମୁଣ୍ଡରେ ନିଆଁ ଜାଳି ଜଗିରହିଛନ୍ତି ଗ୍ରାମବାସୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ତୁର୍କା ଗାଁ ମୁଣ୍ଡରେ ଦନ୍ତାହାତୀ ବୁଲୁଥିବା ଦେଖି ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଥିଯୋଗୁ ଗାଁ ଲୋକେ ନିଆଁ ଜାଳି ରାତି ଉଜାଗର ରହୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ କାଦମାଳି ଗ୍ରାମରେ ଗତ ୨ ତାରିଖ ରାତିରେ ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ଏହି ସମୟରେ ପାଖ ଘରେ ଶୋଇଥିବା ପରିବାରର ଅନ୍ୟ ସଦସ୍ୟ ଦୌଡି ପଳାଇ ଜୀବନ ବଞ୍ଚାଇଥିଲେ। ହାତୀଟି ଗତ ସପ୍ତାହରେ ବନ୍ଦପାରି ଓ ବେନଗାଁ ଅଞ୍ଚଳରେ ଘୂରି ବୁଲୁଥିବା ଲୋକେ ଦେଖି ଆତଙ୍କିତ ହୋଇପଡ଼ିଥିଲେ। ସେହିପରି ଗତ ୩ଦିନ ହେଲା ହାତୀଟି ତୁର୍କା ଗାଁ ନିକଟ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁମୁହାଁ ହେଉଛି। ଫଳରେ ଗାଁ ଲୋକେ ଭୟଭୀତ ହୋଇ ନିଆଁ ଜାଳି ରାତି କଟାଉଥିବା ପ୍ରକାଶ କରିଛନ୍ତି। ବନ ବିଭାଗ ହାତୀ ଘଉଡାଇବା ପାଇଁ ପଦକ୍ଷେପ ନେଉ ନ ଥିବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ନରୋତ୍ତମ ମାଝୀଙ୍କୁ ପଚାରିବାରୁ ତୁର୍କା ଅଞ୍ଚଳ ଆମ ସେକ୍ସନରେ ଆସୁନାହିଁ, ଏହା ଭବାନୀପାଟଣା ଉତ୍ତର ବନଖଣ୍ଡ ଭଟାଙ୍ଗପଦର ରେଞ୍ଜ ଅଧୀନରେ ବୋଲି କହିଛନ୍ତି। ଜିଲା ବନ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅସ୍ତିତ୍ୱ ହରାଉଛି ଜୀରାନଦୀ, ପଶୁଛି ନର୍ଦ୍ଦମାପାଣି

- ନଦୀକୁ ମାଡ଼ି ବସିଛନ୍ତି ମାଫିଆ
- ସୁରକ୍ଷା ପାଇଁ ଆନ୍ଦୋଳନ ଆରମ୍ଭ
- ଆନ୍ଦୋଳନ ପରେ ପ୍ରଶାସନ ତତ୍ପର


ଜୀରାନଦୀକୁ ପଶୁଥିବା ନର୍ଦ୍ଦମା ପାଣି।



ଜୀରାନଦୀ ବଞ୍ଚାଅ ଆନ୍ଦୋଳନରେ କର୍ମୀମାନେ ଶପଥ ନେଉଛନ୍ତି।

ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଦେଇ ବହି ଯାଇଛି ଜୀରାନଦୀ। ଏହି ନଦୀକୁ ବରଗଡ଼ର ଜୀବନ ରେଖା ବୋଲି କୁହାଯାଏ। ମାତ୍ର ଦିନକୁ ଦିନ ଜୀରାନଦୀ ଅସ୍ତିତ୍ୱ ହରାଇ ବସିଛି। ଗୋଟିଏ ପଟେ ନଦୀକୁ ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି। ଅନ୍ୟପଟେ ନଦୀଗର୍ଭରେ ରହିଥିବା ବାଲି ଉପରେ ମାଫିଆଙ୍କ ନଜର ପଡ଼ିଥିବାବେଳେ ନଦୀକୁ ସହରରୁ ନିଷ୍କାସିତ ନର୍ଦ୍ଦମା ପାଣି ପ୍ରବେଶ କରିବା ଚିନ୍ତାର ବିଷୟ ପାଲଟିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଜୀରାନଦୀର ସୁରକ୍ଷା ପାଇଁ ରବିବାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଜୀରାନଦୀ ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରିଛି। ସେହିପରି ଜିଲାପାଳ ଆଦତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ଧରି ଜୀରାନଦୀ ପରିଦର୍ଶନ ସହିତ ନଦୀର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଜୀରାନଦୀ କୂଳରେ ବରଗଡ଼ ମ୍ୟୁନିସିପାଲିଟି ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଅନେକ ୱାର୍ଡ଼ ରହିଛି। ସେହି ୱାର୍ଡବାସୀ ଏହି ନଦୀର ପାଣି ଉପରେ ମୁଖ୍ୟତଃ ନିର୍ଭର କରି ଆସୁଛନ୍ତି। ଏପରିକି ଖରାଦିନେ ନଦୀଗର୍ଭରେ ବାଲିଚୂଆ ଖୋଲି ମହିଳାମାନେ ପାଣି ସଂଗ୍ରହ କରିଥାନ୍ତି। ସେହିପରି ଏହି ନଦୀରୁ ବରଗଡ଼ ସହର ସମେତ ବିଭିନ୍ନ ଗ୍ରାମକୁ ପାଇପ୍ ଜଳ ଯୋଗାଇ ଦିଆଯାଉଛି। ଅପରପକ୍ଷେ ସହରରୁ ନିଷ୍କାସିତ ନର୍ଦ୍ଦମା ପାଣି ମଧ୍ୟ ଜୀରାନଦୀକୁ ଯାଇ ମିଶୁଛି। ଏପରିକି ନଦୀରେ କୁଡ଼କୁଡ଼ ମଇଳା, ଆବର୍ଜନା ପଡ଼ି ରହୁଛି। ଏଭଳିସ୍ଥଳେ ନଦୀପାଣି ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ମାତ୍ର ସଚେତନତାର ଅଭାବ ଏବଂ ଅନ୍ୟ ବିକଳ୍ପ ବ୍ୟବସ୍ଥା ନଥିବାରୁ ଏହି ପାଣିକୁ ସ୍ନାନ ଆଦି କାର୍ଯ୍ୟରେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ଏହି ଦୃଷ୍ଟିରୁ ଜୀରାନଦୀର ସୁରକ୍ଷା ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଦାବି ଜୋର୍ ଧରିବା ସମୟରେ ବିଭାଗୀୟ ଅଧିକାରୀମାନେ ଚିରାଚରିତ ଢଙ୍ଗରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି ଏବଂ ନଦୀର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସହରବାସୀଙ୍କୁ ଆଶ୍ୱାସନା ଦେଇ ଆସୁଛନ୍ତି। ଏପରିକି ସହରରୁ ନିଷ୍କାସିତ ନର୍ଦ୍ଦମା ପାଣିକୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ଦ୍ୱାରା ସଫା କରାଯିବା ପରେ ନଦୀକୁ ଛଡ଼ାଯିବ ବୋଲି ମଧ୍ୟ ବହୁପୂର୍ବରୁ ବିଭାଗୀୟ ଅଧିକାରୀମାନେ କହି ଆସୁଛନ୍ତି। ମାତ୍ର ତାହା ଯେଉଁ ତିମିରେକୁ ସେହି ତିମିରେ ରହି ଆସିଛି ଏବଂ ନଦୀପାଣି ପ୍ରଦୂଷିତ ହେବାରେ ଲାଗିଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ସେହି ଦୂଷିତ ପାଣିକୁ ବ୍ୟବହାର କରି ଆସୁଛନ୍ତି।


ଜିଲାପାଳ ଏବଂ ବିଭାଗୀୟ ଅଧିକାରୀ ଜୀରାନଦୀ ପରିଦର୍ଶନ କରୁଛନ୍ତି।

ତେବେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଜୀରାନଦୀର ସୁରକ୍ଷା ଦାବି କରିଛି। ଏହି ଦାବି ନେଇ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ଜିଲା ସଂଯୋଜକ ପାଣ୍ଡବ କର୍ଣ୍ଣ, କିଶୋର ସାହୁଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ପଦଯାତ୍ରା ସହିତ ଜୀରାନଦୀକୁ ଯାଇଥିଲେ। ସେଠାରେ ସେମାନେ ଜୀରାନଦୀର ସୁରକ୍ଷା ପାଇଁ ହାତରେ ପାଣି ଧରି ଶପଥ ନେଇଥିଲେ। ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ଗୋବିନ୍ଦ ଶର୍ମା, ରାଜେନ୍ଦ୍ର ସିକନ୍ଦର, ସରୋଜ ନାଏକଙ୍କ ସମେତ ବିଭିନ୍ନ ସଙ୍ଗଠନର ପ୍ରତିନଧି ସେଠାକୁ ପହଞ୍ଚି ସମର୍ଥନ ଜଣାଇଥିଲେ। ଅନ୍ୟପଟେ ବରଗଡ଼ ଜିଲାପାଳ ଗୋୟଲ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ପ୍ରମୁଖ ମଧ୍ୟ ଜୀରାନଦୀ ପରିଦର୍ଶନ କରିଥିଲେ। ଡ୍ରେନ ଯୋଗେ ଯାଉଥିବା ନର୍ଦ୍ଦମା ପାଣି ଯେଭଳି ସିଧାସଳଖ ନଦୀପାଣିରେ ମିଶିବ ନାହିଁ ଏବଂ ଏହାକୁ ଏଡ଼ାଇବା ପାଇଁ ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲ ଜିଲାପାଳ ଗୋୟଲ କହିଛନ୍ତି।

# ଗଛରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ପାଇକମାଳ,୨୩।୨(ବଡ଼ ଶତପଥି)

ପାଇକମାଳ ଥାନା ପୋଲିସ ରବିବାର ଅପରାହ୍ଣରେ କୋକନରା ଗ୍ରାମର ସାଗୁଆନ ଗଛରେ ଝୁଲୁଥିବା ଅବସ୍ଥାରେ ଜଣେ ଛାତ୍ରୀଙ୍କ ମୃତଦେହ ଜବତ କରିଛି। ମୃତ ଛାତ୍ରୀ ଜଣକ ପଦ୍ମପୁର ମହିଳା କଲେଜର ଯୁକ୍ତ ୨ରେ ପଢୁଥିଲେ। ଶନିବାର ସନ୍ଧ୍ୟାରେ ସେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇନଥିଲେ। ରବିବାର ଛାତ୍ରୀ ଜଣକ ଗଛରେ ଝୁଲୁଥିବା ଖବର ପାଇଥିଲେ। ସେଠାରେ ପହଞ୍ଚି ନିଜ ଝିଅ ବୋଲି ଚିହ୍ନଟ କରିବା ପରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପାଇକମାଳ ପୋଲିସ ଛାତ୍ରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲା। ଏ ନେଇ ନଂ. ୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଝିଅକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# କଫ୍ ସିରପ୍ ଜବତ, ୩ ଗିରଫ

ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାର ରାତିରେ ବିପୁଳ ପରିମାଣରେ କଫ୍ ସିରପ ଜବତ କରାଯାଇଛି। ଏହି ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କେନ୍ଦ୍ରାପଡ଼ା ଜିଲା ଜୟପୁରା ୱାର୍ଡ଼ ନଂ-୧୨ର ଖଲିବ୍ ଖାନ୍(୨୮), କଟକ ଜିଲା ବାଦାମବାଡ଼ି ପୁରୁଣା ଏଲଆଇସି କଲୋନୀର ଜାବେଦ୍‌ତସଲିମ୍(୨୬)ଏବଂ କଟକ ଜିଲା କୁମ୍ଭାରସାହୀ ହାତିପୋଖରୀ ନିବାସୀ ଅନିସ ମହମ୍ମଦ(୨୬)। ପାଟ୍ରୋଲିଂ କରୁଥିବାବେଳେ ଅତାବିରା ଅଞ୍ଚଳରୁ ଅବକାରୀ ଭ୍ରାମ୍ୟମାଣ ଟିମ୍‌ର କର୍ମଚାରୀମାନେ କଫ ସିରପ ବୋଝେଇ ଏକ କାର୍(ନଂ-ଓଡ଼ି୦୫ବି ୪୫୯୯)କୁ ଜବତ କରିଛନ୍ତି। ସେଥିରେ ରହିଥିବା ୫୭୯ବୋତଲ କଫ୍ ସିରପ ଜବତ ହୋଇଛି। କଟକ ଅଞ୍ଚଳରୁ ବରଗଡ଼ ଅଞ୍ଚଳକୁ ଏହି କଫ୍ ସିରପ୍ ଚାଲାଣ ହେଉଥିଲା ବୋଲି ଚର୍ଚ୍ଚା ଚାଲିଛି। ଏ ନେଇ ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।



ଜବତ କଫ୍ ସିରଫ ବୋଝେଇ କାର୍ ଏବଂ ଅଭିଯୁକ୍ତମାନେ।

# ଆୟୁର୍ବେଦ କଲେଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ସ୍ମରଣୀକା ଅମ୍ରିତା ଉନ୍ମୋଚନ।

ପାଇକମାଳ, ୨୩।୨(ବଡ଼ ଶତପଥି)

ପାଇକମାଳ ବ୍ଲକ ନୃସିଂହନାଥ ଆୟୁର୍ବେଦ କଲେଜର ୪୪ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ସତ୍ୟ ଭୁଷଣ ସାହୁ ଅଧ୍ୟକ୍ଷତାରେ କରିଥିଲେ। ମୁଖ୍ୟଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ମହେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଳାସପୁର ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଅଧ୍ୟକ୍ଷ ରକ୍ଷପାଲ ଗୁପ୍ତା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ରୋହିତ ମିଶ୍ର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡା. ଜଗବନ୍ଧୁ ମିଶ୍ର ଅତିଥି ପରିଚୟ ସହ ସ୍ୱଗତ ଭାଷଣ ଦେଇଥିଲେ। ଡା. ମୈତ୍ରୀ ପୁରୋହିତ ସଭା ପରିଚାଳନା କରିଥିଲେ। କଲେଜର ସମ୍ପାଦକ ମନୋଜ କୁମାର ତ୍ରିବେଦୀ ବାର୍ଷିକ ବିବରଣୀ ପଠନ କରିଥିଲେ। ସମସ୍ତ ଅତିଥି ଓ ପରିଚାଳନା କମିଟିର ସଭ୍ୟମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବାରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ସ୍ମରଣୀକା ଅମ୍ରିତା ଉନ୍ମୋଚନ କରାଯାଇଥିଲା। ଡା.ଅଭିରାମ ଠାକୁର ଧନ୍ୟବାଦ ଦେଇଥିଲା।

# ରାଜ୍ୟସ୍ତରୀୟ କବିତା ପାଠ, ମା'ର ସୁରତା ଉନ୍ମୋଚିତ

ବରପାଲି,୨୩।୨(ଚିତ୍ତରଞ୍ଜନ ସାହୁ)

ଗଙ୍ଗାଧର କଳା ପରିଷଦ ଦ୍ୱାରା ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ବିଭିନ୍ନ ଜିଲାର କବିଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କବିତା ପାଠ ଆୟୋଜିତ ହୋଇଯାଇଛି। ସାହିତ୍ୟ ସଭାର ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ସାହିତ୍ୟିକ ଡ ରବୀନ୍ଦ୍ର ଗଡ଼ତିଆ ସମାକାଳୀନ କବିତାର ସ୍ୱର ଓ ସମ୍ଭାବନା ଶୀର୍ଷକରେ ତାଙ୍କ ବକ୍ତବ୍ୟ ରଖି କହିଲେ କବିମାନେ ଅନ୍ୱେଷୋ ରଖନ୍ତୁ ଓ ସମ ସାମୟିକ ଘଟଣାକୁ କବିତାରେ ଧରି ରଖନ୍ତୁ। ଅନ୍ତର୍ମନକୁ ଭେଦିଲେ ଯାଇ କବିତା କାଳଜୟୀ ହୋଇ ପାରିବ। ଏହି ଅବସରରେ କବି ରୋହିତ ଦାଶଙ୍କ ମା'ର ସୁରତା ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉନ୍ମୋଚନରେ ସାମିଲ ହୋଇଥିଲେ ଡ. ଅଶୋକ ମହାପାତ୍ର, ପତିତ ପାବନ ସାହୁ, ବିଜୟ ପ୍ରଧାନ। ସଂକ୍ଷିପ୍ତ ବକ୍ତବ୍ୟରେ ଲେଖକ ପୁସ୍ତକଟି ମା'ଙ୍କ ସ୍ମୃତିରେ ଲିଖିତ ବୋଲି ଉଲ୍ଲେଖ କରିଥିଲେ। ବିବାହ ବାର୍ଷିକୀ ଉପଲକ୍ଷେ କବି ହରି ଚରଣ ଖଟୁଆ ଓ ସୌଦାମିନୀ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଡ଼ ଭଗବତୀ କରଙ୍କ ସଭାପତିତ୍ୱରେ ନିମନ୍ତ୍ରିତ କବିଙ୍କୁ ନେଇ ଏକ କବିତା ପାଠୋତ୍ସବ ଆୟୋଜନ ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ କବି ସୁଧାଂଶୁ ଷଡଙ୍ଗୀ। କବି ମାନଙ୍କୁ ଫୁଲ ଦେଇ ସ୍ୱାଗତ କରା ଯାଇଥିଲା।ଜ୍ୟୋତି ମିଶ୍ର, ସୁଜିତ ଶତପଥି, ରେଣୁକା ଅଗ୍ରୱାଲ, କିରଣ ଅଗ୍ରୱାଲ, ଚିନ୍ମୟ ସାହୁ, କିଶୋର ସାହୁ, ଘରଯୁଗୀ ଗଡତିଆ, ପ୍ରବାସିନୀ ହୋତା, ଜିନତ ମାମ ଦର୍ଜୀ, ବିଜୟ ପ୍ରଧାନ ଆଦି କବିମାନେ କବିତା ପାଠ କରିଥିଲେ। ମନୋରଞ୍ଜନ ପାଣିଗ୍ରାହୀ ଗଙ୍ଗାଧର ସଂଗୀତ ଗାନ କରିଥିଲେ। ସଞ୍ଚାଳକ ରୋହିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମହାଦେବ ରାଉତ, ଭିକାରୀ ମେହେର ଓ ସୁବଳ ମେହେର କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# କଳାକାର ସଂଘର୍ଷ ସମିତି ଗଠିତ

ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଭିଏସ୍ଏସ୍ ନଗରଠାରେ ପଶ୍ଚିମ ଓଡ଼ିଶାର କଳାକାରଙ୍କୁ ନେଇ ଶୁକ୍ରବାର ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ପଶ୍ଚିମ ଓଡ଼ିଶା କଳାକାର ସଂଘର୍ଷ ସମିତି ନାମକ ଏକ ସଂଘ ଗଠନ କରାଯାଇଥିଲା। ଏଥିରେ ରାଧେଶ୍ୟାମ ନାଏକ ସଭାପତି, ଆଲୋକ କୁମାର ସାହୁ ଉପସଭାପତି, ଶକ୍ତିସେନ ସରାଫ ସମ୍ପାଦକ, ଡାକ୍ତର ନାଗ ସହସମ୍ପାଦକ, ବୃନ୍ଦାବନ ଖମାରୀ କୋଷାଧ୍ୟକ୍ଷ ଏବଂ ଦିଲୀପ କୁମାର ପାଣିଙ୍କୁ ସହକୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହି ସମିତି ପଶ୍ଚିମ ଓଡ଼ିଶାରେ ଲୁଚି ରହିଥିବା କଳା, ସଂସ୍କୃତିର ବିକାଶ ସହିତ କଳାକାରଙ୍କୁ ସାହାଯ୍ୟ, ସହଯୋଗ କରିବ ବୋଲି ସୂଚନା ଦିଆଯାଇଛି।

# ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ, ଜମି ପାଇଲା ବିଦ୍ୟାଳୟ

ଝାରବନ୍ଧ,୨୩।୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଗୌଡ଼ମାଳ ମଧ୍ୟ ଇଂଲିଶ ବିଦ୍ୟାଳୟର ପ୍ରାୟ ୧୨ଏକର ୮୪ ଡିସିମିଲ ଜମି ରହିଛି। ଏହି ଜମିକୁ କେତେଜଣ ବ୍ୟକ୍ତି ଅକ୍ତିଆର କରି ନେଇଥିଲେ। ସ୍ଥାନୀୟ ପୋଲିସ, ତହସିଲଦାର, ରାଜସ୍ୱ ଅଧିକାରୀ, ଭଦ୍ରଲୋକ ଅନେକ ଥର ବିଦ୍ୟାଳୟ ଜମି ଫେରସ୍ତ କରିବାକୁ ସଂପୃକ୍ତ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ ଛାଡ଼ି ନ ଥିଲେ। ଶେଷରେ ବାଧ ହୋଇ ବିଦ୍ୟାଳୟ ତରଫରୁ ପଦ୍ମନ ରଣା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୮ବର୍ଷ ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ତହସିଲଦାର ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟରେ ୧ଏକର ୯୨ଡିସିମିଲ୍ ଜମି ବିଦ୍ୟାଳୟକୁ ସତ୍ତ୍ୱ ଦେଇଛନ୍ତି। କିଛି ଦିନ ପରେ ସମସ୍ତ ଜବର ଦଖଲ ମୁକ୍ତ କରି ବିଦ୍ୟାଳୟକୁ ହସ୍ତାନ୍ତର କରିବେ ବୋଲି ତହସିଲଦାର ଉଚ୍ଚ ନ୍ୟାୟାଳୟଠାରେ ଆବେଦନ କରିଥିବା ପଦ୍ମନ ରଣାଙ୍କୁ ସୂଚନା ଦେଇଛନ୍ତି।

# ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ


ଛାତ୍ରୀଛାତ୍ର ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି।

ଅତାବିରା,୨୩।୨(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଅନାମିକା ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ପରିତ୍ୟକ୍ତ ପ୍ଲାଷ୍ଟିକ ବୋତଲରୁ ପ୍ରସ୍ତୁତ କଲମ ଷ୍ଟାଣ୍ଡ, ଫୁଲକୁଣ୍ଡ, ଖେଳଣା, ଘରସଜା ସାମଗ୍ରୀ ଆଦି ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ ବିଦ୍ୟାଳୟଭାବେ ଘୋଷଣା କରାଯାଇଛି ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ବାଉଁଶୁଣୀ,୨୩।୨(ଦେବାଶିଷ ନେପାକ)

ଜାତୀୟ ରାଜପଥ ନଂ. ୫୭ର ମନମୁଣ୍ଡା ଥାନା ଜମଟାଙ୍ଗୀ ଛକ ନିକଟରେ ରବିବାର ରାତି ୮.୧୫ ମିନଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆମ୍ବଝରୀ ଗ୍ରାମ ପଞ୍ଚାୟତ ବଏଲବେ ଗ୍ରାମର ଆକାଶ ଝାଙ୍କର ଓ ବ୍ରାହ୍ମଣୀପାଲି ପଞ୍ଚାୟତ ନୂଆପଡ଼ା ଗ୍ରାମର ରଞ୍ଜନ ମାଝୀ ଏକ ବାଇକ୍ ଯୋଗେ ମନମୁଣ୍ଡା ପଟୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଜମଟାଙ୍ଗୀ ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଆକାଶ ଓ ରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ବାଉଁଶୁଣୀ ଦମକଳ ବାହିନୀ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବ୍ଲକସ୍ତରୀୟ ପ୍ରେରଣା ଟ୍ରେନିଂ

ବରପାଲି,୨୩।୨(ଚିତ୍ତରଞ୍ଜନ ସାହୁ)

ବରପାଲି ଓ ଭେଡେନ ବ୍ଲକର ସମସ୍ତ ନବ ନିଯୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ନେଇ ଶନିବାର ବରପାଲିଠାରେ ଦୀର୍ଘ ୫ ଦିନ ପରେ ପ୍ରେରଣା ପ୍ରଶିକ୍ଷଣ ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାରା ଅଧ୍ୟକ୍ଷତା କରିଥିଲେ। ବିଆରସିସି ଦୁର୍ଯ୍ୟୋଧନ ସିଂ ଓ ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ବାରିକ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ନ୍ୟାୟ ଦାବିରେ ପଦ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା

ପଦ୍ମପୁର,୨୩।୨ (ପ୍ରଦୀପ୍ତ ଦାଶ)

**କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣା**

ବରଗଡ଼ ଜିଲା ପଦ୍ମପୁର ସହରରେ ରବିବାର ସନ୍ଧ୍ୟା ୬ଟା ୩୦ରେ କିଟ ଛାତ୍ରୀ ଆତ୍ମହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ପଦ୍ମପୁର ଦୂର୍ଗା ମନ୍ଦିରଠାରୁ ଭେଉରିଆ ଛକ ଓ ଥାନା ଛକ ହୋଇ ଭେଉରିଆ ଛକଠାରେ କିଟ୍ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣା ଅତି ଦୁଃଖଦାୟକ ଓ ଆମେ ସମସ୍ତେ ମର୍ମାହତ। ଏହାର ସିବିଆଇ ତଦନ୍ତର ଦାବି କରି ଏକ ରାଲି କରାଯାଇଛି। ଷ୍ଟୁଡେଣ୍ଟ ସୋସାଇଟି ଅଫ ଓଡ଼ିଶା ତରଫରୁ ରେଭେନ୍ସାର ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଚନ୍ଦନ ବଂଶଲଙ୍କ ନେତୃତ୍ୱରେ ଛାତ୍ର ଓ ଯୁବକ ସାମିଲ ହୋଇ ଆମେ ନ୍ୟାୟ ଚାହୁଁ ନାରାଦେଇ ନଗର ପରିକ୍ରମା କରିଥିଲେ। ଏଥିସହ ଭେଉରିଆଛକଠାରେ ମୃତ ଛାତ୍ରୀଙ୍କ ନାଁରେ ନିରବ ପ୍ରାର୍ଥନା କରିବା ସହ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।



ଷ୍ଟୁଡେଣ୍ଟ ସୋସାଇଟି ଅଫ୍ ଓଡ଼ିଶା ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ଭଲିଆପଦରକୁ ହରାଇ କଳାପଥର ଚାମ୍ପିୟନ

**୧୭ତମ ଏମ୍ଏମ୍‌ସିସି କ୍ରିକେଟ୍ ଟୁର୍ନାମେଣ୍ଟ**

ଅମରପାଲି,୨୩।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ଓ ପଥରଘାଟର ମିଳିତ ଆନୁକୂଲ୍ୟରେ ହିଲୁଙ୍ଗସ୍ଥିତ ଖେଳପଡ଼ିଆରେ ୧୭ତମ ଏମ୍ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ଭଲିଆପଦରକୁ ହରାଇ କଳାପଥର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୩ଟି ଫର୍ମାଟରେ ହୋଇଥିଲା। ଭଲିଆପଦର ଦଳ ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୪୦ ରନ କରିଥିଲା। ଜବାବରେ କଳାପଥର ଦଳ ଆବଶ୍ୟକୀୟ ୪୧ ରନକୁ ୨ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ଭଲିଆପଦର ଦଳ ନିର୍ଦ୍ଧାରିତ ୮ ଓଭରରେ ୮୦ରନ କରିଥିବା ବେଳେ କଳାପଥର ସମସ୍ତ ଉଇକେଟ ହରାଇ ୭୦ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ତୃତୀୟ ଫର୍ମାଟ ଖେଳାଯାଇଥିଲା। ଏଥିରେ କଳାପଥର ୨ଓଭରରେ ୨୮ ରନ କରିଥିବାବେଳେ ଭାଲିଆପଦର ୨ ଓଭରରେ ୬ ରନ କରିଥିଲା। ଫଳରେ କଳାପଥର ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟ ଅତିଥି ଏବଂ କ୍ରିଡ଼ାବିତ ସନତ କୁମର ହୋତା,ଯୋଗିନ୍ଦ୍ର ମିର୍ଦ୍ଧା, ସରପଞ୍ଚ ପ୍ରତିନିଧି ଅକ୍ଷୟ ସେଠୀ, କ୍ରୀଡାବିତ ଧନଞ୍ଜୟ ସିଂ, ଖୁବଲେ ମିର୍ଦ୍ଧା, ପୂର୍ବତନ ସରପଞ୍ଚ ଅଶୋକ ମହାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଳାପଥରର ରତନଙ୍କୁ ମ୍ୟାନ ଅଫ ଫାଇନାଲ, ଉଗ୍ରେସନଙ୍କୁ ମ୍ୟାନ ଅଫ ଦି ସିରିଜ, ଅଭିଷେକଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର, ଭାଲିଆପଦରର ରାଜାଙ୍କୁ ଶ୍ରେଷ୍ଠ ବୋଲର ଓ କୁମାରଙ୍କୁ ଶ୍ରେଷ୍ଠ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ କଳାପଥର ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଭାଲିଆପଦରକୁ ନଗଦ ୮ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ବିକାଶ ମିର୍ଦ୍ଧା, ସୁଶାନ୍ତ ମିର୍ଦ୍ଧା ଆମ୍ପାୟର ଭାବେ ପରିଚାଳନା କରିଥିଲେ। ଲିଙ୍କୁନ ମହାକୁର ଓ ବିମଳ ନାଗ ସ୍କୋରିଂ ଏବଂ ବିକାଶ ସାଠୁଆ ଓ ହିମାଂଶୁ ବଘାର ଧାରାବିବରଣୀ ପ୍ରଦାନ କରିଥିଲେ।


ଏମ୍ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟରେ ଟ୍ରଫି ଓ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

# ଧବଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ପ୍ରସ୍ତୁତି

ରାଉରକେଲା, ୨୩।୨ (ବିପ୍ଳବ ରଞ୍ଜନ ଦାଶ): ଦେଓଗାଁସ୍ଥିତ ଧବଳେଶ୍ୱର ମନ୍ଦିରରେ ଆସନ୍ତା ୨୬ ତାରିଖରେ ମହାଶିବରାତ୍ରି ପାଳନ କରାଯିବ। ଏଥିପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ତଥା ପୂର୍ବତନ ବିଧାୟକ ରବି ଦେହୁରୀ ବୈଠକରେ ଅଧ୍ୟକ୍ଷତା କରି ମହାଶିବରାତ୍ରି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୨୫ ତାରିଖ ରାତି ୧୨ଟାରେ ରୁଦ୍ରାଭିଷେକ ଆରମ୍ଭ ହେବ। ମହାଶିବରାତ୍ରିରେ ରାତ୍ରି ୯ଟା ୩୦ରୁ ୧୦ଟା ୩୦ ମଧ୍ୟରେ ମହାଦୀପ ପ୍ରାୟ ଉଠିବ ବୋଲି ସେ ସୂଚନା ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଟ୍ରଷ୍ଟି ଅନିରୁଦ୍ଧ ସ୍ୱାଇଁ ସମସ୍ତ ସ୍ୱେଚ୍ଛାସେବୀ ଓ ପୋଲିସ ପ୍ରଶାସନକୁ ଅନୁରୋଧ କରିଛନ୍ତି। ମନ୍ଦିରର ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀଙ୍କ ନେତୃତ୍ୱରେ ମହାଦେବଙ୍କ ସମସ୍ତ ନୀତି ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପେକ୍ଷୀରେ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଅରୁଣ ତ୍ରିପାଠୀ, ଶଙ୍କର ନାୟକ, ବିଶିକେଶନ ଦେହୁରୀ, ଜଗନ୍ନାଥ ଦେହୁରୀ, ତୁଷାରକାନ୍ତ ଦେହୁରୀ, ନିଶାନ୍ତ ଦେହୁରୀ, ଚାନ୍ଦୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ସୂଚନା ପ୍ରଦାନ କରାଯାଉଛି।



ରବିବାର ଲାଠିକଟା ବ୍ଲକ ଅଧୀନ କାଲୋକୁଦର ଅଞ୍ଚଳରେ ବିକ୍ଷୋଭ ବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

# ଟାଣିଲେ ଗ୍ରାମବାସୀ, ନିର୍ମାଣ କାର୍ଯ୍ୟ ବନ୍ଦ

## ଗ୍ରାମ୍ୟ ଜଙ୍ଗଲ ଜମିରେ ପାଚେରି ନିର୍ମାଣକୁ ନେଇ ବିବାଦ

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅଧୀନ କାଲୋକୁଦର ଅଞ୍ଚଳରେ ଗ୍ରାମ୍ୟ ଜଙ୍ଗଲ ଜମିରେ ଏକ ଘରୋଇ ସଂସ୍ଥା ପାଚେରି ନିର୍ମାଣ କରୁଥିବାବେଳେ ବିବାଦ ଉପୁଜିଛି। ଏହାକୁ ବିରୋଧ କରି ରବିବାର ପୂର୍ବାହ୍ଣ ୧୦ଟାରେ ସ୍ଥାନୀୟ ଅଞ୍ଚଳର ପ୍ରେମଚାନ୍ଦ ବାରା, ସୁଖଦେବ ନାନୁଆର, ଭୁବନୁ କୁଜୁର, ଜ୍ୟୋତି ଲାକ୍ରା, ବିନୋଦ ବାରା, ଶୁଭମ୍ ଚନ୍ଦନ, ପ୍ରଦୋଷ ମହାନ୍ତି ଏବଂ ଦଶାରୁ କିଷାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ନିର୍ମାଣସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ଅପରପକ୍ଷେ ଉକ୍ତ ଜମି ରେକର୍ଡରେ ଗ୍ରାମ୍ୟଜଙ୍ଗଲ ହୋଇଥିବା ଦର୍ଶାଇ ରାଉରକେଲା ବନ ବିଭାଗ ଡିଏଫ୍‌ଓ ଯଶୋବନ୍ତ ସେଠୀ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ତୁରନ୍ତ ପାଚେରି ନିର୍ମାଣ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। ଏହାପରେ ବିକ୍ଷୋଭକାରୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ।

ବିକ୍ଷୋଭକାରୀ ଜାଭିୟର ଲାକ୍ରାଙ୍କ ଅଭିଯୋଗ ଅନୁଯାୟୀ, କାଲୋକୁଦର ଅଞ୍ଚଳରେ ଏକ ପାର୍ଶ୍ୱରେ ୬ ଏକର ୩୬ ଡେସିମିଲ୍ ଗ୍ରାମ୍ୟ ଜଙ୍ଗଲ ଜମି ରହିଛି। କିଛିଦିନ ତଳେ ସେଠାରେ ଏକ ଘରୋଇ କମ୍ପାନୀ ପାଚେରି ନିର୍ମାଣ କରି ପ୍ରକଳ୍ପ ପାଇଁ ପ୍ରସ୍ତୁତି ଚଳାଇଥିଲା। ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଅଞ୍ଚଳବାସୀ ଏହାକୁ ବିରୋଧ କରିବାରୁ କାର୍ଯ୍ୟ ବନ୍ଦ କରାଯାଇଥିଲା। ହେଲେ ବର୍ତ୍ତମାନ ପୁଣି ନିର୍ମାଣ କାର୍ଯ୍ୟ କରାଯାଉଛି। ଏହାକୁ ଇକୋ କନଭର୍ସସନ୍ ଏପର୍ଯ୍ୟନ୍ତ କରାଯାଇନାହିଁ। ଫଳରେ ଏହି ଜମି ଏବେ ମଧ୍ୟ ଗ୍ରାମ୍ୟ ଜଙ୍ଗଲ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ଗତ ସେପ୍ଟେମ୍ବର ୫ତାରିଖରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏପରିକି ପ୍ରଶାସନକୁ ମ୍ୟୁଟେଶନ କେଶ୍ ବାବଦରେ ପଚରାଗଲେ ମଧ୍ୟ କୌଣସି ସଠିକ୍ ଉତ୍ତର ମିଳୁନାହିଁ ବୋଲି ଲାକ୍ରା ଅଭିଯୋଗ କରିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ଠିକ୍ ଭାବେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ବହନ କରାଯିବା ଆବଶ୍ୟକ। ନିର୍ମାଣ ନାମରେ ବ୍ୟାପକ ବୃକ୍ଷଚ୍ଛେଦନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ପରିବେଶ ନଷ୍ଟ ହେବା ସହ ଆଗାମୀ ଦିନରେ ଲୋକେ ବହୁ ଅସୁବିଧାରେ ପଡିବେ। ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିବାକୁ ଆଗେଇ ଆସିଛନ୍ତି ବୋଲି ଲାକ୍ରା କହିଥିଲେ।

ଏ ସମ୍ପର୍କରେ ଡିଏଫ୍‌ଓ ସେଠୀ କହିଛନ୍ତି, ସମ୍ପ୍ରତି ଉକ୍ତ ଜମି ରେକର୍ଡରେ ଗ୍ରାମ୍ୟ ଜଙ୍ଗଲ ରହିଛି। ଏଥିରେ ନିର୍ମାଣ କାର୍ଯ୍ୟ ବେଆଇନ ଅଟେ। ଗ୍ରାମବାସୀ ପୂର୍ବରୁ ଏ ନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିସ୍ତୃତ ଯାଞ୍ଚ କରାଯିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେଠୀ କହିଥିଲେ।

# ଓଡ଼ିଶା କୋଠାବାଡ଼ି, ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସେକ୍ଟର-୫ ଭଞ୍ଜ ଭବନଠାରେ ରବିବାର ପୂର୍ବାହ୍ଣ ୧୧ଟାରେ ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ବୋର୍ଡ ଅଧୀନରେ ଉପଲବ୍ଧ କଲ୍ୟାଣମୂଳକ ଯୋଜନାରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରି ବିଭିନ୍ନ ସହାୟତା ପାଇଁ ଆବେଦନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ ଓ ଅନ୍ୟମାନେ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିମାନେ ସଚେତନ କରିଥିଲେ। ଏହି ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଆବେଦନ କରିଥିବା ମୋଟ ୩୯୩ ଜଣଙ୍କ ମଧ୍ୟରୁ ୨୬ ଜଣ ନିର୍ମାଣ ଶ୍ରମିକଙ୍କୁ ୪ଲକ୍ଷ ୧୨ହଜାର ଶିକ୍ଷା ସହାୟତା, ୫୧ ଜଣଙ୍କୁ ୨୫ଲକ୍ଷ ଟଙ୍କା ବିବାହ ସହାୟତା, ୧୯ ଜଣଙ୍କୁ ୧ ଲକ୍ଷ ୯୦ହଜାର ପ୍ରସବକାଳୀନ ସହାୟତା, ୧୫୧ ଜଣଙ୍କୁ ୩କୋଟି ମୃତ୍ୟୁକାଳୀନ ସହାୟତା ଏବଂ ୧୪୬ ଜଣଙ୍କୁ ୭ଲକ୍ଷ ୩୦ ହଜାର ଟଙ୍କା ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ରାଶି ବଣ୍ଟନ କରାଯାଇଥିଲା। ପରେ ୨ଶହ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ଶୁଭଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ପ୍ରଧାନ, ସ୍ୱୟଂବିକାଶ ସାମଲ, ରାଜେଶ ଟେଟେ, ସୁଧୀପ ସାହାଣୀ, ଗୀତାଞ୍ଜଳି ଦେବସା, ସଙ୍ଗୀତା ବାହାଲା, ଗୌରହରି ତାଣ୍ଡି ଓ ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

# ଯାଞ୍ଚ କଲା ଫରେନ୍‌ସି ଟିମ୍

## ଠିକାଦାରଙ୍କୁ ଗୁଳିମାଡ଼ ମାମଲା

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ଶନିବାର ସନ୍ଧ୍ୟା ସାଢ଼େ ୮ଟାରେ ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୪ ପୋଷ୍ଟ ଅଫିସ ନିକଟରେ ସଂଘଟିତ ଗୁଳିମାଡ଼ ଘଟଣାରେ ରବିବାର ପୋଲିସର ସକ୍ରିୟତା ଦେଖିବାକୁ ମିଳିଛି। ରବିବାର ସକାଳ ପ୍ରାୟ ୮ଟାରେ ପୋଲିସ ଫରେନ୍‌ସି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ଗୁଳିମାଡ଼ କରି ଫେରାର ହୋଇଯାଇଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ସନ୍ଧାନୀ କୁକୁର ସହଯୋଗରେ ତଦନ୍ତ କରାଯାଇଥିଲା। ସେହିପରି ଆହତ ଠିକାଦାର ହସ୍ପିଟାଲରେ ଭର୍ତ୍ତିହେବା ପୂର୍ବରୁ ଦେଇଥିବା ବୟାନକୁ ଆଧାର କରି ପୋଲିସ ୪/୫ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାଲି ଟେଣ୍ଡରକୁ କେନ୍ଦ୍ର କରି ଏପରି ଗୁଳିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଏଥିରେ କେହି ଗିରଫ ହୋଇ ନ ଥିବା ପୋଲିସ କହିଛି।

# ଓଡ଼ିଆଙ୍କ ସ୍ୱାଭିମାନ, ପରମ୍ପରା, ପରିଚୟ ଅକ୍ଷୁର୍ଣ୍ଣ ରଖାଯାଉ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆମେ ଓଡ଼ିଆ ରାଉରକେଲା ଶାଖା ସମ୍ମିଳନୀ

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଐତିହ୍ୟକୁ ଉଜ୍ଜୀବିତ କରି ରଖିବା ସହ ଓଡ଼ିଆ ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଗଠନ କରାଯାଇଥିବା ସାମାଜିକ ଅନୁଷ୍ଠାନ 'ଆମେ ଓଡ଼ିଆ' ରାଉରକେଲା ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୩ ଖଡ୍ଗ ଭବନରେ ରବିବାର ପୂର୍ବାହ୍ଣ ୧୧ଟାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶମ୍ଭୁନାଥ ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଫେସର ସମର ମୁଦାଲି, ନିରୋଦ ରାଉତ, ଶଶଧର ପାତ୍ର, ଅନୀଲ ଦାଶ, ଚାନ୍ଦମଣି ବେହୁରିଆ, ସୁବ୍ରତ ମଲ୍ଲିକ, ସତ୍ୟାନନ୍ଦ ବେହେରା, ଉମାକାନ୍ତ ପଣ୍ଡା ପ୍ରମୁଖ ମୁଖ୍ୟ ଆଲୋଚକ ଭାବେ ମଞ୍ଚାସୀନ ଥିଲେ। ଜଗନ୍ନାଥ ସଂସ୍କୃତି, ଐତିହ୍ୟ ତଥା ଅତୀତ ଗୌରବମୟ କଳା, ସ୍ଥାପତ୍ୟ, ଇତିହାସକୁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ପହଞ୍ଚାଇବା ସହ ଏଥିପ୍ରତି ଆଜିର ଯୁବପିଢ଼ିଙ୍କୁ ଅବଗତ ଓ ଅନୁପ୍ରେରିତ କରିବାର ଆବଶ୍ୟକତା ରହିଛି। ଓଡ଼ିଆମାନଙ୍କ ସ୍ୱାଭିମାନ ଓ ପରମ୍ପରା, ପରିଚୟକୁ ଅକ୍ଷୁର୍ଣ୍ଣ ରଖାଯିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ ହାତକୁ ନିଆଯାଉ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥୀ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ପରେ ଗୁରୁକୁଳ ଆଶ୍ରମର ଛାତ୍ରଛାତ୍ରୀ ବେଦମନ୍ତ୍ର ପାଠ କରିଥିଲେ। ଜଗନ୍ନାଥ ରାଉତ ମଞ୍ଚ ସଂଯୋଜନା କରିଥିବା ବେଳେ ଅନୀଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭୁ ନାୟକ ଓ ଡ. ଅନ୍ତର୍ଜିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଳିନୀକାନ୍ତ ଧର, ରାମକୃଷ୍ଣ ବିଶ୍ୱାଳ, ସଦାନନ୍ଦ ସାହୁ, ସୁରେନ୍ଦ୍ର ଦାଶ, ରବିନ୍ଦ୍ର ବେହୁରିଆ, ବିକ୍ରମ ଆଚାର୍ଯ୍ୟ, ସୌଦାମିନୀ ମୁଦୁଲି, ସୁବାସ ଲେଙ୍କା ଓଡ଼ିଆ ପରମ୍ପରାକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ଏସ୍‌ଡବ୍ଲ୍ୟୁଏଫ୍‌ଆଇ ସମ୍ପାଦକଙ୍କ ବିୟୋଗରେ ଶୋକସଭା

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ଏସ୍‌ଡବ୍ଲ୍ୟୁଏଫ୍‌ଆଇ ସର୍ବଭାରତୀୟ ସମ୍ପାଦକ ତଥା ଦୁର୍ଗାପୁରର ସିଆଇଟିୟୁ ନେତା କାଳୀ ସାନ୍ୟାଲଙ୍କ ୬୨ବର୍ଷରେ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗରେ ଶନିବାର ସନ୍ଧ୍ୟା ୭ଟାରେ ସିଆଇଟିୟୁ ପକ୍ଷରୁ ଶ୍ରମିକ ଭବନଠାରେ ବସନ୍ତ ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏସ୍‌ଡବ୍ଲ୍ୟୁଏଫ୍‌ଆଇର ଅନ୍ୟତମ ସମ୍ପାଦକ ବିମାନ ମାଇତି, ପ୍ରଦୀପ ସେଠୀ, ବି. ପି. ମହାପାତ୍ର, ଯଜ୍ଞେଶ୍ୱର ସାହୁ, ଲକ୍ଷ୍ମୀଧର ନାୟକ, ରାଜକିଶୋର ପ୍ରଧାନ, ପ୍ରଦୋଷ ପରିଡା ପ୍ରମୁଖ ବକ୍ତବ୍ୟ ଦେଇ ସାନ୍ୟାଲଙ୍କ ଦୀର୍ଘଦିନର ଲଢୁଆ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଦୁର୍ଗାପୁର ସିଆଇଟିୟୁ କାର୍ଯ୍ୟକ୍ରମ ସହ ଏସ୍‌ଡବ୍ଲ୍ୟୁଏଫ୍‌ଆଇର ଇପିଏସ୍-୯୫ କେସ୍, ସେଲ୍ ପେନସନ୍ କମିଟି ସଭ୍ୟ, ପିଏଫ୍ କାର୍ଯ୍ୟକ୍ରମରେ ତାଙ୍କର ଯୋଗଦାନ ଅତୁଳନୀୟ। ବର୍ତ୍ତମାନ କୋଲକତା ହାଇକୋର୍ଟରେ ଚାଲିଥିବା ସେଲ୍ ଗ୍ରାଚ୍ୟୁଇଟି ପ୍ରତ୍ୟାହାର ମାମଲାକୁ ସେ ପରିଚାଳନା କରୁଥିଲେ। ସେ ବିଭିନ୍ନ କାରଖାନାର ନେତୃତ୍ୱ ସହ ଇସ୍ପାତ ଖଣି ଓ ଠିକା ଶ୍ରମିକଙ୍କ ସମସ୍ତ ଲଢେଇକୁ ସଂଯୋଜନା କରୁଥିଲେ ବୋଲି ବକ୍ତାମାନେ କହିଥିଲେ। ବୈଠକରେ ସଞ୍ଜୟ ନାୟକ, ରତ୍ନାକର ନାୟକ, ଦିବାକର ମହାରଣା, ନରେନ୍ଦ୍ର ରାଉତରାୟ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ସନ୍ତୋଷ ବେହେରା, କୁଳମଣି ରାଉତ, ଅକ୍ଷୟ ରାଉତ, ବସନ୍ତ ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି କାଳୀ ସାନ୍ୟାଲଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



ଶୋକସଭାରେ ଉପସ୍ଥିତ ସିଆଇଟିୟୁ କର୍ମକର୍ତ୍ତା।

# ଭିନ୍ନକ୍ଷମଙ୍କ ଅଧିକାର, ସଶକ୍ତୀକରଣ ସଚେତନତା ଶିବିର

ରାଉରକେଲା, ୨୩।୨ (ବିପ୍ଳବ ରଞ୍ଜନ ଦାଶ)

ଟାଟା ପାୱାର ପଶ୍ଚିମାଞ୍ଚଳ ଡେଭଲପମେଣ୍ଟ ଲିମିଟେଡ ସହାୟତାରେ ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ଶନିବାର ଭିନ୍ନକ୍ଷମଙ୍କ ଆଇନ ଓ ଅଧିକାର ତଥା ସଶକ୍ତୀକରଣ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସାମ୍ବିଧାନିକ ଅଧିକାର ତଥା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବିଧାନର ୨୧ଧାରାରେ ଆମ ସମସ୍ତଙ୍କୁ ସମାନ ଅଧିକାର ଦିଆଯାଇଥିବାବେଳେ ଭିନ୍ନକ୍ଷମମାନଙ୍କ ପାଇଁ ୨୦୧୬ ଆଇନ ଓ ଅଧିକାର ସ୍ୱତନ୍ତ୍ର ଭାବେ ରହିଛି। ଭିନ୍ନକ୍ଷମଙ୍କ ଉନ୍ନତି ଲାଗି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଅଛି। ଚାକିରି ପାଇଁ ୪%, ଶିକ୍ଷା ପାଇଁ ୫%, ଦାରିଦ୍ର୍ୟ ଦୂରୀକରଣ ପାଇଁ ତଥା ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାରେ ୫%, ବସ୍ ଓ ଟ୍ରେନ ଯାତାୟାତରେ ରିହାତି ସୁବିଧା ରହିଛି। ଭିନ୍ନକ୍ଷମ ତଥା ସେମାନଙ୍କ ପରିବାରମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଆମ ସମାଜର ସବୁବର୍ଗର ଲୋକେ ଭିନ୍ନକ୍ଷମମାନଙ୍କୁ ସହାୟତା ଯୋଗାଇ ଦେଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡବ୍ଲୁଏସ୍ ହସ୍ପିଟାଲର ଲାଇଭହୁଡ ପ୍ରୋଜେକ୍ଟ ପ୍ରଶିକ୍ଷକ ପ୍ରଫୁଲ୍ଲ ମିଞ୍ଜି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଏହାର ପରିଚାଳନା ଓ ସ୍ୱଉପାର୍ଜନ ବାବଦରେ ଉପସ୍ଥାପନ କରିଥିଲେ। ଆଇଟିଡିଏ ପାନପୋଷ ଶାଖାର ବ୍ଲକ ଲାଇଭ୍ଲି ପ୍ରୋଜେକ୍ଟର ପ୍ରଶିକ୍ଷକ ଶିବ ପ୍ରସାଦ ଦାସ ତାଙ୍କ ବିଭାଗରେ ଆଦିବାସୀ ତଥା ଭିନ୍ନକ୍ଷମମାନଙ୍କ ଥିବା ବିଭିନ୍ନ ଯୋଜନା ବାବଦରେ ବିବରଣୀ ପ୍ରଦାନ କରିଥିଲେ। ଶ୍ରଦ୍ଧାର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରକଳ୍ପ ପରିଚାଳିକା ରିନ୍ଦୁଲତା ମହାରଣା ୯ଟି ପଞ୍ଚାୟତରେ ଚାଲିଥିବା ଗୋଷ୍ଠୀ ଭିତ୍ତିକ ଥଇଥାନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଉଦୁସ୍ତ, ମନକୋ, ଡରେଇକେଲା ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଏଥିରେ ଭାଗ ନେଇଥିଲେ। ସୁକୁମାର ପାଣ୍ଡବ, ଅର୍ଚ୍ଚନା ମିଞ୍ଜ, ଧୀରେନ୍ଦ୍ର ଓଝା ପ୍ରମୁଖ ସହଯୋଗ କରିଥିଲେ। ପ୍ରକଳ୍ପ କୋର୍ଡିନେଟର ସୁକୁମାର ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# ସଜେଇ ହେଲାଣି ବେଦବ୍ୟାସ ଶୈବପୀଠ

## ୨ ଦିନ ପରେ ମହାଶିବରାତ୍ରି ଯାତ୍ରା

ରାଉରକେଲା, ୨୩।୨ (ସଙ୍ଗୀତା ଜେନା)

ଆଉ ୨ ଦିନ ପରେ ମହାଶିବରାତ୍ରି। ଏହି ଉପଲକ୍ଷେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ସଜେଇ ହେବାରେ ଲାଗିଛି। ରାଜାରାଜୁଡା କାଳରୁ ଆଜି ପର୍ଯ୍ୟନ୍ତ ଏହି ଧାମରେ ମହାଶିବରାତ୍ରି ମେଳା ଅନୁଷ୍ଠିତ ହୋଇଆସୁଛି। ପ୍ରଶାସନ ପକ୍ଷରୁ ମେଳା ସୁପରିଚାଳନା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଜାଗର ଜାଳିବା ସହ ଶଙ୍ଖ, କୋଏଲ ଓ ସରସ୍ୱତୀ ନଦୀର ସମ୍ମିଶ୍ରଣରେ ବ୍ରାହ୍ମଣୀ ରୂପ ଧାରଣ କରିଥିବା ଏହି ନଦୀର ସଙ୍ଗମସ୍ଥଳୀରେ ସ୍ନାନ କରନ୍ତି। ଆସନ୍ତା ୨୬ ତାରିଖ ରାତ୍ରିରେ ମହାଦୀପ ଉଠିବ। ଏଥିପାଇଁ ମନ୍ଦିରର ସୌନ୍ଦର୍ଯ୍ୟକରଣ, ପାନୀୟ ଜଳ, ଶ୍ରଦ୍ଧାଳୁଙ୍କ ବସିବା ସ୍ଥାନ, ସୁରକ୍ଷା ବ୍ୟବସ୍ଥା ଆଦି କରାଯାଉଛି। ଛତିଶଗଡ଼, ବିହାର, ଓଡ଼ିଶା, ରାଜସ୍ଥାନ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟର ବ୍ୟବସାୟୀମାନେ ଶିବରାତ୍ରି ମେଳାରେ ବ୍ୟବସାୟ କରିଥାନ୍ତି। ମେଳା ସମୟରେ ବିଭିନ୍ନ ପ୍ରକାର ଝୁଲା, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଉଛି। ଭବ୍ୟ ତୋରଣ ସହ ଆଲୋକମାଳାରେ ଉକ୍ତ ଧାମକୁ ସଜେଇବା ଆରମ୍ଭ ହୋଇଛି। ଉକ୍ତ ଧାମରେ ବାଲୁଙ୍କେଶ୍ୱର, ଧବଳେଶ୍ୱର, ହନୁମାନ, ଜଗନ୍ନାଥ, ଗ୍ରାମଦେବତୀ, ସରସ୍ୱତୀ କୁଣ୍ଡ, ଗଣେଶ, ବ୍ୟାସଦେବ, ପରାଶର ମୁନି ଭବନ, ଅହର୍ନିଶି ନାମଯଜ୍ଞ, ସ୍ୱର୍ଗଦ୍ୱାର, ମହାମୃତ୍ୟୁଞ୍ଜୟ ମନ୍ଦିର, ରାମସୀତା ମନ୍ଦିର ଭଳି ଅନେକ ଆଧାତ୍ମିକ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଛି। ସେହିପରି ପ୍ରଶାସନ ପକ୍ଷରୁ ପାନୀୟ ଜଳ, ଆଲୋକବ୍ୟବସ୍ଥା, ରାସ୍ତାଘାଟ, ସୁରକ୍ଷା ବ୍ୟବସ୍ଥା କରାଯାଉଛି।



ବେଦବ୍ୟାସ ପୀଠ ମନ୍ଦିର ପରିସରକୁ ସୌନ୍ଦର୍ଯ୍ୟକରଣ କରାଯାଉଛି।

**ଜାତୀୟ କୁଇଜ୍ ପ୍ରତିଯୋଗିତାରେ ଭିସୁଟ୍ ଛାତ୍ର ପୁରସ୍କୃତ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କ୍ୱିଜିନ୍ କ୍ଲବ୍‌ର ୨ ଜଣ ଛାତ୍ର ପଦାରବିନ୍ଦ ଦାସ ଓ ଅନିଶ ବିଶ୍ୱାଳ ଏନ୍‌ଟିପିସି ଦ୍ୱାରା ଆୟୋଜିତ ଜାତୀୟ ଇଲେକ୍ଟ୍ରୋନ କୁଇଜ୍ ପ୍ରତିଯୋଗିତାରେ ରବିବାର ପୁରସ୍କୃତ ହୋଇଛନ୍ତି। ଏକମାତ୍ର ବୈଷୟିକ ଅନୁଷ୍ଠାନ ଏବଂ ଓଡ଼ିଶାରୁ ଫାଇନାଲ ଯାଇଥିବା ଏକମାତ୍ର ଅନୁଷ୍ଠାନ ଭାବେ ଭିସୁଟ ପୁରସ୍କୃତ ହେବା ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଲୋକଙ୍କ ପାଇଁ ଏହା ଗର୍ବର ବିଷୟ। ପ୍ରତିଯୋଗିତାରେ ନର୍ଥଇଷ୍ଟ, ପଶ୍ଚିମ ବଙ୍ଗଳା ଓ ଓଡ଼ିଶାରୁ ପ୍ରାୟ ୨୫-୩୦ ଟିମ୍ ଅଂଶଗ୍ରହଣ କରିଥିଲେ। ଏହାର ମୁଖ୍ୟ ଅତିଥି ଏନ୍.ଟି.ପି.ସି ଅଞ୍ଚଳ ଏକ୍ସିକ୍ୟୁଟିଭ ଡାଇରେକ୍ଟର ଅରିନ୍ଦମ ସିଂହ, ଜନ୍ ମାଥାଇ ମେମ୍ବର ସେକ୍ରେଟାରୀ ଡି.ଭି. ସି ଓ ପ୍ରଭାତ ରାମ ଅଞ୍ଚଳ ମାନବ ସମ୍ବଳ ପ୍ରମୁଖ ସ୍ୱାଗତ ଅଭିଭାଷଣ ଦେଇଥିଲେ।

## ସଂକ୍ଷେପରେ

### ଲକ୍ଷେଘର ପାଣ ସମାଜର ବାର୍ଷିକ ମହାସଭା

କୁଚିଣ୍ଡା,୨୩।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ଆଠଗାଁ ଛକରେ ରବିବାର ଲକ୍ଷେ ଘର ପାଣ ସମାଜ ଆଞ୍ଚଳିକ ଗୁଡ଼ି ପକ୍ଷରୁ ୭ମ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସମ୍ବାରୁ ବୁଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପସଭାପତି ମନବୋଧ କଣ୍ଡା ସମାଜର ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ଲକ୍ଷେ ଘର ପାଣ ଜାତି ସମାଜର ବିକାଶ ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମାଜର ସମସ୍ତେ ଏକଜୁଟ ହୋଇ ସଙ୍ଗଠନକୁ ସୁଦୃଢ କରିବାକୁ ସଂକଳ୍ପ ନେଇଥିଲେ। ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ, କୋଷାଧ୍ୟକ୍ଷ ଟଙ୍କଧର ପାତ୍ର, ସହସମ୍ପାଦକ ତ୍ରୀନାଥ ଲୁହା, ଉପଦେଷ୍ଟା ଗିରିଜା ଶଙ୍କର ପାତ୍ର, ଦୁଃଖବନ୍ଧୁ ବାଦି, ଶୁକଦେବ କଣ୍ଡା, ଟିକେଶ୍ୱର ହଂସ, ଟଙ୍କଧର ବାଘ, ହଳଧର ବାଦିଙ୍କ ସମେତ ବ୍ଲକ ଅଧିନରେ ଥିବା ୧୭ଟି ପଞ୍ଚାୟତର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ପରିଚାଳନା କମିଟି ସଭ୍ୟ ସୌଭାଗ୍ୟ ପାତ୍ର ସଭା ପରିଚାଳନା କରିଥିଲେ। ଶେଷରେ ପ୍ରଦୀପ ସୁରଜୁଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନାକଟିଦେଉଳ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୨୩।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ନାକଟିଦେଉଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସର ଗ୍ରହଣ କରିଥିବା ୨ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ରବିବାର ନାକଟିଦେଉଳ କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଓପିଏସ୍)ର ସଭାପତି ଅଶ୍ୱିନୀ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି (ଏନ୍‌ପିଏସ୍) ପ୍ରମୋଦ କୁମାର ସାହୁ ଏବଂ ଏକ୍ସ କ୍ୟାଡର ଶିକ୍ଷକ ସଂଘର ବ୍ଲକ ସଭାପତି ଅଖିଳ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅବସର ଗ୍ରହଣ କରିଥିବା ନାକଟିଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଏବଂ ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାଞ୍ଚନ ସାହୁଙ୍କୁ ଉତ୍ତରୀୟ ଏବଂ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ସାହୁ ଏବଂ ଶୁଭସ୍ମିତା ସାହୁ ମାନପତ୍ର ପାଠ କରିଥିଲେ। ନାକଟିଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ବଳରାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମମଣ୍ଡଳୀ ରାସ୍ତାକୁ ନେଇ ବିବାଦ

ନାକଟିଦେଉଳ,୨୩।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ରାଇଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚମ୍ପାଳି ନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ଐତିହାସିକ ତଥା ପୌରାଣିକ ପୀଠସ୍ଥଳୀ ଭୀମମଣ୍ଡଳୀକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି। ଭୀମ ମଣ୍ଡଳୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ପ୍ରଶାସନିକସ୍ତରରେ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଥିବା ବେଳେ ରାଜନୈତିକ ଦଳଗୁଡିକ ଏଥିପାଇଁ ନିଜକୁ ଶ୍ରେୟ ଦେବାରେ ଲାଗି ପଡିଛନ୍ତି। ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ଆସନ୍ତା ୨୫ ତାରିଖ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଭୀମ ମଣ୍ଡଳୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ରାଞ୍ଚି–ବିଜୟୱାଡ଼ା ଜାତୀୟ ରାଜପଥର ପେଣ୍ଡବାହାଲ ନିକଟ ଚମ୍ପାଳି ନଦୀଠାରୁ ପ୍ରାୟ ୪କି.ମି. ଦୂର ଭୀମମଣ୍ଡଳୀକୁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉଛି। ଯାହାକୁ କି ବିରୋଧ କରିଛନ୍ତି ଘୋଷରାମାଳ ଅଞ୍ଚଳବାସୀ। ଏହାର ପ୍ରତିବାଦରେ ରବିବାର ପ୍ରାୟ



ଜନସାଧାରଣ ପେଣ୍ଡବାହାଲ ନିକଟ ଚମ୍ପାଳିଠାରେ ରେଢ଼ାଖୋଲ–ଦେବଗଡ଼ ରାସ୍ତାକୁ ଅବରୋଧ କରିଛନ୍ତି।

**ପ୍ରତିବାଦରେ ଚମ୍ପାଳିଠାରେ ରାସ୍ତାରୋକୋ**

୧୧ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଅଞ୍ଚଳର ଜନସାଧାରଣ ପେଣ୍ଡବାହାଲ ନିକଟ ଚମ୍ପାଳିଠାରେ ରେଢ଼ାଖୋଲ–ଦେବଗଡ଼ ରାସ୍ତାକୁ ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନଙ୍କ ଅଭିଯୋଗ ଅନୁସାରେ ଚମ୍ପାଳିଠାରୁ ଭୀମମଣ୍ଡଳୀ ରାସ୍ତା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାବେଳେ ରାସ୍ତା ହେଲେ ଗଛ କଟିବା ସହ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଜାତୀୟ ରାଜପଥରୁ ପ୍ରାୟ ୧୪ କି. ମି. ରାସ୍ତା ଲୁସୁରା ଏବଂ ବାହାଲଝରଣ ଗ୍ରାମ ଦେଇ ରାସ୍ତା ନିର୍ମାଣ ହେଲେ ୪ଟି ପଞ୍ଚାୟତର ଲୋକେ ସୁବିଧାରେ ଯାତାୟାତ କରି ପାରିବେ ବୋଲି ଦାବି କରିଥିଲେ। ତେବେ ଖବରପାଇ ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଉପଜିଲାପାଳ ଏବଂ ଡିଏଫଓଙ୍କ ସହିତ ଅଞ୍ଚଳବାସୀ ଆଲୋଚନା କରି ନିଷ୍କର୍ଷ ବାହାରକରି ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ପେଣ୍ଡବାହାଳ ଚମ୍ପାଳି ନିକଟ ଜାତୀୟ ରାଜପଥଠାରୁ ଭୀମମଣ୍ଡଳୀ ମାତ୍ର ୪ କି.ମି. ଦୂରତା ହୋଇଥିବା ବେଳେ ଏହି ରାସ୍ତା ଦେଇ ବ୍ଲକର ଅନ୍ୟ ୧୦ଟି ପଞ୍ଚାୟତର ଜନସାଧାରଣ ଭୀମ ମଣ୍ଡଳୀକୁ ସୁବିଧାରେ ଯାତାୟାତ କରିପାରୁଛନ୍ତି।

# ରବି ଧାନ ସଂଗ୍ରହ ପ୍ରଭାବିତ ହେବା ଆଶଙ୍କା

ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)

- ଆନ୍ଦୋଳନକୁ ଓହ୍ଲାଇବ ସମବାୟ ସମିତି କର୍ମଚାରୀ ସଂଘ
- ୨୭ରେ ଆନ୍ଦୋଳନ ପାଇଁ ଚେତାବନୀ

ଆଗକୁ ରବି ଧାନ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏଭଳି ଏକ ଘଡ଼ିସନ୍ଧି ମୂହୁର୍ତ୍ତରେ ସମବାୟ ସମିତି କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ସମବାୟ କର୍ମଚାରୀଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ଲାଗୁ ଦାବିରେ ସଂଘ ପକ୍ଷରୁ ଆନ୍ଦୋଳନକୁ ଓହ୍ଲଉଥିବା ଜଣାପଡ଼ିଛି। ଫଳରେ ରବିଧାନ ସଂଗ୍ରହ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପଶ୍ଚିମ ଓଡ଼ିଶା ପ୍ରାଥମିକ ଓ ବୃହଦାକାର କୃଷି ସମବାୟ ସମିତି କର୍ମଚାରୀ ସଭାପତି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସମ୍ବଲପୁରର ହୋଟେଲ ହରିଜିତ ରେସିଡେନ୍ସିଠାରେ ଅନୁଷ୍ଠିତ ଏହି ବୈଠକରେ ସମବାୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ମୁଖ୍ୟତଃ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ଉପରେ ଆଲୋଚନା କରାଯାଇଥିଲା। ନିବନ୍ଧକ, ସମବାୟ ସମିତି ସମୂହ, ଓଡିଶାଙ୍କ ପତ୍ର ସଂଖ୍ୟା ୨୭୩୯ ଜରିଆରେ ଉପ–ନିବନ୍ଧକ, ସମବାୟ ସମିତି ସମୂହମାନଙ୍କ ଉଦ୍ଦେଶ୍ୟରେ କେବଳ ଅଡିଟ କେଟାଗୋରୀ, ଏ ଶ୍ରେଣୀର ସମବାୟ ସମିତିର କର୍ମଚାରୀମାନେ ସପ୍ତମ ବେତନ ହାରରେ ଦରମା ନେବା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମା ଉପରେ ଆଲୋଚନା କରାଯାଇଥିଲା। ସଂଘର ସଦସ୍ୟମାନେ ଏଭଳି ନିର୍ଦ୍ଦେଶନାମାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଗତବର୍ଷ ମାର୍ଚ୍ଚରେ ସମବାୟ ସମିତି କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସମୟରେ ସରକାର କର୍ମଚାରୀମାନଙ୍କ ବିଭିନ୍ନ ଦାବି ଉପରେ ସକାରାତ୍ମକ ବିଚାର କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଫଳରେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ସରକାର କର୍ମଚାରୀଙ୍କ ବିଭିନ୍ନ ଦାବି ଉପରେ ତାଙ୍କ ପୂର୍ବ ପ୍ରତିଶ୍ରୁତ ଅନୁସାରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଯଦି ସରକାର ସଂଘର ଦାବି ପୂରଣ ଦିଗରରେ ଯଥାଶୀଘ୍ର କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କରନ୍ତି, ତାହେଲେ ଆଗକୁ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। ସଂଘର ନିଷ୍ପତ୍ତି ଅନୁସାରେ ଫେବୃଆରି ୨୭ରେ ପଶ୍ଚିମ ଓଡିଶାର ସମସ୍ତ ଉପ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# କଟକକୁ ହରାଇ ଭୁବନେଶ୍ୱର ଦଳ ଚାମ୍ପିୟନ



ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଭୁବନେଶ୍ୱର ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ସମ୍ବଲପୁର,୨୩।୨(ବି.ଶଙ୍କର)

**ସର୍ବଭାରତୀୟ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ସମ୍ବଲପୁର ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ସର୍ବଭାରତୀୟ ୧୩ତମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱର ଟୋମାଣ୍ଡୋ କ୍ରିକେଟ କ୍ଲବ ଚାମ୍ପିୟନ ଏବଂ କଟକ ଜଗତପୁର ଆଥେଲେଟିକ ଆସୋସିଏଶନ ରନର୍ସଅପ ଟ୍ରଫି ହାସଲ କରିଛି। ସମ୍ବଲପୁର ସହର ସ୍ଥିତ ହାୱା ମଇଦାନଠାରେ ରବିବାର ଫାଇନାଲ ମ୍ୟାଚ କଟକ ଓ ଭୁବନେଶ୍ୱର ଦଳ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଦଳ ଟସ ଜିଣି ବ୍ୟାଟିଂ କରିବାକୁ କଟକ ଦଳକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ନିର୍ଦ୍ଧାରିତ ୨୦ ଓଭର କ୍ରିଜରେ ତିଷ୍ଠି ପାରି ନ ଥିଲା। ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସ୍କୋର କରିପାରିଥିଲା। ଦଳର ବ୍ୟାଟ୍ସମ୍ୟାନ ଅରବିନ୍ଦ ସିଂ ୨୦ ବଲରେ ୩୪ ରନ, ଅନୁରାଗ କାନୋଜିଆ ୨୧ ବଲରେ ୩୨ ରନ ଏବଂ ବିଶ୍ୱଜିତ ପ୍ରଧାନ ୧୭ ଓଭରରେ ମାତ୍ର ୧୮ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଟୋମାଣ୍ଡୋ କ୍ରିକେଟ କ୍ଲବ ବୋଲର କ୍ଷମାସାଗର ବଲ ୪ଟି ଓ ସୁଶିଲ କୁମାର ବାରିକ ୩ଟି ଉଇକେଟ ହାସଲ କରିଥିଲେ। ଜବାବରେ ଭୁବନେଶ୍ୱର ଦଳର ୮.୪ ଓଭରରେ ମାତ୍ର ୨ଟି ଉଇକେଟ ହରାଇ ୧୧୩ ରନ ସ୍କୋର କରି ବିଜୟୀ ହୋଇଥିଲା। ପୁଣି ଥରେ ଭୁବନେଶ୍ୱର ଦଳର ନିର୍ଭରଯୋଗ୍ୟ ଖେଳାଳି କ୍ଷମାସାଗର ବଳ ଅଲ ରାଉଣ୍ଡ ଖେଳ ପ୍ରଦର୍ଶନ କରିଥିଲେ। ସେ ୨୮ଟି ବଲର ସମ୍ମୁଖିନ ହୋଇ ଧୁଆଁଧାର ୬୩ ରନ ସ୍କୋର କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ଶୁଭଂମ ଶତ୍ରୁଜିତ ୧୪ ବଲରେ ୩୩ ରନ ଯୋଗଦାନ କରିଥିଲେ। କଟକ ବୋଲର ଶୁଭମ ପ୍ରିୟଦର୍ଶୀ ଓ ଶେଖର ମାଝି ୧ଟି ଲେଖାଁଏ ଉଇକେଟ ହାସଲ କରିଥିଲେ। ଅମ୍ପାୟାର ମହମ୍ମଦ ଇସାକ ଏବଂ ଗୁରୁଦୀପ ସିଂ ମ୍ୟାଚ ପରିଚାଳନା କରିଥିଲେ। ସତଭିକ ପାଣିଗ୍ରାହୀ ଓ ଅଂଶୁମାନ ପୁରୋହିତ ସ୍କୋରର ଥିଲେ। ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଭାଜପା ନେତା ସୁଶାନ୍ତ କୁମାର ପୁରୋହିତ, ଅନୀଲ ବେହେରା, ସରୋଜ ଦଳପତ, ରାମଦାସ ପଣ୍ଡା, ସ୍ମୃତିରଞ୍ଜନ ମହାପାତ୍ର, ସଞ୍ଜିବ ପ୍ରସାଦ ସମ୍ମାନିତ ଅତିଥି ଥିଲେ। ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ ଓ ଅତିଥି ସ୍ୱାଗତ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୀପ ପାଢ଼ୀ, ଉପସଭାପତି ପୱନ ଶର୍ମା ଓ ସୁବ୍ରତ ଦାଶ, ଯୁଗ୍ମସମ୍ପାଦକ ଅନନ୍ତ ପତି, ପ୍ରଭାତ ପତି, ସଞ୍ଜୟ ମେହେର, ପ୍ରକାଶ ପଣ୍ଡା ଓ ସରୋଜ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ଷମାସାଗର ବଳ ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ, ଅନୁରାଗ କାନୋଜିଆ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୁଶିଲ ବାରିକ ଶ୍ରେଷ୍ଠବୋଲର ଏବଂ ଆର୍ଯ୍ୟଶ୍ରୀ ଡି.ଭଟ୍ଟଙ୍କୁ ଶ୍ରେଷ୍ଠ ଫିଡର ଭାବେ ପୁରସ୍କୃତ କରାଯାଇଥିଲା।

## ସମ୍ବଲପୁର ଚାମ୍ପିୟନ, ସୁନ୍ଦରଗଡ଼ ରନରଅପ

ସମ୍ବଲପୁର,୨୩।୨(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା (ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୁର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲା ଦଳ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ସୁନ୍ଦରଗଡ ଜିଲା ରନର୍ସଅପ ଟ୍ରଫି ପାଇ ସନ୍ତୁଷ୍ଟି ହୋଇଛି। ରବିବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବଲପୁର ଜିଲା ଓ ସୁନ୍ଦରଗଡ ଜିଲା ମଧ୍ୟରେ ମଧ୍ୟାନ୍ତର ପର୍ଯ୍ୟନ୍ତ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇ ୧–୧ ଗୋଲ ସ୍ଥିତିରେ ରହିଥିଲା। ମଧ୍ୟାନ୍ତର ଖେଳ ପରେ ସମ୍ବଲପୁର ଦଳର ଖେଳାଳିମାନେ ରଣନିତୀର ପରିବର୍ତ୍ତନ କରିଥିଲେ। ଯୋଜନାବଦ୍ଧ ଭାବେ ବିପକ୍ଷ ସୁନ୍ଦରଗଡ ଗୋଲପୋଷ୍ଟକୁ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ। ଫଳସ୍ୱରୂପ ସମ୍ବଲପୁର ଦଳ ୫–୧ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ରାଜ୍ୟସ୍ତରୀୟ ରେଫେରୀ ସୁବ୍ରତ ପୁରୋହିତ, ଜିତୁ ପାତ୍ର ଓ ପଞ୍ଚାନନ ପାତ୍ର ଏବଂ ସଲିଲ ବେହେରା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ସଂଘର ସଭାପତି ଗୋକୁଳ ଦର୍ଜିଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥି ସ୍ୱାଗତ କରିଥିବାବେଳେ ସାହେବ ଖମାରୀ ଉଦ୍‌ଘୋଷକ ଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଏବଂ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଫୁଟବଲ ଖେଳାଳି ଜନଖାଲକୋ ଓ ହରେକୃଷ୍ଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପୁରୁଖା ରେଫରୀ ମଥୁରା ଓରାମ ଓ ମନୋଜ ଭୋଇଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ରହିମ ଖାନ, କିଶେର ଛତର, ଜୁଗଲ ସିଂ, ସିଦ୍ଧାର୍ଥ ନାଗ, ପ୍ରବୀଣ କୁମାର ସିଂଦେଓ, ସୋମେନ ଘୋଷ ଯୋଗଦେଇଥିଲେ।

## କିଷାନ ସମାଜ ଆଦିବାସୀ ସଂସ୍କୃତିର ପ୍ରମୁଖ ଅଙ୍ଗ



ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଅତିଥିମାନେ।

କୁଚିଣ୍ଡା,୨୩।୨(ବିରଞ୍ଚି ଦର୍ଶା)

**୫୫୦ କିଷାନ ସମାଜ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା ବାମରା ବ୍ଲକର ଜରାବଗା(ବେହେଡାମାଲ)ଠାରେ ସୋଲ–ଜରାବଗା ୫୫୦ କିଷାନ ଜାତି ସମାଜ ଆଞ୍ଚଳିକ ଗୁଡ଼ି ପକ୍ଷରୁ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ଗୁଡି ସଭାପତି ଖତୁ କିଷାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିଷାନ ସମାଜ ଆଦିବାସୀ ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ ହୋଇଥିବାରୁ ସଂଗଠନକୁ ସୁଦୃଢ କରି ଏହା ମାଧ୍ୟମରେ ସମାଜର ବିକାଶକୁ ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କିଷାନ ସମାଜର ସଂସ୍କୃତି, ପରମ୍ପରା, ସାମାଜିକ ନିୟମାବଳୀର ଉଦାହରଣ ଦେଇ ଶିକ୍ଷାର ବିକାଶ ପାଇଁ ମହିଳା ଓ ଯୁବସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଜିଲାପରିଷଦ ସଭ୍ୟ ଅପିନ୍ଦ୍ର କିଷାନ, ଜରାବଗା ସରପଞ୍ଚ ଲାବଣ୍ୟ ନାଏକ, ସମିତିସଭ୍ୟା ସୁନିଆଁ ମାଝି, କିଷାନ ସମାଜ କୁଚିଣ୍ଡା ମହାଗୁଡ଼ିର ସଭାପତି ଧରଣୀଧର ପିଙ୍ଗ, ସମ୍ପାଦକ ମନୋଜ ବାଘ, କୁଚିଣ୍ଡା ମହାଗୁଡ଼ି ମହିଳା ଶାଖା ସଭାନେତ୍ରୀ ବିମଳା କିଷାନ, ସଭ୍ୟ ବାଣେଶ୍ୱର କିଷାନ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଟ୍ଟା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ନାଏକଙ୍କୁ କିଷାନ ସମାଜ ପକ୍ଷରୁ ସ୍ୱାଗତ କରାଯାଇ ସମାଜର ବିକାଶ ପାଇଁ ବିଭିନ୍ନ ଦାବି ରଖାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଞ୍ଚଳିକ ଗୁଡି ସହସମ୍ପାଦକ ମଣ୍ଟୁ ମାଝି, ମଥୁରା ବିହାରୀ କିଷାନ, ବୃଷଭ କିଷାନ, ନୃପଲାଲ କିଷାନ,ସୁକାନ୍ତୀ ବର, ମାଧୁରୀ କିଷାନ, ସେବତୀ ପ୍ରଧାନ, ବାସନ୍ତୀ କିଷାନ ପ୍ରମୁଖ ସହଯୋଗ କରିଥିଲେ। ଆଞ୍ଚଳିକ ଗୁଡି ସମ୍ପାଦକ ବୃନ୍ଦାବନ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ପୁରୁଷମାନେ ମାଦଳର ତାଳେ ତାଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କଲମ ପରିବାର ପକ୍ଷରୁ ସାରସ୍ୱତ ସମାରୋହ

ସମ୍ବଲପୁର,୨୩।୨(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଏକଜୁଟ ହେବାକୁ ଆହ୍ୱାନ**

କଲମ ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହଯୋଗିତା କେନ୍ଦ୍ରଠାରେ ରବିବାର ତୃତୀୟ ବାର୍ଷିକ ଉତ୍ସବ ତଥା ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲମ ପରିବାରର ସଭାପତି କବି ତଫିଜୁଲ ହୁସେନଙ୍କ ପରିଚାଳନାରେ ଆୟୋଜିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଦ୍ୱାରିକା ନାଥ ନାୟକ, ସମ୍ମାନିତ ଅତିଥି ଭାବେ ଗବେଷକ ମୋହନ ସାହୁ, ନିରୁପମା ବଡପଣ୍ଡା ଓ ଉମାଚରଣ ପତି ଯୋଗଦେଇଥିଲେ। ସାହିତ୍ୟରେ ସଙ୍କଟ, ଉପଭୋକ୍ତାବାଦର ପ୍ରଭାବ, ଓଡ଼ିଆ କବିତାର ଗତି ପ୍ରକୃତି ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ନାୟକ କହିଥିଲେ, ସମ୍ବଲପୁରୀ ଭାଷାର ବିକାଶ ଲାଗି ବର୍ତ୍ତମାନ ଅନେକ କିଛି କରାଯାଉଛି ତେବେ ଏହାର ମାନ୍ୟତା ପାଇଁ ଆହୁରୀ ପ୍ରଚେଷ୍ଟା ଜରୁରୀ। ଏଥିପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ସ୍ମରଣିକା–ଶବ୍ଦାର୍ଘ୍ୟ ଉନ୍ମୋଚିତ ହୋଇଥିଲା। କ୍ଷେତ୍ରମଣି ବିଭାର ଓ ଗୌରୀଦାସ ପ୍ରଧାନ ସହଯୋଗ କରିଥିବାବେଳେ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମୁକ୍ତକଣ୍ଠ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ ଉତ୍ପନ୍ନ ଭୋଇ, ଲକ୍ଷ୍ମୀନାରାୟଣ ପଣ୍ଡା, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, କବି ଲକ୍ଷ୍ମୀନାରାୟଣ ହୋତା ଓ ଗୌରି ଦାସ ପ୍ରଧାନ କବିତାର ବାର୍ତ୍ତା ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଣତି ମହାପାତ୍ର ଓ ତରଣୀସେନ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ପ୍ରାୟ ୫୦ ଜଣ କବି ଓ କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବି ମାନଙ୍କୁ ପ୍ରଶଂସାପତ୍ର ଓ ସ୍ମରଣିକା ପ୍ରଦାନ କରାଯାଇଥିଲା।

# ଆଜିଠାରୁ ସମ୍ବଲପୁର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା

ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ସୋମବାର ଫେବୃଆରି ୨୪ରୁ ଆରମ୍ଭ ହେବ ୧୩ତମ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ପ୍ରତିଯୋଗିତା। ୧୨ ବର୍ଷ ଧରି ବନ୍ଦ ରହିଥିବା ପୁଣି ଆରମ୍ଭ ହୋଇ ମାର୍ଚ୍ଚ ୩ ପର୍ଯ୍ୟନ୍ତ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ସ୍ଥାନୀୟ ଏକ ହୋଟେଲରେ ରବିବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ସମ୍ବଲପୁର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା କମିଟିର ଅଧ୍ୟକ୍ଷ ବିଧାୟକ ଜୟନାରାୟଣ ମିଶ୍ର। ସେ କହିଲେ, ସମ୍ବଲପୁର ଫୁଟବଲ ଏକାଡେମୀ ଓ ସମ୍ବଲପୁର କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ଷ୍ଟାଡିୟମରେ ଏହା ଆୟୋଜିତ ହେବ। ପ୍ରତିଦିନ ଗୋଟିଏ ଲେଖାଏଁ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ମ୍ୟାଚର ପ୍ରଥମାର୍ଦ୍ଧ ଦିବାଲୋକରେ ଓ ଦ୍ୱିତୀୟାର୍ଦ୍ଧ ଫ୍ଲଡଲାଇଟରେ ଖେଳାଯିବ। ଫ୍ଲଡ୍‌ଲାଇଟ୍‌ରେ କୌଣସି ବଡ଼ ଖେଳ ପ୍ରତିଯୋଗିତା ଆୟୋଜନ ହେବା ସମ୍ବଲପୁର ପାଇଁ ପ୍ରଥମ ବୋଲି କହିଛନ୍ତି ବିଧାୟକ ମିଶ୍ର। ସେ ଆହୁରି ସୂଚନା ଦେଇ କହିଛନ୍ତି, ସମ୍ବଲପୁର କପ ଫୁଟବଲ ପ୍ରତିଯୋଗିତାରେ ଭାରତର ବହୁ ସୁନାମଧନ୍ୟ ତଥା ଜାତୀୟସ୍ତରର ଫୁଟବଲ ଦଳ ଭାଗ ନେବେ। ସେଥିମଧ୍ୟରେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ ସହିତ ଓଡ଼ିଶାର ୨ଟି, କୋଲକାତାର ୨ଟି, ମୁମ୍ବାଇ, ବେଙ୍ଗାଲୁରୁ, କେରଳ ଓ ଝାଡ଼ଖଣ୍ଡର ଗୋଟିଏ ଲେଖାଁଏ ଦଳ ମିଶି ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ସନ୍ଧ୍ୟାରେ ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ ଓ ବେଙ୍ଗାଲୁରୁ କିକ୍‌ଷ୍ଟାର୍ଟ ଫୁଟବଲ ଦଳ ମଧ୍ୟରେ ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଖେଳପ୍ରେମୀ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବେ ବିଦେଶୀ ଫୁଟବଲ ଖେଳାଳି। ସର୍ବଭାରତୀୟ ଫୁଟବଲ ସଂଘର ନିୟମ ଅନୁସାରେ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତି ଦଳରେ ତିନିଜଣ ଲେଖାଏଁ ବିଦେଶୀ ଖେଳାଳିଙ୍କୁ ସାମିଲ କରାଯାଇଛି ବୋଲି ବିଧାୟକ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଦଳ ପାଇଁ ଟ୍ରଫି ସହ ୩ ଲକ୍ଷ ଓ ରନର୍ସଅପ ଦଳ ପାଇଁ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଫାଇନାଲକୁ ମିଶାଇ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହେବ। ଉଭୟ ସେମିଫାଇନାଲ ପରେ ମାର୍ଚ୍ଚ ୨ ବିଶ୍ରାମ ଦିବସରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମହିଳା ଫୁଟବଲ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଷ୍ଟାଡିୟମରେ ଆୟୋଜିତ ସମସ୍ତ ମ୍ୟାଚ ଦେଖିବା ପାଇଁ କୌଣସି ଟିକେଟ ବ୍ୟବସ୍ଥା ନାହିଁ ବୋଲି ବିଧାୟକ ମିଶ୍ର କହିଛନ୍ତି। ଶେଷରେ ସମ୍ବଲପୁର ଜିଲା କ୍ରୀଡ଼ା ସଂଘର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀରେ ସମଲେଶ୍ୱରୀ ସ୍ପୋର୍ଟିଂର ସମ୍ପାଦକ ଅତନୁ କୁମାର ଘୋଷ ମଞ୍ଚାସୀନ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ସମୀର ରଞ୍ଜନ ବାବୁ, ଅନିଲ ବେହେରା, ସୁଶାନ୍ତ ପୁରୋହିତ, ସରୋଜ ଦଳତ, ମନୋଜ ଭୋଇ, ମଥୁରା ଓରାମ, ବିଭୂତି ମିର୍ଦ୍ଧା, ମାନସ ବକ୍ସିପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଏହି ପ୍ରତିଯୋଗିତାର ଭାଗ ନେଉଥିବା ସମ୍ବଲେଶ୍ୱରୀ ଫୁଟ୍‌ବଲ୍ ଏକାଡେମୀର ନୂତନ ଜର୍ସୀକୁ ଉନ୍ମୋଚିତ କରିଥିଲେ।




ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜନ ପାଇଁ ଖବରଦାତା ସମ୍ମିଳନୀରେ କମିଟିର ଅଧ୍ୟକ୍ଷ ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା।

**ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ସାଜିବେ ବିଦେଶୀ ଖେଳାଳି**

## ସଂକ୍ଷେପରେ

### ତୈଳିକ ବୈଶ୍ୟ ତେଲି ସମାଜର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ

**ମୁରିବାହାଲ,୨୩।୨(ଶ୍ରୀବସ୍ତ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଚିତ୍ରାମୁଣ୍ଡା ଗ୍ରାମରେ ମୁରିବାହାଲ ବ୍ଲକ ସ୍ତରୀୟ ତୈଳିକ ବୈଶ୍ୟ ସମାଜର ବାର୍ଷିକ ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ତୈଳିକ ବୈଶ୍ୟ ସମାଜ ମୁରିବାହାଲ ବ୍ଲକ ସଭାପତି ବୈଦ୍ଯୁତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲା ଭାଜପା ଜିଲା ସଭାପତି ଶ୍ରୀବସ୍ତ ବେହେରା ଯୋଗଦେଇ ସମାଜ ଗଠନ କରିବାରେ ସଙ୍ଗଠିତ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲା ତୈଳିକ ସମାଜର ଜିଲା ସଭାପତି ଉମାକାନ୍ତ ସାହୁ, ଜିଲା ସମ୍ପାଦକ ପ୍ରଦୀପ ସାହୁ, ପାଟଣାଗଡ ଉପଖଣ୍ଡ ସଭାପତି ରାଜକିଶୋର ସାହୁ, ବେଲପଡା ବ୍ଲକ ସଭାପତି ମହେଶ୍ୱର ସାହୁ, ବେଲପଡା ବ୍ଲକ ସମ୍ପାଦକ ପର୍ଶୁରାମ ସାହୁ, ନୂଆପଡା ଜିଲ୍ଲା ସଭାପତି ରାମରତନ ସାହୁ,କଣ୍ଟାବାଞ୍ଜି ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଉମାକାନ୍ତ ସାହୁ ଉପସ୍ଥିତ ଥିଲେ । ହେରାମ ସାହୁ, ହରେକୃଷ୍ଣ ସାହୁ, ତେଜରାଜ ସାହୁ, ସୁଦର୍ଶନ ସାହୁ, ଶରତ ସାହୁ, ଭୋରାମ ସାହୁ, ଶ୍ୟାମସୁନ୍ଦର ସାହୁ, ବସନ୍ତ ସାହୁ, ଗୁଲାପ ସାହୁଙ୍କ ସମେତ ତୈଳିକ ବୈଶ୍ୟ ସମାଜ ମୁରିବାହାଲ ବ୍ଲକର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### କଣ୍ଟାବାଞ୍ଜି ରେଳ ଷ୍ଟେଶନ ଅଞ୍ଚଳରେ ଅବାଧ ମଦ ବିକ୍ରି

**କଣ୍ଟାବାଞ୍ଜି,୨୩।୨(ଗୁରୁ ଦୟାଳ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନ ଇଲାକାରେ ଅବାଧ ମଦ ବିକ୍ରି ହେଉଛି । ଏହି ଖବର ପାଇ ଶନିବାର ରାତିରେ ଚଢ଼ାଉ କରାଯାଇଥିଲା । କଣ୍ଟାବାଞ୍ଜିଟାଉନ ପୋଲିସ, ଜିଆର୍‌ପି, ଆର୍‌ପିଏଫ ଓ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ ହୋଇଥିଲା । ଚଢ଼ାଉ ବେଳେ ଏକ ପରିତ୍ୟକ୍ତ ବାସଗୃହରେ ମଦ ରଖି ଲୁଚାଛପାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା । ଏପରି କି ପରିତ୍ୟକ୍ତ ଅଫିସ ଗୃହର ତାଲା ଭାଙ୍ଗି ମଦ ବେପାରୀ ମଦ ବିକ୍ରି କରୁଥିବା ଜଣାପଡିଥିଲା । ତେବେ ଅଭିଯୁକ୍ତ ଫେରାର ହୋଇଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ କେତେ ପରିମାଣର ମଦ ଜବତ ହୋଇଛି ତଥ୍ୟ ମିଳି ପାରିନାହିଁ । କେଉଁମାନେ ଷ୍ଟେଶନ ଇଲାକାରେ ଏପରି ମଦ ବେପାର କରୁଛନ୍ତି ଜଣାପଡିନାହିଁ । ଏହାଛଡା ରେଲୱେ ଜମିର ଆଶ୍ରମପଡା ଷ୍ଟେଶନ ରୋଡ, ସିଙ୍ଗଲପଡା ରୋଡ ଏବଂ ଶାଗୁଆନ ବୋରେଇ ଅଞ୍ଚଳରେ ମଦ ବିକ୍ରି ହେଉଥିବାରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ସଡ଼କ ଦୁର୍ଘଟଣାରେ ୪ ଆହତ

**ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)**

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଛକରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ବଲାଙ୍ଗୀର ସହର ତାଳପାଲିପଡାର କେ. ସୁନା, ରଞ୍ଜିତା ନାଏକ ଓ ଇସାବ ନାଏକ ଏକ ସ୍କୁଟି ଯୋଗେ ବଲାଙ୍ଗୀରରୁ ବରପାଲି ଯାଉଥିଲେ । ବାଟରେ ହୀରାପୁର ଛକରେ ମାଣ୍ଡିଆପଦରର ବୃଦ୍ଧା ବିଳାସ ସାହୁ ରାସ୍ତା ପାରି ହେଲା ବେଳେ କୌଣସି କାରଣରୁ ସ୍କୁଟିରେ ପିଟି ହୋଇ ଯାଇଥିଲେ । ଫଳରେ ବୃଦ୍ଧାଙ୍କ ସମେତ ସମସ୍ତ ବାଇକ୍ ଆରୋହୀ ପଡ଼ି ଆହତ ହୋଇଥିଲେ । ଖବରପାଇ ଲୋଇସିଂହା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଲୋଇସିଂହା ଡ଼ାକ୍ତରଖାନା ଆଣିଥିଲେ ।

# ‘ସଂସ୍କୃତି ନିର୍ମାଣ ଏକ ସମ୍ମିଳିତ ଦାୟିତ୍ୱ’



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ ।

**ବଲାଙ୍ଗୀର,୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)**

**ବିଚାର ଓ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଏବଂ ବୌଦ୍ଧିକ ଅନୁଷ୍ଠାନ ବିଚାର ଓ ଭୂମିକା ପରିବାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସାମ୍ବାଦିକଙ୍କ ସାଂସ୍କୃତିକ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼. ଅରବିନ୍ଦ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦାନ କରିଥିଲେ । ଆଲୋଚକ ଭାବେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ଗଣମାଧ୍ୟମ ପ୍ରତିନିଧି ସତ୍ୟ ନାରାୟଣ ମହାପାତ୍ର, ମନୋରଞ୍ଜନ ଯୋଷୀ ଓ ଶିବ ଶଙ୍କର ନନ୍ଦ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଓଝା ଅତିଥି ଓ ଆଲୋଚକଙ୍କୁ ସ୍ୱାଗତ କରିବା ସହ ସଭାପତୀୟ ଅଭିଭାଷଣ ରଖିଥିଲେ । ଏହାପରେ ଆଲୋଚନା ଆରମ୍ଭ ହୋଇଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କ ସାମାଜିକ ଦାୟିତ୍ୱ କଥା ଅନେକ ଥର ଆଲୋଚନା ହୋଇଛି । ମାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ସାଂସ୍କୃତିକ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିବାରୁ ଏହା କଲେଜ ଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ହୋଇଥିଲା । କୌଣସି ବି ସଂସ୍କୃତି ସମୂହ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏଣୁ ଏହାର ଉତ୍ତରଣ କି ସମୃଦ୍ଧର ଦାୟିତ୍ୱ ମଧ୍ୟ ସାମୂହିକ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଜନଗଣଙ୍କ ପ୍ରତିନିଧି ହୋଇଥିବାରୁ ସେମାନଙ୍କ ସାମାଜିକ ଦାୟିତ୍ୱ ସହ ସାଂସ୍କୃତିକ ଦାୟିତ୍ୱ ରହିଛି ବୋଲି ସଭାରେ ଆଲୋଚନା ହୋଇଥିଲା । ଆଲୋଚନାଚକ୍ରକୁ ଭୂମିକାର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ । ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସଂସ୍କୃତି ଏକ ବ୍ୟାପକ ଶବ୍ଦ ଓ ପରିସରକୁ ବୁଝାଇଥାଏ । ମାତ୍ର ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ସାଂସ୍କୃତିକ ଦାୟିତ୍ୱ ପ୍ରତି ସଚେତନ ହେଲେ ସାଂସ୍କୃତିକ ଅବକ୍ଷୟର ଧାରାକୁ ରୋକିପାରିବେ ବୋଲି କହିଥିଲେ । ଆଲୋଚନାରେ ଆଲୋଚକଙ୍କ ବକ୍ତବ୍ୟ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀମାନେ ଆଲୋଚକଙ୍କୁ ପ୍ରଶ୍ନ କରିଥିଲେ । ଭୂମିକା ସଭ୍ୟ ଅଖିଳ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଆଲୋଚନଚକ୍ରରେ ସହରର ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

## ବୁର୍ଡା-ନଅଗାଁ(ଖ) ସଂଯୋଗ ରାସ୍ତା

# ମିଛ କହି ଅଧା ରାସ୍ତା କାମ, ବଢୁଛି ଅସନ୍ତୋଷ


ଶୋଚନୀୟ ହୋଇ ପଡିଥିବା ରାସ୍ତା ।

**ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତାର ପ୍ରାୟ ୩ ଶହ ମିଟରରୁ ଅଧିକ ଶୋଚନୀୟ ହୋଇ ପଡିଥିଲା । ରାସ୍ତା ଦୁରାବସ୍ଥା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିଲା । ନିକଟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ପ୍ରଧାନମନ୍ତ୍ରୀ ସଡକ ଆରମ୍ଭ ସ୍ଥଳରୁ ୨ଶହ ମିଟର ରାସ୍ତା କଂକ୍ରିଟକରଣ କରାଯାଇଛି । ଏବେ ବି ୨୬ ନଂ ଜାତୀୟ ରାଜପଥକୁ ସଂଯୋଗ ପାଇଁ ଅବଶିଷ୍ଟ ପ୍ରାୟ ୭୦ ମିଟର ରାସ୍ତା କାମ ବାକି ରହିଯାଇଛି । ଅବଶିଷ୍ଟ ରାସ୍ତା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ନ ଥିବା ଏବେ ଜାଣିବାକୁ ମିଳିଛି । ଉକ୍ତ ରାସ୍ତା କଂକ୍ରିଟକରଣ ଆରମ୍ଭ ବେଳେ ୨ଟି ଟେଣ୍ଡର ହୋଇଛି । ୨ ଜଣ ଠିକାଦାରଙ୍କ ଜରିଆରେ ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି କାମ ପାଇଥିବା ଠିକେଦାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସେତେବେଳେ ଲୋକଙ୍କୁ କୁହାଯାଇଥିଲା । ଲୋକଙ୍କ ଉତ୍ତେଜନାରୁ ବର୍ତ୍ତିବା ପାଇଁ ମିଛ କହି କାମ ସାରିଦିଆଯିବା ଏବଂ କଂକ୍ରିଟକରଣ ଅଞ୍ଚଳରେ ନଳକୂପ ନିକଟରେ ଆବଶ୍ୟକ ଏକ କଲଭର୍ଟ ନିର୍ମାଣ ନ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ୨୬ ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଲବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ହୋଇଥିବାରୁ ଉକ୍ତ ରାସ୍ତାର ଥନାପତି ଘର ପୋଖରୀ ନିକଟସ୍ଥ ତ୍ରିକୋଣୀୟ ଛକରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତା ପ୍ରଧାନମନ୍ତ୍ରୀ ସଡକରେ ସାମିଲ ହୋଇ କାମ ହୋଇଛି । ଠିକାଦାରଙ୍କ ଅବହେଳା ଓ ବିଭାଗର ଆନ୍ତରିକତା ଅଭାବରୁ ଧାର୍ଯ୍ୟ ସମୟଠାରୁ ଢେରବର୍ଷ ବିତି ଯାଇଥିଲେ ସୁଦ୍ଧା କେତେକ ସ୍ଥାନରେ ରାସ୍ତା କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ । ଅପରପକ୍ଷେ ୫ ବର୍ଷପୂର୍ବରୁ ୨୬ ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଲବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ ହୋଇଥିଲା । ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ଏହି ରାସ୍ତା ଶୋଚନୀୟ ହୋଇପଡିଥିଲା । ଉଚ୍ଚ ପଦାଧିକାରୀଙ୍କ ତଦନ୍ତ ପରେ ବି କାମ କରିଥିବା ଠିକାସଂସ୍ଥା ଓ ତଦାରଖ କରୁଥିବା ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିଲା । ଏବେ ବି ସେହି ରାସ୍ତା ଶୋଚନୀୟ ଅସ୍ଥାରେ ପଡି ରହିଛି । ଲୋକେ ହଟହଟା ହେଉଛନ୍ତି । ତ୍ରିକୋଣୀୟ ଛକରୁ ନଅଗାଁ(ଖ)କୁ ପ୍ରଧାନମନ୍ତ୍ରୀ ସଡକ ହେବା ପରେ ରାଜପଥ ଯାଏ ୩ ଶହ ମିଟରରୁ ଅଧିକ ଶୋଚନୀୟ ରାସ୍ତାକୁ ନେଇ ଚିନ୍ତା ବଢିଥିଲା । ଏହି ରାସ୍ତାରେ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନଅଗାଁ(ଖ) କାର୍ଯ୍ୟାଳୟକୁ ଯିବା ଆସିବା ବେଳେ ହଟହଟାର ସମ୍ମୁଖୀନ ହୋଇଥିଲେ । ଶୁଣିବାକୁ ମିଳୁଛି କୁଆଡେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାସ୍ତା କାମ ଟେଣ୍ଡର ଡାକି ରାସ୍ତା କଂକ୍ରିଟକରଣ କରାଯାଇଛି । ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଭୁଆଁ ବୁଲାଇ ଅଧା ରାସ୍ତା ଟେଣ୍ଡର ଡାକି ଅଧା ରାସ୍ତା କାମ ବାକି ରଖିବା ସମସ୍ତଙ୍କୁ ବିସ୍ମିତ କରୁଛି । ଏ ସମ୍ପର୍କରେ ଯନ୍ତ୍ରୀ ବିଧାନ ନାଏକ କହିଛନ୍ତି, ଆମେ କାମ ସମ୍ପୂର୍ଣ୍ଣ କରିବା ପାଇଁ ଚାହିଁଥିଲୁ । ହେଲେ ଟଙ୍କା ଅଭାବ ପଡିବାରୁ ହେଲା ନାହିଁ । କଲଭର୍ଟ ସମ୍ପର୍କରେ ପଚାରିବାରୁ, କାମ କଲାବେଳେ ପାଇପ ଥିବା ଜଣାପଡିଥିବା କହିଥିଲେ ।

# ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



ସଚେତନତା ଶୋଭାଯାତ୍ରା ।

**ଖପ୍ରାଖୋଲ,୨୩।୨(ଅଭୟ ତ୍ରିପାଠୀ)**

ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଡ ରିବନ କ୍ଲବ ଓ ଯୁବ ରେଡକ୍ରସ ତରଫରୁ ଏଚଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧ୍ୟକ୍ଷ ତଥା ଯୁବ ରେଡକ୍ରସ ପରାମର୍ଶଦାତା ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଜବାହାରଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଣୟ ବଲ୍ଲଭ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ଡା. ଅଂଶୁପା କୁମାରୀ ଭୋଇ, ବେଲାର ସେନ ପଧାନ , ଜିଲା ଏଡ୍‌ସ ସଚେତନତା ସାଧନ କର୍ମୀ ମହେନ୍ଦ୍ର ନନ୍ଦ ଯୋଗଦେଇ ଏଡ୍‌ସ ଉପରେ ଆଲୋକପାତ କରିଥିଲେ । ହରେସ କୁମାର ବେହେରା, ଗୁନମଣି ସାହୁ, ନନ୍ଦ କିଶୋର ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ଏକ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବାଇକ୍ ଧକ୍କାରେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ

**ବଲାଙ୍ଗୀର,୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସିଭିଲ କୋର୍ଟ ନିକଟରେ ରବିବାର ସକାଳେ ଏକ ବାଇକ୍ ଧକ୍କାରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ ମ୍ୟାନେଜର ଅକ୍ଷୟ ମିଶ୍ର (୭୫) । ତାଙ୍କ ଘର ବଲାଙ୍ଗୀର ସହରର ତାଲପାଡିପଡାରେ । ପ୍ରକାଶ ଯେ, ସକାଳେ ମିଶ୍ର ଶାଗ କିଣିବାକୁ ସିଭିଲ କୋର୍ଟ ନିକଟ ରାସ୍ତାକଡ ପରିବା ଦୋକାନକୁ ଯାଇଥିଲେ । ଶାଗ କିଣି ସେଠାରୁ ଫେରିଲା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇଥିଲା । ଏଥିରେ ମିଶ୍ର ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସେଠାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପୋଲିସର ଜନସମ୍ପର୍କ ଶିବିର


ଜନସମ୍ପର୍କ ଶିବିର ଅବସରରେ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି ।

**ଖପ୍ରାଖୋଲ,୨୩।୨(ଅଭୟ ତ୍ରିପାଠୀ)**

**ମାଗଣା ସ୍ୱାସ୍ଥ୍ୟ ଶିବିର ସହ ବିଭିନ୍ନ ଉପକରଣ ବଣ୍ଟନ**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଧରାଭଟା ଗାଁ ଖେଳପଡିଆଠାରେ ପୋଲିସ ତରଫରୁ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବଲାଙ୍ଗୀର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି ଯୋଗ ଦେଇଥିଲେ । ଏହି ଅବସରରେ ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା । ଶତାଧିକ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ, ସାଲ, ଛତା,ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ, ଟର୍ଚ୍ଚ ଓ ସାଂସ୍କୃତିକ ଦଳକୁ ବାଦ୍ୟ ଯନ୍ତ୍ର , ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଖପ୍ରାଖୋଲ ଥାନା ଏସଆଇ ଲିଙ୍ଗରାଜ କିଶାନ, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ସଞ୍ଜୀବ ସାହୁଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିଲା ।

# ‘ସୂଚନା ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଗଣତନ୍ତ୍ରକୁ ସମୃଦ୍ଧ କରିବ’

**ବଲାଙ୍ଗୀର,୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)**



ଜିଲାସ୍ତରୀୟ ମହାସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ସୂଚନା କର୍ମୀ ।

**ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ**

ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଶନିବାର ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପରେ ଦୁଇଦିନିଆ ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି । ବରିଷ୍ଠ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ମହାସମ୍ମିଳନୀରେ ଓଡିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ହାଇକୋର୍ଟ ଓକିଲ ମନୋରଞ୍ଜନ ଜେନା ଏବଂ ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ନାଗ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ନାଗ ସୂଚନା ଅଧିକାର ଆଇନର ମହତ୍ତ୍ୱ, ବ୍ୟବହାର ଏବଂ ଏକ କ୍ରିୟାଶୀଳ ଗଣତନ୍ତ୍ରରେ ଏହାର ଆବଶ୍ୟକତା ଉପରେ କହିଥିଲେ । ସୂଚନା ଅଧିକାର କର୍ମୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ସୂଚନା ଅଧିକାର ଆଇନର କ୍ରମବିକାଶ, କିଭଳି ଭାବେ ଭାରତବର୍ଷରେ ସୂଚନା ଅଧିକାର ଏକ ଆଇନରେ ପରିଣତ ହେଲା ଏବଂ ଏହାକୁ କାର୍ଯ୍ୟକାରିତା କରିବା ଦିଗରେ କିଭଳି ଦୀର୍ଘ ଆନ୍ଦୋଳନ, ସଂଘର୍ଷ କରିବାକୁ ପଡିଥିଲା ସେ ଉପରେ କହିଥିଲେ । ବିଭିନ୍ନ ସମୟରେ ସୂଚନା ଅଧିକାର ଆଇନକୁ କିଭଳି ପଙ୍ଗୁ କରିବାକୁ ଚେଷ୍ଟା କରାଯାଉଛି ଏବଂ ସୂଚନା କର୍ମୀଙ୍କୁ କିଭଳି ଆକ୍ରମଣ କରାଯାଉଛି ସେ କହିଥିଲେ । ଅନ୍ୟତମ ସୂଚନା କର୍ମୀ ଜେନା ଉପସ୍ଥିତ ସୂଚନା ଅଧିକାର କର୍ମୀ ଓ କଲେଜ ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ସୂଚନା ମଗାଯାଇପାରିବ ସମସ୍ତ ବିଷୟରେ ସୂଚନା ଓ ପ୍ରଶିକ୍ଷଣ ଦେଇଥିଲେ । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ମହାନନ୍ଦ ତାଙ୍କ ବକ୍ତବ୍ୟରେ ସୂଚନା କର୍ମୀ ଭାବେ ତାଙ୍କ ଅଭିଜ୍ଞତା ଏବଂ ସୂଚନା କେତେ ଗୁରୁତ୍ୱପୂର୍ଣ୍ଣ କହିଥିଲେ । ସଭାପତୀୟ ଅଭିଭାଷଣରେ ସୂଚନା କର୍ମୀ ଯୋଷୀ ତୃଣମୂଳ ସ୍ତରରେ ବିଶେଷକରି ଗ୍ରାମାଞ୍ଚଳରେ ସୂଚନା ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା କେତେ ଜରୁରୀ କହିଥିଲେ । ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେଲେ ଗଣତନ୍ତ୍ର କିଭଳି ସଫଳ ହେବ ଏବଂ ଲୋକେ କିଭଳି ଯୋଜନା ସୁଫଳ ପାଇବା ଏବଂ ରାଷ୍ଟ୍ର ବିକାଶ ପଥରେ ଯିବ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଅଧିକାର କର୍ମୀ ଶଙ୍କର ପାଣିଗ୍ରାହୀ, ଶିବ ପ୍ରସାଦ ସାହୁ, ପ୍ରମୋଦ କୁମାର ବେହେରା, ବିରଞ୍ଚି ବହିଦାର, ଜୟ ବିହାରୀ ବିଶ୍ୱାଳ, ସତ୍ୟ ବନଛୋର, କାଳିନ୍ଦ୍ରୀ ମାଝି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସାମୁଏଲ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବନଛୋର, ତ୍ରୈୟମ୍ବକ ବାରିକ, ଗୋପବନ୍ଧୁ ଛତ୍ରିଆ, ସରୋଜ କୁମାର ମେଶ୍ରା, ନରେଶ ବାଗ, ଆନନ୍ଦ ପଧାନ ଓ ଅନ୍ୟମାନେ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା କର୍ମଶାଳା ଉପରେ ମତାମତ ରଖିଥିଲେ । ଏହି ସମ୍ମିଳନୀରେ ରାଜନୀତି ବିଜ୍ଞାନ ବିଭାଗର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଆଇନର କାର୍ଯ୍ୟକାରିତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ରବିବାର ଦ୍ୱିତୀୟ ଦିନ ମଧ୍ୟ ଏହି ଜିଲାସ୍ତରୀୟ ମହାସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି ।

## ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# କଣ୍ଟାବାଞ୍ଜିକୁ ହରାଇ ପାଟଣାଗଡ଼ ଚାମ୍ପିୟନ

**ଲାଠୋର,୨୩।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡ଼ିଆରେ ଜୟ ମା’ ବସ୍ତରେନ କ୍ରିକେଟ କ୍ଲବ ସଭାପତି ଲାଏବାନ ସୁନାଙ୍କ ନେତୃତ୍ୱରେ ଚାଲିଥିବା ୧୫ତମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସମାଜ ସେବୀ ଶଙ୍କରଲାଲ ଅଗ୍ରୱାଲ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ଭଇଁସାଲ, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗ ଦେଇଥିଲେ । ଉଦ୍‌ଯାପନୀ ମ୍ୟାଚ ପାଟଣାଗଡ ଦଳ ଏବଂ କଣ୍ଟାବାଞ୍ଜି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିଣି ପାଟଣାଗଡ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ରେ ୯ ଉଇକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିଲେ । ଜବାବରେ ୧୫୪ ରନର ପିଛା କରି କଣ୍ଟାବାଞ୍ଜି ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ବିଜେତା ପାଟଣାଗଡ ଦଳକୁ ଅତିଥି ମାନଙ୍କ ଦ୍ୱାରା ନଗଦ ୩୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର ଅପ୍ କଣ୍ଟାବାଞ୍ଜି ଦଳକୁ ନଗଦ ୨୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ବିବେଚିତ ପାଟଣାଗଡ ଦଳର ଖେଳାଳି ହର ବେନ୍ତାକରଙ୍କୁ ନଗଦ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସୀକୃତିପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଏବଂ ଅକ୍ଷୟ ସାହାଣି ଖେଳ ପରିଚାଳନା କରିଥିଲେ । ଥାର୍ଡ ଅମ୍ପାୟାର ଭାବେ ଶରତ ହଂସ ଏବଂ ଭୋଲା ମେହେର ଓ ଅମିତ ଭଇଁସାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ଅକ୍ରୁର ହାତୀ ଏବଂ ବିଶ୍ୱହରି ନାଗ । ଏହି ଅବସରରେ କ୍ଲବ ସମ୍ପାଦକ ରବି ସୋନି,ମନୁ ସିଂ ଭଲ୍ଲା, ସୁନିଲ ଘିଭେଲା, ଭାରତ ଥପ୍ପା, ମନୋଜ କରୁଆଁଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।


ବିଜେତା ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରାଯାଉଛି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 61,29,929.40, EMD (₹) : 1,22,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 11.03.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-1013/P/24-25

## ସଂକ୍ଷେପରେ

### ତୈଳିକ ବୈଶ୍ୟ ତେଲୀ ସମାଜର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ

ମୁରିବାହାଲ,୨୩।୨(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଚିତ୍ରାମୁଣ୍ଡା ଗ୍ରାମରେ ମୁରିବାହାଲ ବ୍ଲକ ସ୍ତରୀୟ ତୈଳିକ ବୈଶ୍ୟ ସମାଜର ବାର୍ଷିକ ସାଙ୍ଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ତୈଳିକ ବୈଶ୍ୟ ସମାଜ ମୁରିବାହାଲ ବ୍ଲକ ସଭାପତି ବୈଦ୍ୟୁତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲା ଭାଜପା ଜିଲା ସଭାପତି ଶ୍ରୀବସ୍ତ ବେହେରା ଯୋଗଦେଇ ସମାଜ ଗଠନ କରିବାରେ ସଙ୍ଗଠିତ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲା ତୈଳିକ ସମାଜର ଜିଲା ସଭାପତି ଉମାକାନ୍ତ ସାହୁ, ଜିଲା ସମ୍ପାଦକ ପ୍ରଦୀପ ସାହୁ, ପାଟଣାଗଡ ଉପଖଣ୍ଡ ସଭାପତି ରାଜକିଶୋର ସାହୁ, ବେଲପଡା ବ୍ଲକ ସଭାପତି ମହେଶ୍ୱର ସାହୁ, ବେଲପଡା ବ୍ଲକ ସମ୍ପାଦକ ପର୍ଶୁରାମ ସାହୁ, ନୂଆପଡା ଜିଲ୍ଲା ସଭାପତି ରାମରତନ ସାହୁ,କଣ୍ଟାବାଞ୍ଜି ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଉମାକାନ୍ତ ସାହୁ ଉପସ୍ଥିତ ଥିଲେ । ହେରାମ ସାହୁ, ହରେକୃଷ୍ଣ ସାହୁ, ତେଜରାଜ ସାହୁ, ସୁଦର୍ଶନ ସାହୁ, ଶରତ ସାହୁ, ଭୋରାମ ସାହୁ, ଶ୍ୟାମସୁନ୍ଦର ସାହୁ, ବସନ୍ତ ସାହୁ, ଗୁଲାପ ସାହୁଙ୍କ ସମେତ ତୈଳିକ ବୈଶ୍ୟ ସମାଜ ମୁରିବାହାଲ ବ୍ଲକର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### କଣ୍ଟାବାଞ୍ଜି ରେଳ ଷ୍ଟେଶନ ଅଞ୍ଚଳରେ ଅବାଧ ମଦ ବିକ୍ରି

କଣ୍ଟାବାଞ୍ଜି,୨୩।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନ ଇଲାକାରେ ଅବାଧ ମଦ ବିକ୍ରି ହେଉଛି । ଏହି ଖବର ପାଇ ଶନିବାର ରାତିରେ ଚଢ଼ାଉ କରାଯାଇଥିଲା । କଣ୍ଟାବାଞ୍ଜିଟାଉନ ପୋଲିସ, ଜିଆର୍‌ପି, ଆର୍‌ପିଏଫ ଓ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ ହୋଇଥିଲା । ଚଢ଼ାଉ ବେଳେ ଏକ ପରିତ୍ୟକ୍ତ ବାସଗୃହରେ ମଦ ରଖି ଲୁଚାଛପାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା । ଏପରି କି ପରିତ୍ୟକ୍ତ ଅଫିସ ଗୃହର ତାଲା ଭାଙ୍ଗି ମଦ ବେପାରୀ ମଦ ବିକ୍ରି କରୁଥିବା ଜଣାପଡିଥିଲା । ତେବେ ଅଭିଯୁକ୍ତ ଫେରାର ହୋଇଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ କେତେ ପରିମାଣର ମଦ ଜବତ ହୋଇଛି ତଥ୍ୟ ମିଳି ପାରିନାହିଁ । କେଉଁମାନେ ଷ୍ଟେଶନ ଇଲାକାରେ ଏପରି ମଦ ବେପାର କରୁଛନ୍ତି ଜଣାପଡିନାହିଁ । ଏହାଛଡା ରେଳୱେ ଜମିର ଆଶ୍ରମପଡା ଷ୍ଟେଶନ ରୋଡ, ସିଙ୍ଗଲପଡା ରୋଡ ଏବଂ ଶାଗୁଆନ ବୋରେଇ ଅଞ୍ଚଳରେ ମଦ ବିକ୍ରି ହେଉଥିବାରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ସଡ଼କ ଦୁର୍ଘଟଣାରେ ୪ ଆହତ

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଛକରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ବଲାଙ୍ଗୀର ସହର ତାଲପାଲିପଡାର କେ. ସୁନା, ରଞ୍ଜିତା ନାଏକ ଓ ଇସାବ ନାଏକ ଏକ ସ୍କୁଟି ଯୋଗେ ବଲାଙ୍ଗୀରରୁ ବରପାଲି ଯାଉଥିଲେ । ବାଟରେ ହୀରାପୁର ଛକରେ ମାଣ୍ଡିଆପଦରର ବୃଦ୍ଧା ବିଳାସ ସାହୁ ରାସ୍ତା ପାରି ହେଲା ବେଳେ କୌଣସି କାରଣରୁ ସ୍କୁଟିରେ ପିଟି ହୋଇ ଯାଇଥିଲେ । ଫଳରେ ବୃଦ୍ଧାଙ୍କ ସମେତ ସମସ୍ତ ବାଇକ୍ ଆରୋହୀ ପଡ଼ି ଆହତ ହୋଇଥିଲେ । ଖବରପାଇ ଲୋଇସିଂହା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଲୋଇସିଂହା ଡ଼ାକ୍ତରଖାନା ଆଣିଥିଲେ ।

# 'ସଂସ୍କୃତି ନିର୍ମାଣ ଏକ ସମ୍ମିଳିତ ଦାୟିତ୍ୱ'



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକ ।

ବଲାଙ୍ଗୀର,୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଏବଂ ବୌଦ୍ଧିକ ଅନୁଷ୍ଠାନ ବିଚାର ଓ ଭୂମିକା ପରିବାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସାମ୍ବାଦିକଙ୍କ ସାଂସ୍କୃତିକ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼. ଅରବିନ୍ଦ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ

**ବିଚାର ଓ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର**

ଆଲୋଚନାଚକ୍ରରେ ଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦାନ କରିଥିଲେ । ଆଲୋଚକ ଭାବେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ଗଣମାଧ୍ୟମ ପ୍ରତିନିଧି ସତ୍ୟ ନାରାୟଣ ମହାପାତ୍ର, ମନୋରଞ୍ଜନ ଯୋଷୀ ଓ ଶିବ ଶଙ୍କର ନନ୍ଦ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଓଝା ଅତିଥି ଓ ଆଲୋଚକଙ୍କୁ ସ୍ୱାଗତ କରିବା ସହ ସଭାପତୀୟ ଅଭିଭାଷଣ ରଖିଥିଲେ । ଏହାପରେ ଆଲୋଚନା ଆରମ୍ଭ ହୋଇଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କ ସାମାଜିକ ଦାୟିତ୍ୱ କଥା ଅନେକ ଥର ଆଲୋଚନା ହୋଇଛି । ମାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ସାଂସ୍କୃତିକ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିବାରୁ ଏହା କଲେଜ ଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ ହୋଇଥିଲା । କୌଣସି ବି ସଂସ୍କୃତି ସମୂହ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏଣୁ ଏହାର ଉତ୍ତରଣ କି ସମୃଦ୍ଧର ଦାୟିତ୍ୱ ମଧ୍ୟ ସାମୂହିକ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଜନଗଣଙ୍କ ପ୍ରତିନିଧି ହୋଇଥିବାରୁ ସେମାନଙ୍କ ସାମାଜିକ ଦାୟିତ୍ୱ ସହ ସାଂସ୍କୃତିକ ଦାୟିତ୍ୱ ରହିଛି ବୋଲି ସଭାରେ ଆଲୋଚନା ହୋଇଥିଲା । ଆଲୋଚନାଚକ୍ରକୁ ଭୂମିକାର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ । ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସଂସ୍କୃତି ଏକ ବ୍ୟାପକ ଶବ୍ଦ ଓ ପରିସରକୁ ବୁଝାଇଥାଏ । ମାତ୍ର ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ସାଂସ୍କୃତିକ ଦାୟିତ୍ୱ ପ୍ରତି ସଚେତନ ହେଲେ ସାଂସ୍କୃତିକ ଅବକ୍ଷୟର ଧାରାକୁ ରୋକିପାରିବେ ବୋଲି କହିଥିଲେ । ଆଲୋଚନାରେ ଆଲୋଚକଙ୍କ ବକ୍ତବ୍ୟ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀମାନେ ଆଲୋଚକଙ୍କୁ ପ୍ରଶ୍ନ କରିଥିଲେ । ଭୂମିକା ସଭ୍ୟ ଅଖିଳ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଆଲୋଚନଚକ୍ରରେ ସହରର ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

**ବୁର୍ଡା-ନଅଗାଁ(ଖ) ସଂଯୋଗ ରାସ୍ତା**

# ରାସ୍ତା କାମ ଅଧା, ବଢୁଛି ଅସନ୍ତୋଷ


ଶୋଚନୀୟ ହୋଇ ପଡିଥିବା ରାସ୍ତା ।

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତାର ପ୍ରାୟ ୩ ଶହ ମିଟରରୁ ଅଧିକ ଶୋଚନୀୟ ହୋଇ ପଡିଥିଲା । ରାସ୍ତା ଦୁରାବସ୍ଥା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିଲା । ନିକଟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ପ୍ରଧାନମନ୍ତ୍ରୀ ସଡକ ଆରମ୍ଭ ସ୍ଥଳରୁ ୨ଶହ ମିଟର ରାସ୍ତା କଂକ୍ରିଟକରଣ କରାଯାଇଛି । ଏବେ ବି ୨୬ ନଂ ଜାତୀୟ ରାଜପଥକୁ ସଂଯୋଗ ପାଇଁ ଅବଶିଷ୍ଟ ପ୍ରାୟ ୭୦ ମିଟର ରାସ୍ତା କାମ ବାକି ରହିଯାଇଛି । ଅବଶିଷ୍ଟ ରାସ୍ତା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ନ ଥିବା ଏବେ ଜାଣିବାକୁ ମିଳିଛି । ଉକ୍ତ ରାସ୍ତା କଂକ୍ରିଟକରଣ ଆରମ୍ଭ ବେଳେ ୨ଟି ଟେଣ୍ଡର ହୋଇଛି । ୨ ଜଣ ଠିକାଦାରଙ୍କ ଜରିଆରେ ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି କାମ ପାଇଥିବା ଠିକେଦାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସେତେବେଳେ ଲୋକଙ୍କୁ କୁହାଯାଇଥିଲା । ଲୋକଙ୍କ ଉତ୍ତେଜନାରୁ ବର୍ତ୍ତିବା ପାଇଁ ମିଛ କହି କାମ ସାରି ଦିଆଯିବା ଏବଂ କଂକ୍ରିଟକରଣ ଅଞ୍ଚଳରେ ନଳକୂପ ନିକଟରେ ଆବଶ୍ୟକ ଏକ କଲଭର୍ଟ ନିର୍ମାଣ ନ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ୨୬ ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଳବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ହୋଇଥିବାରୁ ଉକ୍ତ ରାସ୍ତାର ଥନାପତି ଘର ପୋଖରୀ ନିକଟସ୍ଥ ତ୍ରିକୋଣୀୟ ଛକରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତା ପ୍ରଧାନମନ୍ତ୍ରୀ ସଡକରେ ସାମିଲ ହୋଇ କାମ ହୋଇଛି । ଠିକାଦାରଙ୍କ ଅବହେଳା ଓ ବିଭାଗର ଆନ୍ତରିକତା ଅଭାବରୁ ଧାର୍ଯ୍ୟ ସମୟଠାରୁ ଢେରବର୍ଷ ବିତି ଯାଇଥିଲେ ସୁଦ୍ଧା କେତେକ ସ୍ଥାନରେ ରାସ୍ତା କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ । ଅପରପକ୍ଷେ ୫ ବର୍ଷପୂର୍ବରୁ ୨୬ ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଲବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ ହୋଇଥିଲା । ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ଏହି ରାସ୍ତା ଶୋଚନୀୟ ହୋଇପଡିଥିଲା । ଉଚ୍ଚ ପଦାଧିକାରୀଙ୍କ ତଦନ୍ତ ପରେ ବି କାମ କରିଥିବା ଠିକାସଂସ୍ଥା ଓ ତଦାରଖ କରୁଥିବା ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିଲା । ଏବେ ବି ସେହି ରାସ୍ତା ଶୋଚନୀୟ ଅବସ୍ଥାରେ ପଡି ରହିଛି । ଲୋକେ ହଟହଟା ହେଉଛନ୍ତି । ତ୍ରିକୋଣୀୟ ଛକରୁ ନଅଗାଁ(ଖ)କୁ ପ୍ରଧାନମନ୍ତ୍ରୀ ସଡକ ହେବା ପରେ ରାଜପଥ ଯାଏ ୩ ଶହ ମିଟରରୁ ଅଧିକ ଶୋଚନୀୟ ରାସ୍ତାକୁ ନେଇ ଚିନ୍ତା ବଢିଥିଲା । ଏହି ରାସ୍ତାରେ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନଅଗାଁ(ଖ) କାର୍ଯ୍ୟାଳୟକୁ ଯିବା ଆସିବା ବେଳେ ହଟହଟାର ସମ୍ମୁଖୀନ ହୋଇଥିଲେ । ଶୁଣିବାକୁ ମିଳୁଛି କୁଆଡେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାସ୍ତା କାମ ଟେଣ୍ଡର ଡାକି ରାସ୍ତା କଂକ୍ରିଟକରଣ କରାଯାଇଛି । ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଭୁଆଁ ବୁଲାଇ ଅଧା ରାସ୍ତା ଟେଣ୍ଡର ଡାକି ଅଧା ରାସ୍ତା କାମ ବାକି ରଖିବା ସମସ୍ତଙ୍କୁ ବିସ୍ମିତ କରୁଛି । ଏ ସମ୍ପର୍କରେ ଯନ୍ତ୍ରୀ ବିଧାନ ନାଏକ କହିଛନ୍ତି, ଆମେ କାମ ସମ୍ପୂର୍ଣ୍ଣ କରିବା ପାଇଁ ଚାହିଁଥିଲୁ । ହେଲେ ଟଙ୍କା ଅଭାବ ପଡିବାରୁ ହେଲା ନାହିଁ । କଲଭର୍ଟ ସମ୍ପର୍କରେ ପଚାରିବାରୁ, କାମ କଲାବେଳେ ପାଇପ ଥିବା ଜଣାପଡିଥିବା କହିଥିଲେ ।

# ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ୧୯ରୁ

ସୋନପୁର,୨୩।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ରାମେଶ୍ୱର ସଙ୍ଗମ ପୀଠ ଠାରେ ଜଗନ୍ନାଥ ମହୋତ୍ସବ ଆସନ୍ତା ମାର୍ଚ୍ଚ ୧୯ରୁ ଆରମ୍ଭ ହେବ । ଏହା ୭ ଦିନ ଧରି ଚାଲିବ । ଏହି ମହୋତ୍ସବର ସଫଳ ଆୟୋଜନ ପାଇଁ ରବିବାର ବିଭିନ୍ନ କମିଟି ଗଠିତ ହୋଇଛି । ମହୋତ୍ସବରେ ଜଗନ୍ନାଥଙ୍କ ୩୨ ବେଶ, ସଂକୀର୍ତ୍ତନ, ହୋମ, ଯଜ୍ଞ ଅୟୋଜନ ସହ ସାଧୁ ସନ୍ଥଙ୍କ ସମାଗମ ହେବ । ତେଣୁ ଦାରୁ ଶୋଭାଯାତ୍ରା କମିଟି, ନାମଯଜ୍ଞ କମିଟି, ଅର୍ଥ କମିଟି, ଖାଦ୍ୟ କମିଟି, ଶୃଙ୍ଖଳା କମିଟି ଓ ସାଧୁସେବା କମିଟି ଆଦି ଗଠନ ହୋଇଛି । ସମ୍ପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଗଡଭିତର ଜଗନ୍ନାଥ ମନ୍ଦିରରେ ରବିବାର ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କମିଟିର ସଦସ୍ୟା ସଦସ୍ୟ ।

ଅନୁଷ୍ଠିତ ହୋଇଥିଲା । ବୈଠକରେ ବୈକୁଣ୍ଠ ଶତପଥୀ, ବ୍ରଜମୋହନ ଦାନୀ, ସୌରଭ ଖମାରୀ, ଚମରା ତ୍ରିପାଠୀ, ଶୈଳେନ୍ଦ୍ର ସାହୁ, ପଦ୍ମନାଭ ମିଶ୍ର, ମନୋଜ

**ସଫଳ ଆୟୋଜନ ପାଇଁ ଗଠନ ହେଲା କମିଟି**

ଅଗ୍ରୱାଲ, ନନ୍ଦ କିଶୋର କମାଣି, ଶ୍ରୀବସ୍ତ ମଲ୍ଲିକ, ଦିଲ୍ଲୀପ ପାତ୍ର, ଧରଣୀଧର ମିଶ୍ର, ମୁରଲି ସାହୁ, ସୁଶାନ୍ତ ପଣ୍ଡା, ରାଧେଶ୍ୟାମ ପୁରୋହିତ, ଦୁର୍ଜନି ସାହୁ, ପ୍ରଦ୍ୟୁମ୍ନ ପାଢୀ, ଦେବକୀ ନନ୍ଦନ ମିଶ୍ର, ଆରତି ଖମାରୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ସଂଯୁକ୍ତା ହୋତା, ପ୍ରବୀଣା ସାହୁ ପ୍ରମୁଖ ଯୋଗଦେଇ ବିଶଶାନ୍ତି ପଞ୍ଚ କୁଣ୍ଡିୟ ବିଷ୍ଣୁ ମହାଯଜ୍ଞ, ୨୪ ପ୍ରହରୀ ନାମଯଜ୍ଞ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ସବକୁ ମହା ସମାରୋହରେ ଆୟୋଜନ କରିବା ପାଇଁ ଉପସ୍ଥିତ ସଦସ୍ୟା ସଦସ୍ୟ ବିଭିନ୍ନ ମତାମତ ଦେଇଥିଲେ ।

# ପାଲା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା


ବିନିକା ବନ ବିଭାଗ ତରଫରୁ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି ।

ବିନିକା,୨୩।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବନ ବିଭାଗ ଆନୁକୂଲ୍ୟରେ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ପରିବେଶ ସୁରକ୍ଷା ଉପରେ ପାଲା ମାଧ୍ୟମରେ ବିଭିନ୍ନ ଗାଁ ମାନଙ୍କରେ ରବିବାର ଅପରାହ୍ନ ରେ ଲୋକଙ୍କୁ ସଚେତନତା କରାଯାଇଛି । ରେଞ୍ଜର ଉମ୍ବରୁଧର ପଧାନ,ଙ୍କ ତତ୍ତ୍ୱବଧାନ ରେ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବନପାଳ ଜନାର୍ଦ୍ଦନ ସୱାଇଁ, ଜନ୍ମେଞ୍ଜୟ ମାଝୀ, କୁର୍ତ୍ତିବାସ ସେଠ, ବନରକ୍ଷୀ ରାମ ଶଙ୍କର ମେହେରଙ୍କ ସମେତ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ । ଗାଁ ଗାଁ ରେ ପାଲା ଦେଖିବା ଶହ ଶହ ଜନସାଧାରଣ ବେସ ଖୁସି ମତବ୍ୟକ୍ତ କରିବା ସହିତ ବନ ବିଭାଗ ଏହି ମହତ କାର୍ଯ୍ୟକୁ ବେସ ପ୍ରଂଶସା କରୁଥିବାର ଦେଖା ଯାଇଥିଲା ।

# 'ସୂଚନା ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଗଣତନ୍ତ୍ରକୁ ସମୃଦ୍ଧ କରିବ'

ବଲାଙ୍ଗୀର,୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଶନିବାର ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପରେ ଦୁଇଦିନିଆ ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ ଅନୁଷ୍ଠିତ ହୋଇଛି । ବରିଷ୍ଠ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ମହାସମ୍ମିଳନୀରେ ଓଡିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ହାଇକୋର୍ଟ ଓକିଲ ମନୋରଞ୍ଜନ ଜେନା ଏବଂ ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ନାଗ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ନାଗ ସୂଚନା ଅଧିକାର ଆଇନର ମହତ୍ତ୍ୱ, ବ୍ୟବହାର ଏବଂ ଏକ କ୍ରିୟାଶୀଳ ଗଣତନ୍ତ୍ରରେ ଏହାର ଆବଶ୍ୟକତା ଉପରେ କହିଥିଲେ । ସୂଚନା ଅଧିକାର କର୍ମୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ସୂଚନା ଅଧିକାର ଆଇନର କ୍ରମବିକାଶ, କିଭଳି ଭାବେ ଭାରତବର୍ଷରେ ସୂଚନା ଅଧିକାର ଏକ ଆଇନରେ ପରିଣତ ହେଲା ଏବଂ ଏହାକୁ କାର୍ଯ୍ୟକାରିତା କରିବା ଦିଗରେ



ଜିଲାସ୍ତରୀୟ ମହାସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ସୂଚନା କର୍ମୀ ।

କିଭଳି ଦୀର୍ଘ ଆନ୍ଦୋଳନ, ସଂଘର୍ଷ କରିବାକୁ ପଡିଥିଲା ସେ ଉପରେ କହିଥିଲେ । ବିଭିନ୍ନ ସମୟରେ ସୂଚନା ଅଧିକାର ଆଇନକୁ କିଭଳି ପଙ୍ଗୁ କରିବାକୁ ଚେଷ୍ଟା କରାଯାଉଛି ଏବଂ ସୂଚନା କର୍ମୀଙ୍କୁ କିଭଳି ଆକ୍ରମଣ କରାଯାଉଛି ସେ କହିଥିଲେ । ଅନ୍ୟତମ ସୂଚନା କର୍ମୀ ଜେନା ଉପସ୍ଥିତ ସୂଚନା ଅଧିକାର କର୍ମୀ ଓ କଲେଜ ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ସୂଚନା ମଗାଯାଇପାରିବ ସମସ୍ତ ବିଷୟରେ ସୂଚନା ଓ ପ୍ରଶିକ୍ଷଣ ଦେଇଥିଲେ । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ମହାନନ୍ଦ ତାଙ୍କ ବକ୍ତବ୍ୟରେ ସୂଚନା କର୍ମୀ ଭାବେ ତାଙ୍କ ଅଭିଜ୍ଞତା ଏବଂ ସୂଚନା କେତେ ଗୁରୁତ୍ୱପୂର୍ଣ୍ଣ କହିଥିଲେ । ସଭାପତୀୟ ଅଭିଭାଷଣରେ ସୂଚନା କର୍ମୀ ଯୋଷୀ ତୃଣମୂଳ ସ୍ତରରେ ବିଶେଷକରି ଗ୍ରାମାଞ୍ଚଳରେ ସୂଚନା ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା କେତେ ଜରୁରୀ କହିଥିଲେ । ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେଲେ ଗଣତନ୍ତ୍ର କିଭଳି ସଫଳ ହେବ ଏବଂ ଲୋକେ କିଭଳି ଯୋଜନା ସୁଫଳ ପାଇବା ଏବଂ

**ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ**

ରାଷ୍ଟ୍ର ବିକାଶ ପଥରେ ଯିବ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଅଧିକାର କର୍ମୀ ଶଙ୍କର ପାଣିଗ୍ରାହୀ, ଶିବ ପ୍ରସାଦ ସାହୁ, ପ୍ରମୋଦ କୁମାର ବେହେରା, ବିରଞ୍ଚି ବହିଦାର, ଜୟ ବିହାରୀ ବିଶ୍ୱାଳ, ସତ୍ୟ ବନଛୋର, କାଳିନ୍ଦ୍ରୀ ମାଝି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସାମୁଏଲ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବନଛୋର, ତ୍ରୈୟମ୍ବକ ବାରିକ, ଗୋପବନ୍ଧୁ ଛତ୍ରିଆ, ସରୋଜ କୁମାର ମେଶ୍ୱା, ନରେଶ ବାଗ, ଆନନ୍ଦ ପଧାନ ଓ ଅନ୍ୟମାନେ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା କର୍ମଶାଳା ଉପରେ ମତାମତ ରଖିଥିଲେ । ଏହି ସମ୍ମିଳନୀରେ ରାଜନୀତି ବିଜ୍ଞାନ ବିଭାଗର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଆଇନର କାର୍ଯ୍ୟକାରିତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ରବିବାର ଦ୍ୱିତୀୟ ଦିନ ମଧ୍ୟ ଏହି ଜିଲାସ୍ତରୀୟ ମହାସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି ।

**ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ**

# କଟକ ମା' ମଙ୍ଗଳା କ୍ଲବ ଚାମ୍ପିୟନ

ସୋନପୁର,୨୩।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ କଟକ ମା' ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା । ମା' ମଙ୍ଗଳା କ୍ଲବ ୨-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି । ମଙ୍ଗଳା କ୍ଲବର ବିଜୟ ବାରିକ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍, ଦୀନବନ୍ଧୁ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ୍ ଓ ରାକେଶ ସାହୁଙ୍କୁ ଶ୍ରେଷ୍ଠ ଡିଫେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ସ୍ପୋର୍ଟ୍ସ ହଷ୍ଟେଲର ଜଗନ୍ନାଥ ଗୁଡୁ ଓ ଶ୍ରେଷ୍ଠ ଗୋଲ କିପର ଭାବେ ସଞ୍ଜୟ ହେମ୍ବ୍ରମ୍ ପୁରସ୍କୃତ ହୋଇଥିଲେ । ମ୍ୟାଚ୍‌କୁ ରେଫେରି ସଞ୍ଜିବ୍ ସାହୁ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ରୀୟ ଥନାପତି, ସଞ୍ଜନ କୁଦେଇ ଓ ଦିଲ୍ଲୀପ ରାଉତ ସହଯୋଗ କରିଥିଲେ । ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ୫୦ ହଜାର ଟଙ୍କାର ଚେକ୍ ଏବଂ ରନର୍ସଅପ୍ ସ୍ପୋର୍ଟ୍ସ ହଷ୍ଟଲ ଟିମ୍‌କୁ ଟ୍ରଫି



ବିଧାୟକ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ।

ଓ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁରର ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଜିଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ଜିଲା କ୍ରୀଡା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ, ସତ୍ୟନାରାୟଣ ଦରଓ୍ୱାନ, ଜିତେନ୍ଦ୍ର ସାହୁ, ପ୍ରଭାତ ଦାନୀ, ଶାଶ୍ୱତ କୁମାର ମିଶ୍ର ଓ ନନ୍ଦ କିଶୋର ତ୍ରିପାଠୀ ଯୋଗ ଦେଇଥିଲେ । ପ୍ରଭୁ ଦାଶ କୁମ୍ଭାର ଓ ଦିଗମ୍ବର ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ । ରାମଧୂନ କ୍ଲବର ସମ୍ପାଦକ ପିୟୁଷ ପଣ୍ଡା, ବିକାଶ ପଣ୍ଡା, ରାଜୀବ ବିଶ୍ୱାଳ, ମନୋରଞ୍ଜନ ତ୍ରିପାଠୀ, ଚନ୍ଦନ ବେହେରା ଓ କ୍ଲବର ସଦସ୍ୟମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 61,29,929.40, EMD (₹) :1,22,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.03.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-1013/P/24-25

# ୩୨ ଯୁବତୀ ଯୁବକଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ

ରାଉରକେଲା,୨୩।୨(ବିପ୍ଲବ ରଞ୍ଜନ ଦାଶ)



ପ୍ରମାଣପତ୍ର ସହ ପ୍ରଶିକ୍ଷଣ ନେଇଥିବା ଯୁବତୀ ଯୁବକ।

ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ଅଧୀନ ପାର୍ଶ୍ୱାଞ୍ଚଳର ୩୨ଜଣ ଯୁବତୀ ଯୁବକଙ୍କୁ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଅଭିଯାନରେ ସେକ୍ଟର-୧୫ ଆଜୀବିକା ବ୍ୟବସାୟ କେନ୍ଦ୍ରରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ କେନ୍ଦ୍ରରେ ଗତ ୨୧ତାରିଖରେ ଆୟୋଜିତ ଏକ ସମାରୋହରେ ଆର୍‌ଏସ୍‌ପି ସହର ପ୍ରଶାସନ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଯୋଗଦେଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମାରୋହରେ ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ୍ ଟି. ବି. ଟପ୍ପୋ ଏବଂ ଏନ୍‌ଏସ୍‌ଆଇସିର ମୁଖ୍ୟ ପରିଚାଳକ ଡି. ପି. ନାୟକ ଉପସ୍ଥିତ ଥିଲେ। ତାଲିମ କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ ୧୬ଜଣ ମହିଳା ବ୍ୟୁଟିସିଆନ ପାଠ୍ୟକ୍ରମରେ ଯୋଗ ଦେଇଥିଲେ। ପାଠ୍ୟକମ୍ରରେ ସେମାନଙ୍କୁ କେଶ, ଚର୍ମ, ନଖର ଯତ୍ନ, ମେକ୍‌ଅପ୍, ୱାକ୍ସିଙ୍ଗ ଏବଂ ଥ୍ରେଡିଙ୍ଗ ବିଷୟରେ ଶିକ୍ଷା ପ୍ରଦାନ କରାଯିବା ସହ ସୁସ୍ଥତା, ପରିମଳ ଏବଂ ମାନବ ଶରୀର ଗଠନ ବିଷୟରେ ଅନ୍ତର୍ଦୃଷ୍ଟି ଦିଆଯାଇଥିଲା। ଏହାବ୍ୟତୀତ ଡିଜିଟାଲ ସାକ୍ଷରତା ଓ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବା ପାଇଁ ମାସିକିଆ କମ୍ପ୍ୟୁଟର ତାଲିମ ପାଠ୍ୟକ୍ରମରେ ୧୬ଜଣ ଯୁବକ ଭାଗ ନେଇଥିଲେ। ପାଠ୍ୟକ୍ରମରେ କମ୍ପ୍ୟୁଟର, ସାଧାରଣ ଜ୍ଞାନ, ହାର୍ଡୱେର ଉପାଦାନ, ଅପରେଟିଂ ସିଷ୍ଟମ, ମାଇକ୍ରୋସଫ୍ଟ ଅଫିସ, ଇଣ୍ଟରନେଟ ବ୍ୟବହାର, ଇ-ମେଲ ପରିଚାଳନା, ମୌଳିକ କମ୍ପ୍ୟୁଟର ପ୍ରୟୋଗ ଏବଂ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ ଥିଲା। ଡିଜିଟାଲ ଇଣ୍ଡିଆ ପଦକ୍ଷେପ ସହିତ ସମନ୍ୱୟ ରକ୍ଷା କରି ଏହି ତାଲିମ ଯୁବବର୍ଗଙ୍କୁ ଆତ୍ମବିଶ୍ୱାସର ସହିତ ଡିଜିଟାଲ ଦୁନିଆଁରେ ଆଗକୁ ବଢିବା ଏବଂ ସେମାନଙ୍କ ନିଯୁକ୍ତି ସମ୍ଭାବନାକୁ ଉନ୍ନତ କରିବ। ଜୀବିକା ନିର୍ବାହ ପାଇଁ ତାଙ୍କଠାରେ ଦକ୍ଷତାର ବିକାଶ ଏବଂ ପରିବାରକୁ ରୋଜଗାରକ୍ଷମ କରିବା ପାଇଁ ଏନ୍‌ଏସ୍‌ଆଇସି ଏବଂ ଆରଏସ୍‌ପି ସିଏସ୍‌ଆର ବିଭାଗ ପ୍ରତି ବିୟୁଟିସିଆନ ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀ ଟିକଟମାଟିର ରଶ୍ମିତା ଟେଟେ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି କମ୍ପ୍ୟୁଟର ତାଲିମ ପାଠ୍ୟକ୍ରମର ହିତାଧିକାରୀ କୁଆଁରମୁଣ୍ଡାର ଦୀପିକା ଟେଟେ ସ୍ୱାବଲମ୍ବୀ ହେବା ଦିଗରେ ଏହି କାର୍ଯ୍ୟକ୍ରମର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁରୂପ ଭାବେ ଜାମସେରାରୁ ଆସିଥିବା କମ୍ପ୍ୟୁଟର ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀ ସୁମିତ ନାଗ ତାଲିମ ପରେ ଭବିଷ୍ୟତ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଉଲ୍ଲେଖନୀୟ, ଏନ୍‌ଏସ୍‌ଆଇସି କେନ୍ଦ୍ରରେ ବେକରିଂ, ୱେଲ୍‌ଡିଂ, କାଠ କାମ, ବିଦ୍ୟୁତୀକରଣ, କମ୍ପ୍ୟୁଟର ହାର୍ଡୱେର ଏବଂ ନେଟୱାର୍କ ଆଦି ତାଲିମ ୟୁନିଟ ଉପଲବ୍ଧ ରହିଛି। ଆର୍‌ଏସ୍‌ପି ସିଏସ୍‌ଆର ସହାୟତାରେ ୨୦୨୦-୨୧ରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ ଏବଂ ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକ୍ଷମ ହୋଇଛି।

## ରାଉରକେଲା ଶ୍ରମିକ ସଂଘ ଓ ମେଣ୍ଟର ମିଳିତ ବୈଠକ

ରାଉରକେଲା,୨୩।୨(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାରେ ଚଳିତ ବର୍ଷ ଶ୍ରମିକ ସଙ୍ଗଠନ ଭାବେ ସ୍ୱୀକୃତି ଲାଭ କରିଥିବା ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ହୋଇଥିବା ଉକ୍ତ ବୈଠକରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ପୌରୋହିତ୍ୟ କରିଥିଲେ। କାରଖାନାର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ଆଧୁନିକୀକରଣ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟାକୁ ସର୍ବନିମ୍ନସ୍ତରକୁ ଆଣିବାକୁ ଚେଷ୍ଟା କରାଯାଉଛି। ଜିଲାର ଖଣିଖାଦାନଗୁଡ଼ିକୁ ପୁଞ୍ଜିପତିଙ୍କ ହାତକୁ ଟେକି ଦିଆଯାଉଛି। ଏପର୍ଯ୍ୟନ୍ତ ମଜୁରୀ ଚୁକ୍ତିନାମା ହୋଇ ନ ପାରିବା ନିହାତି ଭାବେ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା କରାଯାଇଥିଲା। ଆରଏସ୍‌ଏସ୍‌ର ଉପସଭାପତି ନିହାର ଦାସ, ବୀରକିଶୋର ଶେଖର ଦେଓ, ଦିଲ୍ଲୀପ ମହାପାତ୍ର, ଶୁଭେନ୍ଦୁ ପଣ୍ଡା ଓ ଜିଏମ୍‌ଏମ୍‌ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ରାଉରକେଲା,୨୩।୨(ବିପ୍ଲବ ରଞ୍ଜନ ଦାଶ)

ବାସନ୍ତୀ କଲୋନି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୯୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପ୍ରଦତ୍ତ ଏକ ଜଳ ବିଶୋଧକ ଓ ଶୀତଳୀକରଣ ଯନ୍ତ୍ରକୁ ବିଶ୍ରା ବ୍ଲକ୍ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରା ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଜଳ ବିଶୋଧକ ତଥା ଶୀତଳୀକରଣ ଯନ୍ତ୍ର ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ସ୍ୱଚ୍ଛ, ଶୀତଳ ପାନୀୟ ଜଳ ଯୋଗାଇବାରେ ସହାୟକ ହେବ। ଉଦ୍‌ଘାଟନୀ ସମାରୋହରେ ସହାୟକ ବ୍ଲକ ଶିକ୍ଷାଧିକାରୀ ସତ୍ୟଭାମା ବେହେରା, ସିଆର୍‌ସିସି ଦୀପ୍ତିମୟୀ ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାଇମୁଲ ହକ, ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ, ୧୯୯୧ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଚାଳକଙ୍କୁ ଅଟକାଇ ବାଇକ ଲୁଟିଲେ ଦୁର୍ବୃତ୍ତ

ବଡ଼ଗାଁ,୨୩।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ନୂଆମାଲ ଗାଁ ନିକଟ ବୁଲାଣିଠାରେ ୪ ଜଣ ଯୁବକ ଜଣେ ବ୍ୟକ୍ତିଙ୍କୁ ଅଟକାଇ ବାଇକ ଲୁଟ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଛତିଶଗଡ଼ ରାଜ୍ୟର ଲୁଆକଡ଼ା ଗ୍ରାମର ରୋହିତ ରାମ ତାଙ୍କର ସମ୍ପର୍କୀୟ ଘର ରାଜଗାଙ୍ଗପୁର ଆସି ଫେରୁଥିବାବେଳେ ନୁଆରମାଲ ନିକଟ ବୁଲାଣୀ ଠାରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ଠେଲାପେଲା କରିଥିଲେ। ପରେ ତାଙ୍କ ବାଇକ୍‌କୁ ନେଇଯାଇଥିଲେ। ରୋହିତ ରାମ ଘଟଣା ବିଷୟରେ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବଡ଼ଗାଁ ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ଲହୁଣୀପଡା,୨୩।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ଲହଙ୍ଗାପଡା ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୯ ଟା ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ହରି ନାରାୟଣ ମାହାନ୍ତ(୪୮)। ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇକେଲକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଣେଇ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଥିଲା। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଲହୁଣୀପଡା ଥାନା ଅନ୍ତର୍ଗତ କଟୁପଡା ଗ୍ରାମର ହରି ନାରାୟଣ ଲହଙ୍ଗାପଡାରୁ ନିଜ ଘର କାଟୁପଡାକୁ ସାଇକେଲ ଯୋଗେ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ପାଣିରେ ବୁଡ଼ି ଜଣେ ମୃତ

ହେମଗିର,୨୩।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅର୍ନ୍ତଗତ କରେଲକଛାର ଗ୍ରାମର ଏକ ବିଲରେ ଥିବା କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ବ୍ୟକ୍ତି ଜଣକ ହେଲେ କରେଲକଛାର ଗ୍ରାମର ଜୟଦେବ ଅଡା(୪୨)। ମିଳିଥିବା ସୂଚନା ଅନୁସାରେ, ଗତ ମଙ୍ଗଳବାର ସକାଳେ ଜୟଦେବ ଘରୁ ବାହାରି ଆଉ ଫେରି ନ ଥିଲେ। ଘରଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଶନିବାର ବିଲ ସ୍ଥିତ ଏକ କୂଅରେ ମୃତଦେହ ଭାସୁଥିବା ଗ୍ରାମବସୀ ଦେଖି ହେମଗିର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଟ୍ରକ୍ -ବାଇକ୍ ଧକ୍କା: ଜଣେ ମୃତ

ବେଦବ୍ୟାସ,୨୩।୨(ଦେବବ୍ରତ ବେହୁରା)

ବ୍ରାହ୍ମଣୀତରଙ୍ଗ ଥାନା ଅର୍ନ୍ତଗତ ବିରକେରା କଲୋନୀଠାରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ବେଦବ୍ୟାସ ଗୋପପାଲୀର ଗୌରବ ନାୟକ(୨୫)। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡି ଜବତ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଟ୍ରକ ମାଲିକଙ୍କ ପକ୍ଷରୁ ଗୌରବଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦୦୦୦ ଟଙ୍କା ଦିଆଯାଇଛି। ସୂଚନା ଅନୁଯାୟୀ, ଶନିବା ସନ୍ଧ୍ୟାରେ ଗୌରବ ବାଇକ୍ ଯୋଗେ କୌଣସି କାମରେ ପିଟା ଗାଁକୁ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି।

## ମିଛ କହି ଅଧା ରାସ୍ତା କାମ, ବଢୁଛି ଅସନ୍ତୋଷ



ଶୋଚନୀୟ ହୋଇ ପଡିଥିବା ରାସ୍ତା।

ଲୋଇସିଂହା,୨୩।୨(ସୁଶାନ୍ତ ବାରିକ)

### ବୁର୍ଡା-ନଅଗାଁ(ଖ) ସଂଯୋଗ ରାସ୍ତା

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତାର ପ୍ରାୟ ୩ ଶହ ମିଟରରୁ ଅଧିକ ଶୋଚନୀୟ ହୋଇ ପଡିଥିଲା। ରାସ୍ତା ଦୁରାବସ୍ଥା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିଲା। ନିକଟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ପ୍ରଧାନମନ୍ତ୍ରୀ ସଡକ ଆରମ୍ଭ ସ୍ଥଳରୁ ୨ଶହ ମିଟର ରାସ୍ତା କଂକ୍ରିଟକରଣ କରାଯାଇଛି। ଏବେ ବି ୨୬ ନଂ ଜାତୀୟ ରାଜପଥକୁ ସଂଯୋଗ ପାଇଁ ଅବଶିଷ୍ଟ ପ୍ରାୟ ୭୦ ମିଟର ରାସ୍ତା କାମ ବାକି ରହିଯାଇଛି। ଅବଶିଷ୍ଟ ରାସ୍ତା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ନ ଥିବା ଏବେ ଜାଣିବାକୁ ମିଳିଛି। ଉକ୍ତ ରାସ୍ତା କଂକ୍ରିଟକରଣ ଆରମ୍ଭ ବେଳେ ୨ଟି ଟେଣ୍ଡର ହୋଇଛି। ୨ ଜଣ ଠିକାଦାରଙ୍କ ଜରିଆରେ ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି କାମ ପାଇଥିବା ଠିକେଦାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସେତେବେଳେ ଲୋକଙ୍କୁ କୁହାଯାଇଥିଲା। ଲୋକଙ୍କ ଉତ୍ତେଜନାରୁ ବର୍ତ୍ତିବା ପାଇଁ ମିଛ କହି କାମ ସାରିଦିଆଯିବା ଏବଂ କଂକ୍ରିଟକରଣ ଅଞ୍ଚଳରେ ନଳକୂପ ନିକଟରେ ଆବଶ୍ୟକ ଏକ କଲଭର୍ଟ ନିର୍ମାଣ ନ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ୨୬ ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଲବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ହୋଇଥିବାରୁ ଉକ୍ତ ରାସ୍ତାର ଥନାପତି ଘର ପୋଖରୀ ନିକଟସ୍ଥ ତ୍ରିକୋଣୀୟ ଛକରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ସଂଯୋଗ କରୁଥିବା ରାସ୍ତା ପ୍ରଧାନମନ୍ତ୍ରୀ ସଡକରେ ସାମିଲ ହୋଇ କାମ ହୋଇଛି। ଠିକାଦାରଙ୍କ ଅବହେଳା ଓ ବିଭାଗର ଆନ୍ତରିକତା ଅଭାବରୁ ଧାର୍ଯ୍ୟ ସମୟଠାରୁ ଡେଢବର୍ଷ ବିତି ଯାଇଥିଲେ ସୁଦ୍ଧା କେତେକ ସ୍ଥାନରେ ରାସ୍ତା କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅପରପକ୍ଷେ ୫ବର୍ଷପୂର୍ବରୁ ୨୬ନଂ ଜାତୀୟ ରାଜପଥରୁ ବୁର୍ଡା ପଞ୍ଚାୟତ ସିଆଲବାହାଲିକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ ହୋଇଥିଲା। ନିମ୍ନମାନର କାମ ଯୋଗୁ ଅଳ୍ପ ଦିନରେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଉଚ୍ଚ ପଦାଧିକାରୀଙ୍କ ତଦନ୍ତ ପରେ ବି କାମ କରିଥିବା ଠିକାସଂସ୍ଥା ଓ ତଦାରଖ କରୁଥିବା ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିଲା। ଏବେ ବି ସେହି ରାସ୍ତା ଶୋଚନୀୟ ଅସ୍ଥାରେ ପଡି ରହିଛି। ଲୋକେ ହଟହଟା ହେଉଛନ୍ତି। ତ୍ରିକୋଣୀୟ ଛକରୁ ନଅଗାଁ(ଖ)କୁ ପ୍ରଧାନମନ୍ତ୍ରୀ ସଡକ ହେବା ପରେ ରାଜପଥ ଯାଏ ୩ ଶହ ମିଟରରୁ ଅଧିକ ଶୋଚନୀୟ ରାସ୍ତାକୁ ନେଇ ଚିନ୍ତା ବଢିଥିଲା। ଏହି ରାସ୍ତାରେ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନଅଗାଁ(ଖ) କାର୍ଯ୍ୟାଳୟକୁ ଯିବା ଆସିବା ବେଳେ ହଟହଟାର ସମ୍ମୁଖୀନ ହୋଇଥିଲେ। ଶୁଣିବାକୁ ମିଳୁଛି କୁଆଡେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାସ୍ତା କାମ ଟେଣ୍ଡର ଡାକି ରାସ୍ତା କଂକ୍ରିଟକରଣ କରାଯାଇଛି। ବିଭାଗୀୟ ଅଧିକାରୀ ମନ୍ତ୍ରୀଙ୍କୁ ଭୁଆଁ ବୁଲାଇ ଅଧା ରାସ୍ତା ଟେଣ୍ଡର ଡାକି ଅଧା ରାସ୍ତା କାମ ବାକି ରଖିବା ସମସ୍ତଙ୍କୁ ବିସ୍ମିତ କରୁଛି। ଏ ସମ୍ପର୍କରେ ଯନ୍ତ୍ରୀ ବିଧାନ ନାଏକ କହିଛନ୍ତି, ଆମେ କାମ ସମ୍ପୂର୍ଣ୍ଣ କରିବା ପାଇଁ ଚାହିଁଥିଲୁ। ହେଲେ ଟଙ୍କା ଅଭାବ ପଡିବାରୁ ହେଲା ନାହିଁ। କଲଭର୍ଟ ସମ୍ପର୍କରେ ପଚାରିବାରୁ, କାମ କଲାବେଳେ ପାଇପ ଥିବା ଜଣାପଡିଥିବା କହିଥିଲେ।

### କୋଏଲ ନଦୀରେ ବୁଡ଼ି ବୃଦ୍ଧା ମୃତ

କୁଆଁରମୁଣ୍ଡା,୨୩।୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଉ ଗ୍ରାମର ସୁବା ଖଡିଆ(୬୫) ରବିବାର ମଧ୍ୟାହ୍ନରେ ନିକଟସ୍ଥ କୋଏଲ ନଦୀରେ ଗାଧୋଉଥିବା ବେଳେ ବୁଡି ଯାଇଥିଲେ। ଏହି ସମୟରେ ସେଠାରେ ଗାଧୋଉଥିବା ଅନ୍ୟ ଗ୍ରାମବାସୀ ତାଙ୍କୁ ସେଠାରେ ଖୋଜାଖୋଜି କରି ଉଦ୍ଧାର କରିଥିଲେ। ପରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ବୃଦ୍ଧାଙ୍କ ଜ୍ୱାଇଁ ଶୁକ୍ରୁ ଖଡିଆ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଏତଲା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ମହିମା ଆଶ୍ରମରେ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ

ହେମଗିର,୨୩।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଆଞ୍ଚଳିକ ମହିମା ଆଶ୍ରମ, କୋଡ଼ବାହାଲଠାରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋମ ଯଜ୍ଞ କରିବା ସହିତ ବିଭିନ୍ନ ପୌରାଣିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରୀମତ ବାବା ଶଙ୍କର ଦାସ,ସୁଦର୍ଶନ ଦାଶ ପ୍ରମୁଖ ଓ କମିଟିର ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଜଗନ୍ନାଥ ପଞ୍ଚରାତ୍ର ଉଦ୍‌ଯାପିତ

ବଡ଼ଗାଁ,୨୩।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଦେବ ମଣ୍ଡପଠାରେ ଗତ ପାଞ୍ଚ ଦିନ ହେଲା ଚାଲିଥିବା ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଗ୍ରାମର ଶ୍ରଦ୍ଧାଳୁ ମହିଳା ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଜଗନ୍ନାଥଙ୍କ ମହିମା, ସଂସ୍କୃତି ବିଷୟରେ ପ୍ରବଚନ ଦେଇଥିଲେ। ଶ୍ରଦ୍ଧାଳୁ ମହିଳା ମଣ୍ଡଳୀ ସଦସ୍ୟା କୁମୁଦିନୀ ପାଣିଗ୍ରାହୀ, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ, ଯଶୋବନ୍ତି ସା, ଅନୀତା ଅଗ୍ରୱାଲ, ସ୍ୱର୍ଣ୍ଣଲତା ପୃଷେଟ, ସନ୍ଧ୍ୟାରାଣୀ ରାଉତଙ୍କ ସହିତ ମହିଳାମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ପୋଲିସର ଜନସମ୍ପର୍କ ଶିବିର



ଜନସମ୍ପର୍କ ଶିବିର ଅବସରରେ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

ଖପ୍ରାଖୋଲ,୨୩।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି କନ୍ଦରାଭଟା ଗାଁ ଖେଳପଡିଆଠାରେ ପୋଲିସ ତରଫରୁ ଜନସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବଲାଙ୍ଗୀର ଡ଼ିଆଇଓସି ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି ଯୋଗ ଦେଇଥିଲେ। ଏହି ଅବସରରେ ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଶତାଧିକ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ, ସାଲ, ଛତା,ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ, ଟର୍ଚ୍ଚ ଓ ସାଂସ୍କୃତିକ ଦଳକୁ ବାଦ୍ୟ ଯନ୍ତ୍ର , ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।

# ବଣେଇରେ ରାଜ୍ୟସ୍ତରୀୟ କିଷାନ ଜାତି ସମ୍ମିଳନୀ

ସବ୍‌ଡେଗା,୨୩।୨ (ଅନନ୍ତ ପଟେଲ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଦୀର୍ଘ ବର୍ଷର ବ୍ୟବଧାନ ପରେ ସୁନ୍ଦରଗଡ଼ ଜିଲା ବଣେଇଗଡଠାରେ ରାଜ୍ୟସ୍ତରୀୟ କିଷାନ ଜାତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଣେଇଗଡ ଉପଖଣ୍ଡ ସ୍ତରୀୟ କିସାନ ସମାଜର ସଭାପତି ବାଜି କିଷାନଙ୍କ ଆବାହକତ୍ୱରେ ଏବଂ ସୁନ୍ଦରଗଡ଼ ଜିଲାର ପୂର୍ବତନ ଜିଲା ପରିଷଦ ସଭାପତି ରଞ୍ଜିତ କିସାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସ୍ତରୀୟ ନୂତନ କର୍ମକର୍ତ୍ତା ମନୋନୀତ କରାଯିବା ସହ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏହି ସମ୍ମିଳନୀରେ ୫୫୦ ସଂଖ୍ୟାକୁ ନେଇ କିଷାନ ସମାଜରେ ଦେଖାଦେଇଥିବା ବିବାଦ ଓ ସାମାଜିକ ବିଶୃଙ୍ଖଳାକୁ ନେଇ ଆଲୋଚନା କରାଯିବା ସହ ଏହି ସଂଖ୍ୟାକୁ ରଦ୍ଦ କରାଯାଇ କେବଳ କିଷାନ ଜାତିର ବୋଲି ନିଜ ପରିଚୟ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ଜାତିର ପୂର୍ବ ବଂଶଜଙ୍କ ଅନୁସାରେ ବନ୍ଧୁ ବାନ୍ଧବଙ୍କୁ ନେଇ ସାମାଜିକ ବିବାହ ପ୍ରଥା ପ୍ରଚଳନ କରିବା ସହ ସାମାଜିକ ଆପତ୍ତି ବିହୀନ ପ୍ରମାଣପତ୍ର (ଏନଓସି) ଓ ବିବାହ ପ୍ରମାଣ ପତ୍ର ପ୍ରଚଳନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିସାନ ଜାତିର ବିବାହ କେବଳ କିଷାନ ଜାତିର ପୁଅ ଝିଅଙ୍କ ସାଙ୍ଗରେ ସାମାଜିକ ରୀତିନୀତି ଅନୁସାରେ ହୋଇ ପାରିବ ବୋଲି ନିଷ୍ପତ୍ତି ହେଲା। ସମ୍ମିଳନୀରେ ୨୦୧୨ ସାମାଜିକ ନିୟମାବଳୀକୁ ସମ୍ପୂର୍ଣ୍ଣରୂପେ ନିଷିଦ୍ଧ ଘୋଷଣା କରାଗଲା। ବିବାହରେ ଏନଓସି ଦେବା କଥାକୁ ନେଇ କେହି ଯଦି ସାମାଜିକ ବିବାହ କାର୍ଯ୍ୟକ୍ରମରେ ବିଶୃଙ୍ଖଳା କରନ୍ତି ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅବସରରେ ରାଜ୍ୟ ସ୍ତରୀୟ କିଷାନ ସମାଜର ନୂତନ ସଭାପତିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁନାଶିର କିଷାନଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭଗବାନ ବାଗ, ଯାଦବ ପ୍ରଧାନ, କାଳିନ୍ଦୀ ଚନ୍ଦ୍ର ପ୍ରଧାନଙ୍କୁ ଉପସଭାପତି, ରାମଚନ୍ଦ୍ର ମାଝୀଙ୍କୁ ସାଧାରଣ ସମ୍ପାଦକ ଏବଂ ଡକ୍ଟର ଭୋଲେଶ୍ୱର୍ ପ୍ରଧାନଙ୍କୁ ସହ ସାଧାରଣ ସମ୍ପାଦକଭାବେ ମନୋନୀତ କରାଯାଇଥିଲା। ସେହିଭଳି ସୁନ୍ଦରଗଡ଼ ଜିଲା କିଷାନ ସମାଜର ସଭାପତି ଭାବେ ଦେବେନ୍ଦ୍ର ପ୍ରସାଦ ମାଝୀଙ୍କୁ ମନୋନୀତ କରାଯାଇଥିଲା। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମକୁନ୍ଦ କିସାନ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜୟଦେବ କିସାନ, ଭୂବୈଜ୍ଞାନିକ ରମେଶ କିସାନ, ଶୋଭାରମ ପ୍ରଧାନ, ଯୁଧିଷ୍ଠିର କିସାନ, ଅଧ୍ୟାପକ ଗୁରୁଚରଣ କିଷାନଙ୍କ ସମେତ ସମ୍ବଲପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼,ବଲାଙ୍ଗୀର, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି,ସୋନପୁର ଆଦି ୧୪ଟି ଜିଲାରୁ କିସାନ ଜାତିର ବରିଷ୍ଠ କର୍ମକର୍ତ୍ତାମାନେ ଓ ନେତୃବୃନ୍ଦମାନେ ଯୋଗଦେଇଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (₹):** 61,29,929.40, EMD (₹) :1,22,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 11.03.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-1013/P/24-25

## ପାଣିରେ ବୁଡ଼ି ମତ୍ସ୍ୟଜୀବୀ ମୃତ

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଭୁଲକାବାହାଲ ଗ୍ରାମ ନିକଟସ୍ଥ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରରେ ବୁଡି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକନୁ ବେହେରା (୬୨)। ପୋଲିସ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଭୁଲକାବାହାଲ ଗ୍ରାମର ଟିକନୁ ପ୍ରତ୍ୟେକ ଦିନ ଭଳି ଶନିବାର ମଧ ମାଛମାରିବାକୁ ଏକ ଡଙ୍ଗା ସାହାଯ୍ୟରେ ରେଙ୍ଗାଲି ନଦୀବନ୍ଧ ଜଳଭଣ୍ଡାରକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୯ଟାରେ ଜଳଭଣ୍ଡାର ମଧରେ ଟିକନୁଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସହ ଥାନାରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**କୋଲାବିରା,୨୩।୨(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ପଞ୍ଚାୟତ ବେଲମୁଣ୍ଡା –ଭୋଗରାପାଲି ମଝି ସ୍ଥାନରେ ସାଇକେଲରେ ଘରକୁ ଫେରୁଥିବା ଜଣେ ଯୁବକଙ୍କ ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବେଲମୁଣ୍ଡା ଗ୍ରାମର ଆଶିଷ ବେସନ (୨୬)। ସୂଚନା ଯେ, ବେଲମୁଣ୍ଡା ଗ୍ରାମର ଆଶିଷ ଘରକୁ ଫେରୁଥିଲେ। ଏହି ସମୟରେ ବେଲମୁଣ୍ଡା–ଭୋଗରାପାଲି ମଝି ସ୍ଥାନରେ ପଛପଟୁ ଟ୍ରାକ୍ଟର (ନଂ.ଓଡି୧୫ଆର–୩୮୩୦) ଧକ୍କା ଦେଇ କିଛି ଦୂର ଘୋଷାଡି ନେବାରୁ ସେ ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ ଗ୍ରାମବାସୀ ତୁରନ୍ତ ତାଙ୍କୁ ଜିଲା ମୁଖ୍ୟାଳୟସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ସାଢେ ୯ଟାରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କୋଲାବିରା ଥାନାରେ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ଟ୍ରାକ୍ଟର ଫେରାର ମାରିଥିବା ବେଳେ ଟ୍ରାକ୍ଟର ଅମନାପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ବୋଲି ଜଣାପଡିଛି। ରବିବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଶିଷ ମା’ବାପାଙ୍କ ଏକମାତ୍ର ସନ୍ତାନ ଏବଂ ସେ ଅବବାହିତ ଥିଲେ।

### ବେଆଇନ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ତଥା କୁଣ୍ଡେଇଗୋଳା ଥାନା କରଲଗା ଛକରୁ ପୋଲିସ ବେଆଇନ କେନ୍ଦୁପତ୍ର ବୋଝେଇ ଏକ ପିକଅପ୍ ଭ୍ୟାନ୍ ଜବତ କରିଥିବା ବେଳେ ୨ଜଣ ଗିରଫ କରିଛି। ଗିରଫ ୨ଜଣ ପଶ୍ଚିମବଙ୍ଗର କାର୍ତ୍ତିକ ଘଡେଇ (୩୮) ଏବଂ ଦେବ କୁମାର ଘଡେଇ (୩୬)। ଉଭୟଙ୍କୁ ପଚରାଉଚୁରା ବେଳେ ରେଢ଼ାଖୋଲ ଅଞ୍ଚଳରୁ କେନ୍ଦୁପତ୍ର ଆଣି ଚୋରାଚାଲାଣ କରୁଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ଶନିବାର ରାତିରେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ବୁଢାପାଳ ପଟୁ କରଲଗା ପଟକୁ ବେଆଇନ କେନ୍ଦୁପତ୍ର ବୋଝେଇ ଏକ ପିକଅପ୍ ଭ୍ୟାନ୍ (ଡବ୍ଲୁବି–୨୯–୭୬୭୮) ଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ପୋଲିସ ଖବର ପାଇ କରଲଗା ଛକରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୨୬୫ ବଣ୍ଡଲ ବେଆଇନ କେନ୍ଦୁପତ୍ର ଏବଂ ପିକଅପ୍ ଭ୍ୟାନ୍ ଜବତ କରିଥିବା ବେଳେ କେନ୍ଦ୍ରପତ୍ର ଚାଲାଣ କରୁଥିବା ୨ଜଣଙ୍କୁ ଗିରଫ କରିଥିଲା।

### ସରଣ୍ଡାମାଲ କୃଷି ସମବାୟ ସମିତିର ବାର୍ଷିକ ବୈଠକ

**ଝାରସୁଗୁଡ଼ା,୨୩।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସରଣ୍ଡାମାଲ କୃଷି ସମବାୟ ସମିତି ବାର୍ଷିକ ସାଧାରଣ ବୈଠକ ସରଣ୍ଡାମାଲ କୃଷି ଗୋଦାମ ଅଫିସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରଣ୍ଡାମାଲ କୃଷି ସମବାୟ ସମିତି ସଭାପତି ବସନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୃଷି ସମବାୟ ସମିତି ସମ୍ପାଦକ ଗଜାନନ ପ୍ରଧାନ ସର୍ବସାଧାରଣ ବିବରଣୀ ପାଠ କରିଥିଲେ। ଚାଷୀଙ୍କ ଉନ୍ନତି ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ୨୦୨୪–୨୫ ବର୍ଷର ଆୟବ୍ୟୟ ଓ ଏହାର ଅନୁମୋଦନ, ୨୦୨୩–୨୪ର ଅଡିଟ ରିପୋର୍ଟ ପାଠ ଅନୁମୋଦନ ଓ ୨୫–୨୬ର ଅଟକଳ ପାଠ ଅନୁମୋଦନ ଉପରେ ଗୁରୁତ୍ୱ ଦେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ପ୍ରକାର ସହାୟତା ହାତ ବଢାଇବାକୁ କୃଷି ସମବାୟ ସମିତି ପକ୍ଷରୁ ପଦକ୍ଷେପ ନିଆଯାଉ ବୋଲି ଉପସ୍ଥିତ ସମସ୍ତ ସେବା ସମିତି ସଦସ୍ୟମାନେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସ୍ଥାନୀୟ ଚାଷୀ ସାଲେଗ୍ରାମ ନାଏକ, ସନ୍ତୋଷ କୁମାର ବିଶ୍ୱାଳ, ଅଭିନ ରାଉତ, ଶତ୍ରୁ ଘନ ମଲ୍ଲିକଙ୍କ ସହ ଚାଷୀ ସଦସ୍ୟ ଉପସ୍ଥିତ ଥିଲେ। କୃଷି ସମବାୟ ସମିତିରେ ଶୀତଳ ଭଣ୍ଡାର ସ୍ଥାପନ, ବଜାର କ୍ୟାମ୍ପସ୍, ଗ୍ୟାସ୍ ଏଜେନ୍ସି, ଉନ୍ନତି ଶସ୍ୟ ଗାଁର, ଗୋଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ, ଛତୁ ଚାଷ ପାଇଁ ପ୍ରୋତ୍ସାହନ, କୀଟନାଶକ ଔଷଧ ଫର୍ଟିଲାଇଜର୍ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱତନ୍ତ୍ର ଅଧିବେଶନରେ ରେମଣ୍ଡା ସମବାୟ ସମିତି ସଭାପତି ରଞ୍ଜନ ଭୋଇ, ସରଣ୍ଡାମାଲ କୃଷି ସମବାୟ ସମିତି ବରିଷ୍ଠ ସଦସ୍ୟ ପ୍ରସନ୍ନ ପାଢ଼ୀଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଅଧିକାରୀ ଉପସ୍ଥିତ ରହିଥିଲେ। ଶେଷରେ ଶ୍ରୀକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

## ଝାରସୁଗୁଡ଼ା ଜିଲା ଶୁଣ୍ଡି ସମାଜର ବାର୍ଷିକ ସମାବେଶ

**ଝାରସୁଗୁଡ଼ା,୨୩।୨(ଆଶିଷ ରଞ୍ଜନ ଦାଶ)**



ଶୁଣ୍ଡି ସମାଜ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା ଜିଲା ଶୁଣ୍ଡି ସମାଜର ୨ୟ ବାର୍ଷିକ ସମାବେଶ ବେହେରାମାଲସ୍ଥିତ ନବ ଦାସ ଅଡିଟୋରିୟମଠାରେ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଶୁଣ୍ଡି ଜାତି ସମାଜ ଜିଲା ସଭାପତି ନବୀନ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ସାହୁ, ରାଜ୍ୟ ଯୁବ ସଭାପତି ମଙ୍ଗରାଜ ସାହୁ, ଜାତୀୟ ଉପସଭାପତି ତଥା ରାଜ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହେରା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଏକ, ମହିଳା ମୋର୍ଚ୍ଚା ଜିଲା ସମ୍ପାଦିକା ଅନୁପମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜାତି ସମାଜର ରାଜ୍ୟ ସଂଘ ପକ୍ଷରୁ ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟତା, ରାଜ୍ୟର ସମସ୍ତ ଜିଲାରେ ବ୍ୟାପକ ବୃକ୍ଷ ରୋପଣ, ଚିକିତ୍ସା ସହାୟତା, ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଏବଂ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ ସବୁ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଥିଲା। ଏହାସହ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ସମ୍ମୁଖରେ ରାଜ୍ୟ ଶୁଣ୍ଡି ଭବନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜାତି ସମାଜ ଭଉଣୀଭାଇମାନେ ସେଠାରେ ମାଗଣାରେ ରହି ପାରିବେ ବୋଲି ଘୋଷଣା କରାଯାଇଥିଲା। ଏହାସହ ପୁରୀରେ ମଧ ଭବନ ନିର୍ମାଣ ପାଇଁ ଜମି ଖୋଜା ଚାଲିଥିବା ସୂଚନା ଦିଆଯାଇଥିଲା। ଜାତି ସମାଜର ସାମାଜିକ ରୀତିନୀତି ଓ ରାଜ୍ୟର ସମସ୍ତ ବ୍ଲକରେ ସଙ୍ଗଠନ ଗଠନ କରାଯାଇ ସଂଘକୁ ମଜଭୁତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ଉମେଶ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଇନଜୀବୀ ବିଜୟ ନାଏକ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଜିଲା ଜାତି ସମାଜର ୫ଜଣ ବୟୋଜ୍ୟେଷ୍ଠ ଅଇତାପାଲିର ଗଣ୍ଡାରାମ ବେହେରା, ଗାନ୍ଧୀଛକ ନୂଆଡିହିର ଭାଗିରଥି ବେହେରା, ଲରିଆପାଲିର ଶଶିଭୂଷଣ ସାହୁ, ଝାରସୁଗୁଡ଼ାର ରାଜେନ୍ଦ୍ର ବେହେରା ଓ କୋଲାବିରାର ପରମେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହାସହ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅନୁଗୋଳ ଜିଲା ସଭାପତି ଜୟାନନ୍ଦ ସାହୁ, ମାଲକାନଗିରି ଜିଲା ସଭାପତି ପି. ପ୍ରସାଦ ରାଓ, ସୁନ୍ଦରଗଡ଼ ସଭାପତି ସତ୍ୟନାରାୟଣ ସାହୁ, ସମ୍ବଲପୁର ଜିଲା ସମ୍ପାଦକ ଦୁବେଶ ଚରଣ ସାହୁ, ଆଇନଜୀବୀ ପ୍ରସନ୍ନ କୁମାର ବେହେରା, ଦେବଗଡ଼ ଜିଲା ସମ୍ପାଦକ ନେତ୍ରାନନ୍ଦ ନାଏକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ଜିଲାର କୋଲାବିରା ବ୍ଲକ ସଭାପତି ଅଶୋକ କୁମାର ବେହେରା, ଲଇକେରା ଜୋନ ସମ୍ପାଦକ ତୁଳାରାମ ସେନାପତି, ଲଖନପୁରର ଗୋପୀନାଥ ବେହେରା, ଲଇକେରା ଜୋନ ସଭାପତି ପ୍ରଦୀପ ବେହେରା, ସମାସିଂହାର ସୁରେଶ ସାହୁ ପ୍ରମୁଖ ସମାଜ ବିଷୟରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ସଙ୍ଗଠନକୁ ମଜଭୁତ କରିବା ପାଇଁ ୧୫ ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କୁ ରାଜ୍ୟ ସମ୍ପାଦକ ଶପଥ ପାଠ କରାଇଥିଲେ। ଶେଷରେ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲା ଶୁଣ୍ଡି ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଆୟୋଗ ସମ୍ପର୍କୀତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ମାଝି, ଜିଲା ସାମାଜିକ ସମୀକ୍ଷକ ସତ୍ୟବ୍ରତ ପୃଷ୍ଟି, ଏପିଓ ସଞ୍ଜୁକ୍ତା ଏକ୍କା ଓ ବିଏସଏ ଲବଣୀକାନ୍ତ ବେହେରା ମଞ୍ଚାସୀନ ରହି ଜଣଶୁଣାଣି କରିଥିଲେ। ଏହି ଅବସରରେ ବାରକୋଟ ବ୍ଲକରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଦିବସ ଉପରେ ବାର୍ଷିକ ସୂଚନା ପ୍ରଦାନ କରାଯାଇଥିଲା। ଶିବିରରେ ବାରକୋଟ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ଗ୍ରାମ ରୋଜଗାର ସହାୟକଙ୍କ ସମେତ ଉଦ୍ୟାନ କୃଷି ବିଭାଗ, ବନ ବିଭାଗ, ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲା ଆଥେଲେଟିକ ଆସୋସିଏଶନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଜିଲା ଆଥେଲେଟିକ ଆସୋସିଏଦ୍ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

**ଝାରସୁଗୁଡ଼ା,୨୩।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଆଥେଲେଟିକ ଆସୋସିଏଶନର ନୂତନ କାର୍ଯ୍ୟାଳୟ ରବିବାର ପୂର୍ବାହ୍ନ ୧୧ଟାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ଓଏସଏପି କମାଣ୍ଡେଣ୍ଟ ପ୍ରସାଦ ତମଙ୍ଗ କାର୍ଯ୍ୟକ୍ରମ ଶୁଭରମ୍ଭ କରିଥିଲେ। ପରେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଆଥେଲେଟିକ ଆସୋସିଏଶନର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏହି ନୂତନ କାର୍ଯ୍ୟାଳୟ ଦ୍ୱାରା ଜିଲା ଆଥେଲେଟିକ ଆସୋସିଏଶନର ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ଏବଂ ଆଗାମୀ ଦିନରେ ଆସୋସିଶନ ଉନ୍ନତି ପାଇଁ ଆହୁରି କିଛି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି, ବିଜୟ ଦାସ, ଦିଲେଶ୍ୱର ରାଓ, ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ଗଣେଶ ନାୟକ, ରଞ୍ଜିତ ସୁନା, ମନୋଜ ଦାସ, ସୁଶାନ୍ତ ମାଳି, ବିଜୟ ବେହେରା, ମୋହନ ମିଶ୍ର, ପ୍ରତିଭା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିକେଏସ୍‌ଏସ୍ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଝାରସୁଗୁଡ଼ା,୨୩।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ହସାମୁରା କଟାପାଲିସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟବକ୍ତା ବ୍ରଜରାଜନଗର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ଖମାରୀ ଓ ସମ୍ମାନିତ ଅତିଥି ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହୋଇ ଛାତ୍ର ଜୀବନର ମୂଲ୍ୟବୋଧ ବିଷୟରେ ଅବଗତ କରାଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ବିଧାୟକ ତ୍ରିପାଠୀ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. ବିଶ୍ୱଜିତ ଖମାରୀ ଛାତ୍ର ଜୀବନର ମହନୀୟତା, ଶୃଙ୍ଖଳା ଓ ଉଦ୍ଦେଶ୍ୟ ବିଷୟରେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବାର୍ଷିକ ବିବରଣୀ ଉପସ୍ଥାପନରେ ଗତ ବର୍ଷର ଉନ୍ନତିମୂଳକ କାର୍ଯ୍ୟ ଏବଂ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସମସ୍ତ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଛାତ୍ରଙ୍କ ମଧ୍ୟରେ ସୁବ୍ରତ ବେହେରା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦିବ୍ୟାଭାରତୀ ମାଝି ଉଭୟ ବର୍ଗରେ ଚାମ୍ପିୟନ ହୋଇଥିଲେ। ବରିଷ୍ଠ ଅଧ୍ୟାପକ ପ୍ରସାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଓଡ଼ିଆ ଅଧ୍ୟାପକ ଖଗେଶ୍ୱର ନାଏକ ଓ ବାଣିଜ୍ୟ ଅଧ୍ୟାପିକା ସୁଜାତା ରଥ ମଞ୍ଚ ପରିଚାଳନା କରୁଥିଲେ। ସାମୂହିକ ଭାବେ ଉକ୍ତ କାର୍ଯ୍ୟକ୍ରମ ଶିକ୍ଷା ଅଧ୍ୟାପକ ଡଃ ଶମ୍ଭୁ ଖମାରୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଲିଲିମା ରନବିଡା, ରଶ୍ମିତା ବିଶ୍ୱାଲ, ସୁଶ୍ରୀତା ସ୍ୱାଇଁ, ବର୍ଷା ରାଣୀ ପ୍ରଧାନ, ପ୍ରଜ୍ଞା ପରିମିତା ପତି, ଅଧ୍ୟାପକ ଶମ୍ଭୁ ପ୍ରଧାନ, ଅନନ୍ତରାମ ମିଶ୍ର ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆର୍ଥିକ ସଚେତନତା, ଆର୍ଥିକ ଅନ୍ତର୍ଭୂକ୍ତିକରଣ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୨୩।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ କାର୍ଯ୍ୟକ୍ରମ ହିର୍ମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରାକ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ସ୍ୱଳ୍ପସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଗ୍ରଣୀ ଜିଲା ପ୍ରବନ୍ଧକ ଶିରପାଣି ନାୟକ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା ବିଷୟରେ ବୁଝାଇଥିଲେ। ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ, ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମି ପଟ୍ଟନାୟକ ଡିଜିଟାଲ କାରବାର ଓ ତଦଜନିତ ସାଇବର ଅପରାଧ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ନିମନ୍ତେ ଥିବା ବୀମା ବିଷୟରେ ସୂଚନା ପ୍ରଦାନ କରିଥିଲେ। ହିର୍ମା ପଞ୍ଚାୟତ ସରପଞ୍ଚ, ନାଏବ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୋଳ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ଦୋଳ ଯାତ୍ରା ପାଇଁ କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ କରାଯାଉଛି।

## ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡ ନୀଳବେର୍ଣ୍ଣୀ ସାହିସ୍ଥିତ ରାଧାମାଧବ ଯାତ୍ରା କମିଟି ଆନୁକୂଲ୍ୟରେ ପବିତ୍ର ଦୋଳ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଧାମାଧବ ଯାତ୍ରା କମିଟି ଉପ ସଭାପତି ମକରଧ୍ୱଜ ହସ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆୟୋଜକ କମିଟି ସଭାପତି ତଥା ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ସଞ୍ଜୀବ କୁମାର ନାଏକ, ଅର୍ଜୁନ ରଣଜିତ, କୋହାଧ୍ୟକ୍ଷ ଜଗ ରଣଜିତ, କୁଳଚନ୍ଦ୍ରମା ହସ୍ତି, ପଙ୍କଜ ପାତ୍ର, ମନୋଜ ଦେବ, ଶିବାଜୀ ଭୋଜ, ସୁମନ୍ତ ଭୋଜ, ସମ୍ବିତ ଜ୍ୟୋତିଷ, ବଳରାମ ରଣଜିତ, ପଦ୍ମନାଭ ପାତ୍ର, ବବୃବାହନ ହସ୍ତି, ବସନ୍ତ ନାଏକ ଓ ପ୍ରହଲ୍ଲାଦ ରଣଜିତ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ଲକ୍ଷ୍ୟରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର)**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଂସର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ସହିତ ଶିଶୁ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସିଡି’ ଓ ‘କେଏନଏଚ’ଆନୁକୂଲ୍ୟରେ ଶନିବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ସ୍ନେହ’ ପ୍ରକଳ୍ପର କାର୍ଯ୍ୟକ୍ରମ ଅଧିକାରୀ ସଂସାର ବାଗଙ୍କ ପରିଚାଳନାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଯୋଗଦେଇ ଶିଶୁ ଅଧିକାର ଉପରେ ଆଲୋକପାତ କରିବା ସହ ଓ ବିଦ୍ୟାଳୟଗୁଡିକରେ କିଭଳି ଶିଶୁ ଅନୁକୂଳ ପରିବେଷ ସୃଷ୍ଟି କରିହେବ ସେ ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିସହ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକ ଓ ପିତାମାତାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଂସର କ୍ଲଷ୍ଟରର ସିଆର୍‌ସିସି ମହାବୀର ନାୟକ ଯୋଗଦେଇ ବିଦ୍ୟାଳୟରେ ଭୟଶୂନ୍ୟ ପରିବେଶ ତଥା ଆନନ୍ଦ ଦାୟକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମ ଆୟୋଜନରେ ଭାଗ୍ୟଧର ମନହୀରା, ବରୁଣ କୁଅଁର, ଯୋଗେଶ୍ୱରୀ ପାତ୍ର, ଇନ୍ଦିରା ନାୟକ, ସରିତା କୁଅଁର, ଅଶୋକ ନାୟକ, ତପନ କୁମାର ପ୍ରଧାନ ଓ ଗୌରାଂଗ ବର୍ଗର୍ତୀ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ‘ସ୍ନେହ’ ପ୍ରକଳ୍ପର ସ୍ୱର୍ନ୍ସପ ଅଧିକାରୀଣି ପ୍ରିୟଙ୍କା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାକୃଷ୍ଣ କପ୍ କ୍ରିକେଟ: ଠିଆନାଳ ଚାମ୍ପିୟନ

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର)**




ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରାଯାଉଛି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଗତ ଗୁରୁବାରଠାରୁ ଚାଲିଥିବା ଚାରି ଦିବସୀୟ କ୍ରିକେଟ ରାଧାକୃଷ୍ଣ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଅନୁଗୋଳ ଜିଲାର ଫପଣ୍ଡ ଦଳକୁ ପରାସ୍ତ କରି ଦେବଗଡ଼ ଜିଲାର ଠିଆନାଳ ଦଳ ଚାମ୍ପିୟନ ହୋଇଛି। ଠିଆନାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଫପଣ୍ଡ ଦଳ ବ୍ୟାଟିଂ ଆରମ୍ଭ କରି ୧୩ ଓଭର ୪ ବଲରେ ସମସ୍ତ ଉଇକେଟ ହରାଇ ମାତ୍ର ୯୦ ରନ ସଂଗ୍ରହ କରିବା ସହିତ ପରାଜିତ ହୋଇଥିଲା। ସନ୍ଧ୍ୟାରେ ଭାଷ୍ୟକାର ଫକୀର ମୋହନ ଦଳବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସମ୍ମାନିତ ଅତିଥି ଭାବେ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ଜିଲା ଭାଜପା ଉପ ସଭାପତି ଭାରତ ଭୂଷଣ ପ୍ରଧାନ ଓ ମଦନ ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

# ମା’ ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଦେବଗଡ଼,୨୩।୨(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ବାରକୋଟ ବ୍ଲକ ବଲଣ୍ଡା ଗ୍ରାମ ପଞ୍ଚାୟତର ବାହାଡାପୋଶି ଖେଳ ପଡିଆରେ ମା’ ରମ୍ଭାଦେବୀ କ୍ଲବ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ଚାଲିଥିବା ଦ୍ୱି ଦିବସୀୟ ଅଣ୍ଡର ନାଇନଟିନ (୧୯ବର୍ଷରୁ କମ) ମା’ ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଇଲେଭେନ ଷ୍ଟାର କ୍ରିକେଟ ଦଳକୁ ୨ ଉଇକେଟରେ ପରାସ୍ତ କରି ସଇଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ମଳୟ କୁମାର ବାଘ ଓ ତ୍ରିଲୋଚନ ପାତ୍ର ପରିଚାଳନା କରିଥିବା ବେଳେ ବିରେନ କୁମାର ନାୟକ ଓ ଶିବୁ ବାଘ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୋମ ଦତ ପ୍ରଧାନ ଓ ସମ୍ବିତ କୁମାର ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ମା’ ରମ୍ଭାଦେବୀ କ୍ଲବର ସଭାପତି ସିପୁନ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରମାକାନ୍ତ ପ୍ରଧାନ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗା ସାହୁ ଓ ସମ୍ମାନିତ ଅତିଥି ଭାବେ ସିପୁ ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ଶଙ୍କର ପାତ୍ର, ଦିନେଶ ମାଝି ଓ କୈଳାଶ ନାଏକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଞର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଞର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (₹):** 61,29,929.40, EMD (₹) : 1,22,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 11.03.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-1013/P/24-25

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ତର-ପୂର୍ବ ଭାରତରେ କାମ୍ପା ପୋର୍ଟଫୋଲିଓର ବିସ୍ତାର

■ଜେରିକୋ ସହ ଆର୍‌ସିପିଏଲ୍‌ର ବୁଝାମଣା
■ଗୁଆହାଟୀରେ ରିଲାଏନ୍ସର ନୂତନ କାମ୍ପା ଏବଂ ପାନୀୟଜଳ ବଟଲିଂ ପ୍ଲାଣ୍ଟ ଉଦ୍‌ଘାଟିତ

ମୁମ୍ବାଇ,୨୩।୨

ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ (ଆର୍‌ସିପିଏଲ୍‌)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ କାମ୍ପା ଏବଂ ପାନୀୟଜଳ ବଟଲିଂ ପ୍ଲାଣ୍ଟ ଆସାମର ଗୁଆହାଟୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉତ୍ତର-ପୂର୍ବ ଭାରତରେ କାମ୍ପାର ପୋର୍ଟଫୋଲିଓର ଉପସ୍ଥିତିକୁ ବ୍ରାଣ୍ଡ ସୁଦୃଢ଼ କରିଛି। ସେହିଭଳି ଆସାମର ପ୍ରମୁଖ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ ଜେରିକୋଙ୍କ ସହ ଆର୍‌ସିପିଏଲର ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଉଭୟ ସଂସ୍ଥାର ମିଳିତ ସହଭାଗିତାରେ ଉକ୍ତ ପ୍ରକଳ୍ପ ଦ୍ୱୟର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଆସାମର ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟ ଉଭୟ ଆରସିପିଏଲ ଏବଂ ଜେରିକୋର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୬ ଲକ୍ଷ ବର୍ଗଫୁଟରୁ ଅଧିକ ପରିବ୍ୟାପ୍ତ ଅଞ୍ଚଳରେ ଏହି କାରଖାନା ଆରମ୍ଭ ହୋଇଥିଲାବେଳେ ଯାହା ଏହି ଅଞ୍ଚଳର ଶିଳ୍ପ ଏବଂ ଅର୍ଥନୈତିକ ପ୍ରସାରରେ ଏହାର ଭୂମିକାକୁ ଗୁରୁତ୍ୱ ଦେଇଥିଲା। ଅପରପକ୍ଷର ସମ୍ପୃକ୍ତ ଅଞ୍ଚଳର ସର୍ବବୃହତ ପାନୀୟ ଉତ୍ପାଦନ ୟୁନିଟ୍ ମଧ୍ୟରୁ ଏହା ଅନ୍ୟତମ ବୋଲି କୁହାଯାଉଛି। ବିଶେଷକରି ଏହାର ପ୍ରାରମ୍ଭିକ ଉତ୍ପାଦନ କ୍ଷମତା ୧୦କୋଟି ଲିଟରରୁ ଅଧିକ ହୋଇଥିଲାବେଳେ କାର୍ବୋନେଟେଡ ସଫ୍ଟ ଡ୍ରିଙ୍କ (ସିଏସ୍‌ଡି) ଏବଂ ପ୍ରାୟ ୧୮କୋଟି ଲିଟର ପ୍ୟାକେଜ୍ ପାନୀୟ ଜଳ, ଯାହା ବର୍ଦ୍ଧିତ ଗ୍ରାହକ ଚାହିଦା ପାଇଁ ପ୍ରଚୁର ଯୋଗାଣକୁ ସୁନିଶ୍ଚିତ କରିଥାଏ। ଏ ନେଇ ଆସାମର ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କହିଛନ୍ତି, ସାଧାରଣ ଲୋକମାନେ କାମ୍ପାର ଉତ୍ପାଦଗୁଡ଼ିକୁ ବର୍ତ୍ତମାନ ବହୁତ ସୁଲଭ ମୂଲ୍ୟରେ କିଣିପାରିବେ। ଏପରିକି ଏହା କାମ୍ପାକୋଲାର ଏକ ବଡ଼ ସୁବିଧା କେନ୍ଦ୍ର ହୋଇଥିଲାବେଳେ ସେମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରିବେ। କମ୍ପାନୀ ଗୁଣବତ୍ତା ସହିତ ସାଲିସ୍ କରୁନାହାନ୍ତି, ଯାହା ଅନ୍ୟାନ୍ୟ ବିଶ୍ୱ ମାନଦଣ୍ଡ ସହିତ ସମକକ୍ଷ ବୋଲି କୁହାଯାଇଛି। ସେହିଭଳି ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର ସିଓଓ କେତନ ମୋଡି କହିଛନ୍ତି, ଆମେ ଜେରିକୋ ସହ ବୁଝାମଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗୁଆହାଟୀ ପ୍ଲାଣ୍ଟର ଉଦଘାଟନ ସହ ବ୍ରାଣ୍ଡ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି।



ଗୁଆହାଟୀରେ ରିଲାଏନ୍ସର ନୂତନ କାମ୍ପା ଏବଂ ପାନୀୟଜଳ ବଟଲିଂ ପ୍ଲାଣ୍ଟକୁ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉଦଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସଜ୍ଜନଙ୍କୁ ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍ ଆୱାର୍ଡ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ସଜ୍ଜନ ଜିନ୍ଦଲ ପୁରସ୍କାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ନୂଆଦିଲ୍ଲୀ,୨୩।୨

ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତର ପୁରସ୍କାର 'ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍ ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଗ୍ରୁପକୁ ସଜ୍ଜନ ଏକ ବିଶ୍ୱସ୍ତରୀୟ ସଙ୍ଗଠନରେ ପରିଣତ କରିବା ସହିତ ଏକ ପରିବର୍ତ୍ତନକାରୀ ନେତୃତ୍ୱ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏଶନ ବା ଏଆଇଏମ୍‌ଏ ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସର ୧୫ତମ ସଂସ୍କରଣରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କୁ ସମ୍ମାନଜନକ 'ବିଜ୍‌ନେସ୍ ଲିଡର ଅଫ୍ ଦି ଡିକେଡ୍' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଯିତିନ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ।

ଅପରପକ୍ଷରେ କେପିଏମଜି ଇଣ୍ଡିଆର ସିଇଓ ୟେଜଦି ନାଗପୋରୱାଲା ପ୍ରଶଂସାପତ୍ର ପାଠ କରିଥିଲେ।

ସେହିଭଳି ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏଶନ ବା ଏଆଇଏମଏ ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସ ଭାରତର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପାଳନ କରିଥାଏ। ଏହି ସମାରୋହ ଉତ୍ସବରେ ବିଶିଷ୍ଟ ପୁରସ୍କାର ବିଜେତା, ଶିଳ୍ପପତି ଏବଂ ଏଆଇଏମ୍‌ଏ କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ।

# ଓଡ଼ିଶା କଫି ସହ ଏଲ୍‌ଏସ୍‌ର ବୁଝାମଣା

ଭୁବନେଶ୍ୱର,୨୩।୨

ରାଜ୍ୟର ପ୍ରମୁଖ କଫି ବ୍ରାଣ୍ଡ ଓଡ଼ିଶା କଫି ଏବଂ ଲୁକ୍ସ ସାଲୁନ (ଏଲ୍‌ଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ ଅଂଶୁମାନ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କଫି ବ୍ରାଣ୍ଡ ଓଡ଼ିଶାରେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ବିଶେଷକରି ଓଡ଼ିଶା କଫିର ପ୍ରତ୍ୟେକ କପ୍ କେବଳ ସମୃଦ୍ଧ ସ୍ୱାଦ ଏବଂ ସୁଗନ୍ଧ ପ୍ରଦାନ କରେ ତାହା ନୁହେ ବରଂ ଏକ ବୃହତ ଉଦ୍ଦେଶ୍ୟ ପାଇଁ ମଧ୍ୟ ଯୋଗଦାନ କରିଥାଏ। ସେହିଭଳି ସ୍ଥାନୀୟ ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ଜୀବିକା ସୃଷ୍ଟି ସହ ଏହା ଅଧିକ ସ୍ଥାୟୀ ମୂଲ୍ୟ ଶୃଙ୍ଖଳା ନିର୍ମାଣ କରିଛି। ଏହି ସହଯୋଗ ସାଲୁନ୍ ଅଭିଜ୍ଞତାକୁ ବୃଦ୍ଧି ସହ ଗ୍ରାହକମାନଙ୍କୁ ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ଚିକିତ୍ସାରେ ଲିପ୍ତ ହେବା ସହିତ ଅସାଧାରଣ କଫି ଉପଭୋଗ କରିବାର ଅଭିଜ୍ଞତା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ଲୁକ୍ସ ସାଲୁନର ନୂତନ ଆଉଟଲେଟ ପଟିଆରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସୋଫିଆ ଫିରଦୋସ, ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଲୁକ୍ସ ସାଲୁନର କଣ୍ଟ୍ରି ହେଡ ମନି ବରେଜା ପ୍ରମୁଖ ଯୋଗ ଦେଇଥିଲେ।

ଏ ନେଇ ବରେଜା କହିଛନ୍ତି, ଆମେ ଆମର ବିଳାସପୂର୍ଣ୍ଣ ସେବା ଏବଂ ବିଶେଷଜ୍ଞ କୌଶଳକୁ ପଟିଆ ଅଞ୍ଚଳରେ ଆରମ୍ଭ କରିଥିବାରୁ ବହୁତ ଉତ୍ସାହିତ ଅଛୁ। ନବୀନତମ କେଶ ରଙ୍ଗଠାରୁ ଆରମ୍ଭ କରି କଷ୍ଟମ୍ ଷ୍ଟାଇଲିଂ ପର୍ଯ୍ୟନ୍ତ ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଅଭିଜ୍ଞତା ପ୍ରଦାନ କରିବାକୁ ଉତ୍ସାହିତ ରହିଛୁ। ଏପରିକି ଓଡିଶା କଫି ସହ କାମ କରିବା ସହିତ ଏହି ପରିଦର୍ଶନକୁ ଆହୁରି ସ୍ୱତନ୍ତ୍ର କରିଥାଏ। ସୌନ୍ଦର୍ଯ୍ୟକୁ ସମ୍ପୂର୍ଣ୍ଣ କଫି ବ୍ରେକ୍ ସହ ମିଶ୍ରଣ କରିଥାଏ। ଲୁକ୍ସ ସାଲୁନର ଅଧ୍ୟକ୍ଷ ସଞ୍ଜୟ ଦତ୍ତ କହିଛନ୍ତି, ଆମେ ଭୁବନେଶ୍ୱରରୁ ଏକ ଅବିଶ୍ୱନୀୟ ପ୍ରତିକ୍ରିୟା ପାଇଛୁ।

# ବେଦାନ୍ତ ଆଲୁମିନିୟମର ମେଗା ସଡ଼କ ସୁରକ୍ଷା ସଚେତନତା





ବେଦାନ୍ତ ପକ୍ଷରୁ ଡ୍ରାଇଭରମାନଙ୍କୁ 'ସାରଥି' ମାନ୍ୟତା ସାର୍ଟିଫିକେଟ୍ ଦିଆଯାଉଛି। ଏହି ଅବସରରେ ଉଭୟ କମ୍ପାନୀର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୨ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମର ମେଗା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଏବଂ କମ୍ପାନୀର ବହୁ ପ୍ରତୀକ୍ଷିତ ଅଭିଯାନ 'ସୁରକ୍ଷା ସାରଥି'ର ତୃତୀୟ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଏବଂ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ (ବିଟିଓଏ) ଭଳି ପ୍ରମୁଖ ପରିବହନକାରୀ ସଂଘ ଏବଂ ଇନାନି କୋଇଲା ସେବା ପ୍ରାଇଭେଟ୍ ଲିମିଟେଡ୍ ଭଳି ପରିବହନକାରୀଙ୍କ ସହ ସହଭାଗିତାରେ ବ୍ରଜରାଜନଗର ସମଲେଶ୍ୱରୀ ଖଣିରେ କମ୍ପାନୀର ମେଗା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଏବଂ ସୁରକ୍ଷା ସାରଥିର ତୃତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୫୦୦ରୁ ଅଧିକ ଡ୍ରାଇଭର ଅଂଶଗ୍ରହଣ କରିଥିଲେ।

### ସୁରକ୍ଷା ସାରଥି ଅଭିଯାନର ତୃତୀୟ ସଂସ୍କରଣ

ଏପରିକି ସେମାନଙ୍କୁ 'ସାରଥି' ଭାବେ ମାନ୍ୟତା ଦିଆଯାଇଥିଲା, ଯାହା ଦ୍ୱାରା ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକା ଉପରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଥିଲା। ସୁନ୍ଦରଗଡ଼ ଜିଲାରେ ପୂର୍ବ କାର୍ଯ୍ୟକ୍ରମର ଅଂଶୀଦାର ଏବଂ ଟ୍ରକ୍ ଡ୍ରାଇଭରମାନଙ୍କ ଠାରୁ ସକାରାତ୍ମକ ପ୍ରତିକ୍ରିୟା ପରେ ଏହା ବେଦାନ୍ତ ଝାରସୁଗୁଡ଼ା ୟୁନିଟର କାର୍ଯ୍ୟକ୍ଷମ ଅଞ୍ଚଳରେ କୋଇଲା ଲୋଡିଂ ପଏଣ୍ଟଗୁଡିକରେ ଚାଲିଥିବା ସଡ଼କ ସୁରକ୍ଷା ଅଭିଯାନର ତୃତୀୟ ସଂସ୍କରଣ ଥିଲା। ଅପରପକ୍ଷରେ ସଚେତନତା ଅଭିଯାନର ଏକ ଅଂଶ ଭାବେ ବେଦାନ୍ତ ଆଲୁମିନିୟମ୍ ସଡ଼କ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱାରୋପ କରି ଅନେକ ପ୍ରକାରର କାର୍ଯ୍ୟକଳାପ ଆୟୋଜନ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ସୁରକ୍ଷା ବେଦାନ୍ତ ଆଲୁମିନିୟମର ମୂଳ ମୂଲ୍ୟବୋଧରେ ଗଭୀର ଭାବେ ସନ୍ନିହିତ ହୋଇ ରହିଛି। ସୁରକ୍ଷା ସାରଥି ସହିତ ଆମେ ନିଶ୍ଚିତ କରୁଛୁ, ସଡ଼କ ସୁରକ୍ଷା ସଚେତନତା ଆମର କାର୍ଯ୍ୟ ବାହାରକୁ ବ୍ୟାପିବ ଏବଂ ବୃହତର ସମ୍ପ୍ରଦାୟ ପର୍ଯ୍ୟନ୍ତ ପହଞ୍ଚିବ। ବର୍ତ୍ତମାନ ଚାଲୁଥିବା ଅଭିଯାନ ଟ୍ରକ୍ ଡ୍ରାଇଭରମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଶିକ୍ଷା ଏବଂ ସଶକ୍ତ କରିବା ସହ ଆମର ନିରନ୍ତର ପ୍ରୟାସକୁ ଦୃଢ଼ କରିଥାଏ। ଏପରିକି ଆମେ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶରେ ଯୋଗଦାନ ଦେଉଥିବା ପଦକ୍ଷେପ ନେବା ପାଇଁ ପ୍ରତିବଦ୍ଧ ରହିଛୁ। ଲୋକନାଥ ମେହର ଏମଡିଆଇ-ଝାରସୁଗୁଡ଼ା କହିଛନ୍ତି, ବେଦାନ୍ତ ଆଲୁମିନିୟମ ଏବଂ ଜିଲା ପ୍ରଶାସନର ମିଳିତ ପ୍ରୟାସ ଟ୍ରକ୍ ଡ୍ରାଇଭରମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

# ରତ୍ନାକର ପଟ୍ଟନାୟକ ଏଲ୍‌ଆଇସିର ନୂଆ ପରିଚାଳନା ନିର୍ଦ୍ଦେଶକ

### ୨୦୨୫ ଜୁନ୍‌ରେ ଦାୟିତ୍ୱ ଗ୍ରହଣ କରିବେ ରତ୍ନାକର

ଜୟପୁର,୨୩।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରର ରତ୍ନାକର ପଟ୍ଟନାୟକ ଭାରତର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ଏମ୍‌ଡି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ପହିଲାରୁ ସେ ଏଲ୍‌ଆଇସି ଶୀର୍ଷ ପରିଚାଳନା କ୍ଷେତ୍ରରେ ଯୋଗଦେବେ ବୋଲି ବିତ୍ତୀୟ ସେବା ବ୍ୟୁରୋ ପକ୍ଷରୁ ସୂଚନା ଦିଆଯାଇଛି। ଜୀବନ ବୀମା ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରଦର୍ଶନ ସହ ବ୍ୟକ୍ତିଗତ ବିଦବତ୍ତା ପାଇଁ ରାଜ୍ୟରେ ଗୌରବ ଆଣିଛନ୍ତି। ରତ୍ନାକର କୋରାପୁଟ ଜିଲା ଜୟପୁର ନୀଳକଣ୍ଠ ନଗରର ସ୍ୱର୍ଗତ ଜଗନ୍ନାଥ ପଟ୍ଟନାୟକ ଓ ଲଳିତା ପଟ୍ଟନାୟକଙ୍କ ପୁଅ। ରତ୍ନାକର ୧୯୬୮ରେ ଜନ୍ମଗ୍ରହଣ କରିଥିଲେ। ସେ ମାଲକାନଗିରି ଓ କୁନ୍ଦୁରାରେ ହାଇସ୍କୁଲ ଶିକ୍ଷା ପରେ ଜୟପୁରସ୍ଥିତ ବିକ୍ରମ ଦେବ କଲେଜ ତଥା ବିଶ୍ୱବିଦ୍ୟାଳୟରେ ବିଏସ୍‌ସି କରିଥିଲେ। ୨୨ ବର୍ଷ ବୟସରେ ଭାରତୀୟ ଜୀବନ ବୀମା ନିଗମରେ କ୍ୟାରିୟର ଆରମ୍ଭ କରିଥିଲେ। ଜୟପୁର ଏଲ୍‌ଆଇସିରେ ମଧ୍ୟ ଶାଖା ପରିଚାଳକ ଭାବେ ଦାୟିତ୍ୱ ନେଇ ରେକର୍ଡ କରିଥିଲେ। ରାୟଗଡ଼ା ଶାଖାରେ ମଧ୍ୟ କାର୍ଯ୍ୟ କରିଥିଲେ। ଇନ୍ଦୋର ଓ ଜାମସେଦପୁରରେ ୨୦୧୨ରୁ ୨୦୧୭ ମଧ୍ୟରେ ଏସ୍‌ଡିଏମ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ରୁ ଏଲ୍‌ଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଥିଲେ। ଭାରତୀୟ ଜୀବନ ବୀମାର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇବା ପରେ ଖୁସିର ଲହରି ଖେଳିଯାଇଛି।



ରତ୍ନାକର ପଟ୍ଟନାୟକ


# Classified Everyday

0674-2580101, 9692975378



REAL ESTATE
SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Residential plot 60x35=2100sft. with compound wall East facing near Phulanakhara, Cuttack, 12 K.M. from BBSR 2500000/- on instalment for poor buyers. 7809525452.** D-76421

**ଭୁବନେଶ୍ୱର Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact-7978874990, 9777554170.** D-2957

## LEASE

**Sharing of a commercial plot 10000sft. at NH side of Nakhara Niali Road for apartment. 7809525452.** D-76422





**House (1st/2nd/3rd Floor) available for Rent at Unit-III, Kharavela Nagar, Near Mahakali Atakala, Bhubaneswar. Suitable for Office / Residence. Contact: 8455885362 / 8895816403.** D-3044





Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## LOST

ମୁଁ ସୁକାନ୍ତି ବାଗ, ସ୍ୱାମୀ- ସୁନାଧର ବାଗ, ସା- ରୁଣୀମହୁଲ, ଥା- ସଇଁତଳା, ଜିଲା- ବଲାଙ୍ଗୀର ଘୋଷଣା କରେ କି, ସଇଁତଳା ରାଜସ୍ୱ କାର୍ଯ୍ୟାଳୟରୁ ଆସିବାବେଳେ ମୋ ଶାଶୁ ଯୌମିନୀ ବାଗଙ୍କ ନାମରେ ପଞ୍ଜୀକୃତ ଖାତା ନଂ.- ୭୫/୧୬, ପ୍ଲଟ୍ ନଂ.- ୧୯୬/୬୪୯ ହଜିଯାଇଛି। ଏନେଇ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ.ନଂ- 8917662813. D-3053

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 17.02.2025, I, Arpita Samantaray, Address: At-Majurai, P.O./P.S.- Govindapur, Dist.- Cuttack, Odisha, 754003 declare that I have changed my name from Arpita Sahoo to Arpita Samantaray. Hencefortrh, I shall be known as Arpita Samantaray for all purposes.
Arpita Samantaray
D- 3052

I, RAVENDRA BABU UPPALA, S/o Pitchaiah, resident of F.No.- 301, A Block, Ananta Niwas, Defence Colony, Jagannathpur JN, Ganjam, Odisha, PIN- 760007 declare by this affidavit No.- A-49, dated 22.02.2025 that now onwards I will be known as RAVINDRA BABU UPPALA for all future purposes. D-3054

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅନାଦି ଚରଣ ମଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ- ୨୭।୧୧।୧୯୩୪
ତିରୋଧାନ- ୨୪।୦୨।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆମ ପରିବାରକୁ ଶୁଭଦୃଷ୍ଟି, ଆଶୀର୍ବାଦ ଦେଉଥାନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ- ପୁତ୍ର: ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ପୁତ୍ରବଧୂ: ଶାନ୍ତି, କୌଶଲ୍ୟା, କୁନି, ସେବତୀ, ଝିଅ: ନାରାୟଣ, ଉମାକାନ୍ତ, ଝିଅ: ଝୁମ, ଗୁମ, ନାତି, ନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୩୦୧୧

ଦ୍ୱାଦଶାହ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଇଂ. ରମେଶ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ, କାନନ ବିହାର, ଫେଜ୍-୧, ଭୁବନେଶ୍ୱର
ଆବିର୍ଭାବ: ୨୫।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କ ପ୍ରାର୍ଥନା।
ଶୋକସନ୍ତପ୍ତ:- ପୁଅ: ବବି, ବୋହୁ: ସୋନ୍ଧୁ, ନାତି: ଶୁଭମ୍, ସତ୍ୟମ୍
ଧ-୩୦୫୦


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ତ୍ରୀଙ୍କୁ ମହାକୁମ୍ଭ ବୁଲାଇବାକୁ ନେଇ ହତ୍ୟା

ପ୍ରୟାଗରାଜ, ୨୩।୨

ଉତ୍ତରପ୍ରଦେଶ ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଥିବାବେଳେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳର ଅଶୋକ କୁମାର ସ୍ତ୍ରୀ ମୀନାକ୍ଷୀଙ୍କୁ ନେଇ ଗତ ୧୮ ତାରିଖରେ ପ୍ରୟାଗରାଜ ଆସିଥିଲେ। ସେଠାରେ ସେ ସ୍ତ୍ରୀଙ୍କ ସହ ମିଶି ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିଲେ। ଏହାର କିଛି ଫଟୋ ଏବଂ ଭିଡିଓକୁ ଅଶୋକ ନିଜ ସୋସିଆଲ ମିଡିଆରେ ଛାଡ଼ିବା ସହ ନିଜ ପିଲାମାନଙ୍କୁ ପଠାଇଥିଲେ। ୧୮ ରାତିରେ ରହିବା ପାଇଁ ସେ ପ୍ରୟାଗରାଜ ଝୁସି ଅଞ୍ଚଳରେ ଏକ ଲଜ୍ ବୁକ୍ କରିଥିଲେ। ତେବେ ୧୯ ତାରିଖ ସକାଳେ ଉକ୍ତ ଲଜ୍‌ରୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ମୀନାକ୍ଷୀଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ଓ ଅଶୋକ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଓ ମୀନାକ୍ଷୀଙ୍କ ଫଟୋକୁ ନେଇ ଘଟଣାର ତଦନ୍ତ ଜାରି ରଖିଥିଲା। ଶେଷରେ ରବିବାର ପ୍ରୟାଗରାଜ ପୋଲିସ ଅଭିଯୁକ୍ତ ଅଶୋକଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପଚରାଉଚରା ସମୟରେ ଅଶୋକ ନିଜ ଅପରାଧକୁ ସ୍ୱୀକାର କରିବା ସହ ଗତ ୩ ମାସ ଧରି ମୀନାକ୍ଷୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ ବୋଲି କହିଛନ୍ତି। ଅନ୍ୟଜଣେ ମହିଳାଙ୍କ ସହ ତାଙ୍କର ସମ୍ପର୍କ ଥିଲା। ତେଣୁ ସେ ପ୍ରୟାଗରାଜର ଲଜ୍‌ରେ ଛୁରିରେ ମୀନାକ୍ଷୀଙ୍କର ଗଳାକାଟି ହତ୍ୟା କରିଥିବା ଅଶୋକ କହିଛନ୍ତି। ତେବେ ହତ୍ୟାକାଣ୍ଡ ଘଟାଇବା ପରେ ମୀନାକ୍ଷୀ ନିଖୋଜ ହୋଇଯାଇଥିବା ନେଇ ଅଶୋକ ତାଙ୍କ ୨ ପୁଅଙ୍କୁ କହିଥିଲେ। ଅଶୋକଙ୍କ ଏହି କଥାରେ ତାଙ୍କ ୨ ପୁଅଙ୍କ ସନ୍ଦେହ ହେବାରୁ ସେମାନେ ମୀନାକ୍ଷୀଙ୍କ ଫଟୋ ସହ ପ୍ରୟାଗରାଜ ଆସି ପୋଲିସ ସହ ସମ୍ପର୍କ କରିଥିଲେ। ଫଳରେ ଅଶୋକଙ୍କୁ ଧରିବାରେ ପୋଲିସକୁ ସହାୟକ ହୋଇଥିଲା।



ଅଭିଯୁକ୍ତ ଅଶୋକ କୁମାର ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ

# ଯୁବତୀଙ୍କୁ ଗଣବଳାତ୍କାର, ଜଣେ ଗିରଫ

ବଡ଼ବିଲ, ୨୩।୨ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୟ ମୁଣ୍ଡା ଓରଫ ବିଷ୍ଣୁ। ରବିବାର ସନ୍ଧ୍ୟାରେ ବିଷ୍ଣୁଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ଗତ ରବିବାର ଅର୍ଥାତ୍ ୧୬ ତାରିଖରେ ୨ ଜଣ ଉକ୍ତ ଯୁବତୀଙ୍କୁ ବଳପୂର୍ବକ ଟେକିନେଇ ଖାଡ଼ଗାଁ–ରୋଇଡ଼ା ରାସ୍ତାକଡ଼ ଜଙ୍ଗଲରେ ଗଣବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଅଚେତ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ୧୭ ତାରିଖ ସକାଳେ ଯୁବତୀ ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ପରିବାର ଲୋକେ ୧୮ ତାରିଖରେ ରୁଗୁଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ରୁଗୁଡ଼ି ପୋଲିସ ଏକ ମାମଲା(ନଂ.୯/୨୦୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରୁଗୁଡ଼ି ଥାନା ଅଧିକାରୀ ତରଣୀସେନ ବାଗ୍ କହିଛନ୍ତି, ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ବିସ୍ଫୋରକ ସାମଗ୍ରୀ ଜବତ



ମାଲକାନଗିରି, ୨୩।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଦ୍ୱାରା ଜବତ ହୋଇଛି। ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର, ଅଫୁଟା ଗୁଳି, ଔଷଧ ଖୋଳ, ୫ଇଞ୍ଜେକ୍‌ସନ୍, ବିସ୍ଫୋରକ ପାଉଡର, ମାଓବାଦୀ ପୁସ୍ତିକା, ଡାଏରି, ପୋଷାକ ଓ ଶାଢି ଇତ୍ୟାଦି ଜବତ କରାଯାଇଛି। ସୂଚନାଯୋଗ୍ୟ, ଜିଲା ପୋଲିସ ଓ ୨୦୩ କୋବ୍ରା, ୧୩୧ ସିଆର୍‌ପିଏଫ୍ ବାହିନୀ ଚିନ୍ତାଗୁଫା ଜଙ୍ଗଲରେ ସର୍ଚ୍ଚ କରୁଥିଲେ। ପିନାଚନ୍ଦା, ମୁଣ୍ଡରାଜଗୁଡେମ, ଚିନ୍ତାବାଗୁ ନଦୀ ଓ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ସମୟରେ ଗୁଣ୍ଡରାଜଗୁଡେମ ଗ୍ରାମଠାରୁ ଦେଢ କି.ମି. ଦୂରରେ ଚିନ୍ତାବାଗୁ ନଦୀ ତଟରେ ଥିବା ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିସ୍ଫୋରକ ଓ ହତିଆର ଜବତ କରାଯାଇଛି।

# ଲାଞ୍ଚ ନେବାବେଳେ ୨ କୃଷି ଅଧିକାରୀଙ୍କୁ ଧରିଲା ଭିଜିଲାନ୍ସ

## ଜଳନିଧି ଯୋଜନାରେ ସବ୍‌ସିଡି ଅର୍ଥ କରାଇଦେବାକୁ ନେଉଥିଲେ ୫ ହଜାର

ଉମରକୋଟ, ୨୩।୨ (ସନ୍ତୋଷ ଶତପଥୀ)

ଜଳନିଧି ଯୋଜନାରେ ସବ୍‌ସିଡି ଅର୍ଥ କରିବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ନବରଙ୍ଗପୁର ଭିଜିଲାନ୍ସ ବିଭାଗ ଉମରକୋଟ କୃଷି ବିଭାଗର ୨ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉମରକୋଟ ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା ଓ ବୈଷୟିକ ମ୍ୟାନେଜର ସୁରେନ୍ଦ୍ର ସିଂ ବୁନ୍ଦେଲା।

ସୂଚନାନୁଯାୟୀ, ଉମରକୋଟ ବ୍ଲକ ଜାମପଦର ଗ୍ରାମର ଲକ୍ଷ୍ମୀଧର ମାଝି ଜମିରେ ନଳକୂପ ଓ ବିଦ୍ୟୁତ୍ ସଂଯୋଗ ପାଇଁ ସବ୍‌ସିଡି ଅର୍ଥ ମଞ୍ଜୁର କରିବାକୁ କୃଷି କାର୍ଯ୍ୟାଳୟରେ ଜଣାଇଥିଲେ। ଏ ନେଇ ନୀଳକଣ୍ଠ ଓ ସୁରେନ୍ଦ୍ର ୫ ହଜାର ଟଙ୍କା ଦାବି କରିଥିଲେ। ଘଟଣା ସମ୍ପର୍କରେ ଲକ୍ଷ୍ମୀଧର ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ୨ କୃଷି ଅଧିକାରୀ ଲାଞ୍ଚ ଅର୍ଥ ନେବା ପାଇଁ ଜାମପଦର ଗାଁକୁ ଯାଇଥିଲେ। ତେବେ ପୂର୍ବ ଯୋଜନା ମୁତାବକ ଲକ୍ଷ୍ମୀଧର ରଙ୍ଗ ବୋଳା ଟଙ୍କା ୨ ଅଧିକାରୀଙ୍କୁ ଦେବା ସମୟରେ ଭିଜିଲାନ୍ସ କର୍ମଚାରୀ ସେମାନଙ୍କୁ କାବୁ କରିଥିଲେ। ଉଭୟଙ୍କଠାରୁ ରଙ୍ଗ ବୋଳା ୫ହଜାର ଟଙ୍କା ଜବତ କରାଯାଇଛି। ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ୧୫ ଜଣିଆ ଟିମ୍ ଉଭୟଙ୍କ ଉମରକୋଟସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟରେ ତଲାସୀ କରିଥିଲେ। ସେଠାରୁ ମୂଲ୍ୟବାନ କାଗଜପତ୍ର ଧରି ଭିଜିଲାନ୍ସ ଅଧିକାରୀମାନେ ନବରଙ୍ଗପୁର ନେଇଥିବା ସୂଚନା ମିଳିଛି।



ନିଖିଳାନନ୍ଦ ପରିଡ଼ା ଓ ସୁରେନ୍ଦ୍ର ସିଂ ବୁନ୍ଦେଲା

# ଗୋରୁ ବ୍ୟବସାୟୀଙ୍କୁ ମାଡ଼ମାରି ୪ ଲକ୍ଷ ନେଇଗଲେ

ପାଟଣା, ୨୩।୨ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦୁଝର ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ରବିବାର ଅପରାହ୍ନ ୨ଟାରେ ଲୁଟ୍ ହୋଇଛି। ଜଣେ ଗୋରୁ ବ୍ୟବସାୟୀଙ୍କୁ ୬ ଦୁର୍ବୃତ୍ତ ମାଡ଼ମାରି ୪ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ମାଡ଼ରେ ବ୍ୟବସାୟୀ ଡଳଙ୍ଗ ଗ୍ରାମର ସଂକୀର୍ତ୍ତନ ହାତୀଙ୍କ ମୁଣ୍ଡ ଫାଟିଯାଇଛି।

ସଙ୍କୀର୍ତ୍ତନ ବେଲଦା ସାପ୍ତାହିକ ହାଟରେ ଗୋରୁ ବିକ୍ରିକରି ଟଙ୍କା ନେଇ ଘରକୁ ଫେରୁଥିଲେ। ୬ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ୨ଟି କଳା ପଲ୍‌ସର ଓ ୧ ନାଲି ପଲ୍‌ସରରେ ଆସି ତାଙ୍କୁ ଡାବରଚୁଆ ନିକଟରେ ଅଟକାଇଥିଲେ। ୨ ଜଣ ହାତକୁ ଟାଣି ଧରିଥିଲେ ଏବଂ ଜଣେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ପରେ ଦୁର୍ବୃତ୍ତମାନେ ଟଙ୍କା ସହ ତାଙ୍କ ମୋବାଇଲ ନେଇ ଡାବରଚୁଆଆଡ଼େ ଫେରାର ହୋଇଯାଇଥିଲେ। ପରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।



ଆହତ ଗୋରୁ ବ୍ୟବସାୟୀ।

# ମହିଳାଙ୍କୁ ସାହାଯ୍ୟ ଆଳରେ ୧୭ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୨ (ସୂର୍ଯ୍ୟକାନ୍ତ ବେହେରା)

ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ମହିଳା ଛାଡ଼ପତ୍ର ମାମଲାରେ ସହାୟତା ମାଗି ଠକେଇର ଶିକାର ହୋଇଛନ୍ତି। ଜଣେ ଯୁବକ ତାଙ୍କୁ ଛାଡ଼ପତ୍ରର ମିଥ୍ୟା ପେପର ଧରାଇ ପର୍ଯ୍ୟାୟକ୍ରମେ ୧୭ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ମହିଳାଙ୍କ ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜଗତପୁରର ସୱନ ରାଉତ। ଜାମିନ ନ ମିଳିବାରୁ ସୱନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡିତା ମହିଳା ୨୦୦୯ରେ ବିବାହ କରିଥିବା ବେଳେ ତାଙ୍କର ଏକ କନ୍ୟା ସନ୍ତାନ ଅଛନ୍ତି। ପାରିବାରିକ ବିବାଦ କାରଣରୁ ୨୦୧୨ରୁ ମହିଳାଙ୍କୁ ତାଙ୍କ ସ୍ୱାମୀ ଛାଡି ଅନ୍ୟତ୍ର ରହିବା ସହ ଝିଅକୁ ନିଜ ପାଖରେ ରଖିଛନ୍ତି। ସେବେଠାରୁ ମହିଳା ଜଣକ ଏକାକୀ ରହୁଥିବାବେଳେ କୋର୍ଟରେ ଛାଡ଼ପତ୍ର ଓ ଝିଅକୁ ଫେରିପାଇବା ଲାଗି ମାମଲା କରିବାକୁ ଚାହୁଁଥିଲେ। ଏଥିପାଇଁ ସେ ବହୁତ ଲୋକଙ୍କୁ ସାହାଯ୍ୟ ମାଗି ନିରାଶ ହୋଇଥିଲେ। ଏହା ଭିତରେ ଇନ୍‌ଷ୍ଟାଗ୍ରାମ୍‌ରେ ଅଭିଯୁକ୍ତ ସୱନଙ୍କ ସହ ମହିଳାଙ୍କର ଚିହ୍ନା ପରିଚୟ ହୋଇଥିଲା। ନିଜ ବାପା ଓ ସମ୍ପର୍କୀୟ ମାମୁ ଓକିଲ ଥିବା କହି ଅଭିଯୁକ୍ତ ଜଣକ ମହିଳାଙ୍କୁ ସାହାଯ୍ୟ କରିବା ଆଳରେ ତାଙ୍କ ନିକଟରୁ ବହୁ ଟଙ୍କା ଏବଂ ସୁନା ଅଳଙ୍କାର ନେଇଥିଲେ। ପରେ ସେ ମହିଳାଙ୍କୁ କୋର୍ଟରେ ଆବେଦନ ହୋଇଥିବା ଏକ ଜାଲ୍ ପେପର ଦେଇଥିଲେ। ଏହା ଜାଣିବା ପରେ ମହିଳା ଜଣକ ଟଙ୍କା ଓ ସୁନା ଫେରାଇ ଦେବାକୁ କହିବାରୁ ଅଭିଯୁକ୍ତ ସୱନ ତାଙ୍କୁ ଗାଳିଗୁଲଜ କରିବା ସହ ପରିବାର ସଦସ୍ୟଙ୍କୁ ମାରିଦେବାର ଧମକ ଦେଉଥିଲେ। ଏପିରିକି ତାଙ୍କ ଝିଅ କଳାଯାଦୁ(ଗୁଣିଗାରେଡି)ର ବଶବର୍ତ୍ତୀ ହୋଇଥିବାରୁ ସେ ଆଉ ଫେରିବନି ବୋଲି ମହିଳାଙ୍କୁ ମନା କରିଦେଇଥିଲେ। ଏହାପରେ ମହିଳା ଜଣକ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହେବାରୁ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିଛି।



ସୱନ ରାଉତ

# ଲିଫ୍ଟ ଦେଇ ଲୁଟ୍ ଘଟଣାରେ ୩ ଗିରଫ

ଚୌଦ୍ୱାର, ୨୩।୨ (ଆଶୁତୋଷ ଦାସ)

କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ଜଣେ କିରାଣିଙ୍କୁ ଲିଫ୍ଟ ଦେବା ଆଳରେ ଲୁଟ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ଗ୍ରାମର ତ୍ରିଲୋଚନ ସାମନ୍ତରାୟ, ଆଦିତ୍ୟ କୁମାର ବେହେରା ଓ ସୁନ୍ଦରଗଡ଼ ହସ୍ପିଟାଲ ଛକର ଶିବ ପ୍ରସାଦ ଦାସ। ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହାର ହୋଇଥିବା ଏକ କାର, ଗୋଟିଏ ଖେଳନା ବନ୍ଧୁକ, ଲୁଟ୍ ହୋଇଥିବା କିଛି ଡକ୍ୟୁମେଣ୍ଟ, ଆଧାରକାର୍ଡ ଓ ୫ଟି ମୋବାଇଲ ଫୋନ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଷଣ୍ଢପଲେଇ ଗ୍ରାମର ମାନସ ରଞ୍ଜନ ଧଳ କଟକ ସିଡିଏ ଅଞ୍ଚଳରେ ରହୁଛନ୍ତି। ସେ କେନ୍ଦ୍ରାପଡ଼ା ଡିଇଓ ଅଫିସରେ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ଗତ ମାସ ୨୯ ତାରିଖ ସନ୍ଧ୍ୟାରେ ସେ କଟକ ଫେରିବା ପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ଦୁହୁରିଆ ଛକ ନିକଟରେ ଅଭିଯୁକ୍ତମାନେ ଏକ କାର୍‌ରେ ଆସି ପହଞ୍ଚିଥିଲେ। ମାନସଙ୍କୁ କଟକରେ ଛାଡି ଦେବା ପାଇଁ କହି ଲିଫ୍ଟ ଦେଇଥିଲେ। ହେଲେ ତାଙ୍କୁ କଟକ ନ ନେଇ ଚୌଦ୍ୱାର ଆଡକୁ ଆଣିବାରୁ ସେ ବିରୋଧ କରିଥିଲେ। ଏହାପରେ ସେମାନେ ଭୟଭୀତ କରାଇ ତାଙ୍କ ସହ ପାଖରେ ଥିବା ୨୨ ହଜାର ଟଙ୍କା, ଏଟିଏମ୍ କାର୍ଡ ଓ ଅଫିସ କାଗଜପତ୍ର ଥିବା ବ୍ୟାଗ ଲୁଟି ନେଇ ତାଙ୍କୁ ଓହ୍ଲାଇ ଦେଇଥିଲେ।

# ଏକାଧିକ ମାମଲାର ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

## ପାଣି ପିଆଇବା ବାହାନାରେ ବୃଦ୍ଧାଙ୍କ ବେକରୁ ଚେନ୍ ଲୁଟ୍

ଭୁବନେଶ୍ୱର, ୨୩।୨ (ସତ୍ୟଜିତ୍ ରାଉତ)

ପାଣି ପିଆଇବା ବାହାନାରେ ଚେନ୍ ଲୁଟ୍ ମାମଲାରେ କ୍ୟାପିଟାଲ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଭୁଆଶୁଣୀ ବସ୍ତିରେ ରହୁଥିବା ସୁଦର୍ଶନ ସ୍ୱାଇଁ ଓରଫ ସଞ୍ଜୟ (୨୭)। ରବିବାର କୋର୍ଟଚାଲାଣ ପରେ ସଞ୍ଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସଞ୍ଜୟଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ୯, ଖାରବେଳନଗର ଓ ବଡ଼ଗଡ଼ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏଥିରେ ସମ୍ପୃକ୍ତ ସଞ୍ଜୟଙ୍କ ସହଯୋଗୀ ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସୁକାନ୍ତି ସିଂ ନିଜ ମା' ଓ ଅନ୍ୟମାନଙ୍କ ସହ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍–୨ ପଟେଲ ବସ୍ତିରେ ରୁହନ୍ତି। ଶନିବାର ମଧ୍ୟାହ୍ନ ୨ଟାରେ ସଞ୍ଜୟ ଅନ୍ୟଜଣେ ସହଯୋଗୀଙ୍କ ସହ ମିଶି ସୁକାନ୍ତିଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସୁକାନ୍ତିଙ୍କ ବୃଦ୍ଧା ମା' ପାଣି ପିଇବାକୁ ଚାହୁଁଥିବା କହି ପାଣି ମାଗିଥିଲେ। ସୁକାନ୍ତି ପାଣି ବୋତଲ ଦେବା ପରେ ଉଭୟ ମିଶି ତାଙ୍କ ମା'ଙ୍କୁ ପାଣି ପିଆଇବା ସମୟରେ ତାଙ୍କ ବେକରୁ ରୁପାଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏହା ଜାଣିବା ପରେ ସୁକାନ୍ତି ଓ ତାଙ୍କ ବଡ଼ ଝିଅ ଅଭିଯୁକ୍ତଙ୍କ ପିଛା କରି ସଞ୍ଜୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ଅନ୍ୟ ଅଭିଯୁକ୍ତ ଖସି ପଳାଇଥିବାବେଳେ ସଞ୍ଜୟ ମଧ୍ୟ ଭୟରେ ରୁପା ଚେନକୁ କେଉଁଠାରେ ଫୋପାଡି ଦେଇଥିଲେ। ଏନେଇ ସୁକାନ୍ତିଙ୍କ ଏତଲା ପରେ ପୋଲିସ ମାମଲା (ନଂ.୬୭/୨୦୨୫) ରୁଜୁ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର

ଜଳେଶ୍ୱର, ୨୩।୨ (ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଜଣକ ଘରକୁ ଫେରୁଥିବା ବେଳେ ଶିଖରପୁର ପଞ୍ଚାୟତ ଅନ୍ତର୍ଗତ ଚକହରି ଗାଁର ଜଣେ ଯୁବକ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ବାପା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୫/୨୫) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି। ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,**
**ମିଛେ ବୋଲୁଥାଏ ମୋହର କିଣା ।**

କାହା ଅନ୍ତର କଥା କେହି ବୁଝିପାରନ୍ତି ନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତୁଳରେ ବର୍ଷିଲେ ମୂଳରେ ଫଳେ।**

ଚାଷବାସ ପାଇଁ ଜଳର ଆବଶ୍ୟକ ପଡୁଥିବା ବେଳେ ବର୍ଷା ଜଳ ଅଚିରେ ସେ ସବୁର ସହଜ ସମାଧାନ କରିଦେଇଥାଏ। କାର୍ତ୍ତିକ ମାସରେ ଭଲ ବର୍ଷା ହେଲେ ଖରିଫ ଓ ରବି ଫସଲ ଭଲ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଆଉ ୨ ଅଭିଯୁକ୍ତ କୋର୍ଟଚାଲାଣ

## ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ୍ ଅପହରଣ ଘଟଣା

ବଡ଼ବିଲ, ୨୩।୨ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଆଣ୍ଡ ମେଟାଲସ୍ ଏଲ୍‌ଏଲ୍‌ପି)ର ଭାଇସ ପ୍ରେସିଡେଣ୍ଟ୍ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାରେ ପୋଲିସ ରବିବାର ଆଉ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲା କାଙ୍କେ ଥାନା ଅନ୍ତର୍ଗତ ମିଲ୍ଲତ କଲୋନୀ ଅଞ୍ଚଳର ଖୁରସିଦ ରବାନି ଓ ସାଜିଦ ୱାର୍ସି। ଅଭିଯୁକ୍ତ ଦ୍ୱୟ ନିମାନନ୍ଦଙ୍କୁ କାଙ୍କେଠାରୁ ୧୨ କି.ମି.ଦୂର ମେକନ କଲୋନୀକୁ ସ୍ଥାନାନ୍ତରରେ ସହାୟତା କରିଥିଲେ। ନିମାନନ୍ଦଙ୍କୁ ସ୍ଥାନାନ୍ତର ନିମନ୍ତେ ବ୍ୟବହୃତ ଜେଏଚ୍ ୦୧ ଏଲ ୭୩୭୦ ନମ୍ବର ବିଶିଷ୍ଟ ଏକ ମାରୁତି ଏକୋ କାର୍‌କୁ ମଧ୍ୟ ପୋଲିସ ଜବତ କରିଛି। ପ୍ରକାଶ ଯେ, ଅପହରଣ ଘଟଣାରେ ପୋଲିସ ଶନିବାର ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପଶ୍ଚିମାଞ୍ଚଳ ଡିଆଇଜି କେନ୍ଦୁଝର ଜିଲା ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଥିଲେ।

# ଫାଷ୍ଟ ଫୁଡ୍ ଦୋକାନରେ ଦଳିତ ଛାତ୍ରଙ୍କୁ ହତ୍ୟା ଘଟଣା: କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ଯାଜପୁର, ୨୩।୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଫାଷ୍ଟ ଫୁଡ୍ ଦୋକାନରେ ଜଣେ ଦଳିତ ଛାତ୍ରଙ୍କୁ ହତ୍ୟା ଅଭିଯୋଗ ଘଟଣାରେ ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟ ଓ ଅନ୍ୟାନ୍ୟ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରାଯାଇଛି । ଏନେଇ ଫ୍ରଣ୍ଟ ରବିବାର ଯାଜପୁର ଏସ୍‌ପିଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛି। ଅଭିଯୋଗ ଅନୁସାରେ ଗତ ୯ ତାରିଖରେ ଦଳିତ ଛାତ୍ର ଶାନ୍ତନୁ ଦାସଙ୍କୁ ଆକ୍ରମଣ ହୋଇଥିଲା। ୧୦ ତାରିଖରେ ଶାନ୍ତନୁଙ୍କୁ ପ୍ରଥମେ ଯାଜପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ୧୧ତାରିଖରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ବ୍ରେନ ଅପରେଶନ କରାଯାଇଥିଲା। ୧୨ ତାରିଖରେ ଶାନ୍ତନୁଙ୍କ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଅନ୍ୟପକ୍ଷରେ ଶାନ୍ତନୁ ଚିକିତ୍ସାଧୀନ ଥିବା ସମୟରେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଦେଖା କରିବାକୁ ସୁଯୋଗ ନ ଦେବା ଏବଂ ୧୬ ତାରିଖରେ ଏତଲା ପରେ ମୃତ୍ୟୁ ଘୋଷଣା କରିବା ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ପରବର୍ତ୍ତୀ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିଦେବାକୁ ଏଭଳି ଚକ୍ରାନ୍ତ ହୋଇଥିଲା ବୋଲି ଫ୍ରଣ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଚାଓମିନ ଛୁଇଁଦେବାକୁ ନେଇ ଅଛୁଆଁ ଭେଦଭାବ ଯୋଗୁ ବାଡ଼େଇ ବାଡ଼େଇ ଶାନ୍ତନୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ କୋରେଇ ଥାନାରେ ୩୭/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

ଗତ ୯ତାରିଖ ରାତି ପ୍ରାୟ ସାଢେ ୯ଟାରେ ଶୁକଦେବ ଦାସ ଗୋବିନ୍ଦପୁର ଶିବା ଛକ ନିକଟରେ ଅନିଲ କୁମାର ମଲ୍ଲିକଙ୍କ ଫାଷ୍ଟ ଫୁଡ୍ ଦୋକାନରେ ଚାଓମିନ ଖାଇବାକୁ ଯାଇ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା ପରେ ବି ତାଙ୍କୁ ଦିଆଯାଇ ନ ଥିଲା । ଏହାକୁ ନେଇ ଅନିଲ ଏବଂ ଶୁକଦେବଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଉପସ୍ଥିତ ଥିବା ଅନିଲଙ୍କ ଭାଇ ଅକ୍ଷୟ ମଲ୍ଲିକ, କମଳ ମଲ୍ଲିକ ଓ ଅନ୍ୟମାନେ କାଠ ଫାଳିଆରେ ଶୁକଦେବଙ୍କ ପିଠି ଓ ମୁଣ୍ଡକୁ ପିଟିଥିଲେ। ଗାଁ ଲୋକେ ତାଙ୍କୁ ସେମାନଙ୍କ ନିକଟରୁ ଉଦ୍ଧାର କରିଥିଲେ । ଏହି ଖବର ଶୁଣି ସୁକଦେବଙ୍କ ପୁଅ ଶାନ୍ତନୁ ଦାସ ଆସି ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏପରି କି ଲୁହାର ଛଣାବେଣ୍ଟରେ ମୁଣ୍ଡ ଓ କାନମୂଳକୁ ପିଟି ବେହୋସ କରିଦେଇଥିଲେ। ଗୁରୁତର ଅବସ୍ଥାରେ ଶାନ୍ତନୁଙ୍କୁ ଯାଜପୁର ଓ ପରେ କଟକ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ ୪ଦିନ କୋମାରେ ଅଛି କହି ୧୬ ତାରିଖ ପୂର୍ବାହ୍ନ ୯ଟାରେ ଶାନ୍ତନୁଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। କିନ୍ତୁ ଏହି ୫ଦିନ ମଧ୍ୟରେ ଶାନ୍ତନୁଙ୍କ ଚିକିତ୍ସା ପାଇଁ କୌଣସି ମେଡିସିନ ଚିଠା ଦେଇ ନ ଥିଲେ। ତେଣୁ ଡାକ୍ତରଖାନାର ସିସିଟିଭି ଫୁଟେଜ୍, ମେଡିକାଲ ବିଲ, ଡାକ୍ତରଙ୍କ ଚିଠା ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବା ଏବଂ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଏନେଇ ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟ ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ସଂଯୋଜକ ଉମାକାନ୍ତ ମଲ୍ଲିକ, ଜିଲା ସଭାପତି ସହଦେବ ଜେନା, ଜିଲା କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଦୁଷ୍ମନ୍ତ କୁମାର ଜେନା, ଆମ୍ବେଦକର ଫାଉଣ୍ଡେଶନ ସଭାପତି ସୁରେନ୍ଦ୍ର ମଲ୍ଲିକ, ସମ୍ପାଦକ ଅଭିମନ୍ୟୁ ମଲ୍ଲିକ, ମହିଳା ରାଜ୍ୟ ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ମୂଳନିବାସୀ ଯୁବ ଛାତ୍ର ଜିଲା ସଭାପତି ଲିଲୁ ଦାସ, ସିଭିଲ ସୋସାଇଟି ସଭାପତି ବିଶ୍ୱନାଥ ପାତ୍ର, ବିଞ୍ଝାରପୁର ଦଳିତ ସଂଘ ସଭାପତି ରମେଶ ଜେନା ପ୍ରମୁଖ ଏସ୍‌ପିଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି।




ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟର କର୍ମକର୍ତ୍ତା ଏସ୍‌ପିଙ୍କୁ ସାକ୍ଷାତ କରୁଛନ୍ତି।

# କୋହଲିଙ୍କ ୧୪,୦୦୦ ରନ୍ ପୂରଣ

**ଦୁବାଇ, ୨୩।୨**

ପାକିସ୍ତାନ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ରେ ଭାରତୀୟ ଦଳର ତାରକା ବ୍ୟାଟର ବିରାଟ କୋହଲି ଏକାଧିକ ବ୍ୟକ୍ତିଗତ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଦିନିକିଆ କ୍ରିକେଟରେ ୧୪,୦୦୦ ରନ୍ ପୂରଣ କରିଛନ୍ତି। ୧୨.୨ ଓଭରରେ ପାକିସ୍ତାନ ବୋଲର ହାରିସ୍ ରୌଫଙ୍କୁ ଚୌକା ମାରି ସେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଏଥିସହ ସେ ଦିନିକିଆରେ ଭାରତର ଦ୍ୱିତୀୟ ସର୍ବାଧିକ ରନ୍‌ସ୍କୋରର ହୋଇପାରିଛନ୍ତି। ସଚିନ ତେନ୍ଦୁଲକର ୧୮,୪୨୬ ରନ୍‌କରି ପ୍ରଥମ ସ୍ଥାନରେ ରହିଛନ୍ତି।

## କ୍ୟାଚ୍ ରେକର୍ଡ

ଏହି ମ୍ୟାଚ୍‌ରେ କୋହଲି ୨ଟି କ୍ୟାଚ୍ ନେଇଥିଲେ। ପ୍ରଥମେ ସେ ହର୍ଷିତ ରାଣାଙ୍କ ବଲ୍‌ରେ ଖୁସଦିଲ ଶାହାଙ୍କୁ ଏବଂ ପରେ କୁଲଦୀପ ଯାଦବଙ୍କ ବଲ୍‌ରେ ନସିମ ଶାହାଙ୍କୁ କ୍ୟାଚ୍ କରି ପାଭିଲିୟନ ପଥ ଦେଖାଇଥିଲେ। ଏଥିସହ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସବୁଠାରୁ ଅଧିକ କ୍ୟାଚ୍ ନେବାରେ ରେକର୍ଡ କରିଛନ୍ତି। ପୂର୍ବରୁ ମହମ୍ମଦ ଆଝାରୁଦ୍ଦିନ ୧୫୬ଟି କ୍ୟାଚ୍ ନେଇ ଭାରତୀୟ ରେକର୍ଡର ଅଧିକାରୀ ଥିବାବେଳେ କୋହଲିଙ୍କ କ୍ୟାଚ୍ ସଂଖ୍ୟା ୧୫୮ରେ ପହଞ୍ଚିଛି। ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ୨୧୮ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୦ କ୍ୟାଚ୍ ନେଇ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।



କ୍ୟାଚ ନେବା ଅବସରରେ ବିରାଟ କୋହଲି।

# ଭାରତ-ପାକିସ୍ତାନ ସ୍କୋର ବୋର୍ଡ

**ପାକିସ୍ତାନ ଇନିଂସ୍**
ଇମାମ ଉଲ୍ ହକ୍-ରନ୍‌ଆଉଟ (ଅକ୍ଷର)-୧୦
ବାବର ଆଜମ-କ-ରାହୁଲ-ବୋ-ହାର୍ଦ୍ଦିକ-୨୩
ସୌଦ ଶକିଲ-କ-ଅକ୍ଷର-ବୋ-ହାର୍ଦ୍ଦିକ-୬୨
ମହମ୍ମଦ ରିଜ୍‌ୱାନ-କ ଆଣ୍ଡ ବୋ-ଅକ୍ଷର-୪୬
ସଲ୍‌ମାନ ଆଘା-କ-ଜାଡେଜା-ବୋ-କୁଲଦୀପ-୧୯
ତୟାବ ତାହିର-ବୋ-ଜାଡେଜା-୪
ଖୁସ୍‌ଦିଲ ଶାହା-କ-କୋହଲି-ବୋ-ହର୍ଷିତ-୩୮
ଶାହିନ ଆଫ୍ରିଦି-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୦
ନସିମ ଶାହା-କ-କୋହଲି-ବୋ-କୁଲଦୀପ-୧୪
ହାରିସ ରୌଫ-ରନ୍‌ଆଉଟ (ଅକ୍ଷର/ରାହୁଲ)-୮
ଆବ୍ରାର ଅହମ୍ମଦ-ନଟ୍‌ଆଉଟ-୦
**ଅତିରିକ୍ତ**-୧୭
**ମୋଟ** : (୪୯.୪ ଓଭର/ଅଲ୍‌ଆଉଟ)୨୪୧।
**ଉଇକେଟ ପତନ:** ୧/୪୧ (ବାବର ଆଜମ), ୨/୪୭ (ଇମାମ ଉଲ୍ ହକ୍), ୩/୧୫୧ (ମହମ୍ମଦ ରିଜ୍‌ୱାନ), ୪/୧୫୯ (ସୌଦ ଶକିଲ), ୫/୧୬୫ (ତୟାବ ତାହିର), ୬/୨୦୦(ସଲ୍‌ମାନ ଆଘା), ୭/୨୦୦ (ଶାହିନ ଆଫ୍ରିଦି), ୮/୨୨୨ (ନସିମ ଶାହା), ୯/୨୪୧ (ହାରିସ ରୌଫ୍), ୧୦/୨୪୧ (ଆବ୍ରାର ଅହମ୍ମଦ)।

**ବୋଲିଂ (ଭାରତ)**
ମହମ୍ମଦ ଶାମି ୮-୦-୪୩-୦
ହର୍ଷିତ ରାଣା ୭.୪-୦-୩୦-୧
ହାର୍ଦ୍ଦିକ ପାଣ୍ଡ୍ୟା ୮-୦-୩୧-୨
ଅକ୍ଷର ପଟେଲ ୧୦-୦-୪୯-୧
କୁଲଦୀପ ଯାଦବ ୯-୦-୪୦-୩
ରବୀନ୍ଦ୍ର ଜାଡେଜା ୭-୦-୪୦-୧।

**ଭାରତ ଇନିଂସ**
ରୋହିତ ଶର୍ମା-ବୋ-ଶାହିନ ଆଫ୍ରିଦୀ-୨୦
ଶୁବମନ ଗିଲ୍-ବୋ-ଆବ୍ରାର ଅହମଦ-୪୬
ବିରାଟ କୋହଲି-ନଟ୍‌ଆଉଟ୍-୧୦୦
ଶ୍ରେୟସ ଆୟର- କ-ଇମାମୁଲ-ବୋ-ଖୁସ୍‌ଦିଲ-୫୬
ହାର୍ଦ୍ଦିକ ପାଣ୍ଡ୍ୟା-କ-ରିଜୱାନ-ବୋ-ଶାହିନ ଆଫ୍ରିଦି-୮
ଅକ୍ଷର ପଟେଲ-ନଟ୍‌ଆଉଟ୍-୩
ଅତିରିକ୍ତ :୧୧
ମୋଟ : (୪୨.୩ ଓଭର/୪ ଉଇକେଟ)୨୪୪।
ଉଇକେଟ ପତନ: ୧/୩୧ (ରୋହିତ), ୨/୧୦୦ (ଶୁବମନ), ୩/ ୨୧୪ (ଶ୍ରେୟସ ଆୟର), ୪/୨୨୩ (ହାର୍ଦ୍ଦିକ ପାଣ୍ଡ୍ୟା)।

**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦି ୮-୦-୭୪-୨
ନସିମ ଶାହା ୮-୦-୩୭-୦
ହାରିସ ରୌଫ୍ ୭-୦-୫୨-୦
ଆବ୍ରାର ଅହମଦ ୧୦-୦-୨୮-୧
ଖୁସ୍‌ଦିଲ ଶାହା ୭.୩-୦-୪୩-୧
ସଲମନ ଆଘା ୨-୦-୧୦-୦।





ଦୁବାଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଉଇକେଟ ନେବାପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାଥୀ ଖେଳାଳିଙ୍କ ବଧେଇ। ମ୍ୟାଚ ଉପଭୋଗ କରୁଛନ୍ତି ସୂର୍ଯ୍ୟକୁମାର ଯାଦବ ଓ ତାଙ୍କ ସ୍ତ୍ରୀ ଦେବିଶା ଶେଟ୍ଟି।

# କ୍ରମାଗତ ୧୨ ଟସ୍ ହାରିଲା ଭାରତ

**ଦୁବାଇ, ୨୩।୨**

ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏପରି କେତେକ ରେକର୍ଡ ରହିଛି, ଯାହା ବିସ୍ମୟକର ଓ କୌତୂହଳପ୍ରଦ। ଏପରି ଏକ ରେଡର୍କର ଅଧିକାରୀ ହୋଇଛି ଭାରତ। ଦୁବାଇ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଭାରତ ଟସ୍ ହାରିଥିଲା। ୨୦୨୩ ବିଶ୍ୱକପ୍ ଫାଇନାଲଠାରୁ ଏପର୍ଯ୍ୟନ୍ତ ଭାରତ ଏହାକୁ ମିଶାଇ ମୋଟ ୧୨ଥର ପାଇଁ ଟସ୍ ହାରିଛି। ତେଣୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଦଳ କ୍ରମାଗତଭାବେ ଏତେ ମ୍ୟାଚ୍‌ରେ ଟସ୍ ହାରିବା ଏକ ରେକର୍ଡ। ପୂର୍ବରୁ ନେଦରଲାଣ୍ଡ୍ସ ୨୦୧୧ରୁ ୨୦୧୩ ମଧ୍ୟରେ ୧୧ଥର ଟସ୍ ହାରି ଏହି ରେକର୍ଡର ଅଧିକାରୀ ଥିଲା।

# କିଲିମାଞ୍ଜାରୋ ହାଫ୍ ମାରାଥନ୍‌ରେ ଭାଗନେଲେ ସୌଭାଗ୍ୟ

**ଭୁବନେଶ୍ୱର, ୨୩।୨ (ତପନ ସ୍ୱାଇଁ)**

ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଅନ୍ତର୍ଜାତୀୟ ମାରାଥନ୍‌ରେ ଅଂଶଗ୍ରହଣ କରି ସଫଳତାର ସହ ରେସ୍ ଶେଷ କରିଛନ୍ତି ଓଡ଼ିଶାର ସୌଭାଗ୍ୟ ରଥ। ୨୧ କିଲୋମିଟର ବିଶିଷ୍ଟ ମାରାଥନକୁ ୨:୨୪.୨୨ ସେକେଣ୍ଡରେ ଅତିକ୍ରମ କରିବାପରେ ସେ ତ୍ରିରଙ୍ଗା ଉଡ଼ାଇଥିଲେ। ପ୍ରକାଶ ଯୋଗ୍ୟ, କିଲିମାଞ୍ଜାରୋ ଆରୋହଣ ଅଭିଯାନରେ ଗତ ଗୁରୁବାର ତାଞ୍ଜାନିଆ ଅଭିମୁଖେ ଯାତ୍ରା କରିଥିଲେ ସୌଭାଗ୍ୟ କୁମାର ରଥ ଓ ତାଙ୍କ ସ୍ତ୍ରୀ ସାଗରିକା ମିଶ୍ର। ଓଡ଼ିଶାର ପ୍ରଥମ ଦମ୍ପତିଭାବେ କାଲିମାଞ୍ଜାରୋ ଆରୋହଣ ଲକ୍ଷ୍ୟ ରଖିଛନ୍ତି ସୌଭାଗ୍ୟ ଓ ସାଗରିକା।



# ଶୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା

**ଭୁବନେଶ୍ୱର, ୨୩।୨(ତପନ ସ୍ୱାଇଁ)**

ଓଡ଼ିଶାର ତାରକା ମହିଳା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଆର୍ଜେଣ୍ଟିନାର ବୁଏନସ୍ ଆରିଜ ଓ ପେରୁର ଲିମାଠାରେ ହେବାକୁଥିବା ୨ଟି ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଏପ୍ରିଲରେ ଏହି ୨ଟିଯାକ ବିଶ୍ୱକପ୍ ଅନୁଷ୍ଠିତ ହେବ। ଶ୍ରୀୟଙ୍କା ମହିଳା ୫୦ ମିଟର ରାଇଫଲ ଇଭେଣ୍ଟରେ ଭାଗନେବେ। ନିକଟରେ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ପକ୍ଷରୁ ପ୍ରକାଶିତ ର‍୍ୟାଙ୍କିଂରେ ଶ୍ରୀୟଙ୍କା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ସମ୍ପ୍ରତି ଓଏମ୍‌ସିରେ କାର୍ଯ୍ୟରତ।



ଶ୍ରୀୟଙ୍କା ଷଡ଼ଙ୍ଗୀ

# ବୁମ୍‌ରା ଆଇସିସି ପୁରସ୍କାର ଗ୍ରହଣ କଲେ

**ଦୁବାଇ, ୨୩।୨(ପି.ଟି.)**

ଭାରତୀୟ ପେସର ଯଶପ୍ରୀତ ବୁମ୍‌ରା ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ପୂର୍ବରୁ ୨୦୨୪ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟର ଓ ବର୍ଷର ଶ୍ରେଷ୍ଠ ଟେଷ୍ଟ କ୍ରିକେଟର ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କୁ ବର୍ଷର ଶ୍ରେଷ୍ଠ ପୁରୁଷ ଟି୨୦ ଓ ଟେଷ୍ଟ ଦଳରେ ମଧ୍ୟ ସାମିଲ କରାଯାଇଥିଲା। ଅଣ୍ଟାଜନିତ ସମସ୍ୟା ଯୋଗୁ ବୁମ୍‌ରା ଚାମ୍ପିୟନ୍ସ ଟ୍ରଫିରେ ଖେଳୁନାହାନ୍ତି। ପୁରସ୍କାର ଗ୍ରହଣ କରିବା ଲାଗି ବୁମ୍‌ରା ନିଜେ ଉପସ୍ଥିତ ଥିଲେ।





ପୁରସ୍କାର ସହିତ ବୁମ୍‌ରା (ବାମ)।

ବୁମ୍‌ରାଙ୍କୁ ଦୁଇଟି କ୍ୟାପ୍ ସହ ମୋଟ ୪ଟି ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହାର ଫଟୋ ଆଇସିସି ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ପୁରସ୍କାର ଗ୍ରହଣ କରିବା ଅବସରରେ ବୁମ୍‌ରା ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ୱାର୍ମଅପ କରୁଥିବା ଭାରତୀୟ ଦଳର ଖେଳାଳିଙ୍କୁ ଭେଟିଥିଲେ।

ବୁମ୍‌ରା ଗତବର୍ଷ ଟେଷ୍ଟ ଫର୍ମାଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେ ୧୩ ଟେଷ୍ଟ ମ୍ୟାଚ୍‌ରେ ୭୧ ଉଇକେଟ ନେଇଥିଲେ। ସେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୨୦୦ ଉଇକେଟ ପୂରଣ କରିବା ସହ ଭାରତର ଟି୨୦ ବିଶ୍ୱକପ୍ ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ରାଜ୍ୟ ଓପନ୍ ଚେସ୍: ରବୀନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୨୩।୨(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରବୀନ୍ଦ୍ର ଓଝା ଓ ପ୍ରତ୍ୟୁଷ ମହାପାତ୍ର ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ସ୍ୱପ୍ନିଳ ପ୍ରିୟଦର୍ଶୀ, ଦେବୀ ପ୍ରସାଦ ନାୟକ, ସୁରେନ୍ଦ୍ର ପ୍ରଧାନ, ଲରେନ୍ସ ପ୍ରଧାନ ଓ ଦିୟା ଦାସ ଟପ୍-୭ରେ ରହିଥିବାବେଳେ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କ ଏଜ୍ ଗ୍ରୁପ୍ ଏବଂ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଂଘମିତ୍ରା ସିଂ, ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।



ଅତିଥିଙ୍କ ସହ ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ।

**ଆଜିର ଏଫ୍‌ଆଇଏଚ୍ ମ୍ୟାଚ୍**
**(ପୁରୁଷ)**
* ଭାରତ ବନାମ ଇଂଲଣ୍ଡ
ସମୟ: ସନ୍ଧ୍ୟା ୭ଟା ୩୦
* ଜର୍ମାନୀ ବନାମ ଆୟର୍ଲାଣ୍ଡ
ସମୟ: ଅପରାହ୍ନ ୩ଟା
**(ମହିଳା)**
ଭାରତ ବନାମ ନେଦରଲାଣ୍ଡ୍ସ
**ସମୟ: ସନ୍ଧ୍ୟା ୫ଟା ୧୫।**
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ।**

# ପାକିସ୍ତାନରେ ଭାରତ ନ ଖେଳିବା ଦୁଃଖର ବିଷୟ

**କରାଚୀ, ୨୩।୨(ପି.ଟି.):** ଭାରତୀୟ ଦଳ ତା'ର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ପାକିସ୍ତାନରେ ନ ଖେଳି ନିରପେକ୍ଷ ଭେନ୍ୟୁରେ ଖେଳିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ଚେୟାରମ୍ୟାନ ମହସିନ ନକ୍‌ଭି ନୈରାଶ୍ୟ ବ୍ୟକ୍ତ କରିଛନ୍ତି। ୨୯ ବର୍ଷ ବ୍ୟବଧାନ ପରେ ପାକିସ୍ତାନରେ ହୋଇଥିବା ଆଇସିସି ଇଭେଣ୍ଟର ସଫଳ ଆୟୋଜନ ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ଆମେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟର ସଫଳ ଆୟୋଜନ ଉପରେ ବିଶେଷ ଗୁରୁତ୍ୱ ଦେଉଛୁ। କିନ୍ତୁ ନିର୍ଦ୍ୱନ୍ଦ୍ୱରେ କହିପାରିବୁ ଯେ, ପାକିସ୍ତାନରେ ଭାରତ ଖେଳୁ ନ ଥିବାରୁ ଆମେ ଦୁଃଖିତ।

# ଜାତୀୟ ଶକ୍ତି ଉତ୍ତୋଳନ ଉଦ୍‌ଯାପିତ

**ଭୁବନେଶ୍ୱର, ୨୩।୨(ଅନାଦି କର)**

ପଞ୍ଜାବର ଲଭଲି ବିଶ୍ୱବିଦ୍ୟାଳୟରେ ଚାଲିଥିବା ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଭାରତୀୟ ଶକ୍ତି ଉତ୍ତୋଳନ ମହାସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୬ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ।

ଅନୁପମା ସ୍ୱାଇଁ ଓ ଦିବ୍ୟଲେଖା ମିଶ୍ର ସିନିୟର ମହିଳା ୫୨ କେଜି ଓ ୭୬ କେଜି ବର୍ଗରେ ଓଭରଅଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶାର ରାଜସ୍ମିତା ସାହୁ ସ୍କ୍ୱାଟରେ ୧୭୬ କେଜି ଉତ୍ତୋଳନ କରି ଜାତୀୟ କୀର୍ତ୍ତିମାନ ପ୍ରତିଷ୍ଠା କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନିତା ବେହେରା ବେଞ୍ଚ ପ୍ରେସରେ ୯୦ କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏଥିଯୋଗୁ ଦଳୀୟ ସଦସ୍ୟଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ।



ରାଜସ୍ମିତା ସାହୁ





କଟକରେ ଅନୁଷ୍ଠିତ ଜାତୀୟ ସିନିୟର କବାଡ଼ିରେ ଚାମ୍ପିୟନ ସର୍ଭିସେସ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ତେଜସ୍କ୍ରିୟ ଆବର୍ଜନା



ଡ. କମଳାକାନ୍ତ ଜେନା

''ପରମାଣୁ ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ଗୋଟିଏ ବଡ଼ ବାଧକ ହେଉଛି ମାରାତ୍ମକ ତେଜସ୍କ୍ରିୟ ଆବର୍ଜନା (ରେଡିଓଆକ୍ଟିଭ୍ ୱେଷ୍ଟ)। ପରମାଣୁ ଶକ୍ତିରୁ ବିଜୁଳି ଉତ୍ପାଦନ ସକାଶେ ଯେଉଁ ପରମାଣୁ ରିଆକ୍ଟର୍ ବ୍ୟବହାର ହୁଏ, ସେଥିରେ ତେଜସ୍କ୍ରିୟ ପଦାର୍ଥ ବ୍ୟବହାର କରାଯାଏ। ରିଆକ୍ଟର୍ ଭିତରୁ ବାହାରୁଥିବା ଆବର୍ଜନାରେ ମଧ ପ୍ରଚୁର ତେଜସ୍କ୍ରିୟ ପଦାର୍ଥ ରହିଥାଏ। ତେଜସ୍କ୍ରିୟ ପଦାର୍ଥରୁ ବାହାରୁଥିବା ବିକିରଣ ଆମର ଜୀବକୋଷକୁ ନଷ୍ଟ କରେ ଓ ଆମ ଶରୀରରେ କର୍କଟରୋଗ ସୃଷ୍ଟି କରେ। ଆବର୍ଜନାରେ ଏହି ମାରାତ୍ମକ ଗୁଣ ଶହ ଶହ ବର୍ଷ ଧରି ରହିଥାଏ।''



ଶକ୍ତି ଅପରିହାର୍ଯ୍ୟ। କାମ କରିବା ସକାଶେ ଆମକୁ ଶକ୍ତି ଦରକାର। କଳକାରଖାନା ଓ ଗାଡ଼ିମୋଟର ଚାଲିବା ପାଇଁ ଶକ୍ତି ଦରକାର। ଖାଦ୍ୟ ଖାଇଲେ ଆମ ଶରୀରକୁ ଶକ୍ତି ମିଳେ। କିନ୍ତୁ ଗାଡ଼ିମୋଟର ଓ କଳକାରଖାନା ଚାଲିବା ପାଇଁ କୋଇଲା, ଇନ୍ଧନଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍ କିମ୍ବା ବିଦ୍ୟୁତ୍ ଶକ୍ତି ଆବଶ୍ୟକ। କିନ୍ତୁ ଏଇ କିଛି ବର୍ଷ ଭିତରେ ପ୍ରାକୃତିକ ଶକ୍ତି ଉତ୍ସଗୁଡ଼ିକର ଅଧିକ ବ୍ୟବହାର ଓ ଆମର ଅବିବେକିତା ଫଳରେ ସେହି ପ୍ରାକୃତିକ ଶକ୍ତି ଉତ୍ସଗୁଡ଼ିକ ସରିବାକୁ ଯାଉଛି। ତାହା ଏବେ ଚିନ୍ତାର ବିଷୟ। ସେଥିପାଇଁ ଏବେ ପ୍ରାକୃତିକ ଶକ୍ତିଉତ୍ସ ବଦଳରେ ବିକଳ୍ପ ଶକ୍ତିଉତ୍ସର ସନ୍ଧାନ ଦିଗରେ ଆମର ପ୍ରୟାସ ଜାରିରହିଛି। ନିଃସନ୍ଦେହ, ସେହି ଯାତ୍ରାରେ ନୂତନ ଶକ୍ତିର ସନ୍ଧାନ ପ୍ରକ୍ରିୟାରେ ପରମାଣୁ ଶକ୍ତି (ଆଟମିକ୍ ଏନର୍ଜି) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସତ କହିଲେ ଆମର ବିଦ୍ୟୁତ୍ ଶକ୍ତି ଦରକାର। ପରମାଣୁ ଶକ୍ତି କହିଲେ ବି ଆମେ ପରମାଣୁ ଶକ୍ତିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ହିଁ ବୁଝିଥାଉ। ଆମେ ଜାଣୁ, ବସ୍ତୁର ଗୁଣ ରହିଥିବା ସବୁଠାରୁ ଛୋଟ କଣିକା ହେଉଛି 'ଅଣୁ' (ମୋଲିକ୍ୟୁଲ୍)। ଆହୁରି ଛୋଟ ଛୋଟ କଣିକାକୁ ନେଇ ଅଣୁ ଗଠିତ, ଯାହାର ନାମ 'ପରମାଣୁ' (ଆଟମ୍)। ଉଦାହରଣ– ଦୁଇଟା ଉଦ୍‌ଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁକୁ ନେଇ ଗୋଟିଏ ଜଳଅଣୁ ତିଆରି ହୁଏ। ପରମାଣୁର କେନ୍ଦ୍ରରେ 'ନିଉକ୍ଲିୟସ୍' ରହିଥାଏ। ବଡ଼ ନିଉକ୍ଲିୟସ୍ ଭାଙ୍ଗିଯାଇ ଛୋଟ ଛୋଟ ନିଉକ୍ଲିୟସ୍ ସୃଷ୍ଟି କରିପାରେ। ଏହାକୁ ନିଉକ୍ଲୀୟ ବିଭାଜନ (ଫିଶନ୍) ପ୍ରକ୍ରିୟା କୁହାଯାଏ। ଛୋଟ ଛୋଟ ନିଉକ୍ଲିୟସ୍ ଯୋଡ଼ି ହୋଇ ମଧ ବଡ଼ ନିଉକ୍ଲିୟସ୍ ତିଆରି କରିପାରନ୍ତି। ଏହାକୁ ନିଉକ୍ଲୀୟ ସଂଯୋଜନ (ଫିଉଜନ୍) କୁହାଯାଏ। ଉଭୟ ପ୍ରକ୍ରିୟାରେ ବିପୁଳ ପରିମାଣରେ ଶକ୍ତି ମିଳିଥାଏ। ଏହି ଶକ୍ତିକୁ ନିଉକ୍ଲୀୟ ଶକ୍ତି ବା ପରମାଣୁ ଶକ୍ତି (ଆଟମିକ୍ ଏନର୍ଜି) କୁହାଯାଏ। ପରମାଣୁ ଶକ୍ତି ଉତ୍ପାଦନ ସକାଶେ ପୃଥିବୀର ଶତାଧିକ ପରମାଣୁ ରିଆକ୍ଟର ତିଆରି କରାଯାଇଛି। ପ୍ରକୃତରେ ପରମାଣୁରୁ ଆମକୁ ସିଧାସଳଖ ବିଜୁଳିଶକ୍ତି ମିଳେନାହିଁ। ବରଂ ଏହି ପରମାଣୁ ଶକ୍ତି ଆମକୁ ତାପ ରୂପରେ ମିଳେ। ଏହି ତାପକୁ ବ୍ୟବହାର କରି ପ୍ରଥମେ ପାଣି ଗରମ କରାଯାଏ। ସେଥିରୁ ମିଳୁଥିବା ଜଳୀୟବାଷ୍ପ ଦ୍ୱାରା ଜେନେରେଟର ଚାଲେ ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ। ତେଣୁ ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ହେଉଛି ମୂଳତଃ ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର।

ପରମାଣୁ ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ଗୋଟିଏ ବଡ଼ ବାଧକ ହେଉଛି ମାରାତ୍ମକ ତେଜସ୍କ୍ରିୟ ଆବର୍ଜନା (ରେଡିଓଆକ୍ଟିଭ୍ ୱେଷ୍ଟ)। ପରମାଣୁ ଶକ୍ତିରୁ ବିଜୁଳି ଉତ୍ପାଦନ ସକାଶେ ଯେଉଁ ପରମାଣୁ ରିଆକ୍ଟର୍ ବ୍ୟବହାର ହୁଏ, ସେଥିରେ ତେଜସ୍କ୍ରିୟ ପଦାର୍ଥ ବ୍ୟବହାର କରାଯାଏ। ରିଆକ୍ଟର୍ ଭିତରୁ ବାହାରୁଥିବା ଆବର୍ଜନାରେ ମଧ ପ୍ରଚୁର ତେଜସ୍କ୍ରିୟ ପଦାର୍ଥ ରହିଥାଏ। ତେଜସ୍କ୍ରିୟ ପଦାର୍ଥରୁ ବାହାରୁଥିବା ବିକିରଣ ଆମର ଜୀବକୋଷକୁ ନଷ୍ଟ କରେ ଓ ଆମ ଶରୀରରେ କର୍କଟରୋଗ ସୃଷ୍ଟି କରେ। ଆବର୍ଜନାରେ ଏହି ମାରାତ୍ମକ ଗୁଣ ଶହ ଶହ ବର୍ଷ ଧରି ରହିଥାଏ। ସେଥିପାଇଁ ତ ତେଜସ୍କ୍ରିୟ ଆବର୍ଜନାର ରକ୍ଷଣାବେକ୍ଷଣ ସମ୍ପ୍ରତି ପରମାଣୁ ଶକ୍ତି ଉତ୍ପାଦନ କରୁଥିବା ଦେଶଗୁଡ଼ିକ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଆମେରିକା ଓ ଫ୍ରାନ୍ସ ପରି ଦେଶଗୁଡ଼ିକ ପକ୍ଷରେ ମଧ ତେଜସ୍କ୍ରିୟ ଆବର୍ଜନାକୁ ଫିଙ୍ଗିବା ପାଇଁ ଜାଗା ଖୋଜିବାରେ ଅସୁବିଧା ଲାଗି ରହିଛି। କିଛିଦିନ ତଳେ ଆମେରିକାର କେତେକ ଡାକ୍ତରଖାନା ଓ ଗବେଷଣା ସଂସ୍ଥା ନିକଟରେ ସେଭଳି ଆବର୍ଜନା ଜମା ହେଉଥିବାର ଖବର ଚର୍ଚ୍ଚାର ବିଷୟ ହୋଇଥିଲା। ରିଆକ୍ଟର୍ ଭିତରୁ ବାହାରୁଥିବା ଆବର୍ଜନାକୁ ତିନିଟା ବର୍ଗରେ ବିଭକ୍ତ କରାଯାଇଛି। ଆଜି ଭାରତରେ ପ୍ଲୁଟୋନିୟମ୍ ବ୍ୟବହାର କରାଯାଉଛି। ଭାରତରେ ବର୍ଷକୁ ପ୍ରାୟ ୧୦୦ ମିଟର ଲମ୍ବ, ୧୦ ମିଟର ଓସାର ଓ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଗାତ ଆୟତନର ଅତି-ବିପଦପୂର୍ଣ୍ଣ ଆବର୍ଜନା ବାହାରେ। ଏହା ବ୍ୟତୀତ ମଧ୍ୟମ ଓ ଅଳ୍ପ ବିପଦପୂର୍ଣ୍ଣ ଆବର୍ଜନା ମଧ ରହିଛି। ଏହି ଆବର୍ଜନାର ଯଥାସମ୍ଭବ ସୁଚାରୁ ପରିଚାଳନା କରାଯାଉଛି। କିନ୍ତୁ ଭବିଷ୍ୟତରେ ତେଜସ୍କ୍ରିୟ ଆବର୍ଜନାର ପରିଚାଳନା ନିଃସନ୍ଦେହ କଷ୍ଟକର ବ୍ୟାପାର ହେବ।

ତେଜସ୍କ୍ରିୟ ଆବର୍ଜନା ପରିଚାଳନା କହିଲେ, ତେଜସ୍କ୍ରିୟ ଆବର୍ଜନାକୁ ସୁରକ୍ଷିତ ବାକ୍ସ ଭିତରେ ପୂରେଇ ସମୁଦ୍ର ଭିତରେ ଶହ ଶହ ମିଟର ତଳେ ପୋତାଯାଏ। କିଛି ବର୍ଷ ତଳେ ସୁଇଡେନର ପରମାଣୁ ଆବର୍ଜନା ପରିଚାଳନା ଉପରେ ଚର୍ଚ୍ଚା ହୋଇଥିଲା। ସୁଇଡେନ୍ ତାହାର ରିଆକ୍ଟର୍‌ରୁ ବାହାରୁଥିବା ପାଉଁଶକୁ ସୁରକ୍ଷିତ ବାକ୍ସରେ ଭର୍ତ୍ତି କରି ବାଲ୍ଟିକ୍ ସମୁଦ୍ରରେ ୫୦ ମିଟର ତଳେ ରଖୁଛି। ଅତି ସକ୍ରିୟ ଆବର୍ଜନାକୁ ପଥର ତଳେ ୫୦୦ ମିଟର ଗଭୀରତାରେ ପୋତିବାର ବ୍ୟବସ୍ଥା ମଧ କରୁଛି। ସମ୍ପ୍ରତି ତେଜସ୍କ୍ରିୟ ଆବର୍ଜନାର ସୁରକ୍ଷିତ ପରିବହନ ଓ ନିଷ୍କାସନ ସକାଶେ ପରୀକ୍ଷା ଚାଲିଛି। ବୈଜ୍ଞାନିମାନେ ଲେଜର ରଶ୍ମିର ସାହାଯ୍ୟ ନେଇ ଆବର୍ଜନାରେ ରହିଥିବା ତେଜସ୍କ୍ରିୟ ଉପାଦାନ ଆୟୋଡିନ ଜୀବନକାଳକୁ କମ୍ କରିବାକୁ ସମର୍ଥ ହୋଇଛନ୍ତି। ଆବର୍ଜନା ବାହାରିବା ପୂର୍ବରୁ ତେଜସ୍କ୍ରିୟ ଉପାଦାନଗୁଡ଼ିକୁ ଅଧିକ ନିଷ୍କ୍ରିୟ କରିଦେବାର ବ୍ୟବସ୍ଥା କରାଯାଉଛି। ଏବେ କେତେକ ସେରାମିକ୍ ବାକ୍ସରେ ବିପଦସଙ୍କୁଳ ଆବର୍ଜନାକୁ ଶହ ଶହ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ସାଇତିବା ସମ୍ଭବ ବୋଲି ଜଣାପଡ଼ିଛି।

ବାଧକ ସାଜିଥିବା ଆବର୍ଜନା ସକାଶେ ଆଜି ପରମାଣୁ ଶକ୍ତି ଉତ୍ପାଦନ ପ୍ରତି ଉଦାସୀନତା ଦେଖାଦେଇଛି। ପରମାଣୁ ଶକ୍ତି ଉତ୍ପାଦନ ପରବର୍ତ୍ତୀ ଭୟାବହତାକୁ ଆଖି ଆଗରେ ରଖି ପୃଥିବୀର ଏକାଧିକ ରାଷ୍ଟ୍ର ପରମାଣୁ ଶକ୍ତି ଉତ୍ପାଦନ କ୍ଷେତ୍ର ପ୍ରତି ପରାଙ୍ଗମୁଖ ଭାବ ପ୍ରଦର୍ଶନ କରିଛନ୍ତି। କେତେକ ବିକଶିତ ଦେଶରେ ପରମାଣୁ କ୍ଷେତ୍ରରେ ଖର୍ଚ୍ଚକାଟ କରିବା ପାଇଁ ଚାପ ପଡୁଛି। ଏବେ ସୁଇଡେନ୍ ସମେତ କେତେକ ଦେଶରେ ନିକଟ ଭବିଷ୍ୟତରେ ପରମାଣୁ ଶକ୍ତି ଉତ୍ପାଦନକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଚିନ୍ତା କରାଯାଉଛି। ଅନେକ ପୁରୁଣା କେନ୍ଦ୍ରକୁ ପୂରା ବନ୍ଦ କରିବା ପାଇଁ ଫ୍ରାନ୍ସ ନିଷ୍ପତ୍ତି ନେଇଛି। ଜର୍ମାନୀ ମଧ ୧୯୯୮ ମସିହାରେ ଏଇ ଦିଗରେ ଯୋଜନା ଆରମ୍ଭ କରିଛି। ଆମେରିକାରେ ନୂତନ ଉତ୍ପାଦନ କେନ୍ଦ୍ର ନିର୍ମାଣ କରିବା ଦିଗରେ ଆଗ୍ରହ ନାହିଁ। ତା'ର ପରମାଣୁ କ୍ଷେତ୍ରରୁ ଉତ୍ପାଦିତ ବିଦ୍ୟୁତ ଶକ୍ତିର ପରିମାଣ ହ୍ରାସ ପାଉଛି। ଏହି ପରିପ୍ରେକ୍ଷୀରେ ଭାରତର ବ୍ୟାପକ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ଦିଗରେ ପ୍ରୟାସକୁ ଅନେକ ମହଲରେ ଅଗ୍ରାହ୍ୟ କରାଯାଇଛି।

-ଓ.ଇ.ଏସ୍.-୧, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ନିଦ୍ରାକୁ ପ୍ରଭାବିତ କରେ ଅଧିକ ଚା' ପିଇବା



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଏହା ଜାଣିବାକୁ ପାଇଛନ୍ତି। ଅଧିକ ଚା' ପିଇବା ଫଳରେ ତାହାର ନିଦ୍ରା ଉପରେ କି ପ୍ରକାର ପ୍ରଭାବ ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆବଶ୍ୟକତା ଠାରୁ ଅଧିକ ଚା' ପିଇଲେ ଏହାଦ୍ୱାରା ଦାନ୍ତ ଉପରେ ହଳଦିଆ ରଙ୍ଗର ଏକ ଆସ୍ତରଣ ପଡ଼ିଯାଏ। ଏଭଳି ଅଭ୍ୟାସ ସହ ଜଡିତ ତଥା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଭଳି ଅଭ୍ୟାସ ଥିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ କେତେକାଂଶରେ ପଡିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି ।

## ମସ୍ତିଷ୍କର କାର୍ଯ୍ୟଧାରା ଓ ଅତ୍ୟଧିକ ମିଠା ଖାଇବା



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଇବା ନେଇ କେତେକ ବ୍ୟକ୍ତିଙ୍କୁ ମସ୍ତିଷ୍କର କାର୍ଯ୍ୟଧାରା କିପରି ରହୁଛି ତାହା ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଏଭଳି ଲକ୍ଷଣ ସେମାନେ ଦେଖିବାକୁ ପାଇଥିଲେ। ତେଣୁ ମିଠା ଖାଇବା ପରିମାଣକୁ ସୀମିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ବ୍ୟାୟାମ କରିବା ସମୟରେ...



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ ନିଅନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ସ୍ଥିର କରିବା ନିହାତି ଜରୁରୀ। ଆଉ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ । ଏହା କରିବା ପୂର୍ବରୁ ଅଳ୍ପ ପାଣି ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ବାତ ମାରିବା ସମୟରେ ସତର୍କତା

ବାତ ମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ-ଏକଥା ପ୍ରଥମେ ଆମେ ଜାଣିବା ଦରକାର। ବାତ ମାରିଲେ ରୋଗୀ ଧୁଲ୍‌କରି ପଡ଼ିଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ଦିଅନ୍ତୁ। ବାତ ମାରିବା ସମୟରେ ରୋଗୀ ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଫଳରେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ପାଟିରେ କୌଣସି କାଠ, ଚାମଚ କିମ୍ବା ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ। ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ବିଳମ୍ବ ନ କରି ରୋଗୀକୁ ତୁରନ୍ତ ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।

## ଜାଣି ରଖନ୍ତୁ

- ନିଶାଦ୍ରବ୍ୟ ସେବନ ଆପଣଙ୍କର ଅଭ୍ୟାସରେ ପରିଣତ ହୋଇ ଯାଇଛି କି ? ଯଦି ହଁ, ତେବେ ଏହାକୁ ବର୍ଜନ କରନ୍ତୁ। କାରଣ ଏହା ପରୋକ୍ଷରେ ବିଭିନ୍ନ ପ୍ରକାର ରୋଗକୁ ଆମନ୍ତ୍ରଣ କରିଥାଏ।
- ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଏକ ଭଲ ଅଭ୍ୟାସ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି।
- ଗାଜରରେ ପ୍ରଚୁର ପରିମାଣର ଭିଟାମିନ ଥିବାରୁ ଏହା ଚର୍ମକୁ ସତେଜ ରଖେ ଏବଂ କେଶ ଝଡ଼ିବାକୁ ଦେଇ ନଥାଏ।
- ଯଦି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବାରରୁ ପ୍ରସ୍ତୁତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ଭରି ରହିଛି। ଟଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ମଧ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।

## ଔଷଧ ଖାଉଥିଲେ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡ଼ିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇପାରେ।
- ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ 'ଡି' ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ କିଛି କିଛି ସମୟ ସକାଳର ସୂର୍ଯ୍ୟକିରଣରେ ଛିଡ଼ା ହୁଅନ୍ତୁ।
- ନିଜକୁ ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ୍ କରନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ନହେଲେ, ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ସେ ଯାହା ପଚାରୁଛନ୍ତି ତାହାର ଠିକ୍ ଉତ୍ତର ଦିଅନ୍ତୁ।



# ମହାଜାଗତିକ ରଶ୍ମିର ଆବିଷ୍କାର

(ଶେଷ ଭାଗ)

କିନ୍ତୁ ତାଙ୍କର ଏହି ସନ୍ଦେହ ଅମୂଳକ ବୋଲି ପ୍ରମାଣ ହେଲା, କାରଣ ଲୁହା ଏଥିରୁ ମୁକ୍ତ ଥିଲା। ଏହି ପୃଷ୍ଠଭୂମିରେ ସେ ୧୯୧୦ରେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ପୃଥିବୀର ତେଜସ୍କ୍ରିୟ ବସ୍ତୁ (କୃତ୍ରିମ ହେଉ ଅବା ପ୍ରାକୃତିକ) ବାୟୁ ଆୟନନ ପାଇଁ ସମ୍ପୂର୍ଣ୍ଣ ଦାୟୀ ନୁହେଁ। ଏହା ପଛରେ ଅତିରିକ୍ତ ଭାବେ ଯେଉଁ ଅନ୍ୟ ଏକ କାରଣ ଥାଇପାରେ, ତାହା ହେଉଛି, ବହିରାଗତ ଗାମା ରେ'। ଉଲ୍‌ଫଙ୍କ ସିଦ୍ଧାନ୍ତକୁ ସେତେବେଳେ ବୈଜ୍ଞାନିକମାନେ ବିଶେଷ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଏହାର ଦୁଇ ବର୍ଷ ପରେ ଯେଉଁ ଗବେଷକ ଗମ୍ଭୀର ଭାବେ ମନୋନିବେଶ କଲେ, ସେ ହେଉଛନ୍ତି ଅଷ୍ଟ୍ରିଆର ବୈଜ୍ଞାନିକ ଭିକ୍ଟର ହେସ୍।

୧୯୧୦ରେ ସଂଗୃହୀତ ଆୟନନ ପରିମାଣରୁ ସଙ୍କେତ ମିଳିଲା ଯେ, ବାୟୁମଣ୍ଡଳର ଆୟନନ କେବଳ ପୃଥିବୀ ସହ ସମ୍ପୃକ୍ତ (ଟେରିଷ୍ଟ୍ରିଆଲ) ନୁହେଁ। ତେଣୁ ଗବେଷକମାନେ ଆଇଫଲ ଟାୱାରଠାରୁ ଅଧିକ ଉଚ୍ଚତାରେ ମାପିବାକୁ ପରିଚାୟକକୁ ବେଲୁନରେ ନେଲେ। କିନ୍ତୁ ସେମାନଙ୍କର ଯନ୍ତ୍ରପାତି ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ନିର୍ଭରଯୋଗ୍ୟ ଫଳ ମିଳିଲା ନାହିଁ। ଆୟନନର ଉତ୍ସ ପୂର୍ବ ପରି ସନ୍ଦେହ ଘେରରେ ରହିଲା। ଏମିତି ଅନିଶ୍ଚିତ ସ୍ଥିତିରେ ହେସ୍ ତାଙ୍କ ଉପକରଣକୁ ପ୍ରଥମେ ଉନ୍ନତ କଲେ। ବାୟୁମଣ୍ଡଳର ଉଚ୍ଚକୁ ଯିବା ବେଳେ ତାପ ଓ ଚାପର ପରିବର୍ତ୍ତନ ଘଟିଥାଏ। ବ୍ୟବହୃତ ଯନ୍ତ୍ରପାତି ଏହି ପରିବର୍ତ୍ତନ ଯୋଗୁ ଯେପରି ଖରାପ ନ ହୁଏ, ଏହା ତାଙ୍କର ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏଥିସହିତ ସେ ହିସାବ କଲେ ଯେ, ଭୂପୃଷ୍ଠରୁ ୫୦୦ ମିଟର ଉପରକୁ ଗଲେ, ସେଠାରେ ଭୂ-ଜନିତ ତେଜଷ୍କ୍ରିୟତା ଶୂନ୍ୟ ହୋଇ ଆୟନନ ଆଉ ଘଟିବ ନାହିଁ। ତେଣୁ ସେ ଯେଉଁ ପରୀକ୍ଷା ଏଣିକି କରିବେ, ତାହା ପାଞ୍ଚ ଶହ ଉଚ୍ଚତାକୁ



ଅତିକ୍ରମ କରିବା ନିହାତି ଦରକାର।

ହଟ୍ ଏୟାର ବେଲୁନ ବ୍ୟବହାର କରି ହେସ୍ ୧୯୧୧ରୁ ୧୯୧୩ ମଧ୍ୟରେ ଦଶଥର ଭିନ୍ନ ଭିନ୍ନ ଜାଗା ବାଛି ବେଲୁନରେ ସୁଉଚ୍ଚ ସ୍ଥାନରେ ପହଞ୍ଚିଲେ। ସେ ଲକ୍ଷ୍ୟ କଲେ ଯେ, ପ୍ରାଥମିକ ସ୍ତରରେ ଅଳ୍ପ ଉଚ୍ଚତାରେ ଆୟନନ କମିଲେ ସୁଦ୍ଧା, ଉଚ୍ଚତା ବୃଦ୍ଧି ହେଲେ ଏହା ବଢ଼ିବାରେ ଲାଗିଲା। ୧୭ ଏପ୍ରିଲ ୧୯୧୨ରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଘଟିଥିଲା। ସେହି ଦିନଟିକୁ ସେ ପରୀକ୍ଷା ପାଇଁ ବାଛିଥିଲେ। ତେବେ ଏହି ଦିନର ଆୟନନ ରେକର୍ଡରୁ ଜଣାଗଲା ଯେ, ସେଥିରେ ପୂର୍ବ ଦିନମାନଙ୍କ ଅପେକ୍ଷା କୌଣସି ପ୍ରକାରେ ଭିନ୍ନତା ପରିଲକ୍ଷିତ ହେଲା ନାହିଁ। ଏଥିରୁ ସ୍ପଷ୍ଟ ହେଲା ଯେ, ବର୍ଦ୍ଧିତ ଆୟନନ ପାଇଁ ସୂର୍ଯ୍ୟଙ୍କ ଭୂମିକା ନଗଣ୍ୟ। ଅନ୍ତରୀକ୍ଷ ହିଁ ଏହାର ମୂଳ କାରକ ବୋଲି ପ୍ରତୀତ ହେଲା। ୧୯୨୫ ମସିହାରେ ରବର୍ଟ ମିଲିକାନ୍ ଏହି ରହସ୍ୟଜନକ ଘଟଣା ପଛରେ ଥିବା ବିକିରଣକୁ ମହାଜାଗତିକ ରଶ୍ମି ବା କସ୍ମିକ ରେ' ବୋଲି ନାମିତ କଲେ। ଭିକ୍ଟର ହେସ୍ କସ୍ମିକ ରେ' ଆବିଷ୍କାରକ ଭାବେ ସ୍ୱୀକୃତ ହେଲେ।

-ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବଡ଼ଖେମୁଣ୍ଡି ବାଲୋଂ, ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୪/୨୦୨୫ Bhubaneswar, Monday, February 24/ 2025



ଓଡ଼ିଶା କ୍ରିକେଟ ଆସୋସିଏଶନର ସ୍ୱତନ୍ତ୍ର ବୈଠକରେ ରବିବାର ନୂଆ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କୁ ସମ୍ପାଦକ ସଞ୍ଜୟ ବେହେରା ସ୍ୱାଗତ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ

**ଭୁବନେଶ୍ୱର, ୨୩।୨(ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଭୁବନେଶ୍ୱର ବାର୍‌କୁ ୨୪ ରନ୍‌ରେ ହରାଇ ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ହାଇକୋର୍ଟ ବାର୍ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ଦଳ ପକ୍ଷରୁ ପାର୍ଥସାରଥି ଆଚାର୍ଯ୍ୟ ସର୍ବାଧିକ ୫୭, ସରୋଜ ବେହେରା ୪୦ ଓ ଭକ୍ତି ସାମଲ ୩୩ ରନ୍ କରିଥିଲେ। ବିପକ୍ଷ ଦଳର

### ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

ଅଭିଳାଷ ଦାସ ୩ଟି ଓ ପ୍ରିୟମ ମଲିକ ୨ଟି ଉଇକେଟ ନେଇଥିଲେ। ୧୮୭ ରନ୍ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର ବାର୍ ଆସୋସିଏଶନ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ୪୦ ଓ ରାକେଶ କୁମାର ଜେନା ୩୯ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଏସ୍.ଏସ୍. ରଥ ଓ ଶୁଭଙ୍କର ବୋଷ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ପାର୍ଥସାରଥି ଆଚାର୍ଯ୍ୟ ପ୍ଲେୟର ଅଫ୍ ଦି ମ୍ୟାଚ୍, ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ପ୍ଲେୟର ଅଫ୍ ଦି ସିରିଜ, ସରୋଜ ବେହେରା ଶ୍ରେଷ୍ଠ ବୋଲର, ଭକ୍ତି ସାମଲ ଶ୍ରେଷ୍ଠ ଫିଲ୍ଡର ଓ ସୁମନ ରାଉତରାୟ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବାର୍ ସଭାପତି କୁନ୍ଦନ ରଥ, ସମ୍ପାଦକ ଦୀପକ ଦାସ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅଶୋକ ପାତ୍ର, ନୀହାର ସେଠୀ, ରମାକାନ୍ତ ରାଉତରାୟ, ଜୟନ୍ତ ଜେନା, ଦେବୀ ବାରିକ, ଆମ୍ବା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ହାଇକୋର୍ଟ ବାର୍ ଆସୋସିଏଶନ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓସିଏ ସଭାପତି ପଙ୍କଜଙ୍କୁ ସମ୍ବର୍ଦ୍ଧନା

**କଟକ,୨୩।୨(କାର୍ତ୍ତିକ ସାହୁ)**

ପଙ୍କଜ ଲୋଚନ ମହାନ୍ତି ଓଡ଼ିଶା କ୍ରିକେଟ ଏକାଡେମୀ (ଓସିଏ)ର ନୂଆ ସଭାପତି ହୋଇଛନ୍ତି। ରବିବାର ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଆନୁଷ୍ଠାନିକ ଭାବେ ଏହା ଘୋଷଣା କରାଯାଇଛି। ସଭାପତି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ପଙ୍କଜ ଏକମାତ୍ର ପ୍ରାର୍ଥୀ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥଲେ। ଆନୁଷ୍ଠାନିକ ଘୋଷଣା ପରେ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ, ପୁଷ୍ପହାର ଆଦି ପ୍ରଦାନ କରି ଉଚ୍ଛ୍ୱସିତ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଇ,କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ। ପ୍ରଶାସନିକ ଦୃଢ଼ତା ସହ

### ସାଧାରଣ ପରିଷଦ ବୈଠକରେ ଆନୁଷ୍ଠାନିକ ଘୋଷଣା

ଓଡ଼ିଶା କ୍ରିକେଟକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ପଙ୍କଜ କହିଛନ୍ତି। ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦବୀରୁ ଓହରିଯିବାରୁ ଏହି ପଦବୀ ଖାଲି ପଡ଼ିଥିଲା।

ଓସିଏ ପକ୍ଷରୁ ଗତ ୧୫ ତାରିଖରେ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଥିଲା ଯେ, ସଭାପତି ପଦ ନିମନ୍ତେ ନିର୍ଦ୍ଧାରିତ ସୂଚୀ ମତେ ଏକମାତ୍ର ପ୍ରାର୍ଥୀ ଭାବେ ପଙ୍କଜ ଗତ ୧୨ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କର ପ୍ରାର୍ଥୀପତ୍ର ବିରୋଧରେ କୌଣସି ଅଭିଯୋଗ ମିଳି ନାହିଁ। ନିର୍ବାଚନ ଅଧିକାରୀ ଏମ. ଏଲ. ମଜୁମଦାର ଉକ୍ତ ପ୍ରାର୍ଥୀପତ୍ର ଯାଞ୍ଚ କରିବା ପରେ ତାହା ଠିକ୍ ଥିବାରୁ ଗ୍ରହଣୀୟ ହୋଇଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଫେବୃୟାରୀ ୧୪ ରହିଥିଲା। କୌଣସି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଆବେଦନ ହୋଇ ନ ଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନର ରୁଲସ୍ ଆଣ୍ଡ ରେଗୁଲେସନ୍ସର ନିୟମ-୩୨ ଅନୁଯାୟୀ ମହାନ୍ତିଙ୍କ ପ୍ରାର୍ଥୀପତ୍ର କାଏମ ରହିବା ସହ ସେ ଅପ୍ରତିଦ୍ୱନ୍ଦ୍ୱୀ ବୋଲି ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ପଙ୍କଜ ଲୋଚନ ଓସିଏର ଉପସଭାପତି ଭାବେ ୨୦୨୨ ଅକ୍ଟୋବର ୨୮ ତାରିଖ ଓସିଏ ଆପେକ୍ସ କାଉନସିଲର ବାର୍ଷିକ ସାଧାରଣ ଅଧିବେଶନରେ ନିର୍ବାଚିତ ହୋଇଥିଲେ। ସେବେଠାରୁ ସେ ଉପସଭାପତି ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ।

# ୧୭ ବର୍ଷୀୟା ଆନ୍ଦ୍ରିଭା ଜିତିଲେ ଦୁବାଇ ଟାଇଟଲ

**ଦୁବାଇ, ୨୩।୨(ଏପି):** ରୁଷିଆର ସ୍ୱଳ୍ପବୟସ୍କା ମୀରା ଆନ୍ଦ୍ରିଭା ଦୁବାଇ ଚାମ୍ପିୟନଶିପ୍ ଜିତିଛନ୍ତି। ତାଙ୍କ କ୍ୟାରିୟରର ଏହା ହେଉଛି ସବୁଠାରୁ ବଡ଼ ଟାଇଟଲ। ଫାଇନାଲରେ ସେ କ୍ଲାରା ଟସନଙ୍କୁ ୭-୬ (୧), ୬-୧ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ଆସନ୍ତା ସପ୍ତାହରେ ପ୍ରକାଶିତ ହେବାକୁଥିବା ର୍‌ୟାଙ୍କିଙ୍ଗ୍ ତାଲିକାରେ ସେ ପ୍ରଥମଥର ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇବେ। ୨୦୦୭ରେ ନିକୋଲ୍ ବୈଦିସୋଭାଙ୍କ ପରେ ୧୭ ବର୍ଷ ବୟସରେ ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇବାରେ ମୀରା ପ୍ରଥମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ସପ୍ତାହ ଆନ୍ଦ୍ରିଭାଙ୍କ ପାଇଁ ଭଲ ରହିଛି। ଏହି ସମୟ ମଧ୍ୟରେ ସେ ୨୦୨୩ ୱିମ୍ବେଲଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା, ୫ଥର ଗ୍ରାଣ୍ଡସ୍ଲାମ ବିଜେତା ଇଗା ସ୍ୱିଟେକ ଏବଂ ୨୦୨୨ ୱିମ୍ବେଲଡନ ଚାମ୍ପିୟନ ଏଲିନା ରିବାକିନାଙ୍କ ଭଳି ଖେଳାଳିଙ୍କୁ ପରାସ୍ତ କରିଛନ୍ତି।

# ଡାଲିବର ଜିତିଲେ ମହାରାଷ୍ଟ୍ର ଓପନ୍

**ପୁଣେ, ୨୩।୨(ପି.ଟି.):** ଯୁକ୍ତରାଷ୍ଟ୍ର ଆମେରିକାର ବ୍ରାଣ୍ଡନ ହଲ୍ଟଙ୍କୁ ପରାସ୍ତ କରି ଚେକ୍ ରିପବ୍ଲିକ୍‌ର ଡାଲିବର ସ୍ୱିରସିନା ମହାରାଷ୍ଟ୍ର ଓପନ୍ ଟେନିସ ଏଟିପି ଚ୍ୟାଲେଞ୍ଜର ୧୦୦ ପୁରୁଷ ଟେନିସ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ୨୨ ବର୍ଷୀୟ ସ୍ୱିରସିନା ୭-୬ (୩), ୬-୧ରେ ହଲ୍ଟଙ୍କୁ ହରାଇ ଦେଇଥିଲେ।




72198 21111 | BAJAJ SECURE
*ସର୍ତ୍ତ ଓ ନିୟମାବଳୀ ଲାଗିବ । *N160 ପ୍ରକାରର ଏକ୍‌ସ-ଶୋରୂମ୍ ମୂଲ୍ୟ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ନିଜ ବର୍ଗ ଭିତରେ । ଷ୍ଟଣ୍ଟଗୁଡ଼ିକ ଏକ୍‌ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 8895885325, Dungripali 8114817298, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 7381052046Patnagarh 9937301752, Padampur 9437417977, Gaisilet 9437417977, Barpali 9036128538, Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195.


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ